# ଧରିତ୍ରୀ
DHARITRI



ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୭/୨୦୨୩ (୧୮ ପୃଷ୍ଠା) Bhubaneswar, Tuesday, March 7/2023 Page 18 ₹ 7.00

୪୯ଶ ଭାଗ ୧୦୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 103 ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୭/୨୦୨୩ (୧୬ ପୃଷ୍ଠା) Bhubaneswar, Tuesday, March 7/2023 Page 16 | ପୃଷ୍ଠା-୧


**ଆଜିର ସମ୍ପାଦକୀୟ** ଚିପ୍ ଯୁଦ୍ଧ

### ହୋଲି ଶୁଭେଚ୍ଛା

ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁ ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

### ଧରିତ୍ରୀର ଛୁଟି

ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମାର୍ଚ୍ଚ ୭ ଓ ୮ ତାରିଖ ମଙ୍ଗଳବାର ଏବଂ ବୁଧବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ମାର୍ଚ୍ଚ ୧୦ ତାରିଖ ଶୁକ୍ରବାର ସକାଳେ ପ୍ରକାଶ ପାଇବ।

## ୯ରେ କ୍ୟାବିନେଟ୍

ଭୁବନେଶ୍ୱର,୬।୩(ବ୍ୟୁରୋ)

ଆସନ୍ତା ୯ ତାରିଖରେ ଲୋକସେବା ଭବନଠାରେ ଅପରାହ୍ନ ୫ଟା ୪୫ ମିନିଟ୍‌ରେ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିବ। ମିଳିଥିବା ସୂଚନା ଅନୁଯାୟୀ, ପଞ୍ଚାୟତିରାଜ ଓ ପାନୀୟଜଳ, ମିଶନ ଶକ୍ତି, ସ୍ୱାସ୍ଥ୍ୟ, ଜଳସମ୍ପଦ, ଅର୍ଥ, ସାଧାରଣ ପ୍ରଶାସନ, ରାଜସ୍ୱ, ଶିଳ୍ପ ବିଭାଗର ପ୍ରାୟ ୧୨ଟି ପ୍ରସ୍ତାବ ଉପରେ ମୋହର ଲାଗିବା ସମ୍ଭାବନା ରହିଛି। ଏହାଛଡ଼ା କେତୋଟି ଆଇନରେ ସଂଶୋଧନ ଅଣାଯିବା ସହ ପାନୀୟଜଳ, ବିଭିନ୍ନ ପ୍ରକଳ୍ପକୁ ଜମି, କ୍ୟାଡର ପୁନର୍ଗଠନ ଆଦି ପ୍ରସ୍ତାବ ଅନୁମୋଦନ ଲାଭ କରିବ। ବିଧାନସଭା ଅଧିବେଶନ ଚାଲିଥିବାରୁ କ୍ୟାବିନେଟ୍ ଏଜେଣ୍ଡାକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି।

# ‘ଗୋପାଳ ପାଗଳ ନୁହନ୍ତି’

ବ୍ରଜରାଜନଗର(ଡି.ଏନ୍.ଏ.)/ ଭୁବନେଶ୍ୱର, ୬।୩(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ଅଭିଯୁକ୍ତ ତଥା ବହିଷ୍କୃତ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ପାଗଳ ନୁହନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ମେଡିକାଲ ବୋର୍ଡର ଟେଷ୍ଟ ରିପୋର୍ଟକୁ ଆଧାର କରି ଝାରସୁଗୁଡ଼ା ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଡିଜେ) ଦେଇଥିବା ରାୟରୁ ଏକଥା ଜଣାପଡ଼ିଛି। ମେଡିକାଲ ବୋର୍ଡ ପକ୍ଷରୁ ହୋଇଥିବା ଗୋପାଳଙ୍କ ମନସ୍ତତ୍ତ୍ୱ ପରୀକ୍ଷା ରିପୋର୍ଟରେ ଦର୍ଶାଯାଇଛି ଯେ ଅଭିଯୁକ୍ତ ସଚେତନ, ସତର୍କ ଅଛନ୍ତି ଏବଂ ବାର୍ତ୍ତାଳାପରେ ସହଯୋଗ କରୁଛନ୍ତି। ଆଖିକୁ ଆଖି ମିଳାଇ କଥା ହେଉଛନ୍ତି ଓ ବାର୍ତ୍ତାଳାପରେ ପୂର୍ବାପର ସମ୍ପର୍କ ସ୍ଥାପନ କରିବାରେ ସଚେତନ ହେଉଛନ୍ତି। ଅଭିଯୁକ୍ତଙ୍କ ବିଚାରଧାରା ଓ ଧାରଣାରେ କିଛି ଅସ୍ୱାଭାବିକତା ଲକ୍ଷ୍ୟ କରାଯାଇନାହିଁ। ଜେରା ବେଳେ ଅଭିଯୁକ୍ତ ବିବେକଶୀଳତାର ପ୍ରଦର୍ଶନ କରିଥିବା ମଧ୍ୟ ଦର୍ଶାଯାଇଛି। ମେଡିକାଲ ବୋର୍ଡର ଏଭଳି ରିପୋର୍ଟରୁ ଏହା ସ୍ପଷ୍ଟ ହେଉଛି ଯେ ଅଭିଯୁକ୍ତଙ୍କ କୌଣସି ମାନସିକ ରୋଗ ନାହିଁ ବୋଲି କୋର୍ଟ ପକ୍ଷରୁ କୁହାଯାଇଛି। ରିପୋର୍ଟକୁ ଅଧ୍ୟୟନ କଲା ପରେ ଅଭିଯୁକ୍ତଙ୍କ ମାନସିକ ସ୍ଥିତି ଯାଞ୍ଚ କରିବା ଅନାବଶ୍ୟକ ମନେହେଉଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ହୋଇଥିବା ଆବେଦନକୁ ଖାରଜ କରିବା ସହ ରାୟରେ ଏଡିଜେ ଉଲ୍ଲେଖ କରିଛନ୍ତି।


ଗୋପାଳ ଦାସ

ହତ୍ୟାକାଣ୍ଡକୁ ଇତିମଧ୍ୟରେ ୩୭ଦିନ ପୂରିଗଲାଣି। ହତ୍ୟାକାଣ୍ଡ ଦିନ ଘଟଣାସ୍ଥଳରୁ ଗୋପାଳଙ୍କୁ କାବୁ କରାଯାଇଥିଲା। ହେଲେ ଏଯାଏ ହତ୍ୟାର କାରଣ ଜଣାପଡ଼ିନାହିଁ। ବରଂ ଅଭିଯୁକ୍ତଙ୍କୁ ପାଗଳ ଭାବେ ଦର୍ଶାଇ ଖସାଇଦେବାକୁ ଉଦ୍ୟମ ହେଉଥିବା ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଅଭିଯୋଗ ହୋଇଆସୁଛି। ଏପରିକି ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚର ଭୂମିକା ଉପରେ ବିରୋଧୀ ଦଳଗୁଡ଼ିକ ସନ୍ଦେହ କରୁଛନ୍ତି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ପାଇଁ ଏକାଧିକ ଥର ଉଦ୍ୟମ କରିଛି। ତାଙ୍କୁ ୧୩ ଦିନ ରିମାଣ୍ଡରେ ନେବା ପରେ ପୁଣି ୩ ସପ୍ତାହ ପାଇଁ ବେଙ୍ଗାଲୁରୁସ୍ଥିତ ରାଷ୍ଟ୍ରୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ସଂସ୍ଥାନ (ନିମହାନ୍ସ)କୁ ନେବାକୁ ଚାହୁଁଛି। ଏନେଇ କ୍ରାଇମବ୍ରାଞ୍ଚ କରିଥିବା ଆବେଦନକୁ ପ୍ରଥମେ ଜେଏମ୍‌ଏଫ୍‌ସି ଗତ ୨୦ ତାରିଖରେ ଖାରଜ କରିଦେଇଥିଲେ। ଏହା ବିରୋଧରେ କ୍ରାଇମବ୍ରାଞ୍ଚ ପକ୍ଷରୁ ହୋଇଥିବା ରିଭିଜନ ଆବେଦନକୁ ଏଡିଜେ ଗତ ୩ ତାରିଖରେ ଖାରଜ କରିଦେଇଛନ୍ତି। ଗୋଟିଏ ପଟେ ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ପାଇଁ କ୍ରାଇମବ୍ରାଞ୍ଚ ବ୍ୟଗ୍ର ଥିବାବେଳେ ଏବେ ଏଡିଜେଙ୍କ ଗତ ୩ ତାରିଖର ରାୟ ସାମ୍ନାକୁ ଆସିଛି। ସେଥିରେ ମେଡିକାଲ ବୋର୍ଡ ଟେଷ୍ଟ ରିପୋର୍ଟକୁ ଆଧାରକରି ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ଭଲ ଥିବା କଥା ଏଡିଜେ ଦର୍ଶାଇଛନ୍ତି।

ଘଟଣାଦିନରୁ ହିଁ ଗୋପାଳଙ୍କ ମାନସିକ ସ୍ଥିତି ଭଲ ନ ଥିବା କୁହାଯାଇଥିଲା। କ୍ରାଇମବ୍ରାଞ୍ଚ ଏନେଇ ତଦନ୍ତ ଆଗକୁ ବଢ଼ାଇଥିବାବେଳେ ରାଜ୍ୟ ସରକାରଙ୍କ ଦ୍ୱାରା କଟକ ଏସ୍‌ସିବି ମେଡିକାଲର ୪ଜଣିଆ ମନୋଚିକିତ୍ସକଙ୍କୁ ନେଇ ଓଡ଼ିଶା ମେଡିକାଲ ବୋର୍ଡ ଗଠନ କରାଯାଇଥିଲା। ମେଡିକାଲ ବୋର୍ଡ ପକ୍ଷରୁ ଫେବୃୟାରୀ ୪ରେ ଝାରସୁଗୁଡ଼ାଠାରେ ଗୋପାଳଙ୍କ ମନସ୍ତାତ୍ତ୍ୱିକ ଯାଞ୍ଚ କରି ୫ ତାରିଖରେ ରିପୋର୍ଟ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ତାହାକୁ ଜେଏମ୍‌ଏଫ୍‌ସି କୋର୍ଟରେ ଦାଖଲ କରିଥିଲା। ମେଡିକାଲ ବୋର୍ଡ ଟେଷ୍ଟ ରିପୋର୍ଟକୁ ଆଧାରକରି ପ୍ରଥମେ ଜେଏମ୍‌ଏଫ୍‌ସି ଏବଂ ☞ପୃଷ୍ଠା–୨

## ରାବ୍ରି ଦେବୀଙ୍କୁ ସିବିଆଇ ଜେରା

### ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲା


ରାବ୍ରୀ ଦେବୀ

**ନୂଆଦିଲ୍ଲୀ, ୬।୩:** ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସୋମବାର ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କୁ ତାଙ୍କ ପାଟନା ବାସଭବନରେ ଜେରା କରିଛି। ଏହି ମାମଲା ସହ ସମ୍ପୃକ୍ତ ରାବ୍ରୀଙ୍କ ସ୍ୱାମୀ ତଥା ପୂର୍ବତନ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ମଧ୍ୟ ନୋଟିସ ଜାରି ହୋଇଛି। ତେବେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଚଢ଼ାଉ କିମ୍ବା ତଲାସି କରାଯାଇ ନ ଥିଲା। ପୂର୍ବରୁ ରାବ୍ରୀଙ୍କୁ ନୋଟିସ ହୋଇଥିବାବେଳେ ସେ ସୋମବାର ଉପଲବ୍ଧ ହେବେ ବୋଲି ଜଣାଇଥିଲେ। ତଦନୁଯାୟୀ ସିବିଆଇ ଟିମ୍ ତାଙ୍କ ବାସଭବନରେ ପହଞ୍ଚି ଜେରା କରିଥିବା ଜଣେ ଅଧିକାରୀ କହିଛନ୍ତି। ଆର୍‌ଜେଡି ସୁପ୍ରିମୋ ଲାଲୁଙ୍କୁ ନୋଟିସ ହୋଇଥିଲେ ମଧ କେବେ ଜେରା କରାଯିବ ତାହା ଅଧିକାରୀ ଜଣକ କହିନାହାନ୍ତି। ୨୦୦୪ରୁ ୨୦୦୯ ଲାଲୁ ରେଳମନ୍ତ୍ରୀ ଥିବାବେଳେ ଗ୍ରୁପ୍ ଡି ☞ପୃଷ୍ଠା–୨

## ବାଣ ବିସ୍ଫୋରଣରେ ୫ ମୃତ

### ସପ୍ତାହକରେ ଗଲାଣି ୮ ଜୀବନ

*ବିନା ଅନୁମତି ଏବଂ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ନ କରି ବାଣ ପ୍ରସ୍ତୁତ ଏବଂ ଗଚ୍ଛିତ କରାଯାଉଛି। ଫଳରେ ବିଭିନ୍ନ ସମୟରେ ବିସ୍ଫୋରଣ ଘଟି ମୂଲ୍ୟବାନ ଜୀବନ ଯାଉଛି। ସପ୍ତାହକ ମଧ୍ୟରେ ୨ଟି ଅଘଟଣରେ ୮ଜଣଙ୍କ ମୃତ୍ୟୁ ହେଲାଣି। ଗତ ୨୮ ତାରିଖରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଇଚ୍ଛାପୁରସ୍ଥିତ ମାଧୁରୀବଜାରର ଏକ ବାଣ ଗୋଦାମରେ ଅଗ୍ନିକାଣ୍ଡ ଘଟିଥିଲା। ସେଥିରେ ୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସୋମବାର ଖୋର୍ଦ୍ଧା ଜିଲା ଭୂଷଣ୍ଡପୁରରେ ବାଣ ପ୍ରସ୍ତୁତ କାରଖାନାରେ ବିସ୍ଫୋରଣ ଘଟି ୫ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏଥିରେ ୩ଜଣ ଗୁରୁତର ଆହତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି।*

ଖୋର୍ଦ୍ଧା ଅଫିସ/ଟାଙ୍ଗୀ/ ନିରାକାରପୁର,୬।୩(ଡିଏନ୍.ଏ.)

- ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ଅଗ୍ନିଶମ ଡିଜି
- ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ, ଏସ୍‌ପି
- ବିନା ଅନୁମତିରେ ଚାଲିଥିଲା
- ଉଡ଼ିଗଲା ଆଜବେଷ୍ଟସ୍, କାନ୍ଥରେ ଛିଟିକି ଲାଗିଛି ମାଂସ



ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଭୂଷଣ୍ଡପୁରରେ ଦୋଳ ଉତ୍ସବ ପାଇଁ ବାଣଭିଡ଼ା ଯାଉଥିବା ବେଳେ ସୋମବାର ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୫ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଭୂଷଣ୍ଡପୁର ଗ୍ରାମର ନିରଞ୍ଜନ ବେହେରା(୩୫) ଓ ବ୍ରଜ ବେହେରା(୩୦), ନିରାକାରପୁର ପାଣ୍ଡବପାଟଣା ଗ୍ରାମର ସହଦେବ ବେହେରା(୭୦), ପୁରୀ ଜିଲା ଗଡ଼ିଶାଗୋଡା ଥାନା ବାଦୁରାବରର ବୃନ୍ଦାବନ ସାହୁ ଏବଂ ଭୂଷଣ୍ଡପୁର ଗ୍ରାମର ଦୋଳଗୋବିନ୍ଦ ବେହେରା(୬୨)। ସେହିପରି ଆହତମାନେ ହେଲେ ଭୂଷଣ୍ଡପୁର ଗ୍ରାମର ମହେଶ୍ୱର ବେହେରା(୨୪) ଓ ସୁଦର୍ଶନ ବେହେରା(୭୦)। ଅନ୍ୟଜଣଙ୍କ ପରିଚୟ ମିଳିପାରି ନାହିଁ। ଆହତମାନଙ୍କୁ ଖୋର୍ଦ୍ଧା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ☞ପୃଷ୍ଠା–୨

# ‘ପ୍ଲାଷ୍ଟିକ୍ ଦିଅ ସୁନା ନିଅ’

ଶ୍ରୀନଗର, ୬।୩

ପ୍ଲାଷ୍ଟିକ୍‌ର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାଦ୍ୱାରା ପରିବେଶ ଏବଂ ଜୀବଜଗତ ପ୍ରଭାବିତ ହେବାରେ ଲାଗିଛନ୍ତି। ପ୍ରାଣୀଜଗତ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ଲାଷ୍ଟିକ୍‌କୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା ଆବଶ୍ୟକ ହୋଇପଡ଼ିଥିବାବେଳେ କିନ୍ତୁ ଏହା ସମ୍ଭବପର ହୋଇନାହିଁ। ତେବେ ନିଜ ଗ୍ରାମକୁ ପ୍ଲାଷ୍ଟିକ୍ ଫ୍ରି କରିବା ସକାଶେ ଅଣ୍ଟା ଭିଡ଼ିଛନ୍ତି ଜମ୍ମୁ-କଶ୍ମୀର ସାଦିୱାରା ଗାଁ ସରପଞ୍ଚ ଫାରୁକ୍ ଅହମଦ ଗନାଇ। ‘ପ୍ଲାଷ୍ଟିକ୍ ଦିଅ ଏବଂ ସୁନା ନିଅ’ ଭଳି ଏକ ନିଆରା ଅଭିଯାନ ସେ ଆରମ୍ଭ କରିଛନ୍ତି। ଫାରୁକ୍‌ଙ୍କ ମୂଳ ଉଦ୍ଦେଶ୍ୟ ପ୍ରଦେଶକୁ ପ୍ଲାଷ୍ଟିକ୍ ମୁକ୍ତ କରିବା।



- ପରିବେଶକୁ ପ୍ଲାଷ୍ଟିକ୍ ମୁକ୍ତ କରିବାର ନିଆରା ପ୍ରୟାସ
- ୨ କୁଇଣ୍ଟାଲ ପ୍ଲାଷ୍ଟିକ୍ ବଦଳରେ ଗୋଟିଏ ସୁନା ମୁଦ୍ରା

ଫାରୁକ ପେସାରେ ଜଣେ ଆଇନଜୀବୀ। ଅଭିଯାନକୁ ମାତ୍ର କିଛି ସପ୍ତାହ ବିତିଥିବାବେଳେ ଗତ ଜାନୁୟାରୀ ୭ରେ ଡେପୁଟି କମିଶନର ସାଦିୱାରା ଗାଁକୁ ପ୍ଲାଷ୍ଟିକ୍ ଫ୍ରି’ ଭାବେ ଘୋଷଣା କରିଛନ୍ତି। ତେବେ ଯେଉଁ ବ୍ୟକ୍ତି ଏକକାଳୀନ ୨ କୁଇଣ୍ଟାଲ ପ୍ଲାଷ୍ଟିକ୍ ଦେବେ ତାଙ୍କୁ ଗୋଟିଏ ସୁନା ମୁଦ୍ରା ମିଳିବ। କେବଳ ସାଦିୱାରା ଗାଁରେ ନୁହେଁ ବରଂ ଜମ୍ମୁ-କଶ୍ମୀରକୁ ☞ପୃଷ୍ଠା–୨










**ଆଜିର ମନ୍ତବ୍ୟ**

"ଶାସକ ଭାଜପା ବିରୋଧୀଙ୍କ ସ୍ୱରକୁ ଚାପିଦେବାକୁ ଚାହୁଁଛି। ଯେଉଁ ବିରୋଧୀ ଦଳ ନେତା ଭାଜପା ଆଗରେ ମୁଣ୍ଡ ନୋଇଁବାକୁ ପ୍ରସ୍ତୁତ ନୁହନ୍ତି, ସେମାନଙ୍କ ବିରୋଧରେ ଇଡି ଏବଂ ସିବିଆଇ ଲଗାଇ ହଇରାଣ କରାଯାଉଛି।

– ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଧଡ଼ ଧଡ଼**
**ଘରେ ଭାତ ନାହିଁ ବୁଢ଼ୀକି ତଡ଼ ।**

ଅଭାବଗ୍ରସ୍ତ ଘରେ ଅକର୍ମଣ୍ୟ ବୃଦ୍ଧା, ବୃଦ୍ଧଙ୍କୁ ରଖି କେମିତି ଚଳେଇବେ, ବରଂ ଘରୁ ବାହାର କରିଦେଲେ ଘରଖର୍ଚ୍ଚ କମିଯିବ। ଏହା କିନ୍ତୁ ଏକ ସାମାଜିକ ଅନ୍ୟାୟ। ସାଧାରଣତଃ ଅକ୍ଷମ ହୋଇଗଲେ ବୃଦ୍ଧା ବା ବୃଦ୍ଧ ବ୍ୟକ୍ତି ଅଲୋଡ଼ା ହୋଇଯାଇଥାନ୍ତି। ସମାଜରେ ତାଙ୍କର ଆଉ କିଛି ଆବଶ୍ୟକତା ରହୁ ନଥିବା ନେଇ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ନିଉଛଣା ଅନ୍ଧାର ରାତି**
**ଅତି ନିଉଛଣା ଗୋଲାମ ଜାତି ।**

ଆଲୋକ ବିନା ଅନ୍ଧାର ରାତିରେ ଜଣକୁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ସେହିପରି ଅଧୀନତା ସ୍ୱୀକାର କରି ପର ଘରେ ମୁଣ୍ଡ ବିକିଥିବା ଲୋକ ଅଧିକାଂଶ ସମୟରେ ବାର ହୀନସ୍ତା ହୋଇଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମିଶନ ଶକ୍ତି ସଦସ୍ୟଙ୍କୁ ଇଲେକ୍ଟ୍ରିକ୍ ସ୍କୁଟି

ଭୁବନେଶ୍ୱର,୬।୩(ବ୍ୟୁରୋ)

ମିଶନ ଶକ୍ତି ସ୍କୁଟର ଯୋଜନାରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାଙ୍କୁ ବୈଦ୍ୟୁତିକ (ଇଲେକ୍ଟ୍ରିକ୍) ସ୍କୁଟର ନିମନ୍ତେ ସହାୟତା ଯୋଗାଇ ଦିଆଯିବ। ଏହି ଯୋଜନା ଅଧୀନରେ ଇଲେକ୍ଟ୍ରିକ୍ ସ୍କୁଟର କ୍ରୟ ପାଇଁ ଦିଆଯାଉଥିବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କଋଣ ଉପରେ ସମ୍ପୂର୍ଣ୍ଣ ସୁଧ ରିହାତି ଦିଆଯିବ। ଏଥିପାଇଁ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ କହିଛନ୍ତି।

ସୋମବାର ଗୀତ ଗୋବିନ୍ଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ୨୦୨୩–୨୪ ବଜେଟ ମୁଖ୍ୟାଂଶ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ମିଶନ ଶକ୍ତି ଆଜି ଓଡ଼ିଶାର ୭୦ ଲକ୍ଷରୁ ଅଧିକ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣିଛି। ଏଥିନିମନ୍ତେ ମହିଳାମାନଙ୍କୁ ୬ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀରେ ସଂଗଠିତ କରି ରୋଜଗାରଭିତ୍ତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ସରକାରୀ ଯୋଜନାରେ ସମ୍ପୃକ୍ତ କରାଇ ସଶକ୍ତ କରାଯାଉଛି। ନିରନ୍ତର ଆର୍ଥିକ ସହାୟତା, ଦକ୍ଷତା ବିକାଶ ତାଲିମ ଏବଂ ନୂତନ ଜୀବିକାର ରାହା ଦେଖାଇ ରାଜ୍ୟ ସରକାର ପ୍ରତ୍ୟେକ ମହିଳାଙ୍କ ମନରେ ଆତ୍ମବିଶ୍ୱାସ ଏବଂ ଗର୍ବର ଭାବନା ସୃଷ୍ଟି କରିଛନ୍ତି। ରାଜ୍ୟ ସରକାର ୨୦୨୩–୨୪ ଆର୍ଥିକ ବର୍ଷରେ ମିଶନ ଶକ୍ତି ବିଭାଗ ପାଇଁ ୨,୫୫୪ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି, ଯାହା ଗତବର୍ଷର ବଜେଟ ତୁଳନାରେ ୨୭ ପ୍ରତିଶତ ଅଧିକ। ମିଶନ ଶକ୍ତି ବିଭାଗ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଉଦ୍ୟୋଗୀରେ ପରିଣତ କରାଯିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ରାଜ୍ୟ ସରକାର ପ୍ରତି ଜିଲାରେ ଗୋଟିଏ ଲେଖାଏ ଇଣ୍ଡଷ୍ଟ୍ରିଆଲ୍ ପାର୍କ ପ୍ରତିଷ୍ଠାକୁ ଅନୁମୋଦନ କରିଛନ୍ତି। ଏହି ପାର୍କ ପ୍ରତିଷ୍ଠା ପାଇଁ ୧୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଉଦ୍ୟୋଗୀରେ ରୂପାନ୍ତରଣ କରିବା ଦିଗରେ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ବିନା ସୁଧରେ ମିଶନ ଶକ୍ତି ଋଣକୁ ୩ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୧୦ ହଜାର କୋଟି ଟଙ୍କାର ବ୍ୟାଙ୍କଋଣ ଯୋଗାଇଦେବା



ଖବରଦାତା ସମ୍ମିଳନୀରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଏବଂ ମିଶନ ଶକ୍ତି ବିଭାଗ କମିଶନର ସୁଜାତା କାର୍ତ୍ତିକେୟନ

- **୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଛାଡ଼**
- **ମହିଳା ଉଦ୍ୟୋଗୀ ସୃଷ୍ଟି ପାଇଁ ପ୍ରତି ଜିଲାରେ ହେବ ଇଣ୍ଡଷ୍ଟ୍ରିଆଲ ପାର୍କ**
- **୫ ବର୍ଷରେ ସୃଷ୍ଟିହେବ ୫ ହଜାର ମିଶନ ଶକ୍ତି ବଜାର**
- **ବିଭାଗ ପାଇଁ ୨,୫୫୪ କୋଟିର ବ୍ୟୟ ବରାଦ**

ନିମନ୍ତେ ୨୨୦ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥା କରାଯାଇଛି। ମିଶନ ଶକ୍ତି ସଦସ୍ୟଙ୍କ ବ୍ୟାଙ୍କଖାତାକୁ ସିଧାସଳଖ ସୁଧ ରିହାତି ଫେରସ୍ତ କରାଯାଉଛି ବୋଲି ମନ୍ତ୍ରୀ ହେମ୍ବ୍ରମ୍ କହିଛନ୍ତି।

ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା କାର୍ତ୍ତିକେୟନ୍ କହିଛନ୍ତି, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଉଦ୍ୟୋଗୀରେ ପରିଣତ କରିବା ପାଇଁ ତାଲିମ, ଜୀବନଜୀବିକା ଓ ଦକ୍ଷତା ବିକାଶ ଉପରେ ବିଭାଗ ଦ୍ୱାରା ଗୁରୁତ୍ୱ ଦିଆଯାଉଛି। ବ୍ଲକସ୍ତରରେ କୃଷି ପ୍ରକ୍ରିୟାକରଣ, ବିୟୁଟି, ଡିଜିଟାଲ ଓ ବିଜନେସ୍ ମ୍ୟାନେଜମେଣ୍ଟ, ଫ୍ୟାସନ୍ ଡିଜାଇନିଂ, କାଫେ ଏବଂ ଖାଦ୍ୟପ୍ରସ୍ତୁତି ଇତ୍ୟାଦି ଉପରେ ତାଲିମ ପାଇଁ ୭୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଆଗାମୀ ୫ ବର୍ଷ ମଧ୍ୟରେ ସାରା ରାଜ୍ୟରେ ୫୦୦ ମିଶନ ଶକ୍ତି ବଜାର ପ୍ରତିଷ୍ଠା କରାଯିବ। ସେହି ସମୟ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୧୦ ହଜାର କୋଟି ଟଙ୍କା ମୂଲ୍ୟର ସରକାରୀ ବ୍ୟବସାୟ ଯୋଗାଇବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏଥିପାଇଁ ୩୭୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି କାର୍ତ୍ତିକେୟନ୍ କହିଛନ୍ତି। ୩୦ଟି ଜିଲାସ୍ତରୀୟ ମିଶନ ଶକ୍ତି ମହାସଂଘକୁ ୧ କୋଟି ଟଙ୍କା ଲେଖାଏ ଆବର୍ତ୍ତନ ପାଣ୍ଠି ପ୍ରଦାନ ବ୍ୟବସ୍ଥା କରାଯାଇଛି। ୩୩୮ ଗୋଟି ବ୍ଲକସ୍ତରୀୟ ମହାସଂଘକୁ ୫୦ ଲକ୍ଷ ଟଙ୍କା ଲେଖାଏ ଆବର୍ତ୍ତନ ପାଣ୍ଠି ପ୍ରଦାନର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଜିଲା ଓ ବ୍ଲକସ୍ତରୀୟ ମହାସଂଘର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ଲାଗି ଆର୍ଥିକ ସହାୟତାର ବ୍ୟବସ୍ଥା କରାଯାଇଛି। ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘ କାର୍ଯ୍ୟାଳୟ ନିମନ୍ତେ ଭିତ୍ତିଭୂମିର ବ୍ୟବସ୍ଥା କରାଯାଇଛି। ବ୍ଲକ୍ ଓ ପଞ୍ଚାୟତସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟାଙ୍କ ପାଇଁ ବୈଠକ ଓ ଗସ୍ତ ଭତ୍ତାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହିସବୁ ନିମନ୍ତେ ବାର୍ଷିକ ୨୬୬.୫୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି କାର୍ତ୍ତିକେୟନ୍ କହିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ନିୟମିତ ବୈଠକ ଓ ତାଲିମ ସହିତ ସେଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରିବ୍ୟବସ୍ଥା ନିମନ୍ତେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଏବଂ ୱାର୍ଡରେ ମିଶନ ଶକ୍ତି ଗୃହ ଏବଂ ବ୍ଲକ୍ ଓ ଜିଲାସ୍ତରରେ ମିଶନ ଶକ୍ତି ଭବନ ନିର୍ମାଣ କରାଯାଉଛି। ସେହିଭଳି ପ୍ରତ୍ୟେକ ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ପାଇଁ କାର୍ଯ୍ୟାଳୟ ସହ ମାର୍କେଟ କମ୍ପ୍ଲେକ୍ସ ବ୍ୟବସ୍ଥା କରାଯାଇଛି। ଏଥିନିମନ୍ତେ ୩୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି କାର୍ତ୍ତିକେୟନ୍ କହିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ମିଶନ ନିର୍ଦ୍ଦେଶାଳୟର କାର୍ଯ୍ୟନିର୍ବାହୀ ଥିରୁମାଲା ନାୟକ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

# ହୋଲିରେ ହାଲୁକା ବର୍ଷା

ଭୁବନେଶ୍ୱର,୬।୩(ବ୍ୟୁରୋ)

ଆସନ୍ତା ୮ ତାରିଖ ହୋଲିରେ ହାଲୁକା ବର୍ଷା ହେବା ସମ୍ଭାବନା ରହିଛି। ଆରବ ସାଗରରେଏକଗୁରୁଚାପକ୍ଷେତ୍ରସୃଷ୍ଟିହୋଇଛି।ସମୁଦ୍ରପଟୁରାଜ୍ୟକୁଜଳୀୟବାଷ୍ପ ପ୍ରବେଶ କରିବାର ସମ୍ଭାବନା ରହିଛି। ଏଥିସହିତ ଓଡ଼ିଶା ଉପକୂଳରେ ଏକ ଟ୍ରଫ୍ ଲାଇନ୍ ମଧ୍ୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ପଶ୍ଚିମ ଏବଂ ଉପକୂଳ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ଅସରାଏ କିମ୍ବା ଦି'ଅସରା ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଆସନ୍ତା ୮ରୁ ୧୧ ତାରିଖ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର, ଯାଜପୁର, ଜଗତ୍‌ସିଂହପୁର, କଟକ ଓ ଖୋର୍ଦ୍ଧା ଆଦି ଜିଲାର କେତେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପଶ୍ଚିମା ବାୟୁ ପ୍ରବାହ ଯୋଗୁ ମଙ୍ଗଳବାରଠାରୁ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ ଆଦିରେ ବର୍ଷା ହେବ। ଏହାପରେ ଓଡ଼ିଶାରେ ବର୍ଷା ହେବା ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରାଯାଇଛି। ଏହି ସମୟରେ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସ ରହିବ। ରାତିରେ ମଧ୍ୟ ଥଣ୍ଡା ଅନୁଭୂତ ହେବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ୮ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୩୭.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

**ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ**

# ୯୮ ପ୍ରାର୍ଥୀଙ୍କ ନାମାଙ୍କନ

**କଟକ ଅଫିସ,୬।୩:** ଆସନ୍ତା ଏପ୍ରିଲ ୧୫ରେ ହେବାକୁ ଥିବା ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ ନିମନ୍ତେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ସୋମବାର ଶେଷ ହୋଇଛି। ବାର୍ କାଉନ୍‌ସିଲ୍ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ମାର୍ଚ୍ଚ ୧ରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଥିଲା। ସୋମବାର ଶେଷ ଦିବସ ସୁଦ୍ଧା କର୍ମକର୍ତ୍ତା ପଦ ନିମନ୍ତେ ମୋଟ ୩୪ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏଥିସହ ୨୫ଟି ସଭ୍ୟ ପଦ ପାଇଁ ୯୮ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ସଭ୍ୟପଦ ପାଇଁ ସର୍ବକନିଷ୍ଠ ଆଇନଜୀବୀ ଭାବେ ବିଦ୍ୟାଲୋକ ମହାପାତ୍ର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ବାର୍ କାଉନ୍‌ସିଲ୍‌ର ପୂର୍ବତନ ସଭାପତି ଚିନ୍ମୟ ମହାନ୍ତି ଓ ବର୍ତ୍ତମାନର ହାଇକୋର୍ଟ ବାର୍ ଆସୋସିଏସନ ସଭାପତି କାଳୀପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମାର୍ଚ୍ଚ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବାକୁ ଚାହିଁଲେ ମାର୍ଚ୍ଚ ୧୧ରୁ ୧୭ ତାରିଖ ମଧ୍ୟରେ କରିପାରିବେ। ମାର୍ଚ୍ଚ ୧୭ତାରିଖ ସନ୍ଧ୍ୟା ୫ଟାରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଏପ୍ରିଲ ୧୫ ତାରିଖ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ନିମନ୍ତେ ସମୟ ଧାର୍ଯ୍ୟ ହୋଇଛି। ଏପ୍ରିଲ ୨୧ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ବୋଲି ବାର୍ କାଉନ୍‌ସିଲ୍ ପକ୍ଷରୁ ସୂଚନା ମିଳିଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ଫୁଲବାଣୀ ଅଫିସ, ୬।୩:** ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଘଟଣାର ରାୟ ସୋମବାର ପ୍ରକାଶ ପାଇଛି। ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସିତ କୁମାର ବେହେରା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ଜଣକ ହେଲେ ରାୟଗଡା ଜିଲା ଆମ୍ବଦୋଳା ଥାନା ବଡମୁଦ୍ରା ଗ୍ରାମର ସୁନୀଲ ସପାକ। ୨୦୨୦ ଫେବୃୟାରୀ ୨୧ ଶିବରାତ୍ରି ଦିନ ତୁମୁଡିବନ୍ଧ ଅଞ୍ଚଳର ଜଣେ ନାବାଳିକା ଜଲେଶପଟା ସ୍ଥିତ ଶିବମନ୍ଦିରକୁ ଯାଇଥିବା ବେଳେ ଅଭିଯୁକ୍ତ ତାଙ୍କୁ ରାୟଗଡା ନେଇ ଯାଇଥିଲେ। ସେଠାରେ ତାଙ୍କ ଇଚ୍ଛା ବିରୋଧରେ ବଳାତ୍କାର କରିଥିଲେ। ନାବାଳିକା ଜଣକ ଉପାୟ ନ ପାଇ ସମ୍ପର୍କୀୟ ଭଉଣୀଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ କହିବା ପରେ ଥାନାରେ ଅଭିଯୋଗ ହୋଇଥିଲା।

# ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଇଫ୍‌କୋର ୧ କୋଟି ଟଙ୍କା ପ୍ରଦାନ

**ଭୁବନେଶ୍ୱର,୬।୩(ବ୍ୟୁରୋ):** ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିଃ (ଇଫ୍‌କୋ) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ କୋଟି ଟଙ୍କା ଦାନ କରାଯାଇଛି। ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କୁ ଇଫ୍‌କୋର ବରିଷ୍ଠ ଅଧିକାରୀମାନେ ସାକ୍ଷାତ୍ କରି ୧ କୋଟି ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଇଫ୍‌କୋ ପରିଚାଳନା ନିର୍ଦ୍ଦେଶକ ଉଦୟ ଶଙ୍କର ଅଗସ୍ତି, ନିର୍ଦ୍ଦେଶକ କେ.ଜେ. ପଟେଲ ଏବଂ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଚେକ୍ ଗ୍ରହଣ କରି ମୁଖ୍ୟ ଶାସନ ସଚିବ ଜେନା ଇଫ୍‌କୋର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ। ଏହା ପୂର୍ବରୁ ଉକ୍ତ ଅଧିକାରୀମାନେ ୫–ଟି ସଚିବଙ୍କୁ ମଧ୍ୟ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ଏହାପରେ ଉକ୍ତ ଅଧିକାରୀମାନେ ପୁରୀ ଯାଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ୧୧ ଲକ୍ଷ ଟଙ୍କା ଦାନ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## 'ଗୋପାଳ ପାଗଳ...

ପରେ ଏଡିଜେ କୋର୍ଟ କ୍ରାଇମବ୍ରାଞ୍ଚର ଆବେଦନକୁ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷରେ ଏଡିଜେଙ୍କ କୋର୍ଟରେ ଶୁଣାଣି ବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ଗୋପାଳଙ୍କ ପୋଲିସ ରିମାଣ୍ଡ ମାଗୁନାହୁଁ, ବରଂ ତାଙ୍କ ସମ୍ପୂର୍ଣ୍ଣ ମାନସିକ ଅବସ୍ଥାକୁ ଜାଣିବା ପାଇଁ ବିଶେଷଜ୍ଞ ଟିମ୍‌ଙ୍କ ପରାମର୍ଶକ୍ରମେ ତାଙ୍କୁ ବେଙ୍ଗାଲୁରୁ ନେବା ପାଇଁ ଆବେଦନ କରାଯାଇଛି। ଏହାକୁ ବିରୋଧ କରିଥିଲେ ଗୋପାଳଙ୍କ ଓକିଲ ହରିଶଙ୍କର ଅଗ୍ରୱାଲ। ସେ ଯୁକ୍ତି ବାଢ଼ିଥିଲେ ଯେ, ମାନସିକ ସ୍ଥିତି ଯାଞ୍ଚ ପାଇଁ କ୍ରାଇମବ୍ରାଞ୍ଚ ହେପାଜତରେ ବାହାର ରାଜ୍ୟକୁ ନିଆଯିବା ଅର୍ଥ ରିମାଣ୍ଡ ସହ ସମାନ। ମେଡିକାଲ ବୋର୍ଡ ରିପୋର୍ଟ ଅନୁସାରେ ଗୋପାଳଙ୍କ ମାନସିକ ଅବସ୍ଥା ଠିକ୍ ଥିବାରୁ କ୍ରାଇମବ୍ରାଞ୍ଚର ଆବେଦନକୁ ଆଇନଜୀବୀ ଅଗ୍ରୱାଲ ବିରୋଧ କରିଥିଲେ।

ଏଡିଜେଙ୍କ ଗତ ୩ ତାରିଖ ରାୟ ସାମ୍ନାକୁ ଆସିବା ପରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପୁଣିଥରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି, ଘଟଣାରେ ଷଡ଼ଯନ୍ତ୍ର ରହିଥିବା ଆରମ୍ଭରୁ ଜଣାପଡ଼ିଥିଲା। କୋର୍ଟ ରାୟ ପରେ ଏହା ସ୍ପଷ୍ଟ ହୋଇଯାଇଛି। ଏହାର ତଦନ୍ତ କ୍ରାଇମବ୍ରାଞ୍ଚ ପାରିବ ନାହିଁ। ତେଣୁ ସିବିଆଇକୁ ତଦନ୍ତ ଭାର ଦିଆଯାଉ ବୋଲି ସେ ଦାବି କରିଆସୁଛନ୍ତି। କିନ୍ତୁ ସରକାର କର୍ଣ୍ଣପାତ କରୁନାହାନ୍ତି। ଘଟଣାରେ ସରକାର ଡାହାଣୀ ହୋଇ ଲାଗୁଛନ୍ତି, ଗୁଣିଆ ହୋଇ ଝାଡୁଛନ୍ତି ବୋଲି ଭାଜପା ନେତା ଜୟନାରାୟଣ କହିଛନ୍ତି।

### ପୂର୍ବରୁ କହିଛୁ ଏହା ଏକ ବଡ଼ ଷଡ଼ଯନ୍ତ୍ରଃ ବିରୋଧୀ

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା କରିଥିବା ଗୋପାଳ ଦାସ ପାଗଳ ନୁହନ୍ତି। ୪ ଜଣିଆ ମେଡିକାଲ ବୋର୍ଡର ରିପୋର୍ଟକୁ ଆଧାର କରି ଝାରସୁଗୁଡ଼ା ଅତିରିକ୍ତ ଜିଲା ଦୌରାଜଜ୍ କ୍ରାଇମବ୍ରାଞ୍ଚର ଆବେଦନକୁ ଖାରଜ କରିବା ସହ ରାୟରେ ଏ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଯାହାକୁ ନେଇ ଏବେ ରାଜନୀତି ଜୋର୍ ଧରିଛି। ଉଭୟ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏବଂ କଂଗ୍ରେସ ବିଧାୟକଦଳନେତା ନରସିଂହ ମିଶ୍ର ସିଧାସଳଖ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଜୟନାରାୟଣ କହିଛନ୍ତି, ଆଗରୁ ଅଭିଯୋଗ କରୁଥିଲୁ ଯେ, ଗୋପାଳଙ୍କୁ ପାଗଳ ପ୍ରତିପାଦନ କରିବା ଲାଗି ସରକାର ଚେଷ୍ଟା କରୁଛନ୍ତି। ସରକାର କେତେବେଳେ ଡାହାଣୀ ତ ପୁଣି କେତେବେଳେ ଗୁଣିଆ ସାଜୁଛନ୍ତି। ପୂରା ଘଟଣା ଗୁଣିଆ ଡାହାଣୀ କାହାଣୀ। ଆଗରୁ କହିଛୁ ଏହା ଏକ ବଡ଼ ଷଡ଼ଯନ୍ତ୍ର। ଯେଉଁମାନେ ଏହି ଷଡ଼ଯନ୍ତ୍ରରେ ସାମିଲ ଅଛନ୍ତି ସେମାନଙ୍କୁ ଧରାଯାଉ। ରାଜ୍ୟ ପୋଲିସ କି କ୍ରାଇବ୍ରାଞ୍ଚ ଏହାକୁ କରିପାରିବନି ,ତେଣୁ ଏହି ମାମଲା ସିବିଆଇ ହାତକୁ ହସ୍ତାନ୍ତର କରାଯାଉ।

ନରସିଂହ ମିଶ୍ର କହିଛନ୍ତି, ମିଥ୍ୟା ଲୁଚାଇବାକୁ ରାଜ୍ୟ ସରକାର ବରାବର ଚେଷ୍ଟା କରିଛନ୍ତି। ଏପରିକି ଆମେରିକା ଏଜେନ୍ସିର ସାହାଯ୍ୟ ନେବାକୁ ମଧ୍ୟ ପଛଘୁଞ୍ଚା ଦେଉନାହାନ୍ତି। ତେବେ ଏହା ଭିତରେ ନିଶ୍ଚିତ ଷଡ଼ଯନ୍ତ୍ର ରହିଛି। ନବ ଦାସ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି। ଷଡ଼ଯନ୍ତ୍ରରେ କେଉଁମାନେ ଜଡ଼ିତ ତାକୁ ଅନୁସନ୍ଧାନ ନ କରି ଗୋପାଳଙ୍କୁ ପାଗଳ କରିବା ପାଇଁ ଚେଷ୍ଟା କରିଛନ୍ତି। ଏହା ଦୁର୍ଭାଗ୍ୟଜନକ ବୋଲି ନରସିଂହ କହିଛନ୍ତି।

## ବାଣ ବିସ୍ଫୋରଣରେ...

ଦୋଳଗୋବିନ୍ଦଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅପରାହ୍ନ ସାଢେ ୪ଟା ବେଳେ ଟାଙ୍ଗୀ ପୋଲିସ ମୃତଦେହ ଜବତ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଥିବା ବେଳେ ଅଗ୍ନିଶମ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ଦୋଳପୂର୍ଣ୍ଣମୀ ପାଇଁ ଖୋର୍ଦ୍ଧାର ଗ୍ରାମାଞ୍ଚଳ ଚଳଚଞ୍ଚଳ ହୋଇଉଠିଥାଏ। ଫଗୁ ଦଶମୀଠାରୁ ଦୋଳ ପର୍ଯ୍ୟନ୍ତ ଠାକୁର ଚାଚେରି ଭୋଗ ଖାଇଥାନ୍ତି। ଦୋଳପୂର୍ଣ୍ଣମୀରେ ବିରାଟ ପଟୁଆରରେ ଯାଇ ଦୋଳମଣ୍ଡପରେ ବିଜେ କରିଥାନ୍ତି। ଏହି ସମୟରେ ବିଭିନ୍ନ ଗାଁ ପକ୍ଷରୁ ଆତାସବାଜି ପ୍ରତିଯୋଗିତା ହୋଇଥାଏ। ଏଥିଲାଗି ଭୂଷଣ୍ଡପୁର ଚିଲିକା କୂଳ ନିକଟବର୍ତ୍ତୀ ଏକ ଘର ଭିତରେ ବାଣ ପ୍ରସ୍ତୁତି ଚାଲିଥିଲା। ୮ରୁ ୧୦ଜଣ ବାଣ ଭିଡୁଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ସେଠାରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ, କେହି ବାହାରକୁ ବାହାରି ପାରି ନ ଥିଲେ। ଘଟଣାସ୍ଥଳରେ ୪ଜଣ ସମ୍ପୂର୍ଣ୍ଣ ଜଳି ଯାଇଥିଲେ। ଛାତର ଆଜବେଷ୍ଟସ୍ ଉଡିଯାଇଥିବା ବେଳେ ଅନ୍ୟମାନେ ସେଠାରୁ ଦୂରକୁ ଛିଟିକି ପଡ଼ିଥିଲେ। ମୃତକଙ୍କ ମୁଣ୍ଡଗଣ୍ଡି ଅଲଗା ହୋଇଯାଇଥିବା ବେଳେ ଶରୀରର ମାଂସ ପିଣ୍ଡୁଳା କାନ୍ଥରେ ଲାଖିଯାଇଛି। ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ରୁଣ୍ଡ ହୋଇଯାଇଥିଲେ। ସେତେବେଳେ ଘର ଜଳିବାକୁ ଲାଗିଥିଲା। ସ୍ଥାନୀୟ ପୋଲିସ ଓ ଟାଙ୍ଗୀ ଅଗ୍ନିଶମ ସେବା କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥିତି ସ୍ୱାଭାବିକ ହେବା ପରେ ପୋଲିସ ମୃତ ଶରୀରକୁ ଜବତ କରିବା ସହ ଆହତମାନଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ଖବରପାଇ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ସମେତ ଟାଙ୍ଗୀ ଥାନାଧିକାରୀ ଦିଗ୍‌ବିଜୟ ବିଶ୍ୱାଳ, ସ୍ଥାନୀୟ ତହସିଲଦାର ଓ ବିଡିଓ ଦୁର୍ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସିଡିଏମ୍‌ଓ ଡା.ଆର୍ତ୍ତବନ୍ଧୁ ନାୟକ ଓ ମେଡିକାଲ ଅଧୀକ୍ଷକ ଡା.ବିଶ୍ୱମୋହନ ମିଶ୍ର ଉପସ୍ଥିତ ରହି ଆହତଙ୍କ ଚିକିତ୍ସା ତଦାରଖ କରିଥିଲେ। ମହେଶ୍ୱର ଓ ଦୋଳଗୋବିନ୍ଦଙ୍କ ଶରୀର ଶହେ ପ୍ରତିଶତ ପୋଡି ଯାଇଥିବା ବେଳେ ସୁଦର୍ଶନଙ୍କ ୭୦ପ୍ରତିଶତ ପୋଡ଼ିଯାଇଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାଶ ମହାପାତ୍ର, ୧୨ନଂ. ଜୋନ ଜିଲା ପରିଷଦ ବିଜୟ ବଳିୟାରସିଂ, ବିଜେଡି ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ମେଡିକାଲରେ ପହଞ୍ଚି ଆହତଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି।

ଏନେଇ ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ କୁହନ୍ତି, ପୁରୀ ଜିଲା ଅଗ୍ନିଶମ ଅଧିକାରୀଙ୍କୁ ଭୂଷଣ୍ଡପୁର ବାଣ ବିସ୍ଫୋରଣ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏଠାରେ ବାଣ ପ୍ରସ୍ତୁତ ଲାଗି ପ୍ରଶାସନ ପକ୍ଷରୁ କୌଣସି ଅନୁମତି ଦିଆଯାଇନାହିଁ। ବେଆଇନଭାବେ ଚାଲିଥିବା ବାଣ କାରବାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏସ୍‌ପି ସିଦ୍ଧାର୍ଥ କଟାରିଆ କୁହନ୍ତି, ଅଗ୍ନିଶମ କର୍ମଚାରୀଙ୍କ ସହ ପୋଲିସ ଟିମ୍ ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ପଦକ୍ଷେପ ନିଆଯିବ।

## ରାବ୍ରି ଦେବୀଙ୍କୁ ସିବିଆଇ...

ପୋଷ୍ଟରେ ନିଯୁକ୍ତି ପାଇଁ ଜମି ହସ୍ତାନ୍ତର ମାମଲାରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଛି। ଲାଲୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ମାର୍ଚ୍ଚ ୧୫ରେ ହାଜର ହେବା ଲାଗି ସ୍ୱତନ୍ତ୍ର ଅଦାଲତ ସମନ କରିଥିଲେ। ରାବ୍ରୀ ଦେବୀଙ୍କୁ ସିବିଆଇ ଜେରାକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାଜପା ବିରୋଧୀଙ୍କ ସ୍ୱର ଚାପିଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ଯାଦବ ଯେଉଁ କର୍ମ କରିଛନ୍ତି, ତା'ର ଫଳ ପାଉଛନ୍ତି ବୋଲି ଭାଜପା କହିଛି। ଯେଉଁ ବିରୋଧୀ ଦଳ ନେତାମାନେ ଭଜାପା ନିକଟରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନୁହନ୍ତି ସେମାନଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ଲଗାଇ ହଇରାଣ କରାଯାଉଥିବା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। କେନ୍ଦ୍ରରେ ଭାଜପା ଶାସନକୁ ତାଙ୍କ ଦଳ ବିରୋଧ କରୁଥିବାରୁ ସିବିଆଇ ତାଙ୍କ ମାଆଙ୍କ ବାସଭବନରେ ପହଞ୍ଚିଥିବା ବିହାର ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି। ଅନ୍ୟପକ୍ଷରେ ସିବିଆଇ ଏକ ନିରପେକ୍ଷ ସଂସ୍ଥା ଭାବେ ତା'ର କର୍ତ୍ତବ୍ୟ କରୁଛି। ରାବ୍ରୀଙ୍କୁ ଜେରା ପଛରେ କୌଣସି ରାଜନୈତିକ ଷଡ଼ଯନ୍ତ୍ର ନାହିଁ ବୋଲି ଭାଜପା ନେତା ଜୀବେଶ କୁମାର ମିଶ୍ରା କହିଛନ୍ତି।

## 'ପ୍ଲାଷ୍ଟିକ୍ ଦିଅ...

ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକ୍ ଫ୍ରି କରିବା ତାଙ୍କ ଉଦ୍ଦେଶ୍ୟ ବୋଲି ଫାରୁକ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି। ଫାରୁକ୍‌ଙ୍କ ଏହି ଅଭିଯାନରେ ଗ୍ରାମବାସୀ ତାଙ୍କୁ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିବାବେଳେ ସ୍ଥାନୀୟ ଯୁବଗୋଷ୍ଠୀ ମଧ୍ୟ 'ପ୍ଲାଷ୍ଟିକ୍ ଦିଅ ଏବଂ ସୁନା ନିଅ' ଅଭିଯାନରେ ନିଜକୁ ସାମିଲ କରିଛନ୍ତି। ଫାରୁକ୍ ଜଣେ ଉତ୍ତମ ନେତା। ପ୍ରଦେଶକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ତାଙ୍କ ପଦକ୍ଷେପକୁ ପ୍ରତ୍ୟେକ ଗ୍ରାମବାସୀ ସ୍ୱାଗତ ଜଣାଇଛନ୍ତି। ସବୁଠାରୁ ଅଶ୍ଚର୍ଯ୍ୟକର କଥା ଏହି ନିଆରା ଅଭିଯାନ ଆରମ୍ଭର ମାତ୍ର ୨ ସପ୍ତାହ ମଧ୍ୟରେ ସିଦ୍ଦିୱାରାକୁ ପ୍ଲାଷ୍ଟିକ୍ ମୁକ୍ତ ଗାଁ ଭାବେ ବିବେଚନା କରାଯାଇଥିବା ଯୁବଗୋଷ୍ଠୀ ନେତା ଶକିଲ ୱାନି କହିଛନ୍ତି। ତେବେ ସ୍ଥାନୀୟ ସରକାର ଏ ପ୍ରକାର ଅଭିଯାନ ସମ୍ପୂର୍ଣ୍ଣ ପ୍ରଦେଶରେ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଇଚ୍ଛା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ବାଧ୍ୟବାଧକତାରେ କାମ କରିବେ। ସହାନୁଭୂତିମୂଳକ ଆଲୋଚନା ଓ ସମାଲୋଚନା ଭିତରେ ପରିବାରରେ ଶାନ୍ତି ଫେରିଆସିବ। କୃତ୍ତିକା ନକ୍ଷତ୍ର ଯୋଗୁ ନିଜ ଲୋକେ ଅସୁବିଧାରେ ପକାଇ ପାରନ୍ତି, ଏଣୁ ସତର୍କ ରୁହନ୍ତୁ। ବନ୍ଧୁଙ୍କ ପରାମର୍ଶରେ ଧାର୍ମିକ ମନୋବୃତ୍ତିରୁ ଶାନ୍ତି ଲାଭ କରିବେ।

**ବୃଷ** – କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ ; କିନ୍ତୁ ପୂର୍ଣ୍ଣତଃ ସନ୍ତୋଷଜନକ ହେବନାହିଁ। ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ସମସ୍ୟା ଦୂରୀକରଣର ପ୍ରଯତ୍ନ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ପ୍ରକାଶନ ପ୍ରଭୃତି ଦିଗ ଅନୁକୂଳ ରହିବ। ମୃଗଶିରା ନକ୍ଷତ୍ର ମାନସିକ ସ୍ତରରେ କିଛିଟା ବ୍ୟତିକ୍ରମ ଅନୁଭବ କରିବେ।

**ମିଥୁନ** – ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଆରଦ୍ରା ନକ୍ଷତ୍ର ପରିବାରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇ ପାରନ୍ତି। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା କିଣାବିକା ବିଷୟରେ ସନ୍ତୋଷ ଲାଭ କରିପାରନ୍ତି।

**କର୍କଟ** – ନିଜର ମତ ବଦଳାଇ ପରିବାର ସଦସ୍ୟଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମକୁ କେନ୍ଦ୍ରକରି ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଆହୁରି ବହୁତ ସମୟ ଲାଗିପାରେ। କିନ୍ତୁ ପୁନର୍ବସୁ ନକ୍ଷତ୍ର କଅଁଳିଆ କଥା କହି କାମ ହାସଲ କରିପାରିବେ।

**ସିଂହ** – ସମସ୍ୟାଠାରୁ ଯେତେ ଦୂରରେ ରହିବାକୁ ଚାହିଁଲେ ମଧ୍ୟ ରହିପାରିବେ ନାହିଁ। ଗତକାଲି ଯେଉଁ ଜିନିଷ ପାଇବା ପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇଯିବେ। ଉତ୍ତରାଫାଲ୍‌ଗୁନୀର ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁଁ ମନରେ ସରସତା ରହିନପାରେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା** – ସାମାଜିକ ସ୍ତରରେ ଉନ୍ନତ ଚିନ୍ତା ଓ ପରୋପକାର ମନୋଭାବରୁ ପ୍ରଶଂସିତ ହେବେ। ଚିତ୍ରା ନକ୍ଷତ୍ର ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଭର ପ୍ରତିଶ୍ରୁତି ଲାଭ କରିବା ପରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଭ୍ରାତୃ ବିବାଦର ପରିସମାପ୍ତି ଘଟିବାରେ ପଡ଼ୋଶୀଙ୍କ ମୁଖ୍ୟ ଭୂମିକା ରହିପାରେ।

**ତୁଳା** – ଆଳସ୍ୟ ଓ ଅବହେଳା ସାଙ୍ଗକୁ କାଳକ୍ଷେପଣ ନୀତି ହେତୁ ମନରେ ସରସତା ରହିବ ନାହିଁ। କିନ୍ତୁ ନିଜ କାମରେ ମନଦେଇ କାମଟିକୁ ପୂରା ନ କରିବା ଯାଏଁ ଛାଡ଼ିବେ ନାହିଁ। ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ବିଶାଖା ନକ୍ଷତ୍ର ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** – ସମୟର ଅନୁକୂଳତା ନ ଥିଲେ ମଧ୍ୟ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ଆପଣ ବିଜୟୀ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବ। ଜ୍ୟେଷ୍ଠା ନକ୍ଷତ୍ର ବ୍ୟବସାୟିକ କ୍ଷେତ୍ରରେ ଉନ୍ନତି କରିବେ।

**ଧନୁ** – ପ୍ରତ୍ୟେକ କ୍ଷେତ୍ରରେ ସରଳତାକୁ ପ୍ରାଧାନ୍ୟ ଦେଇ ଠକାମିର ଶିକାର ହୋଇପାରନ୍ତି। ପିଲାମାନଙ୍କ ବିବାହ ସମ୍ପର୍କୀୟ ନୂତନ ବନ୍ଧୁ ପ୍ରସ୍ତାବ ପାଇଁ ଯୋଗାଯୋଗ କରି କୃତକାର୍ଯ୍ୟ ହେବେ। କେତେକ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ପୂର୍ବାଷାଢ଼ା ନକ୍ଷତ୍ର ଶାରୀରିକ ସୁସ୍ଥତା ଫେରିପାଇବା କାରଣରୁ ଏକ ପ୍ରକାର ମାନସିକ ଶାନ୍ତି ମିଳିବ।

**ମକର** – ଧନିଷ୍ଠା ନକ୍ଷତ୍ରର ଭୁଲ ବୁଝାମଣା ଯୋଗୁ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବାର ସୂଚନା ରହିଛି।

**କୁମ୍ଭ** – ପରିବାର ସଦସ୍ୟଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପରିସ୍ଥିତିର ତାଡ଼ନାରେ ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ପୂର୍ବଭାଦ୍ରବ ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ** – ଚେଷ୍ଟା କରୁଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମନ ଖୁସି ହୋଇଯିବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମନାନ୍ତର ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଉତ୍ତରଭାଦ୍ରବ ନକ୍ଷତ୍ର ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଦୋଳପୂର୍ଣ୍ଣିମା ମଙ୍ଗଳବାର, ଶ୍ରୀମନ୍ଦିରରେ ରାଜବେଶ, ବସନ୍ତୋତ୍ସବ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଜୟନ୍ତୀ, ମାର୍ଚ୍ଚ ୭ ତାରିଖ, ସୋ–ବେ–ବରାତ୍, ରାଶି ନକ୍ଷତ୍ର–ପୂର୍ବା ଫାଲ୍‌ଗୁନୀ/ସିଂହ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୯।୦୧ ଗତେ ଘ.୧୦।୪୭ ମଧ୍ୟେ, ଘ.୦୧।୦୮ ଗତେ ଘ.୦୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ ଘ.୦୪।୨୨ ମଧ୍ୟେ ରାହୁକାଳ।




# ଆସନ୍ତା ଶିକ୍ଷାବର୍ଷରୁ ଖୋଲିବ ଶିଶୁଶ୍ରେଣୀ

**ଭୁବନେଶ୍ୱର, ୬।୩(ବ୍ୟୁରୋ)**

- ପ୍ଲେ' ସ୍କୁଲ ଢାଞ୍ଚାରେ ପିଲାଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରାଯିବ
- ସବୁ ବର୍ଗର ପିଲାଙ୍କୁ ସରକାର ଯୋଗାଇ ଦେବେ ଗୁଣାତ୍ମକ ପ୍ରାକ୍ ପ୍ରାଥମିକ ଶିକ୍ଷା

ରାଜ୍ୟରେ ଆରମ୍ଭ ହେବାକୁ ଯାଉଛି ଶିଶୁଶ୍ରେଣୀ ବ୍ୟବସ୍ଥା। ଆସନ୍ତା ଶିକ୍ଷା ବର୍ଷରୁ ଏହା ଲାଗୁ ହେବ। ପ୍ରଥମ ପର୍ଯ୍ୟାୟରେ ୨ହଜାର ସ୍କୁଲରେ ଏହି ଶ୍ରେଣୀ ଖୋଲିବା ସହ ପିଲାଙ୍କ ନାମଲେଖା ହେବ। ଏବେ ଶିଶୁମାନେ ପ୍ରଥମେ ଅଙ୍ଗନୱାଡ଼ି ଓ ପରେ ପ୍ରଥମ ଶ୍ରେଣୀରୁ ପାଠପଢ଼ା ଆରମ୍ଭ କରୁଥିଲେ। କିନ୍ତୁ ନୂଆ ବ୍ୟବସ୍ଥା ଅନୁସାରେ ପିଲାମାନେ ଅଙ୍ଗନୱାଡ଼ି ସାରିବା ପରେ ଶିଶୁଶ୍ରେଣୀରେ ଗୋଟିଏ ବର୍ଷ ପଢ଼ିବେ। ଏହି ଗୋଟିଏ ବର୍ଷରେ ସେମାନଙ୍କ ବୌଦ୍ଧିକ ବିକାଶ ସହିତ ଖେଳକୁଦ ମାଧ୍ୟମରେ ପାଠପଢ଼ା ପ୍ରତି ଆକୃଷ୍ଟ କରାଯିବ। ପ୍ଲେ ସ୍କୁଲ ଢାଞ୍ଚାରେ ପାଠପଢ଼ା ହେବ। ସେଥିପାଇଁ ସରକାରୀ ସ୍କୁଲଗୁଡ଼ିକରେ ଶିଶୁଶ୍ରେଣୀ ପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ପ୍ଲେ ସ୍କୁଲରେ ପଢ଼ାଇବାକୁ ଚାହୁଁଥିଲେ ମଧ୍ୟ ଅତ୍ୟଧିକ ଫି' ଏଥିରେ ବାଧା ଦେଉଛି। ତେଣୁ ପିଲାଙ୍କୁ ପ୍ରାଥମିକ ଶିକ୍ଷା ପୂର୍ବରୁ ପ୍ରାକ୍-ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା ସହ ପ୍ଲେ ସ୍କୁଲ ଢାଞ୍ଚାରେ ପଢ଼ାଇବାର ଏହି ପ୍ରୟାସ ସବୁଠି ସ୍ୱାଗତ କରାଯାଇଛି। ଶିଶୁ ଶ୍ରେଣୀ ବ୍ୟବସ୍ଥା ଆରମ୍ଭ ହେଲେ ସବୁ ବର୍ଗର ପିଲାମାନେ ଗୁଣାତ୍ମକ ପ୍ରାକ୍-ପ୍ରାଥମିକ ଶିକ୍ଷା ପାଇବାର ସୁଯୋଗ ପାଇବେ ବୋଲି ଆଶା କରାଯାଉଛି।

ମିଳିଥିବା ସୂଚନାନୁସାରେ, ରାଜ୍ୟରେ ମୋଟ ୬୫,୨୭୯ ପ୍ରାଥମିକ ସ୍କୁଲ ରହିଛି। ସେଥିମଧ୍ୟରୁ ୫୦,୫୨୬ଟି ସରକାରୀ ପ୍ରାଥମିକ ସ୍କୁଲ। ଏହି ସ୍କୁଲଗୁଡ଼ିକରେ ଶିଶୁଶ୍ରେଣୀ ଆରମ୍ଭ ହେବାକୁ ଯାଉଛି। ଖୋର୍ଦ୍ଧାର ୧,୩୧୬ଟି ସ୍କୁଲ ଥିବାବେଳେ କଟକର ୧,୯୭୬, ଅନୁଗୋଳ ୧,୪୪୩, ବାଲେଶ୍ୱର ୨,୨୯୪, ଭଦ୍ରକ ୧,୬୦୦, ଗଞ୍ଜାମ ୩,୧୩୬, ଜଗତ୍‌ସିଂହପୁର ୧,୨୨୧, ଯାଜପୁର ୧,୮୭୮, ମୟୂରଭଞ୍ଜ ୩,୯୨୧, ପୁରୀ ୧,୭୯୨, କନ୍ଧମାଳ ୧,୭୭୮, ଢେଙ୍କାନାଳ ୧,୩୬୧, ସମ୍ବଲପୁର ୧,୨୭୫, ଝାରସୁଗୁଡ଼ା ୬୦୯ ଏବଂ ନୂଆପଡ଼ାର ୯୫୮ଟି ସ୍କୁଲକୁ ତାଲିକାଭୁକ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲାର ୨ହଜାର ସ୍କୁଲରେ ଏହା ଆରମ୍ଭ କରିବାକୁ ବିଭାଗ ନିଷ୍ପତ୍ତି ନେଇଛି। ତେବେ ଯେଉଁ ସ୍କୁଲ ପରିସରରେ ଅଙ୍ଗନୱାଡ଼ି ସୁବିଧା ଥିବ, ସେଠାରେ ଏହି ଶିଶୁଶ୍ରେଣୀ ଖୋଲାଯିବ ନାହିଁ। ସେହିପରି ଯେଉଁ ସ୍କୁଲରେ ଭିତ୍ତିଭୂମିର ଅଭାବ ରହିଛି, ସେଠାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ।

ପ୍ରତି ଶିଶୁଶ୍ରେଣୀ ପାଇଁ ପ୍ରାୟ ୫୦ହଜାର ଟଙ୍କାର ବ୍ୟୟ ଅଟକଳ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨ହଜାର ସ୍କୁଲ ଲାଗି ପ୍ରାୟ ୧୦କୋଟି ଟଙ୍କା ବ୍ୟୟବରାଦ ଯୋଜନା ରହିଛି। ଏଥିସହ ୨ଜଣ ଲେଖାଏ ଶିକ୍ଷକ ଓ ଜଣେ ଲେଖାଏ କାଉନସେଲର ନିୟୋଜିତ ହେବେ। ଏହି କର୍ମଚାରୀମାନେ ଅସ୍ଥାୟୀ ଭାବେ ନିଯୁକ୍ତି ପାଇବେ କି ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତ ହେବେ ତାହା ମଧ୍ୟ ନିଷ୍ପତ୍ତି ହୋଇନାହିଁ। ଏହି ଶିଶୁଶ୍ରେଣୀରେ ନାମଲେଖା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ସାଢ଼େ ୪ବର୍ଷ ବୟସରୁ ପିଲାଙ୍କୁ ନାମଲେଖାଇବାର ସୁଯୋଗ ଦିଆଯିବ ବୋଲି ଜଣାପଡ଼ିଛି।

# ହତ୍ୟା ମାମଲାରେ ବୃଦ୍ଧଙ୍କୁ ଆଜୀବନ ଜେଲ

**ବୌଦ୍ଧ, ୬।୩(ସ୍ୱ.ପ୍ର.)**

ବୌଦ୍ଧ ଥାନା ବଇଲବେଡ଼ା ଗ୍ରାମର ବୀର ମନହୀରା ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ବୌଦ୍ଧ ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ଅଭିଯୁକ୍ତ ବୁଡ୍ଡୁ ଝାଙ୍କର(୬୯)ଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ଆଦେଶରେ କୁହାଯାଇଛି।

ମାମଲାରୁ ପ୍ରକାଶ ଯେ, ବୀର ଓ ବୁଡ୍ଡୁ ପଡ଼ୋଶୀ ଥିଲେ। ୨୦୨୧ ଜୁନ୍ ୨୨ ସନ୍ଧ୍ୟାରେ କୌଣସି କାରଣରୁ ବୁଡ୍ଡୁ ଏକ ଟାଙ୍ଗିଆରେ ବୀରଙ୍କ ବେକ ଓ ପିଠିକୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ବୀରଙ୍କ ମୃତ୍ୟୁ ଘଟିଥିଲା। ବୀରଙ୍କ ପରିବାର ଲୋକେ ଓ ଗ୍ରାମବାସୀ ବୁଡ୍ଡୁଙ୍କୁ କାବୁ କରିବା ସହ ତାଙ୍କଠାରୁ ଟାଙ୍ଗିଆ ଛଡ଼ାଇ ପୋଲିସକୁ ଖବର ଦେଇଥିଲେ। ଉକ୍ତ ଦିନ ବୀରଙ୍କ ନାତି ସଞ୍ଜିତ ବୌଦ୍ଧ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୧୫୩/୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପୋଲିସ ବୁଡ୍ଡୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତ (ଏସ୍‌ଟି ୬୧/୨୧)ରେ ବିଚାର ହୋଇଥିଲା। ୧୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଓ ପ୍ରମାଣ ଥିବା ନେଇ ଅଦାଲତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ।




# ବାପାଙ୍କୁ ହତ୍ୟାକରି ସାବତ ମା'ଙ୍କୁ ବଳାତ୍କାର

**ପୁଅ ଗିରଫ**

**କଳିଙ୍ଗନଗର, ୬।୩ (ଡି.ଏନ୍.ଏ.)**

ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ଯୁବକ ତାଙ୍କ ବାପାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ସାବତ ମା'ଙ୍କୁ ବଳାତ୍କାର କରିଛନ୍ତି। ଯାଜପୁର ଜିଲା ଦାନଗଦି ବ୍ଲକର ଟମକା ଥାନା ଅଞ୍ଚଳରେ ରବିବାର ରାତିରେ ଏଭଳି ଘଟଣା ଘଟିଛି।



ଅଭିଯୁକ୍ତ ଲୁଗୁ ହେମ୍ବ୍ରମ

ଦାନଗଦି ବ୍ଲକ କିଆଝର ପଞ୍ଚାୟତ ଚମ୍ପାଝର ଗାଁର ସଧାୟ ହେମ୍ବ୍ରମ (୫୫)ଙ୍କ ପ୍ରଥମ ସ୍ତ୍ରୀଙ୍କ କିଛିବର୍ଷ ତଳେ ମୃତ୍ୟୁ ଘଟିଥିଲା। ସଧାୟ ଦ୍ୱିତୀୟ ବିବାହ କରି ଗାଁରେ ରହୁଥିଲେ। ତାଙ୍କ ପ୍ରଥମ ସ୍ତ୍ରୀଙ୍କ ଏକମାତ୍ର ପୁଅ ଲୁଗୁ ହେମ୍ବ୍ରମ (୨୮) ସ୍ତ୍ରୀ ଓ ଛୁଆ ପିଲାଙ୍କୁ ଧରି ଟମକା ବଜାର ନିକଟ ଏକ ଭଡ଼ା ଘରେ ରହୁଥିଲେ। ପଡ଼ୋଶୀମାନଙ୍କ କହିବା ମୁତାବକ ପୁଅ ଲୁଗୁଙ୍କ ପରିବାରକୁ ସଧାୟ ଘରେ ସ୍ଥାନ ଦେଉ ନ ଥିବାରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହୁଥିଲା। ରବିବାର ବିଳମ୍ବିତ ରାତିରେ ଗ୍ରାମର ଏକ ବିବାହ ଭୋଜିରେ ଲୁଗୁ ଯୋଗଦେଇଥିଲେ। ରାତି ପ୍ରାୟ ସାଢେ ୧ଟାବେଳେ ସେ ଘରକୁ ଯାଇଥିବାବେଳେ ସେଠାରେ ସାବତ ମା'ଓ ବାପା ସହିତ ଝଗଡ଼ା ହୋଇଥିଲା। ଲୁଗୁ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ସଧାୟଙ୍କ ମୁଣ୍ଡ ଓ ବେକକୁ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେ ସାବତ ମା'ଙ୍କୁ ବଳାତ୍କାର କରିଥିଲେ। ଏନେଇ ସାବତ ମା' ସୋମବାର ସକାଳେ ଟମକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୩୦୨, ୩୭୬ ଅନୁଯାୟୀ ଏକ ମାମଲା (୩୨/୨୩) ରୁଜୁ କରିଛି। ଏହାସହ ଅଭିଯୁକ୍ତ ଲୁଗୁଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ରକ୍ତଭିଜା ଟାଙ୍ଗିଆ ଜବତ କରାଯାଇଥିବା ଆଇଆଇସି ସୁକାନ୍ତ ପାତ୍ର କହିଛନ୍ତି। ଅପରାହ୍ନରେ ସାଇଣ୍ଟିଫିକ ଟିମ୍ ହତ୍ୟା ଓ ବଳାତ୍କାର ଘଟଣାର ପ୍ରମାଣ ତନଖି କରିଛନ୍ତି। ବଳତ୍କାର ଅଭିଯୋଗ କ୍ରମେପୋଲିସ ଉଭୟଙ୍କର ଡାକ୍ତରୀମାଇନା କରିଥିବାବେଳେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇଛି।

# ମାଟ୍ରିକ ପରୀକ୍ଷାରେ କପି ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍

**ଭୁବନେଶ୍ୱର, ୬।୩(ବ୍ୟୁରୋ)**

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୧୦ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଥିବା ବେଳେ ଏଥର କପି ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପରୀକ୍ଷା ପାଇଁ ଆଉ କିଛିଦିନ ସମୟ ରହିଛି। ସବୁ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। କପି ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। ପରୀକ୍ଷା ସେଣ୍ଟରଗୁଡ଼ିକୁ ସ୍କ୍ୱାଡ୍ ଅଚାନକ ଗସ୍ତ କରିବେ, ଯାହାର ଗତିବିଧି ସମ୍ପର୍କରେ କେହି ଜାଣି ନ ଥିବେ। ସେହିପରି ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ଯେତେ ସମ୍ଭବ ସିସିଟିଭି ଲଗାଇବାକୁ କୁହାଯାଇଛି। ୧୦ ତାରିଖରୁ ପରୀକ୍ଷା ଆରମ୍ଭ ହେଉଥିବାରୁ ସବୁ ଜିଲାର ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚିସାରିଛି। ସହଯୋଗ ପାଇଁ ଜିଲା ପ୍ରଶାସନ ସହ ବି ଆଲୋଚନା ହୋଇଛି। ହବ୍‌କୁ ପରୀକ୍ଷା କେନ୍ଦ୍ର ଯାଏ ପ୍ରଶ୍ନପତ୍ର ନେବାକୁ ସ୍ୱତନ୍ତ୍ର ଲୋକଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥର ଶୃଙ୍ଖଳାର ସହ ପରୀକ୍ଷା ହେବ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ଏହା ଶେଷ ପରୀକ୍ଷା ନୁହେଁ, ବରଂ ପିଲାମାନଙ୍କର ଏହା ହେଉଛି ପ୍ରଥମ ପରୀକ୍ଷା। ତେଣୁ ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

DSPL-482

ଓଡ଼ିଶା ସରକାର



ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବାର୍ତ୍ତା

ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମା'ମାନଙ୍କୁ ମୋର ଅଭିନନ୍ଦନ ଜଣାଉଛି ।

ମା'ମାନେ ଆଜି ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରି ସଫଳତାର ନୂଆ ଶିଖର ଛୁଇଁ ପାରିଛନ୍ତି । ନାରୀ ଅସାଧାରଣ । ସେ ଧୈର୍ଯ୍ୟ, ସାହସ ଓ ସୃଜନଶୀଳତାର ପ୍ରତିରୂପ । ମା'ମାନଙ୍କ ଅଧିକାରର ସୁରକ୍ଷା ଓ ସଶକ୍ତିକରଣ ନିମନ୍ତେ ମୋ ସରକାର ପ୍ରତିବଦ୍ଧତାର ସହ କାମ କରିଚାଲିଛି । ଏକ ନୂଆ ଓଡ଼ିଶା ଓ ସଶକ୍ତ ଓଡ଼ିଶା ଗଠନରେ ନାରୀ ଶକ୍ତି ହିଁ ଅଗ୍ରଣୀ ଭୂମିକା ନେବ, ଏ ବିଶ୍ୱାସ ମୋର ଅଛି ।

ଓଡ଼ିଶାର ମହିଳାମାନଙ୍କ ସାମଗ୍ରିକ ବିକାଶ, ନିରାପତ୍ତା ଓ ସଶକ୍ତିକରଣ କ୍ଷେତ୍ରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଁ ମହିଳା ଓ ଶିଶୁ ବିକାଶ ବିଭାଗକୁ ସାଧୁବାଦ ଜଣାଉଛି ।

(ନବୀନ ପଟ୍ଟନାୟକ)

ଓଡ଼ିଶା ସରକାର



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବାର୍ତ୍ତା

ଅନ୍ତର୍ଜାତୀୟ ମହିଳା ଦିବସ, ୨୦୨୩ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମହିଳାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାର ସାମଗ୍ରିକ ବିକାଶରେ ମହିଳାଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ମହିଳାକେନ୍ଦ୍ରିକ ଯୋଜନା ଯଥା ବିଜୁ କନ୍ୟା ରତ୍ନ, "ଅଦ୍ୱିକା" (Advika), ୱାନ୍ ଷ୍ଟପ୍ ସେଣ୍ଟର, ସ୍ୱଧାର ହୋମ୍ସ, ୧୮୧ ହେଲ୍ପଲାଇନ୍, ପରିପୂରକ ପୋଷଣ କାର୍ଯ୍ୟକ୍ରମ ଇତ୍ୟାଦି ଦ୍ୱାରା ମହିଳାଙ୍କ ସର୍ବାଙ୍ଗୀନ ବିକାଶ ଓ ସଶକ୍ତିକରଣ ସୁନିଶ୍ଚିତ ହୋଇପାରିଛି ।

ଚଳିତ ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ବିଷୟବସ୍ତୁ ହେଉଛି ଡିଜିଟ୍ଅଲ୍ : ଲିଙ୍ଗଗତ ସମାନତା ପାଇଁ ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା ("DigitAll: Innovation and Technology for Gender Equality") । ପ୍ରଯୁକ୍ତି ବିଦ୍ୟା ପ୍ରକୃତରେ ଅଧିକ ସୃଜନଶୀଳ ସମାଧାନ ସୃଷ୍ଟି କରିଛି ଏବଂ ମହିଳାଙ୍କ ଆବଶ୍ୟକତାକୁ ପୂରଣ କରିଛି । ଯାନ୍ତ୍ରିକ ବିଦ୍ୟା ତୃଣମୂଳ ସ୍ତରରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ ଦେବାରେ ଅଧିକ ସମ୍ଭାବନା ସୃଷ୍ଟି କରିଛି ।

ମୁଁ ଆଶା କରୁଛି ଯେ ଆମ ମହିଳାମାନେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ସୁବିଧା ସୁଯୋଗ ନେଇ ସେମାନଙ୍କ ସ୍ୱପ୍ନକୁ ସାକାର କରିବେ ।

(ବାସନ୍ତୀ ହେମ୍ବ୍ରମ୍ )
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି

OIPR-33001/13/0005/2223

# ସ୍ତ୍ରୀଙ୍କୁ ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଦିଗପହଣ୍ଡି,୬।୩(ଡି.ଏନ.ଏ.)**

**ଅନ୍‌ଲାଇନ ଗେମ୍ କାଳ ହେଲା**
- ଗୁରୁତର ଅବସ୍ଥାରେ ସ୍ୱାମୀ ଡାକ୍ତରଖାନାରେ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଡେଙ୍ଗାଡି ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଅନ୍‌ଲାଇନ୍ ଗେମ୍ ଖେଳରୁ ଜୟସେନ ମହାନ୍ତି ନାମକ ଜଣେ ଶିକ୍ଷକ ତାଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀ ନୀଳେନ୍ଦ୍ରି ସ୍ୱାଇଁଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ବେକ ଓ ବାମ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଜଣାପଡିଛି।

ପ୍ରକାଶ ଯେ, ଜୟସେନଙ୍କ ସ୍ତ୍ରୀ ନୀଳେନ୍ଦ୍ରି କଳାହାଣ୍ଡି ଜିଲା ରାମପୁରରେ ଶିକ୍ଷୟିତ୍ରୀ ଥିଲେ। ସେ ଛୁଟିରେ ଗତ କିଛିଦିନ ହେଲା ଜୟସେନଙ୍କ ପାଖକୁ ଆସିଥିଲେ। ଜୟସେନ ଅନ୍‌ଲାଇନ୍‌ରେ ଗେମ୍ ଖେଳିବା ସହ ବିଟ୍ କଏନ୍ କିଣା ବିକାରେ ଲକ୍ଷାଧିକ ଟଙ୍କା କ୍ଷତି ସହିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଜୟସେନ ଶେରଗଡ଼ ବ୍ଲକ କାଟଖଣ୍ଡି ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ବିବାହ ପୂର୍ବରୁ ଓ ପରେ ସେ ଅନ୍‌ଲାଇନ୍‌ରେ ଗେମ୍ ଖେଳିବା ସହ ଏଥିରେ ଲକ୍ଷାଧିକ ଟଙ୍କା ବରବାଦ କରୁଥିଲେ। ଘଟଣାକୁ ନେଇ ବିବାହର କିଛି ମାସ ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିବା ବେଳେ ଜୟସେନ ପ୍ରାୟ ସମୟରେ ଅନ୍‌ଲାଇନ୍ ଗେମ୍‌ରେ ବ୍ୟସ୍ତ ରହୁଥିବାରୁ ଗାଁର ବିଭିନ୍ନ ବ୍ୟକ୍ତି ଏବଂ ସାଙ୍ଗସାଥୀମାନଙ୍କଠାରୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଆଣିଥିଲେ। ତେଣୁ ସେ ସବୁବେଳେ ଚାପଗ୍ରସ୍ତ ରହୁଥିଲେ। ସ୍ୱାମୀ ସ୍ତ୍ରୀ ଉଭୟଙ୍କ ପରିବାର ଲୋକ ଝଗଡ଼ା ବିଷୟରେ ଜାଣିବାକୁ ପାଇ ବୁଝାଶୁଝା କଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ନୀଳେନ୍ଦ୍ରିଙ୍କ ବାପା ଋଣ ଶୁଝିବା ପାଇଁ କିଛିଦିନ ପୂର୍ବେ ଜୟସେନଙ୍କୁ ୪ ଲକ୍ଷ ଟଙ୍କା ଦେଇଥିଲେ। ରବିବାର ବିଳମ୍ବିତ ରାତିରେ ଉଭୟ ଜୟସେନ ଓ ନୀଳେନ୍ଦ୍ରିଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ବେଳେ ସୋମବାର ସକାଳୁ ବନ୍ଦଘରୁ ନୀଳେନ୍ଦ୍ରିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିବା ସହ ତାଙ୍କ ଦେହର ବିଭିନ୍ନ ସ୍ଥାନରେ କଟାଦାଗ ଥିବାରୁ ତାଙ୍କୁ ସ୍ୱାମୀ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାପାଇଁ ଉଦ୍ୟମ କରିଥିବା ନୀଳେନ୍ଦ୍ରିଙ୍କ ପରିବାର ଲୋକେ ପୋଲିସରେ ଅଭିଯୋଗ କରିଛନ୍ତି। ଖବରପାଇ ପାଟପୁର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ୧୧୯/୨୩ରେ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୭ ମାର୍ଚ୍ଚ, ୨୦୨୩

ପ୍ରତ୍ୟେକ ବ୍ୟକ୍ତି ଭିତରେ କିଛି ଦିବ୍ୟଗୁଣ ଓ କିଛି ସ୍ୱକୀୟ ବିଶେଷତ୍ୱ ରହିଛି। ଯେତେ କ୍ଷୁଦ୍ର ପରିସର ଭିତରେ ଜଣେ ରହିଥାଉ ନା କାହିଁକି, ପୂର୍ଣ୍ଣତା ଓ ସାମର୍ଥ୍ୟ ହାସଲ ଲାଗି ତା'ପାଇଁ ମଧ୍ୟ ଏକ ଭଗବତ ସୁଯୋଗ ରହିଛି। ... କର୍ତ୍ତବ୍ୟ ହେଲା– ତାକୁ ଠାବ କରିବା, ବିକଶିତ କରିବା ଓ ପ୍ରୟୋଗ କରିବା। –ଶ୍ରୀମା



# ଚିପ୍ ଯୁଦ୍ଧ

ପୂର୍ବ ଏସିଆରେ ଅବସ୍ଥିତ ତାଇୱାନ ଏକ କ୍ଷୁଦ୍ର ରାଷ୍ଟ୍ର। ଏହାକୁ ରିପବ୍ଲିକ୍ ଅଫ୍ ଚାଇନା ତା'ର ଅଂଶ ବୋଲି ଦର୍ଶାଇଚାଲିଛି। ଅନ୍ୟପକ୍ଷରେ ତାଇୱାନ ନିଜର ସାର୍ବଭୌମତ୍ୱକୁ ବଜାୟ ରଖି ବିଶ୍ୱର ଅନ୍ୟତମ ବୃହତ୍ ଶକ୍ତିକୁ ଚ୍ୟାଲେଞ୍ଜ ଦେଉଛି। ସାମରିକ ନାଲିଆଖି ଦେଖାଇ ଡରାଇବାରେ ସଫଳ ନ ହେବା ପରେ ୫ ମାର୍ଚ୍ଚ ୨୦୨୩ରେ ଚାଇନା ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍ ତାଇୱାନକୁ 'ଶାନ୍ତିପୂର୍ଣ୍ଣ ପୁନଃ ଏକତ୍ରୀକରଣ' ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ଗଣତନ୍ତ୍ର ଓ ସ୍ୱାଧୀନତା ପ୍ରତି ତାଇୱାନବାସୀଙ୍କ ପ୍ରତିଶ୍ରୁତିବଦ୍ଧତାକୁ ବେଜିଂ ସମ୍ମାନ ଦେବା ଉଚିତ ବୋଲି କହି ତାଇୱାନ ଜବାବ ଦେଇଛି। ଏହି ଦ୍ୱୀପରାଷ୍ଟ୍ରର ଏଭଳି କଠୋର ଜବାବ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି।

ତାଇୱାନକୁ ନିଜର ଭୂଖଣ୍ଡ ଦାବି କରିଆସୁଥିବା ଚାଇନା ୩ ବର୍ଷ ହେଲା ଉକ୍ତ ଦ୍ୱୀପରାଷ୍ଟ୍ର ନିକଟରେ ସାମରିକ କାର୍ଯ୍ୟକଳାପ ବଢ଼ାଇ ଚାଲିଛି। ୨ ଅଗଷ୍ଟ ୨୦୨୨ରେ ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ସ୍ପିକର ନାନ୍ସି ପେଲୋସି ତାଇୱାନ ଗସ୍ତ କରି ସେଠାକାର ରାଷ୍ଟ୍ରପତି ଟିସାଇ ଇଙ୍ଗ୍–ୱେନ୍‌ଙ୍କୁ ଭେଟିବା ପରେ ଚାଇନା କ୍ଷୁବ୍ଧ ହୋଇଥିଲା। ସେବେଠାରୁ ତାଇୱାନକୁ ନିଜ ନିୟନ୍ତ୍ରଣ ଭିତରକୁ ଆଣିବା ଲାଗି ଚାଇନା ପ୍ରୟାସ କରିଚାଲିଛି। ହେଲେ ତାଇୱାନର ଭୌଗୋଳିକ ସ୍ଥିତି ଦେଖିଲେ ଚାଇନା ସହଜରେ ଆକ୍ରମଣ କରିବା ସମ୍ଭବ ହୋଇପାରୁ ନାହିଁ। ଇଷ୍ଟ ଚାଇନା ସି' ଭିତରେ ଥିବା ଏହି ଦ୍ୱୀପରାଷ୍ଟ୍ର ଚାଇନା ମୁଖ୍ୟଭୂଖଣ୍ଡର ସଙ୍କୀର୍ଣ୍ଣ ପାର୍ଶ୍ୱରୁ ଦେଖିଲେ ୧୨୮ କିଲୋମିଟର ବା ୭୯. ୫ ମାଇଲ ଦୂରତ୍ୱରେ ଅବସ୍ଥିତ। ତେଣୁ ପାଣି ଭିତରେ ଚାଇନାର ଯୁଦ୍ଧଜାହାଜଗୁଡ଼ିକ ଯାଇ କେଉଁ ପଟରୁ ଆକ୍ରମଣ କଲେ ତା' ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ତାହା ଆକଳନ କରିପାରୁ ନାହିଁ। ଆକାଶମାର୍ଗରୁ ତାଇୱାନକୁ ଟାର୍ଗେଟ କରିବାକୁ ଚାହିଁଲେ ତାହା ମଧ୍ୟ କଷ୍ଟକର। କାରଣ ତାଇୱାନର ରାଡାର ଅତ୍ୟନ୍ତ ଶକ୍ତିଶାଳୀ ହୋଇଥିବାରୁ ଶତ୍ରୁପକ୍ଷର ଯୁଦ୍ଧବିମାନକୁ ଠାବ କରି ଖସାଇବାରେ ସକ୍ଷମ ହେବ। ଯଦି ଅନେକ ଶହ ଜାହାଜ ନେଇ ତଇୱାନକୁ ଚାଇନା ଘେରିବାକୁ ଚେଷ୍ଟା କରିବ, ଉପଯୁକ୍ତ ବେସ୍ ନ ଥିବାରୁ ଏହାର ଅସ୍ତ୍ରଶସ୍ତ୍ର ସହ ଖାଦ୍ୟସାମଗ୍ରୀ ଭର୍ତ୍ତି ସାମରିକ ପରିବହନ ଉଡ଼ାଜାହାଜ ଲକ୍ଷ୍ୟ ହାସଲରେ ସକ୍ଷମ ହୋଇ ନ ପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏଥିସହିତ ତାଇୱାନର ଭୌଗୋଳିକ ସ୍ଥିତି ଦେଖିଲେ ଘଞ୍ଚ ଅରଣ୍ୟ ସହ ପାହାଡ଼ିଆ ଅଞ୍ଚଳ ଖୁନ୍ଦି ହୋଇ ରହିଥିବାରୁ ଚାଇନାର ସୈନ୍ୟ ଯୁଦ୍ଧରେ ସଫଳ ହେବା ମଧ୍ୟ ସହଜ ମନେ ହେଉନାହିଁ। ସମ୍ଭବତଃ ଏହିସବୁ ପ୍ରତିବନ୍ଧକ ଥିବା ଲକ୍ଷ୍ୟ କରିବା ପରେ ଚାଇନା କର୍ତ୍ତୃପକ୍ଷ ଶାନ୍ତିପୂର୍ଣ୍ଣ ପୁନଃ ଏକତ୍ରୀକରଣ ଲାଗି ତାଇୱାନକୁ ପ୍ରସ୍ତାବ ଦେଇଥିବା ଅନୁମାନ କରାଯାଉଛି।

> **ପାରମ୍ପରିକ ଯୁଦ୍ଧାସ୍ତ୍ର ପରିବର୍ତ୍ତେ ପ୍ରଯୁକ୍ତିସମ୍ପନ୍ନ ଲଢ଼େଇ ଲାଗି ପ୍ରସ୍ତୁତ ହେଉଥିବା ସାଇବର ଅସ୍ତ୍ର ଅଧିକ କ୍ଷତି ଘଟାଇପାରୁଛି, ଯାହା ରୁଷିଆ–ୟୁକ୍ରେନ୍ ଯୁଦ୍ଧରୁ ପ୍ରମାଣିତ ହୋଇଛି। ଯେତେବେଳେ ପ୍ରତିଟି ପ୍ରଯୁକ୍ତି ଆଧାରିତ ଯନ୍ତ୍ର ପାଇଁ ଚିପ୍‌ର ଆବଶ୍ୟକତା ରହିଛି, ତାହା ହେଲେ ତାଇୱାନ୍ ଆଗରେ ରହିବା ସ୍ୱାଭାବିକ।**

ଏବର ଭୂରାଜନୈତିକ ସ୍ଥିତି ଦେଖିଲେ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ବିବାଦ ଲାଗି ରହିଛି। ତେବେ ଏକବିଂଶ ଶତାବ୍ଦୀର ସବୁଠାରୁ ଦୀର୍ଘ ସମୟ ଧରି ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଲାଗି ରହିଥିବା ଯୁଦ୍ଧକୁ ଦେଖିଲେ ଗୋଟିଏ ବିଷୟ ସ୍ପଷ୍ଟ ହେଉଛି ଯେ, ଶକ୍ତିଶାଳୀ ରାଷ୍ଟ୍ର ଚାହିଁଲେ ମଧ୍ୟ କ୍ଷୁଦ୍ର ଦେଶଗୁଡ଼ିକୁ ନିଜ ଅକ୍ତିଆରକୁ ନେବା ସହଜ ନୁହେଁ। ୟୁକ୍ରେନ୍‌ବାସୀ ସାର୍ବଭୌମତ୍ୱ ରକ୍ଷା କରିବାକୁ ଯାଇ ଯେଭଳି ଲଢୁଆପଣ ଦେଖାଇଲେ ତାହା ବିଶ୍ୱସମୁଦାୟକୁ ତଟସ୍ଥ କରିଦେଇଛି। ଏହାର ବହୁ ଅଞ୍ଚଳ ଧ୍ୱସ୍ତବିଧ୍ୱସ୍ତ ହେବା ସହ ସେନା ଓ ସାଧାରଣ ନାଗରିକଙ୍କ ଜୀବନ ଯାଇଥିଲେ ମଧ୍ୟ ଯୁଦ୍ଧର ବର୍ଷକ ପରେ ୟୁକ୍ରେନ୍ ଦମ୍ଭ ଧରି ରହିବା ବିଶ୍ୱକୁ ନୂଆ ବାର୍ତ୍ତା ଦେଇଛି। ସମ୍ଭବତଃ ସେଇଠାରୁ ବଳ ପାଇ ତାଇୱାନ ଭଳି ରାଷ୍ଟ୍ର ଚାଇନାକୁ କଡ଼ା ଜବାବ ଦେବା ସମ୍ଭବ ହୋଇଛି। ୫ ମାର୍ଚ୍ଚରେ ଚାଇନା ତା'ର ପ୍ରତିରକ୍ଷା ବଜେଟ ଗତବର୍ଷ ଅପେକ୍ଷା ୭.୨ ପ୍ରତିଶତ ବୃଦ୍ଧି କରି କ୍ରମାଗତ ୮ ବର୍ଷ ଧରି ସାମରିକ ବ୍ୟୟବରାଦ ବଢ଼ାଇ ଚାଲିଛି। ଆକଳନ ଅନୁସାରେ ଭାରତର ପ୍ରତିରକ୍ଷା ବଜେଟଠାରୁ ଚାଇନାର ବ୍ୟୟବରାଦ ୩ ଗୁଣ ଅଧିକ। ଚାଇନାର ପ୍ରତିରକ୍ଷା ବଜେଟ ବୃଦ୍ଧି ପାଇବା ଗଣମାଧ୍ୟମରେ ପ୍ରସାରିତ ହେବା ସତ୍ତ୍ୱେ ତାଇୱାନ ଉପରେ ତାହାର ପ୍ରଭାବ ପଡ଼ିବା ଦେଖାଯାଉ ନାହିଁ। ତାଇୱାନର ବିଶେଷତ୍ୱ ହେଉଛି ଯେ, ଏହା ବିଶ୍ୱର ସର୍ବବୃହତ୍ ଚିପ୍ ନିର୍ମାଣକାରୀ ରାଷ୍ଟ୍ର। ତାଇୱାନ ସେମିକଣ୍ଡକ୍ଟର ମାନୁଫାକଚରିଂ କମ୍ପାନୀ(ଟିଏସ୍ଏମ୍‌ସି) ବିଶ୍ୱରେ ଉପଲବ୍ଧ ହେଉଥିବା ଚିପ୍‌ର ୫୪ ପ୍ରତିଶତ ନିର୍ମାଣ କରୁଛି। ଏହି ଚିପ୍ ସବୁ କମ୍ପ୍ୟୁଟର, ମୋବାଇଲ ଫୋନ୍, ଉଡ଼ାଜାହାଜ, ମୋଟରଗାଡ଼ିଠାରୁ ଆରମ୍ଭକରି ପ୍ରତିଟି ପ୍ରଯୁକ୍ତିସମ୍ପନ୍ନ ଯନ୍ତ୍ରାଂଶରେ ବ୍ୟବହୃତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଶୂନ୍ୟ ଧୂଳିକଣିକା ସହ ଚିପ୍ ପ୍ରସ୍ତୁତ ଲାଗି ଥିବା ଅନୁକୂଳ ବାତାବରଣ ତାଇୱାନକୁ ସବୁଠାରୁ ଆଗରେ ରଖିଛି। ଆଜିର ସ୍ଥିତି ଦେଖିଲେ ଯୁଦ୍ଧ ପରିଭାଷା ବଦଳିବାରେ ଲାଗିଛି। ପାରମ୍ପରିକ ଯୁଦ୍ଧାସ୍ତ୍ର ପରିବର୍ତ୍ତେ ପ୍ରଯୁକ୍ତିସମ୍ପନ୍ନ ଲଢ଼େଇ ଲାଗି ପ୍ରସ୍ତୁତ ହେଉଥିବା ସାଇବର ଅସ୍ତ୍ର ଅଧିକ କ୍ଷତି ଘଟାଇପାରୁଛି, ଯାହା ରୁଷିଆ–ୟୁକ୍ରେନ୍ ଯୁଦ୍ଧରୁ ପ୍ରମାଣିତ ହୋଇଛି। ଯେତେବେଳେ ପ୍ରତିଟି ପ୍ରଯୁକ୍ତି ଆଧାରିତ ଯନ୍ତ୍ର ପାଇଁ ଚିପ୍‌ର ଆବଶ୍ୟକତା ରହିଛି, ତାହା ହେଲେ ତାଇୱାନ୍ ଆଗରେ ରହିବା ସ୍ୱାଭାବିକ।

ଅତଏବ ୟୁକ୍ରେନ୍ ଓ ତାଇୱାନ ଭଳି ରାଷ୍ଟ୍ର ପ୍ରଦର୍ଶନ କରିଥିବା ସାହସ ଆଗାମୀ ସମୟ ଲାଗି ନୂଆ ଯୁଦ୍ଧ ସମୀକରଣ ସୃଷ୍ଟି କରିଦେଇଛି। ଏଥିରୁ ଖିଅ ଧରି ଆଲୋଚନା କରାଗଲେ ଯେଉଁ ଗୋଟିଏ କଥା ସ୍ପଷ୍ଟ ହେବାକୁ ଯାଉଛି ତାହା ହେଲା, କୌଣସି ରାଷ୍ଟ୍ର ମଧ୍ୟରେ ଏକତା ଓ କାର୍ଯ୍ୟଧାରାରେ ଶୃଙ୍ଖଳା ରହିଲେ ଶତ୍ରୁ ଯେତେ ବଡ଼ ଶକ୍ତିଶାଳୀ ଥିଲେ ମଧ୍ୟ ପଛଘୁଞ୍ଚା ଦେବାକୁ ବାଧ୍ୟ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 2 | | | 4 | |
| | | | | | | | 9 | 5 |
| 2 | 5 | | | | | 1 | | |
| | | | | 3 | 8 | | | |
| 1 | | | | | | 5 | | 9 |
| | | | | | 4 | 7 | | 3 |
| | | | | | 9 | | | |
| | 4 | | | 7 | 3 | | | |
| 5 | | 1 | 8 | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 7 | 9 | 4 | 1 | 8 | 3 | 5 |
| 8 | 9 | 3 | 7 | 2 | 5 | 1 | 4 | 6 |
| 4 | 5 | 1 | 8 | 6 | 3 | 2 | 7 | 9 |
| 1 | 7 | 8 | 4 | 5 | 9 | 3 | 6 | 2 |
| 5 | 4 | 2 | 6 | 3 | 8 | 9 | 1 | 7 |
| 3 | 6 | 9 | 1 | 7 | 2 | 4 | 5 | 8 |
| 2 | 3 | 4 | 5 | 9 | 6 | 7 | 8 | 1 |
| 9 | 8 | 6 | 3 | 1 | 7 | 5 | 2 | 4 |
| 7 | 1 | 5 | 2 | 8 | 4 | 6 | 9 | 3 |

ଗତକାଲିର ଉତ୍ତର

# ଆର୍ଥିକ ସୁପରିଚାଳନାରେ ନାରୀ



ଡ. ଅନ୍ତର୍ଜିତା ନାୟକ

ଆମେ ଆର୍ଥିକ ବ୍ୟବସ୍ଥା ଓ ଏହାର ସୁପରିଚାଳନାରେ ନାରୀର ଭୂମିକା ସମ୍ପର୍କରେ ଆଲୋଚନା କରୁଛନ୍ତି, ତେବେ ଦେଶର ଅର୍ଥନୀତିରେ ଜଣେ ହାଉସୱାଇଫ ବା ଗୃହିଣୀର ଯୋଗଦାନ ଅଛି କି ନାହିଁ, ତାହା ତର୍ଜମା କରିବା ଜରୁରୀ। ଆମେ ହାଉସୱାଇଫଙ୍କ କାମକୁ ଜାତୀୟ ଆୟ ଆକଳନ କିମ୍ବା ମୋଟ ଘରୋଇ ଉତ୍ପାଦ ଗଣନାରେ ନେଉନାହାନ୍ତି କି ନେଇ ପାରୁନାହାନ୍ତି। କାରଣ, ଘରେ କାମ କରିବା ବା ଘର ଲୋକଙ୍କ ପାଇଁ କାମ କରିବାରେ କୌଣସି ମଜୁରି କ୍ଷତିପୂରଣ ନାହିଁ କି ସାମାଜିକ ପୁଞ୍ଜି ବା ମାନବ ପୁଞ୍ଜିର କୌଣସି ସରକାରୀ ପରିସଂଖ୍ୟାନରେ ରେକର୍ଡ ରଖାଯାଇ ପାରୁନାହିଁ। ଗୃହିଣୀମାନଙ୍କ ଦ୍ୱାରା ପ୍ରଦତ୍ତ ସେବାର ମୂଲ୍ୟକୁ ଅର୍ଥରେ ଠିକ୍ ଭାବରେ ମାପିବା କଷ୍ଟକର। ତା' ମାନେ ନୁହଁ ଯେ ଆମେ କହିଦେବା ହାଉସୱାଇଫ କିଛି କାମ କରେ ନାହିଁ କିମ୍ବା ତାଙ୍କର ଆର୍ଥିକ ଯୋଗଦାନ ଶୂନ। ଆଜି ମଧ୍ୟ ଭାରତରେ ପଚାଶ ପ୍ରତିଶତ ଗ୍ରାମ୍ୟ ମହିଳା ଓ କୋଡ଼ିଏ ପ୍ରତିଶତ ସହରୀ ମହିଳା ସଫା ପାଣି ଲାଗି ମାଇଲେ ଦୂରକୁ ଯାଉଛନ୍ତି। ପାଣି ପାଇଁ ଲମ୍ବା ଲାଇନରେ ଠିଆ ହେଉଛନ୍ତି। ସେମାନେ ଗୋରୁ–ଗୁହାଳ କଥା ବୁଝୁଛନ୍ତି, ଘରର ପରଷ୍କାର ପରିଚ୍ଛନ୍ନତା, ରୋଷେଇ ବାସ, ପିଲାଙ୍କ ଯତ୍ନ ଓ ପରିବାରର ଦାୟିତ୍ୱ ବି ନିର୍ବାହ କରୁଛନ୍ତି। ତା' ଛଡ଼ା ବେଳେ ବେଳେ ଚାଷ–ବାସ ଓ ଛୋଟ–ମୋଟ ଘରୋଇ ବ୍ୟବସାୟରେ ମଧ୍ୟ ସହଯୋଗ କରୁଛନ୍ତି। କିନ୍ତୁ ଏହି ସବୁ କାମ ସକାଶେ କୌଣସି ବେତନ ବା ଦରମା ନାହିଁ। କେତୋଟି ଅଧ୍ୟୟନ ଅନୁଯାୟୀ, ମହିଳାମାନେ ପୁରୁଷଙ୍କ ତୁଳନାରେ ତିନିଗୁଣ ଅଧିକ ସମୟ ଅବୈତନିକ କାର୍ଯ୍ୟରେ ଅତିବାହିତ କରନ୍ତି। ଯଦି ଆମେ ସେଇ ଅବୈତନିକ କାର୍ଯ୍ୟର ଠିକ୍ ମୂଲ୍ୟାଙ୍କନ କରି ବୈତନିକ କାମର ଦରମା ସହିତ ସମାନ ଭାବରେ କ୍ଷତିପୂରଣ ଦେବା, ତେବେ ତାହା ଭାରତର ଆର୍ଥିକ ଉତ୍ପାଦନରେ ବର୍ଷକୁ ୩୦୦ବିଲିୟନ ୟୁଏସ୍ ଡଲାରର ସହାୟକ ରାଶି ହେବ। କିନ୍ତୁ ଆମେ ଗୃହିଣୀର ଏହି ଆର୍ଥିକ ଯୋଗଦାନକୁ କେବେ ଗଣନାକୁ ନେଇ ନ ଥାଉ। ଜଣେ ଗୃହିଣୀ ଏକ ସୁସ୍ଥ ପରିବାର ଓ ସ୍ଥିର ସମାଜର ଭିତ୍ତିଭୂମି ପ୍ରଦାନ କରି ସିଧାସଳଖ ସମାଜ ଏବଂ ଅର୍ଥନୀତିରେ ଯୋଗଦାନ କରନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଜଣେ ଗୃହିଣୀ ଏକ ମଜଭୁତ ପରିବାର ଓ ଏକ ସ୍ଥିର ସମାଜ ପାଇଁ ଏକ ସୁଦୃଢ଼ ଭିତ୍ତି ପ୍ରଦାନ କରନ୍ତି। ନିଜ ପିଲାମାନଙ୍କୁ ଠିକ୍ ତାଲିମ ପ୍ରଦାନ କରିବା ସହ ସକାରାତ୍ମକ ଭାବର ଉନ୍ମୋଚନ କରି ଆତ୍ମବିଶ୍ୱାସୀ ଓ ଦାୟିତ୍ୱବାନ୍ ଯୁବ ପିଢ଼ି ନିର୍ମାଣ କରନ୍ତି। ଏହାବାଦ୍ ପରୋକ୍ଷରେ ସମାଜର ବିକାଶରେ ମଧ୍ୟ ଯୋଗଦାନ କରିଥାନ୍ତି, ଯାହାଫଳରେ ଏକ ସୁସ୍ଥ ଅର୍ଥନୀତି ଗଢି ଉଠିବାରେ ସମ୍ଭାବନା ଅଧିକ। ସେଥିଲାଗି ଜଣେ ହାଉସୱାଇଫର ଦେଶର ଅର୍ଥନୀତି ବା ଆର୍ଥିକ ବ୍ୟବସ୍ଥାରେ କାମ କ'ଣ, ପ୍ରଶ୍ନ କରିବା ଯେତିକି ସହଜ, ତା'ର ଉତ୍ତର ଖୋଜି ପାଇବା ହୁଏତ ସେତିକି ସରଳ ନୁହେଁ।

ଗୋଟିଏ ପରିବାରରେ ଆର୍ଥିକ ସଙ୍କଟ ସମୟରେ ଆର୍ଥିକ ସୁପରିଚାଳନା ଦିଗରେ ବିଶେଷକରି ଜଣେ ନାରୀର ଭୂମିକା ଖୁବ୍ ବେଶି। ସାଧାରଣତଃ, ଆର୍ଥିକ ସଙ୍କଟର ପ୍ରଭାବ ନାରୀ ଉପରେ କ'ଣ, ତାହା ହିସାବ କରିବା ଅତି ସହଜ। କିନ୍ତୁ ଆର୍ଥିକ ସଙ୍କଟ ସମୟରେ ଆର୍ଥିକ ସୁପରିଚାଳନା ଦିଗରେ ନାରୀର ଭୂମିକା କ'ଣ ଖୋଜି ପାଇବା କିମ୍ବା ତା'ର ବିଷୟବସ୍ତୁ ବିଶ୍ଳେଷଣ କରିବା ସହ ମୌଳିକ ଭାବରେ ମାପିବା କଷ୍ଟକର। ଆପଣମାନଙ୍କର ମନେ ଥିବ, ୮ ନଭେମ୍ବର ୨୦୧୬ରେ ଯେତେବେଳେ ସରକାର ବିମୁଦ୍ରୀକରଣ ଘୋଷଣା କରିଥିଲେ, ସେତେବେଳେ କଳାବଜାରରେ ଯେତିକି ହଇଚଇ ହୋଇଥିଲା, ସେତିକି ଅସ୍ଥିରତା ଘରେ ଗୃହିଣୀମାନଙ୍କ ମଧ୍ୟରେ ବି ଦେଖିବାକୁ ମିଳିଥିଲା। କାରଣ ଗୁପ୍ତ ଭାବରେ, ଗୁପ୍ତ ଜାଗାରେ ଅର୍ଥ ସଞ୍ଚୟ କରିବା ନାରୀମାନଙ୍କର ଅତି ପୁରୁଣା ଅଭ୍ୟାସ। ବେଳେବେଳେ ସେଇ ଗୁପ୍ତ ସଞ୍ଚିତ ଧନ ଅସୁବିଧା ସମୟରେ କେତେ ଓ କେମିତି କାମରେ ଆସେ ତାହା ପ୍ରାୟତଃ ସମସ୍ତେ ଜାଣନ୍ତି। ଅଳ୍ପରେ ଚଳିବା ବା ସମସ୍ତଙ୍କୁ ଚଳେଇବା ଦକ୍ଷତା ନାରୀ ପାଖରେ ଅଛି। ଯେତେବେଳେ କରୋନା ଯୋଗୁ ଲକ୍‌ଡାଉନ ଚାଲିଥିଲା, ସେତେବେଳେ ଯାହା ଯେତିକି ମିଳୁଥିଲା ସେତିକିରେ ଘର ଚଳାଇବା, ଅଳ୍ପ ଆୟରେ ଘରର ବ୍ୟୟକୁ ସମ୍ଭାଳିବା ଭଳି ଗୁରୁଦାୟିତ୍ୱ ନାରୀ ହିଁ ତୁଲାଉଥିଲା। ସମସ୍ତଙ୍କୁ କାମ–ଦାମ, ସ୍କୁଲ–କଲେଜରୁ ଛୁଟି ମିଳିଥିବା ସମୟରେ ନାରୀ ହିଁ କେବଳ ଛୁଟି ପାଉ ନ ଥିଲା। ଅଳ୍ପ ଅର୍ଥରେ ବହୁତ ଜଣଙ୍କୁ ବହୁତ ଦିନ ଲାଗି କେମିତି ଚଳାଇ ହେବ, ତା'ର ସୁପରିଚାଳନା ନାରୀ ହିଁ କରୁଥିଲା। ଆମେ ଦେଖିବା ଭିତରେ କରୋନା ଭଳି ଏକ ସଙ୍କଟାପନ୍ନ ସ୍ଥିତିରେ ନାରୀର ଭୂମିକା ଥିଲା ଅତୁଳନୀୟ।



ଆଜିକାଲି ଆଧୁନିକ ପିଲାମାନଙ୍କର ଅର୍ଥର ଆବଶ୍ୟକତା କିମ୍ବା ଚାହିଦାକୁ ଦୃଷ୍ଟିରେ ରଖି ଆର୍ଥିକ ନିୟନ୍ତ୍ରଣ ଦିଗରେ ଜଣେ ମା'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନଙ୍କୁ ପିଲାଦିନରୁ ଅର୍ଥର ମୂଲ୍ୟ ବୁଝାଇବା ଦାୟିତ୍ୱ ସର୍ବଦା ମା'ମାନଙ୍କର । ମୁଠାଏ ଅନ୍ନ, ନିର୍ମଳ ବାୟୁ, ସ୍ୱଚ୍ଛ ଜଳ ମାଗଣାରେ ମିଳି ନ ଥାଏ। ଆମକୁ ତାହା ଅର୍ଜନ କରିବାକୁ ପଡ଼େ। ଆମ ପାଖରେ ସବୁ କିଛି ସହଜରେ ଉପଲବ୍ଧ ହେଉଛି ବୋଲି ତାହା ନୁହେଁ ଯେ ଆମେ ସେସବୁ ନଷ୍ଟ କରିବା। ଏହି ଭଳି କଥା ସବୁ ଅର୍ନୈତିକେ ବୋଲି ପିଲାମାନଙ୍କ ମନରେ ରୋପଣ କରିବାର ଦାୟିତ୍ୱ ହେଲା ମା'ମାନଙ୍କର। ଧନ ଉପାର୍ଜନ କରିବାର କଷ୍ଟ, ଧନ ଖର୍ଚ୍ଚ କରିବାର ସୁଖଠାରୁ ବେଶି ବୋଲି ପିଲାମାନେ ପିଲାଦିନରୁ ଶିଖିଥିଲେ ଆଗକୁ ଯାଇ କ'ଣ ଆବଶ୍ୟକ , କ'ଣ ଆବଶ୍ୟକ ନୁହେଁ ବା କ'ଣ ନ ହେଲେ ମଧ୍ୟ ଚଳେଇନେଇ ହେବ, ତା'ର ଠିକ୍ ବିଚାର କରିପାରିବେ। ଇଂଲିଶରେ ଗୋଟିଏ ପ୍ରଚଳିତ ବାକ୍ୟ ଅଛି 'MY DAD IS AN ATM'। ବାପା ATM ହୁଅନ୍ତୁ କିମ୍ବା ATM କାର୍ଡ ହୁଅନ୍ତୁ, କିନ୍ତୁ ମୋ ମତରେ ସେଇ ସବୁ ATMର ପିନ୍ ମା' ପାଖରେ ରହିଲେ ପିଲାମାନଙ୍କର ଆର୍ଥିକ ନିୟନ୍ତ୍ରଣ ଠିକ୍ ଭାବେ କରିହେବ।

ଆର୍ଥିକ ସୁପରିଚାଳନାରେ ନାରୀର ଭୂମିକା ବିଷୟରେ ତର୍ଜମା କରି ଏତିକି ବାଟ ପହଞ୍ଚିବା ଭିତରେ ଅନେକ ଭାବୁଥିବେ ଯେ ଏବେକା ନାରୀ ଓ ସେବେକା ନାରୀ ଭିତରେ ବ୍ୟତିକ୍ରମ ଘଟି ସାରିଛି। ଆଜିକାଲି ନାରୀମାନେ କର୍ମଜୀବୀ ଓ ଆତ୍ମନିର୍ଭରଶୀଳ ହୋଇଗଲେଣି। ପରିବାରକୁ ବା ସମାଜକୁ ଚଳାଇବାର ପଦ୍ଧତି ଏବଂ ପ୍ରକ୍ରିୟାରେ ମଧ୍ୟ ପରିବର୍ତ୍ତନ ଆସିଗଲାଣି। ତାହା ସତ, କିନ୍ତୁ ଆଜି ବି ଟୁଥ୍ ପେଷ୍ଟ ସରିଯିବା ପରେ ତାକୁ ଚିପି–ଚିପି ଆଉ ଦୁଇଦିନ ଚଳାଇବା, ତେଲକୁ ବୋତଲରେ ପୂରାଇଲା ପରେ ଜରିକୁ ଓଲଟାଇ ତେଲ ନିଗାଡ଼ିବା, ସରି ଯାଇଥିବା ଶାମ୍ପୁ ବୋତଲରେ ପାଣି ପୂରାଇ ତାକୁ ବ୍ୟବହାର କରିବା, ରାନ୍ଧିଥିବା ଖାଦ୍ୟ ନ ଅଣ୍ଟିଲେ ପେଟ ଖରାପର ବାହାନା ଦେଖେଇ ନ ଖାଇବା, ଅନ୍ୟମାନଙ୍କୁ ମାଛ ଝୋଳର ମାଛ ପରଷି ଦେଇ ମୁଣ୍ଡ–ଲାଞ୍ଜ ଖାଇ ଚଳାଇନେବା ଭଳି ଛୋଟ ଛୋଟ ଖର୍ଚ୍ଚକାଟ କାମରେ ଆର୍ଥିକ ସୁପରିଚାଳନାରେ ନାରୀକୁ କେହି ପାରିବେ ନାହିଁ। ଜଣେ ନାରୀ ଗୃହିଣୀ ଭାବେ ଗୋଟେ ଘର ବା ପରିବାରର ଗୃହମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସହିତ ସମାନ। ଘରର ଏହି ତିନୋଟି ମନ୍ତ୍ରାଳୟ ନାରୀ ହାତରେ ରହିଲେ ପରିବାରର ବ୍ୟୟ ଉପରେ କର ଲାଗିଯାଏ, ଯାହାଫଳରେ ପରିବାରର ଆର୍ଥିକ ପରିଚାଳନା ସୁଚାରୁ ରୂପେ ହୋଇପାରେ। ଅର୍ଥ, ଅର୍ଥନୀତି ବା ଆର୍ଥିକ ବ୍ୟବସ୍ଥାଠାରୁ ନାରୀ ଅଲଗା ନାହିଁ କି କେହି ତାକୁ ଅଲଗା କରିପାରିବେ ନାହିଁ। ଏଥିରୁ ନାରୀ ଅଲଗା ହୋଇଗଲେ ଆର୍ଥିକ ବ୍ୟବସ୍ଥା ଭୁଶୁଡ଼ିବାର ସମ୍ଭାବନା ଅଧିକ।

ସାମାଜିକ ବିଜ୍ଞାନ ଗବେଷିକା
ମୋ: ୬୩୭୦୯୦୫୯୪୭

# ଲଭ୍...ଧୋକା



ଡ. କୁଳାଙ୍ଗାର

ଗାଁରୁ ସହର, ବଜାରରୁ ଶିକ୍ଷାନୁଷ୍ଠାନ ସବୁଆଡ଼େ ପ୍ରେମର ପ୍ରାବଲ୍ୟ ତ ଦେଖୁଛେ। ପ୍ରେମୀଯୁଗଳମାନେ ଯେତିକି ଉଚ୍ଛୃଙ୍ଖଳ ଆମେ ସେତିକି ସଂଯମ ଅବଲମ୍ବନ କରୁଛେ। ପ୍ରେମ ତ ବିଶ୍ୱାସର କଥା। ସେ ବିଶ୍ୱାସର ସଂଘର୍ଷରେ ଏବେ ମଣିଷ ନିଃଶ୍ୱାସ ନେବାପାଇଁ ସଂଘର୍ଷ କରୁଛି। ଦାଣ୍ଡ ଦରଜା ଖୋଲିଲେ ସାମ୍ନାରେ ପ୍ରେମୀଯୁଗଳ, ପଛ ଝରକା ଖୋଲିଲେ ପାଚେରି କଡ଼ରେ ପ୍ରେମୀଯୁଗଳଙ୍କୁ ଦେଖିବାକୁ ମିଳୁଛି। ପ୍ରେମାଳୁମାନଙ୍କଠାରେ ପ୍ରେମର ଗତି ଏବଂ ମାତ୍ରା ଏତେ ବୃଦ୍ଧି ପାଉଛି ଯେ ସେମାନେ ଆଉ ମିଛିମିଛିକା ହୃଦୟ ଦିଆନିଆ ନ ହୋଇ ପ୍ରେମିକମାନେ ସତରେ ପ୍ରେମିକାର ଛାତି ଚିରି ହୃଦୟକୁ ଛୁଉଁଥିବାର ଘଟଣାମାନ ଦେଖିବାକୁ ମିଳୁଛି।

ପ୍ରେମିକ ପ୍ରେମିକାକୁ ହାଣି ଖଣ୍ଡଖଣ୍ଡ କରୁଥିବାର, ପୁଣି ହାଡ଼ୁଡ଼ିରେ ତାକୁ ଖଣ୍ଡଖଣ୍ଡ କରୁଥିବାର ଖବର ପଢ଼ି ଅନେକେ ବିଚଳିତ ହେଲେ। ପ୍ରେମିକାଟି ପ୍ରତି ଦୟାଶୀଳ ହୋଇ ଲୋକେ ଆହା ଚୁ ଚୁ କଲେ। ଆଉ ହତ୍ୟାକାରୀ ପ୍ରେମିକକୁ ନୃଶଂସ, ରାକ୍ଷସ, ପିଶାଚ ଆଦି ଉପମା ଦେଲେ। ହେଲେ ଆମେ ତ ହେଲୁ ଜଣେ ସକାରାତ୍ମକ ଲୋକ! ତେଣୁ ପ୍ରେମିକ ଏମିତି କାହିଁକି କଲା ? ଉକ୍ତ ପ୍ରଶ୍ନ ଆମକୁ ଆନ୍ଦୋଳିତ କଲା। ଦେଖନ୍ତୁ, ପ୍ରେମିକାଟି ତ ସେଇ ଯାବତୀୟ ଖରାପ ପୁରୁଷଟିକୁ ହିଁ ଭଲ ପାଉଥିଲା। ମାଆବାପା ଏବଂ ଅନ୍ୟାନ୍ୟ ନିଜ ଲୋକମାନଙ୍କୁ ପର କରି ତାଆରି ସହିତ ଏକାଠି ରହିଥିଲା। ଅତଏବ ସିଏ ମନ, ତନ ନେବା ପରେ ପ୍ରାଣ ମଧ୍ୟ ନେଇଗଲା!

ଏଥି ସମ୍ପର୍କରେ ଅଧିକ ଗବେଷଣାରୁ ଜାଣିବାକୁ ମିଳିଛି କି ପ୍ରେମିକାମାନେ ଲିଭ୍ ଇନ୍‌ରେ ରହିବା ପରେ ସ୍ତ୍ରୀ ହେବା ପାଇଁ ପ୍ରୟାସ କରନ୍ତେ ବିଚରା ପ୍ରେମିକମାନେ ଆତଙ୍କିତ ହୋଇ ପଡ଼ିଥାଆନ୍ତି। ସେମାନେ ଭାବନ୍ତି ମୋର ତ ପ୍ରେମିକ ହେବାର ବୟସ ଯାଇନାହିଁ। ପ୍ରେମିକା ଏମିତି ଉତଲା ହୋଇ ପଡୁଛି କାହିଁକି? ତାଆଠି ଆଉ ପ୍ରେମ ସରିଗଲା କି? ସେଇ ପ୍ରେମ କାଇଁ କୋଉଠି ଅଛି ବୋଲି ପ୍ରେମିକାକୁ ଖଣ୍ଡ ଖଣ୍ଡ କରି ବୋଧ ହୁଏ ଖୋଜୁଛନ୍ତି! ତାହା ନ ମିଳିଲା ଫଳରେ ପ୍ରେମ ଅତି ସୂକ୍ଷ୍ମ ଭାବି ପ୍ରେମିକମାନେ ପ୍ରେମିକା ଶରୀରର କ୍ଷୁଦ୍ରାଂଶକୁ ପୁନଶ୍ଚ ଗୁଣ୍ଡକରି ପ୍ରେମର ସନ୍ଧାନ କରୁଛନ୍ତି। ଅତଏବ ପୁଲିସି ପ୍ରେମ ହତ୍ୟା ଓ ଖଣ୍ଡଖଣ୍ଡର ତଦନ୍ତ କାଳରେ କେବଳ ଗଣମାଧ୍ୟମର ଚାପରେ ପ୍ରଭାବିତ ନ ହୋଇ ଏ ସବୁ ଦିଗ ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ। ପ୍ରେମିକାକୁ ହତ୍ୟାକରିବା ପରେ ବହୁ କ୍ଷେତ୍ରରେ ହତ୍ୟାକାରୀ ପ୍ରେମିକ ମୃତଦେହକୁ ରେଫ୍ରିଜରେଟରରେ ରଖିବାର ଦେଖିବାକୁ ମିଳୁଛି। ଏଥିରେ ମଧ୍ୟ କେବଳ ପ୍ରମାଣକୁ ଲୁଚେଇବା ପାଇଁ ନଚେତ୍ ଗନ୍ଧରୁ ମୁକୁଳିବା ପାଇଁ ଏପରି କରିଥିଲା ବୋଲି ଆମକୁ କୁହାଯାଉଛି!

ସିଧାସଳଖ ହତ୍ୟା ନ କରି କେତେକ କ୍ଷେତ୍ରରେ ପ୍ରେମିକମାନେ ପ୍ରେମିକାକୁ ହତ୍ୟା କରିବାକୁ ପ୍ରବର୍ତ୍ତାଇ ସେଥିରେ ସଫଳ ହୋଇଥିବାର ଖବର ମଧ୍ୟ ଦେଖିବାକୁ ମିଳୁଛି। ଏହିପରି ମାମଲାରେ ସରଳ ବିଶ୍ୱାସୀ ପ୍ରେମିକମାନଙ୍କୁ ଅପରାଧୀ ଭାବରେ ବିବେଚନାକରି ଦଣ୍ଡିତ କରାଯାଉଛି।




ସିଏ କ'ଣ କ'ଣ ସବୁ ଚାଟିଂ କରିଥିଲେ, ଭିଡିଓ କଲ୍‌ରେ କ'ଣ କ'ଣ ସବୁ କହିଥିଲେ ତାହାର ପ୍ରଚାର ପ୍ରସାର ହୁଏ। କିନ୍ତୁ ପ୍ରେମିକାର ଚାଟିଂ ଓ ଭିଡିଓ କଲ୍‌ର ବିଷୟଗୁଡ଼ିକ ଉଭେଇଯାଏ।

ମୁଁ ତମକୁ ଜୀବନଠୁ ଅଧିକ ଭଲ ପାଉଛି ବୋଲି କହିବା ଓ ଲେଖିବା ତ ପ୍ରେମିକାମାନଙ୍କର ପୁରୁଣା ଡାଇଲଗ୍ ବା ସଂଳାପ। ବାସ୍ ,ଦେଖିବା ଜୀବନ ଦେଲୁ ବୋଲି ପ୍ରେମିକ ଯଦି ପଚାରିଦେଲା ତାକୁ ପୁଲିସି ବାନ୍ଧି ପକାଉଛି। ତୁ ତାକୁ ମରିବାକୁ ପ୍ରେରିତ କରିଛୁ ବୋଲି ନାନା ଦଫା ଲଗାଉଛି। ତମ ବିନା ମୁଁ ବଞ୍ଚିପାରିବି ନାହିଁ ବୋଲି ପ୍ରେମିକାମାନେ ବହୁ ସମୟରେ କହିଥାଆନ୍ତି। ଏହା ସତ କି ନାଇଁ ଜାଣିବା ପାଇଁ ପ୍ରେମିକ ଯଦି କିଛି ହାଁକିକରି କହିଦେଲା ଏବଂ ପରେ ନିଜର ମୋବାଇଲ ଫୋନ୍ ଅଫ୍ କରିବା ସହିତ ପ୍ରେମିକାକୁ ସାମାଜିକ ଗଣମାଧ୍ୟମରେ ବନ୍ଧୁ ତାଲିକାରୁ କାଟି ପକାଇଲା ତେବେ ପ୍ରେମିକା ବଞ୍ଚିବା ଛାଡ଼ିଦେଉଛି ଏବଂ ସେ ମାମଲାରେ ମଧ୍ୟ ପ୍ରେମିକକୁ ପୁଲିସି ବାନ୍ଧୁଛି।

ପ୍ରେମ ଦିନକୁ ଦିନ ଏହି ବହୁଦଳୀୟ ବ୍ୟାପାରରେ ପରିଣତ ହେଉଥିବାରୁ ପ୍ରେମର ସରକାର ବାରମ୍ବାର ଭୁଶୁଡ଼ି ପଡୁଛି ଏବଂ ଏପରି ବିଶ୍ୱାସଘାତ ଦେଖିବାକୁ ମିଳୁଛି। ଆଇ ଲଭ୍ ୟୁ ଅର୍ଥାତ୍ ମୁଁ ତୁମକୁ ଭଲପାଏ ସହିତ ମିସ୍ ୟୁ ବୋଲି ନିଜର ଷ୍ଟାଟସ୍ ମେସେଜରେ ଲେଖିଦେଲା ପରେ ସବୁ ପ୍ରେମିକ ଭାବୁଛନ୍ତି ଏଇଟା ନିଶ୍ଚୟ ମୋ ପାଇଁ ଲେଖିଚି। ଯଦି କିଏ ସେୟା ପଚାରେ, ପ୍ରେମିକା କିଛି ନ କହି ହସି ଦେଉଛି। ବାପା ମାଆ ଯଦି ଏମିତି କ'ଣ ଲେଖିଚୁ ବୋଲି ପଚାରୁଛନ୍ତି , ଏଇଟା ତମ ପାଇଁ ଲେଖିଚି ବୋଲି ଝିଅ ବୁଝାଇଦେଉଛି। ବହୁ ପ୍ରେମିକ ପ୍ରେମିକାର ପ୍ରତାରଣାରେ ଜର୍ଜରିତ ହୋଇ ଆତ୍ମହତ୍ୟା କରୁଛନ୍ତି। କେତେକ କ୍ଷେତ୍ରରେ ପ୍ରେମିକା, ଅନ୍ୟ ପ୍ରେମିକମାନଙ୍କ ସହାୟତାରେ ପ୍ରେମିକକୁ ହତ୍ୟା କରୁଛି। କିନ୍ତୁ ଲୋକଲଜ୍ଜା ଭୟରେ ଓ ଏକପାଖିଆ ସାମାଜିକ ଚିନ୍ତାଧାରାର ଚାପରେ ଏପରି ଘଟଣା ସବୁ କାଳଗର୍ଭରେ ହଜିଯାଉଛି।

ପ୍ରେମରୋଗ ଶବ୍ଦଟି ଆଗରୁ ଶୁଣିଲା ବେଳେ ଯେଉଁମାନେ ଚକିତ ହେଉଥିଲେ ଏବେ ସେମାନେ ବୁଝିପାରୁଛନ୍ତି କି ବିଜ୍ଞଜନେ ପ୍ରେମକୁ କାହିଁକି ରୋଗ ବୋଲି କହିଛନ୍ତି। ରୋଗର ଚିକିତ୍ସା ଆବଶ୍ୟକ ଏବଂ ହେଳା କଲେ ତାହା ପ୍ରାଣଘାତୀ ହୋଇପାରେ। ସେୟା ହିଁ ହେଉଛି। ପ୍ରେମରୋଗରେ ଆକ୍ରାନ୍ତ ବହୁ ମାନବ ଓ ମାନବୀଙ୍କର ମୃତ୍ୟୁ ହେଉଥିବାର ଖବର ମିଳୁଛି! ପ୍ରେମକରି କେବଳ ଝିଅମାନେ ଜୀବନ ହାରୁନାହାନ୍ତି, ବହୁ ପୁଅ ଓ ସେମାନଙ୍କର ପରିବାର ମଧ୍ୟ ତଳିତଳାନ୍ତ ହେଉଛନ୍ତି।

ପ୍ରେମ ବା ଲଭ୍‌ରେ ସବୁକିଛି ସମର୍ପିଦେଲା ପରେ ବିବାହ ପାଇଁ ଆଉ କିଛି ବଳକା ରହୁନି। ଅତଏବ ଲିଭ୍ ଇନ୍ ନାମକ ବ୍ୟବସ୍ଥାରେ ପ୍ରେମର ବ୍ୟାଟେରି ସରିଯାଉଛି। ତାହାକୁ ବଦଳେଇ ଦେବାପାଇଁ ପ୍ରେମିକ ପ୍ରୟାସ କରିବା ପରେ ଧୋକ୍କା ଶବ୍ଦର ଉଚ୍ଚାରଣ ପ୍ରତିଧ୍ୱନିତ ହେଉଛି।

ନରସିଂହପୁର, କଟକ
ମୋ: ୮୮୯୫୮୨୫୮୬୩

## ଏଇ ଭାରତରେ

ଦେଶର ବିଭିନ୍ନ ଅଞ୍ଚଳରେ ହୋଲି ପାଳନର ନିଆରା ପରମ୍ପରା ରହିଥିବାବେଳେ ଅନେକ ସ୍ଥାନରେ ଏହା ପାଳନ କରା ନ ଯିବାର ମଧ୍ୟ ଅଜବ ପ୍ରଥା ଓ ଅନ୍ଧବିଶ୍ୱାସ ରହିଆସିଛି। ଏଭଳି ଏକ ଗାଁ ହେଉଛି ବିହାରର ମୁଙ୍ଗେର ଜିଲା ଅସରଗଞ୍ଜ ବ୍ଲକର ସତୀସ୍ଥାନ ଗାଁ। ସଜୁଆ ପଞ୍ଚାୟତ ଅନ୍ତର୍ଗତ ଏହି ଗାଁର ନାମକରଣ ବି ସତୀଦାହ ପ୍ରଥାରୁ ହୋଇଛି ଓ ଏହି ପ୍ରଥାକୁ ନେଇ ଗାଁଲୋକେ ହୋଲି ପାଳନ କରିବାକୁ ଡରୁଛନ୍ତି। ଏଥିପାଇଁ ୧୫୫୦ ଜନସଂଖ୍ୟାବିଶିଷ୍ଟ ଉକ୍ତ ଗାଁରେ ଲୋକେ ହୋଲି ଆସିବା କ୍ଷଣି ସତର୍କ ହୋଇଯାଆନ୍ତି। ସେମାନେ ରଙ୍ଗ ଖେଳରୁ ଦୂରେଇ ରହନ୍ତି। ଏମିତିକି ଆଖପାଖ ଗାଁର ଲୋକେ ମଧ୍ୟ ସେହି ଗାଁର ଲୋକଙ୍କୁ ରଙ୍ଗ କରିବାକୁ ଆସନ୍ତି ନାହିଁ। ଏଭଳି ଅନ୍ଧବିଶ୍ୱାସ ପଛରେ ଏକ କାହାଣୀ ଅଛି। ସେହି ଗାଁରେ ପତି ପତ୍ନୀ ଦୁହେଁ ରହୁଥିଲେ। ହୋଲି ଦିନ ପତିଙ୍କ ମୃତ୍ୟୁପରେ ଲୋକେ ଶ୍ମଶାନକୁ ନେଉଥିବା ମୃତଦେହ ବାରମ୍ବାର କୋକେଇରୁ ତଳକୁ ଖସିପଡୁଥିଲା। ଘରେ ବନ୍ଦ ହୋଇଥିବା ପତ୍ନୀଙ୍କୁ ଖୋଲିଦେବା ପରେ ସେ ଶ୍ମଶାନକୁ ଗଲେ ଓ ସେଠାରେ ତାଙ୍କ ଲାଗି ଚିତା ପ୍ରସ୍ତୁତ କରାଗଲା। ତାଙ୍କ କନିଷ୍ଠ ଆଙ୍ଗୁଳିରୁ ଅଗ୍ନି ବାହାରି ଉଭୟ ଚିତା ଜଳିଗଲା। ଏହି ଘଟଣା ପରେ ସେହି ଗାଁରେ ସେହିଦିନଠାରୁ ଦୁଇଶତାବ୍ଦୀ ହେଲା ଲୋକେ ଆଉ ହୋଲି ପାଳନ କରୁନାହାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ମାର୍ଚ୍ଚ ୧୯୯୮

- ରୁଷିଆ ରାଷ୍ଟ୍ରପତି ବୋରିସ ୟେଲଟସିନ୍ ନିଜ କର୍ତ୍ତୃତ୍ୱାଧୀନ ଶକ୍ତିଶାଳୀ ନିରାପତ୍ତା ପରିଷଦକୁ ଭାଙ୍ଗିଦେଇ ଜାତୀୟ ନିରାପତ୍ତା ପରିଷଦରେ ମିଶାଇ ଦେଇଛନ୍ତି।
- ୧୧୩ କୋଟି ଟଙ୍କାର ୟୁରିଆ ଦୁର୍ନୀତି ମାମଲାରେ ଇଡି ପକ୍ଷରୁ ଜାରି ସମନକୁ ଫାଙ୍କିବା ଯୋଗୁ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ପୁତ୍ର ପି.ଭି. ପ୍ରଭାକର ରାଓଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି।
- ନନ୍ଦପ୍ରୟାଗ ନିକଟବର୍ତ୍ତୀ ମନ୍ଦାକିନୀ ନଦୀ ମଧ୍ୟକୁ ଏକ ଯାତ୍ରୀବାହୀ ବସ୍ ଖସିପଡ଼ିବା ଫଳରେ ୨୪ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ସଚେତନତା କମ୍, ଜରିମାନା ବେଶି

ମହାଶୟ,

ଉଭୟ ବାଇକ ଚାଳକ ଓ ଗାଡ଼ିରେ ବସିଥିବା ବ୍ୟକ୍ତି ହେଲମେଟ ପିନ୍ଧିବା ନିୟମ ସମ୍ପର୍କରେ କଟକରେ ସଚେତନତା ଅଭିଯାନ କରାଯାଇନାହିଁ କହିଲେ ଚଳେ। କିନ୍ତୁ ଏ ବାବଦରେ ଅଧିକ ଜରିମାନା ଆଦାୟ କରାଯାଉଛି। ମୋଟର ଭେହିକିଲ ଆଇନ ଅନୁଯାୟୀ ଗାଡ଼ି ଚାଳକ ଏବଂ ତାଙ୍କ ସହ ବସିଥିବା ବ୍ୟକ୍ତି ଉଭୟେ ହେଲମେଟ ପିନ୍ଧିବା ବାଧ୍ୟତାମୂଳକ । ଚାରି ବର୍ଷରୁ ଅଧିକ ପିଲାଙ୍କ କ୍ଷେତ୍ରରେ ହେଲମେଟ ପିନ୍ଧିବାକୁ ଏହି ନିୟମରେ କୁହାଯାଇଛି। ଏହା ପଳନ ନ କଲେ ୧ ହଜାର ଟଙ୍କା ଜରିମାନା ଏବଂ ୩ ମାସ ଲାଗି ଲାଇସେନ୍ସ ବାତିଲ କରାଯିବାର ପ୍ରାବଧାନ ଅଛି। ଟ୍ରାଫିକ ନିୟମ ଅନୁସାରେ କେଉଁଠି ଟ୍ରାଫିକ ପୋଲିସ ତ ଆଉ କେଉଁଠି ରାଜପଥରେ ଲାଗିଥିବା କ୍ୟାମେରାର ଫଟୋଚିତ୍ରକୁ ଆଧାର କରି ଚାଲାଣ କଟାଯାଉଛି। ଆଉ କେଉଁଠି ଏନ୍ଏଚ୍‌ରେ ଇଣ୍ଟରସେପ୍ଟର ଗାଡ଼ି ଦ୍ୱାରା କିମ୍ବା ଟୋଲ୍ ଗେଟ୍ କ୍ୟାମେରାରୁ ମଧ୍ୟ ଚାଲାଣ କଟାଯାଉଛି। ସାଧାରଣ ଗାଡ଼ି ଚାଳକଙ୍କ କହିବା ଅନୁଯାୟୀ, ନିୟମ ଲାଗୁ କରାଯିବା ପୂର୍ବରୁ ଲୋକଙ୍କୁ ଭଲ ଭାବେ ସଚେତନ କରାଯିବା କଥା। କିନ୍ତୁ କଟକ ସହରରେ ଡବଲ ହେଲମେଟ ନିୟମ ସମ୍ପର୍କରେ ସେଭଳି ସଚେତନ କରାଯାଇନାହିଁ। ବିନା ସଚେତନତାରେ ଚାଲାଣ କଟାଯାଉଥିବାରୁ ପ୍ରତିକ୍ରିୟା ସୃଷ୍ଟି ହେଉଛି।

–ତ୍ରିନାଥ ଓଝା, ଧବଳେଶ୍ୱର ଗଡ଼ା, କଟକ

## ଚିରନ୍ତନୀ

ଆକାଶ ଧରା ଅଭେଦ ସମ
ନୟନେପଥେ ଭାତିଲା ମମ
ସେ ଗୀତ ଆଜି ଦୂରତା ସବୁ
ନିମିଷେ ଦେଲା ନାଶି
ଶରତ–ଧଳା ବଉଦ ସମ ଚକିତେ ଗଲା ଭାସି।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନେ ନେ ନେ... ରଙ୍ଗ ଟିକେ ଦେଲି...



**ଭୁବନେଶ୍ୱର,୬।୩(ବ୍ୟୁରୋ)**

ନେ ନେ ନେ... ରଙ୍ଗ ଟିକେ ଦେଲି.., ୱାନ୍ସ ଇନ୍ ଇୟର ଏଗେନ୍ ଆନାଦର୍ ହୋଲି...। ବର୍ଷକ ପରେ ପୁଣି ଆସିଛି ରଙ୍ଗର ପର୍ବ ହୋଲି। ପରସ୍ପରକୁ ରଙ୍ଗ ବୋଳି ଦେହ, ମନ, ପରିବେଶକୁ ରଙ୍ଗିନ କରିବା ପାଇଁ ଆସିଛି ମଉକା। ସମସ୍ତେ ପରସ୍ପରକୁ ରଙ୍ଗ ବୋଳି ଅଭିନନ୍ଦନ ଜଣାଇବା ସହ ମନରୁ ରାଗରୁଷା ଦୂର କରିଥାନ୍ତି। ସାଙ୍ଗସାଥୀ, ଚିହ୍ନା ଅଚିହ୍ନା କାହାକୁ ବାରଣ ନାହିଁ। ସେଥିପାଇଁ ତ କଥାରେ ଅଛି 'ବୁରା ନା ମାନୋ ହୋଲି ହୈ'। ଓଡ଼ିଆଙ୍କ ଅନ୍ୟତମ ପ୍ରମୁଖ ଗଣପର୍ବ ହେଉଛି ହୋଲି। ଏଥିପାଇଁ ଦୋଳପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଯାଏ ପ୍ରସ୍ତୁତି। ଗାଁଠାରୁ ସହର ସବୁଠି ରଙ୍ଗମୟ ହୋଇଉଠେ ପରିବେଶ। ଏହି କ୍ରମରେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ହୋଲିକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ସହରସାରା ଫଗୁ ରଙ୍ଗ, ପିଚକାରି, ମୁଖା, ରଙ୍ଗ ବେଲୁନ ଆଦିର ପସରା ମେଲିଛି। ଦୋଳ ପୂର୍ଣ୍ଣିମାର ପାରମ୍ପରିକ ଭୋଗ ଚଣା, ସାକର ଲୋକମାନେ କିଣି ନେଉଛନ୍ତି। ବିଭିନ୍ନ ଗ୍ରାମ୍ୟ କମିଟି ପକ୍ଷରୁ ଦୋଳମେଳଣ ଆୟୋଜନ ହେଉଥିବାବେଳେ ଫଗୁ ଖେଳରେ ପରିବେଶ ରଙ୍ଗିନ ହେବାରେ ଲାଗିଛି। ଦୋଳ ଓ ହୋଲି ୨ଦିନ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ କାର୍ଯ୍ୟାଳୟ ଛୁଟି ରହୁଥିବାରୁ ହୋଲି ପର୍ବର ଦିନକ ପୂର୍ବରୁ ରଙ୍ଗ ଖେଳରେ ଯୁବପିଢ଼ି ମସଗୁଲ। ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସାମୂହିକ ରଙ୍ଗ ଖେଳର ଆୟୋଜନ କରାଯାଇଛି। ସମସ୍ତେ ପରସ୍ପରକୁ ହୋଲିର ଶୁଭେଚ୍ଛା ଜଣାଉଛନ୍ତି।

## ଓଡ଼ିଶାରେ ହୋଲି ପାଳିବେ ତେଜସ୍ୱୀ

ହୋଲି ସେଲିବ୍ରେସନ ପାଇଁ ବିଗ୍ ବସ୍- ୧୫ ବିଜେତା ତେଜସ୍ୱୀ ପ୍ରକାଶ ସୋମବାର ଓଡ଼ିଶାରେ ପହଞ୍ଚିଛନ୍ତି। ପୁରୀ କୋଣାର୍କ ମେରାଇନ ଡ୍ରାଇଭରେ ଥିବା ବାଇକ ସ୍ପ୍ଲାସ ୱାଟର ପାର୍କରେ ଆୟୋଜିତ ହେବାକୁ ଥିବା ହୋଲି ସେଲିବ୍ରେଶନ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ଏହି କାର୍ଯ୍ୟକ୍ରମ ୨ଦିନ ଧରି ଚାଲିବ। ତେଜସ୍ୱୀଙ୍କ ବ୍ୟତୀତ ଏଲ୍ଏସ୍ଡି ଗର୍ଲସ ବ୍ୟାଣ୍ଡ ଅନ୍ୟତମ ଆକର୍ଷଣ ରହିବ। ସେହିପରି ଓଲିଉଡ୍ କଳାକାର ପ୍ରିୟା ଚୌଧୁରୀ, ସୁପ୍ରିୟା ନାୟକ, ସସ୍ମିତା ପଣ୍ଡା, ମନସ୍ୱିନୀ, କୁକିଜ୍, ଗୁଡ୍ଡୁ, ଅଭିଜିତ୍ ଦାଶ ଓ ଅନ୍ୟମାନେ ମଧ୍ୟ ସାମିଲ ହେବେ। 'ଗ୍ଲାମର୍ ୭୭'ର ସଞ୍ଜୟ ମହାକୁଡ୍, ହେଲ୍ପ ହ୍ୟାଣ୍ଡସ୍ ଫାଉଣ୍ଡେଶନର ରୁଦ୍ର ନାରାୟଣ ବେହେରା ଓ ମିଡିଆ ପ୍ଲାନର୍‌ର ପ୍ରଣୟ ଜେଠୀ ଏହି କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି।

# ହର୍ବାଲ ହୋଲି ପାଇଁ ସଚେତନତା

ହୋଲି ପର୍ବ ଅବସରରେ କାଁ ଭାଁ ଦୋକାନରେ ପ୍ରାକୃତିକ ରଙ୍ଗ ବିକ୍ରି ହେଉଥିବାବେଳେ ବହୁଳ ମାତ୍ରାରେ ରାସାୟନିକ ରଙ୍ଗ ବିକ୍ରି ହେଉଛି। ଏହି ରାସାୟନିକ ରଙ୍ଗ କର୍କଟ ପରି ରୋଗ ସୃଷ୍ଟି କରିଥାଏ। ତେଣୁ ଏହି ରଙ୍ଗ ବ୍ୟବହାର ନ କରିବା ସହ ଲୋକଙ୍କୁ ସଚେତନ କରିବାକୁ ଅନୁଷ୍ଠାନ ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହର୍ବାଲ ହୋଲି ଖେଳିବା, ଜଙ୍ଗଲରୁ ନିଆଁ ଲିଭାଇବା ଓ ପଶୁପକ୍ଷୀମାନଙ୍କ ପାଇଁ ପାଣିପାତ୍ର ରଖିବା ବାର୍ତ୍ତା ନେଇ ସ୍ଥାନୀୟ ଏକ ହୋଟେଲରେ ସଭା ହେବାପରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରି ଅନୁଷ୍ଠାନର କମାଣ୍ଡାଣ୍ଟ ଇନ୍ ଚିଫ ଡ. ଦିଲୀପ ଶ୍ରୀଚନ୍ଦନ ରାସାୟନିକ ରଙ୍ଗ ପରିବର୍ତ୍ତେ ହଳଦୀ, ଚନ୍ଦନ, ନିମ୍ବ ଆଦି ଚୂର୍ଣ୍ଣକୁ ନେଇ ହୋଲି ଖେଳିବାକୁ ନିବେଦନ କରିଥିଲେ। ଏହା ଆମ ଶରୀର ପାଇଁ ଉପଯୋଗୀ ହେବା ସହିତ ସଂସ୍କୃତି ସହିତ ଜଡିତ ହୋଇ ପାରିବ ବୋଲି ସେ କହିଥିଲେ। ଶୋଭାଯାତ୍ରାରେ ସ୍ୱେଚ୍ଛାସେବୀମାନେ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିବା ସହ ପଶୁପକ୍ଷୀ ଓ ଜଙ୍ଗଲ ସୁରକ୍ଷା ପାଇଁ ସଭା ତଥା ଶୋଭାଯାତ୍ରାରେ ଆହ୍ୱାନ ଦେଇଥିଲେ। ଅନ୍ୟପଟେ ସାମାଜିକକର୍ମୀ ସୁଶାନ୍ତ କୁମାର ସାହୁ ମଧ୍ୟ ହର୍ବାଲ ହୋଲି ଖେଳିବାକୁ ପରାମର୍ଶ ଦେଇଥିଲେ। ଅତୀତରେ ହୋଲିରେ ଫଗୁ ବ୍ୟବହାର ହେଉଥିଲା, ଯାହା ମଣିଷ ଶରୀର ପାଇଁ ଏକ ଔଷଧ ଥିଲା। ଏହା ପ୍ରତିଷେଧକ ଓ ପ୍ରତିରୋଧକ ରୂପେ କାର୍ଯ୍ୟ କରୁଥିଲା। ମାତ୍ର କପର ସଲ୍‌ଫେଟ୍‌ରୁ ପ୍ରସ୍ତୁତ ହେଉଥିବା ସବୁଜ ରଙ୍ଗ ଶରୀର ସଂସ୍ପର୍ଶରେ ଆସିଲେ ଦୃଷ୍ଟିଶକ୍ତି କ୍ଷୀଣ କରିଦେଇଥାଏ ବୋଲି ସେ କହିଛନ୍ତି। ସେହିପରି ଆଲୁମିନିୟମ୍ ବ୍ରୋମାଇଡ୍, ମରକ୍ୟୁରି ସଲ୍‌ଫାଇଟ୍‌ର, ଲିଡ୍ ଅକ୍‌ସାଇଡ୍‌ରୁ ପ୍ରସ୍ତୁତ ବହୁ ରଙ୍ଗ ବିଭିନ୍ନ ମାରାତ୍ମକ ରୋଗର କାରଣ ହୋଇଥାଏ। ତେଣୁ ଏହାକୁ ପ୍ରଶାସନ ବ୍ୟାନ୍ କରିବା ଉଚିତ ବୋଲି ସୁଶାନ୍ତ ଦାବି କରିଛନ୍ତି।



ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ ଆର୍ମି ପକ୍ଷରୁ ହୋଲି ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ପଦ୍ମନାଭ ଛୋଟରାୟଙ୍କ ଜୟନ୍ତୀ, ବଡ଼ଗଡ଼ ଗ୍ରାମସ୍ଥିତ ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କର୍ମବୀର ଗୌରୀଶଙ୍କର ରାୟଙ୍କ ଶ୍ରାଦ୍ଧୋତ୍ସବ, ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୮ଟା ୩୦।
- ମାସିକ ଗଳ୍ପ ପତ୍ରିକା କଥା କଳିକାର ୮ମ ବାର୍ଷିକ ପୂର୍ତ୍ତି ଅବସରରେ ପୁରସ୍କାର ଓ ସମ୍ବର୍ଦ୍ଧନା ସମାରୋହ, କେଶରୀ ହୋଟେଲ ସଭାଗୃହ, ପୂର୍ବାହ୍ନ ୧୦ଟା।
- ମାନବାଧିକାର ମଞ୍ଚ, ଭୁବନେଶ୍ୱର ଆନୁକୂଲ୍ୟରେ ଆନ୍ତର୍ଜାତୀକ ମହିଳା ଦିବସ, ରୋଟାରୀ ଭବନ, ୟୁନିଟ୍-୯, ପୂର୍ବାହ୍ନ ୧୦ଟା ୩୦।
- ଆଜିର ସୃଜନୀ ଫୋରମ୍ ପକ୍ଷରୁ ଆନ୍ତର୍ଜାତୀକ ମହିଳା ଦିବସ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୧ଟା।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ସ୍ୱପ୍ନାପତି ଫାଉଣ୍ଡେଶନର ହର୍ବାଲ ହୋଲିର ୧୨ତମ ଏଡିଶନ, ହୋଟେଲ କଳିଙ୍ଗ ଅଶୋକା, ଅପରାହ୍ନ ୫ଟା।
- ବିଦ୍ୟାଧର ବାରିକ ମେମୋରିଆଲ ଟ୍ରଷ୍ଟ ଓ ମୋନାଲିସା କ୍ରିଏଶନ ପକ୍ଷରୁ ଆନ୍ତର୍ଜାତୀକ ମହିଳା ଦିବସ, ରୋଟାରୀ ଭବନ, ସନ୍ଧ୍ୟା ୬ଟା।

**କଟକ**

- ଧ୍ରୁବତାରା ପକ୍ଷରୁ ହୋଲି ମହୋତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସକାଳ ୯ଟା ୩୦।
- ଅରୁଣୋଦୟ ନଗର ନାଗରିକ ପରିଷଦ ପକ୍ଷରୁ ବସନ୍ତୋତ୍ସବ, ପରିଷଦ ସଭାଗୃହ, ସନ୍ଧ୍ୟା ୬ଟା।

**ପୁରୀ**

- ଶ୍ରୀଚୈତନ୍ୟଙ୍କ ଜୟନ୍ତୀ ଅବସରରେ ଶ୍ରୀ ବିଗ୍ରହ ପୂଜା, ଚୈତନ୍ୟ ଛକ, ପୂର୍ବାହ୍ନ ୧୦ଟା।
- ମହସୋମ ଯାଗ ଅନୁଷ୍ଠାନ ପକ୍ଷରୁ ମହାଯଜ୍ଞ, ଶରଧାବାଲି ପରିସର, ପୂର୍ବାହ୍ନ ୧୦ଟା।
- ଶ୍ରୀମନ୍ଦିର ରେ ଦୋଳ ଉତ୍ସବ, ଦୋଳବେଦୀ ପରିସର, ପୂର୍ବାହ୍ନ ୧୧ଟା।
- ଦି ବେଲ ପକ୍ଷରୁ ହୋଲି ଉତ୍ସବ, ୟୁଥ ହଷ୍ଟେଲ, ଅପରାହ୍ନ ୪ଟା।
- ଦୋଳପୂର୍ଣ୍ଣିମା ଅବସରରେ ସୁନ୍ଦରା କାଣ୍ଡ ପାଠ, ୱାଟର ୱର୍କ୍ସ ରୋଡ, ଡିଏଭି ଲେନ୍, ସନ୍ଧ୍ୟା ୬ଟା।
- ଉତ୍କଳ ବିଦ୍ୱତ ପରିଷଦ ପକ୍ଷରୁ ଭଜନ ସମାରୋହ, ଦୋଳବେଦୀ କୋଣ ସତ୍ୟନାରାୟଣ ମନ୍ଦିର ପରିସର, ସନ୍ଧ୍ୟା ୭ଟା।

# ୧୦ ମହିଳାଙ୍କୁ 'ଏମ୍‌ପାୱାର ଅଫ୍ ୱିମେନ' ସମ୍ମାନ


ଦିଶା ପକ୍ଷରୁ ସମ୍ମାନିତ ହୋଇଥିବା ମହିଳାଙ୍କ ସହ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଓ ଅନ୍ୟମାନେ।

**ଭୁବନେଶ୍ୱର, ୬।୩(ବ୍ୟୁରୋ)**

ଦିଶା ଓଡ଼ିଶା ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ଏଲ୍ଆଇସି ଛକସ୍ଥିତ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସୋମବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୧୦ଜଣ ମହିଳାଙ୍କୁ 'ଏମ୍‌ପାୱାର ଅଫ୍ ୱିମେନ୍-୨୦୨୩' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ଚଳଚ୍ଚିତ୍ର ଅଭିନେତା ସୂର୍ଯ୍ୟକାନ୍ତ ସାମଲ, ନିରଞ୍ଜନ ଆଚାର୍ଯ୍ୟ, ସାମାଜିକ କର୍ମୀ ମାନସ ବସ୍ତିଆ, ସୁବ୍ରତ ସାହୁ ଯୋଗଦେଇଥିଲେ। ଦିଶା ଅଧକ୍ଷା ଡା. ବନ୍ଦନା ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭାମାନେ ହେଲେ ସେବିକା ପ୍ରତିମା ସାମନ୍ତରାୟ, ସାମ୍ବାଦିକା ସୁମିତ୍ରା ସାହୁ, ଗ୍ରୁପ୍ ଉଦ୍ୟୋଗୀ ନର୍ମଦା ସିଂହ ଓ ସ୍ୱାଗତିକା ରାଓ, ସମାଜସେବୀ ଡେଜି ଶତପଥୀ, ଶବର ରାଣୀ ମଧୁସ୍ମିତା ପୃଷ୍ଟି, ପୂର୍ଣ୍ଣ୍ୟତୋୟା ମହାପାତ୍ର, ପୁଷ୍ପାଞ୍ଜଳି ସାହୁ, ପ୍ରଭାତି ସାହୁ ଓ ଅମ୍ରିତା ରାଉତରାୟ।

# ଅନୁସୂଚିତ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ କରିବାକୁ ପରାମର୍ଶ

**ରାଜ୍ୟ ସରକାର ଓ ଜାତୀୟ ଏସ୍‌ଟି କମିଶନଙ୍କ ସମୀକ୍ଷା ବୈଠକ**

- ଡିଏମ୍ଏଫ୍ ପାଣ୍ଠିର ହିସାବ ମାଗିଲେ ଜାତୀୟ କମିଶନ
- ପ୍ରତି ଜିଲାରେ ହେବ ସମୀକ୍ଷା ବୈଠକ



ଖବରଦାତା ସମ୍ମିଳନୀରେ ଜାତୀୟ ଏସ୍‌ଟି କମିଶନ ହର୍ଷ ଚୌହାନ ବୈଠକରେ ହୋଇଥିବା ଆଲୋଚନା ନେଇ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୬।୩ (ବ୍ୟୁରୋ)**

ଓଡ଼ିଶାରେ ଅନୁସୂଚିତ ଜନଜାତିଙ୍କ ଅଧିକାର, ସୁରକ୍ଷା ଓ କଲ୍ୟାଣ ଦିଗରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି। ସେହିପରି ରାଜ୍ୟରେ ୨୩ ପ୍ରତିଶତ ଜନଜାତି ଥିବାବେଳେ ସେମାନଙ୍କ ବିକାଶ, ସୁରକ୍ଷା ପାଇଁ ସ୍ୱତନ୍ତ୍ର ବିଭାଗ ନାହିଁ। ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଗୋଟିଏ ବିଭାଗ ରହିଛି। ଏହାଦ୍ୱାରା ଜନଜାତିଙ୍କ ବିକାଶ ପାଇଁ ବିଶେଷ ଧ୍ୟାନ ଦିଆଯାଇ ପାରୁନାହିଁ ବୋଲି ଜାତୀୟ ଅନୁସୂଚିତ ଜନଜାତି (ଏସଟି) କମିଶନ ହର୍ଷ ଚୌହାନ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିସହ ଡିଏମ୍ଏଫ୍ ପାଣ୍ଠି ଖର୍ଚ୍ଚ, ପେସା ନିୟମ ପ୍ରଣୟନ, ଆଦିବାସୀଙ୍କୁ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ କରାଯିବା ଏବଂ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ନୂତନ ବିଭାଗ ଗଠନ କରିବା ଆଦି ସମ୍ପର୍କରେ ଏକମାସ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ କମିଶନ ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଏସଟି କମିଶନ ଅଧକ୍ଷଙ୍କ ନେତୃତ୍ୱରେ କମିଶନଙ୍କ ପ୍ରତିନିଧି ଦଳ ଓ ରାଜ୍ୟ ସରକାରଙ୍କ ସହ ଲୋକସେବା ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜନଜାତିଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି, ପୁନଃଥଇଥାନ ଓ ମୌଳିକ ସୁବିଧା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କମିଶନ ସଦସ୍ୟ ଅନନ୍ତ ନାୟକ, ସଚିବ ଅଲକା ତିୱାରୀ ପ୍ରମୁଖଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବ ରୂପାରୋଶନ ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏଥିରେ ରାଜ୍ୟରେ ଆଦିବାସୀଙ୍କ ସାମାଜିକ ଓ ଅର୍ଥନୀତିକ ବିକାଶ, ସେମାନଙ୍କର ସାମ୍ବିଧାନିକ ଅଧିକାର ଓ ସୁରକ୍ଷା ଆଦିର ସମୀକ୍ଷା କରାଯାଇଥିଲା। ପରେ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଶନ ଅଧକ୍ଷ ଚୌହାନ ଉପସ୍ଥିତ ରହି ବୈଠକରେ ହୋଇଥିବା ଏହି ଆଲୋଚନା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଆଦିବାସୀଙ୍କ ପାଇଁ ବିଭିନ୍ନ ସ୍କିମରେ ଆସୁଥିବା ଅର୍ଥର ସୁବିନିଯୋଗ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ବିଭିନ୍ନ ପ୍ରକଳ୍ପ ପାଇଁ ଆଦିବାସୀଙ୍କୁ ବିସ୍ଥାପିତ କରାଯାଇଥିଲେ ହେଁ ସେମାନଙ୍କୁ ଦୀର୍ଘଦିନ ଧରି ଥଇଥାନ କରା ନ ଯିବା, ଆଦିବାସୀବହୁଳ ଅଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ନ ଥିବା ଓ ଆବାସିକ ସ୍କୁଲଗୁଡିକରେ ଦୟନୀୟ ପରିସ୍ଥିତିରେ ରହୁଥିବା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ଚାକିରି କ୍ଷେତ୍ରରେ ବହୁ ସୁଯୋଗ ରହିଥିଲେ ବି ଜନଜାତିଙ୍କ ପାଇଁ ପଦବୀ ରହୁ ନ ଥିବାରୁ କମିଶନ ଅଧକ୍ଷ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ନିୟମିତ ଭାବେ ଟ୍ରାଇବାଲ ଆଡ୍‌ଭାଇଜରି କାଉନ୍‌ସିଲ ବୈଠକ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗକୁ ପ୍ରତି ଜିଲାରେ ଆୟୋଗ ସମୀକ୍ଷା ବୈଠକ କରାଯିବ ବୋଲି ଅଧକ୍ଷ ଚୌହାନ ସୂଚନା ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଦିବ୍ୟଶ୍ରୀ


@ ପିଣ୍ଟୁ


@ ମହମ୍ମଦ


@ ଭକ୍ତବତ୍ସଳ


@ ପ୍ରୀତିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# 'ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ' ପୁସ୍ତକ ଉନ୍ମୋଚିତ


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୬।୩ (ବ୍ୟୁରୋ)**

ଆଚାର୍ଯ୍ୟ ଜଗଦୀଶ ବୋଷଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ସମ୍ପାଦିତ ଓଡ଼ିଆ ପୁସ୍ତକ 'ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ' ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍‌ଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପୁସ୍ତକଟି ଉତ୍କଳିକା ଦ୍ୱାରା ପ୍ରକାଶିତ ହୋଇଛି। ରାଜଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗଦୀଶ ଚନ୍ଦ୍ରଙ୍କ ସମ୍ପର୍କରେ ରବୀନ୍ଦ୍ରନାଥ ଟାଗୋର ଲେଖିଥିବା କବିତାକୁ ରାଜ୍ୟପାଳ ପଢ଼ିଥିଲେ। ଏଥିସହ ବିଜ୍ଞାନ ଭାରତୀର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଏବେ ଛୋଟ ପିଲାଙ୍କ ପାଇଁ ବିଜ୍ଞାନ ସାହିତ୍ୟର ଆବଶ୍ୟକତା ରହିଥିବାବେଳେ ବିଜ୍ଞାନ ଭାରତୀ ଏହି ଆବଶ୍ୟକତା ପୂରଣ ଦିଗରେ ପ୍ରୟାସ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ପୁସ୍ତକର ସମ୍ପାଦକ ହରିହର ମିଶ୍ର, ଜ୍ୟୋତିରଞ୍ଜନ ଜେନା ଓ ବିଜ୍ଞାନ ଭାରତୀ (ଓଡ଼ିଶା)ର ପ୍ରତିଷ୍ଠାତା ସଦସ ଓ ପୁସ୍ତକର ଅନ୍ୟତମ ଅନୁବାଦକ ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**'ଦି କଲିଜିଏଟ୍ - ଏ ରୋଲ ମଡେଲ' ବୃତ୍ତଚିତ୍ର ଲୋକାର୍ପିତ**

କଟକ ଅଫିସ: 'ଦି କଲିଜିଏଟ୍ - ଏ ରୋଲ ମଡେଲ' ଜାତୀୟ ସ୍ତରୀୟ ବୃତ୍ତଚିତ୍ର ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ସୋମବାର ଲୋକାର୍ପିତ ହୋଇଯାଇଛି। ଏହି ବୃତ୍ତଚିତ୍ରଟିରେ ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ସମୟର ଯଶସ୍ୱୀ ପ୍ରାତଃ ସ୍ମରଣୀୟ ବ୍ୟକ୍ତିଗଣ ଯଥା - କର୍ମବୀର ଗୌରୀଶଙ୍କର, କୂଳବୃଦ୍ଧ ମଧୁସୂଦନ ଦାସ, ବୀରପୁତ୍ର ସୁଭାଷ ବୋଷ, ଓଡ଼ିଶାର ପ୍ରିୟ ବାବୁଜୀ ରାଧାନାଥ ରଥ, ପଦ୍ମବିଭୂଷଣ ବିଜ୍ଞାନୀ ପ୍ରାଣକୃଷ୍ଣ ପରିଜା, ସଂଗ୍ରାମୀ ବ୍ରଜସୁନ୍ଦର ଦାସ, କଳିଙ୍ଗବୀର ଭୂମିପୁତ୍ର ବିଜୁ ପଟ୍ଟନାୟକ, ପଦ୍ମଶ୍ରୀ ରଜତ କର ପ୍ରମୁଖ ଏଥିରେ ସ୍ଥାନ ପାଇଛନ୍ତି। ବୃତ୍ତଚିତ୍ରଟିକୁ ସୁପ୍ରିମକୋର୍ଟର ଆଇନଜୀବୀ ମିଲନ ଦାଶ ପ୍ରଯୋଜନା ଓ ନିର୍ଦ୍ଦେଶନା ଦେଇଛନ୍ତି। ପୂର୍ବରୁ ଦିବ୍ୟାଙ୍ଗମାନଙ୍କ ଉପରେ ନିର୍ମିତ ସମ୍ପୂର୍ଣ୍ଣ ଚଳଚ୍ଚିତ୍ର 'ସପନଟିଏ' ପ୍ରଦର୍ଶିତ ହୋଇଥିଲା।

# ୭୬ ପିଲାଙ୍କୁ ଜଣେ ଶିକ୍ଷକ

- ୫ ଶ୍ରେଣୀକୁ ଗୋଟିଏ ଗୃହ
- ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦେଉନାହାନ୍ତି ଅଧିକାରୀ




ଚୌଦ୍ୱାର,୬।୩(ଡି.ଏନ୍.ଏ.): ପ୍ରାଥମିକ ଶିକ୍ଷାକୁ ବାଧ୍ୟତାମୂଳକ କରିବା ସହିତ ଏହା ଏକ ମୌଳିକ ଆବଶ୍ୟକତା ଭାବେ ଗ୍ରହଣ କରି ସରକାର ଏ ଦିଗରେ ବହୁ ଯୋଜନା କରିଛନ୍ତି। ଏପରି କି ପ୍ରାଥମିକ ଶିକ୍ଷାର ଭିତ୍ତିଭୂମି ବିକାଶରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ତାହା ବହୁ ପ୍ରାଥମିକ ବିଦ୍ୟାଳୟରେ ଫଳପ୍ରଦ ହୋଇପାରୁ ନ ଥିବା ଦେଖିବାକୁ ମିଳୁଛି। ବିଶେଷକରି କଟକ ଜିଲା ଚୌଦ୍ୱାରରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ଶିକ୍ଷା ବ୍ୟବସ୍ଥା। ଚୌଦ୍ୱାର ପୌରପାଳିକା ୧୩ ନମ୍ବର ୱାର୍ଡ ପାଇକରାପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସାଙ୍ଗକୁ ଶ୍ରେଣୀଗୃହର ଅଭାବ ରହିଛି। ଗୋଟିଏ କୋଠରିରେ ଚାଲିଛି ୫ଟି ଶ୍ରେଣୀର ପାଠପଢ଼ା। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି।

ଦେଶ ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୯୩୪ ମସିହାରେ ଏହି ବିଦ୍ୟାଳୟଟି ସ୍ଥାପିତ ହୋଇଥିଲା। ଏବେ ଏଠାରେ ମୋଟ ୭୬ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ପଢ଼ାଇବା ପାଇଁ ନିୟୋଜିତ ହୋଇଛନ୍ତି କେବଳ ଜଣେ ଶିକ୍ଷକ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ଅଛି ମାତ୍ର ଗୋଟିଏ ଶ୍ରେଣୀଗୃହ। ପ୍ରଥମରୁ ୩ୟ ଶ୍ରେଣୀର ପିଲା ଗୋଟିଏ ଶ୍ରେଣୀଗୃହରେ ପଢୁଛନ୍ତି। ଜଣେ ଶିକ୍ଷକ ଗୋଟିଏ କ୍ଲାସ୍ କରୁଥିବା ବେଳେ ଅନ୍ୟ ୪ଟି ଶ୍ରେଣୀର ପିଲାମାନେ ବସି ରହୁଛନ୍ତି। ଶ୍ରେଣୀଗୃହ ନ ଥିବାରୁ ୪ର୍ଥ ଓ ୫ମ ଶ୍ରେଣୀର ପିଲାମାନେ ବାରଣ୍ଡାରେ ବସୁଛନ୍ତି। ୫ଟି ଶ୍ରେଣୀ ପାଇଁ ଜଣେମାତ୍ର ଶିକ୍ଷକ କାର୍ଯ୍ୟ କରୁଥିବାରୁ ୫-ଟିରେ ଅନ୍ତର୍ଭୁକ୍ତ ସରକାରଙ୍କ ଶିକ୍ଷା ଯୋଜନା ଏଠାରେ ଦିଗହରା ହୋଇପଡ଼ିଥିବା ଅଭିଭାବକ କହିଛନ୍ତି। ପିଲାମାନଙ୍କୁ ଶିକ୍ଷାଦାନ ନିମନ୍ତେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମାଗଣାରେ ମଧ୍ୟାହ୍ନଭୋଜନ, ପାଠ୍ୟପୁସ୍ତକ, ସାଇକେଲ, ପୋଷାକ ଓ ଛାତ୍ରବୃତ୍ତି ଦିଆଯାଉଛି। ମାତ୍ର ଏହି ବିଦ୍ୟାଳୟରେ ଶିକ୍ଷକ ଓ ଶ୍ରେଣୀଗୃହ ଅଭାବ ପାଇଁ ଶିକ୍ଷାଦାନରୁ ବଞ୍ଚିତ ଛାତ୍ରୀଛାତ୍ର ଘରୋଇ ବିଦ୍ୟାଳୟକୁ ଯିବା ପାଇଁ ଜିଦ୍ କରୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ଶ୍ରେଣୀଗୃହ ନ ଥିବାବେଳେ ପାଚେରି ଭାଙ୍ଗିଗଲାଣି। ବିଦ୍ୟାଳୟରେ ଆହୁରି ୩ ଶିକ୍ଷକଙ୍କ ଅଭାବ ଥିବାବେଳେ ଶ୍ରେଣୀଗୃହଠାରୁ ଆରମ୍ଭ କରି ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ରହିଛି। ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପ୍ରାଥମିକତା ହୋଇପଡିଥିବା ନେଇ ସ୍କୁଲ ଓ ଅଭିଭାବକମାନଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ପ୍ରଧାନ ଶିକ୍ଷକ ଚକ୍ରଧର କବାଟ କହିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ସରୋଜିନୀ ସାହୁଙ୍କୁ ପଚାରିବାରେ କେଉଁଠି ଘର ନାହିଁ ତ ଆଉ କେଉଁଠି ଶିକ୍ଷକ ନାହାନ୍ତି। ଯାହାଦ୍ୱାରା ବର୍ଷ ଶେଷ ହୋଇଯାଉଛି ହେଲେ ସରିପାରୁନି ପାଠପଢ଼ା। ବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି କହିଛନ୍ତି। କେବଳ ଚୌଦ୍ୱାର ପୌରପାଳିକା ନୁହେଁ, ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ମୋଟ୍ ୨୩୬ଟି ବିଦ୍ୟାଳୟ ଥିବାବେଳେ ୪୦ଟି ଉଚ୍ଚ ବିଦ୍ୟାଳୟ, ୬୮ଟି ଉଚ୍ଚ ପ୍ରାଥମିକ ଓ ୧୨୮ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ସବୁଠି କିଛିନା କିଛି ସମସ୍ୟା ରହିଛି ବୋଲି ସେ ପ୍ରକାଶ କରିଥିଲେ।

## ପୋଖରୀରେ ବୁଡ଼ି ଜଣେ ମୃତ

ଆଠଗଡ଼,୬।୩(ସ୍ୱ.ପ୍ର) ଆଠଗଡ଼ ଏନ୍ଏସି ଅନ୍ତର୍ଗତ ଶାସନ ପୋଖରୀରେ ବୁଡ଼ି ସୋମବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାସରସିକପୁର ଗାଁର ଶିଶିର କୁମାର ପ୍ରଧାନ (୪୯)। ସେ ମଧ୍ୟାହ୍ନ ସମୟରେ ପୋଖରୀରେ ଗାଧେଉଥିବାବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ଗାଁ ଲୋକେ ତୁଠରେ ପଡ଼ିଥିବା ଗାମୁଛା ଓ ଚପଲ ଦେଖି ଖୋଜାଖୋଜି କରିଥିଲେ। ବହୁ ସମୟ ପରେ ପାଣିରୁ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶିଶିରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ

ବାଙ୍କୀ,୬।୩ (ସ୍ୱ.ପ୍ର.): ବାଙ୍କୀ ଓକିଲ ସଂଘ ନିର୍ବାଚନ ପାଇଁ ସୋମବାର ପ୍ରାର୍ଥିପତ୍ର ଦାଖଲ କରାଯାଇଛି। ଶ୍ରୀନିବାସ ମହାପାତ୍ର ସଭାପତି, ବିଭୁପ୍ରସାଦ ଟିକାୟତ ଉପସଭାପତି, ସମ୍ପାଦକ ଅଜୟ ପଟ୍ଟନାୟକ, ସହସମ୍ପାଦକ ରବୀନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ପ୍ରଦୀପ୍ତ ମିଶ୍ର ଏବଂ ଲାଇବ୍ରେରିଆନ ପଦ ପାଇଁ ପ୍ରଦୀପ ମହାପାତ୍ର ପାର୍ଥିପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର କହିଛନ୍ତି। ସମସ୍ତ ପଦପାଇଁ ଜଣେ ଲେଖାଏଁ ପାର୍ଥିପତ୍ର ଦାଖଲ କରିଥିବାରୁ ନିର୍ବାଚନର ଆବଶ୍ୟକତା ନ ଥିବା ଜଣାପଡିଛି। ପ୍ରାର୍ଥିପତ୍ର ଯାଞ୍ଚ ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ବୋଲି ଆଇନଜୀବୀ ମିଶ୍ର କହିଛନ୍ତି।

## ହ୍ୱାଇଟ ବଲରେ ରାଇଚାନ୍ଦ, ରେଡ୍‌ବଲରେ କଏରପୁର ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

### ନବପ୍ରଭାତ ଚ୍ୟାଲେଞ୍ଜ କପ୍

ମାହାଙ୍ଗା,୬।୩(ସ୍ୱ.ପ୍ର.) ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋତରା ପଞ୍ଚାୟତ ସନସାଇନ ଗ୍ରାଉଣ୍ଡରେ ନବ ପ୍ରଭାତ ଗ୍ରୁପ ଅଫ ଇନ୍‌ଷ୍ଟିଟ୍ୟୁଶନ ଓ ରାଇଜିଂ ସ୍ପୋର୍ଟିଂର ମିଳିତ ଆନୁକୂଲ୍ୟରେ ନବ ପ୍ରଭାତ ଚ୍ୟାଲେଞ୍ଜ କପ୍ ଟୁର୍ନାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪ କ୍ରିକେଟ୍ ଟିମ ଭାଗ ନେଇଥିଲେ। ହ୍ୱାଇଟ ବଲରେ ଆୟୋଜିତ ମ୍ୟାଚରେ ରାଇଚାନ୍ଦ, ରେଡବଲରେ କଏରପୁର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ହ୍ୱାଇଟ ବଲ୍‌ରେ ମଧୁସୂଦନ କ୍ରିକେଟ ଟିମ୍ ଓ ରାଇଚାନ୍ଦ ଟିମ ମଧ୍ୟରେ ଫାଇନାଲ ଖେଳା ଯାଇଥିଲା। ମଧୁସୂଦନ କ୍ରିକେଟ୍ ଟିମ ୨୨୦ ରନ କରିଥିବାବେଳେ ଜବାବରେ ରାଇଚାନ୍ଦ ଟିମ ୨୨୧ ରନ କରି ବିଜୟୀ ହୋଇଛି। ସେହିପରି ରେଡ ବଲରେ କଏରପୁର କ୍ରିକେଟ୍ ଟିମ ଓ ଗରାମ କ୍ରିକେଟ ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ କଏରପୁର କ୍ରିକେଟ ଟିମ ବିଜୟୀ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ବାରିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ଭଦ୍ରେଶ୍ୱର ଥାନା ଭାରପ୍ରାପ୍ତ ଅଧିକାରୀ ତପନ କୁମାର ନାୟକ, ମୁଖ୍ୟବକ୍ତା ସାମାଜିକକର୍ମୀ ଶଶୀଭୂଷଣ ଷଡ଼ଙ୍ଗୀ,ସମ୍ମାନିତ ଅତିଥି ନବପ୍ରଭାତ, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ମାନଗୋବିନ୍ଦ ପଣ୍ଡା ଓ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ କ୍ରୀଡ଼ାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଉଭୟ ଚାମ୍ପିୟନ ଓ ରନର୍ସ ଅଫ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରଶାନ୍ତ ପରିଡ଼ା,ସନ୍ଦୀପ ସାହୁ, କିଟି ମହାପାତ୍ର, ସୁଧାଂଶୁ ନାୟକ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ମ୍ୟାନ ଅଫ ମ୍ୟାଚ୍, ମ୍ୟାନ ଅଫ ଦ ସିରିଜ, ବେଷ୍ଟ ବୋଲର,ବେଷ୍ଟ କୋଚ୍ ,ବେଷ୍ଟ ଫିଲଡରଓ ଶୃଙ୍ଖଳା ଟିମକୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା।



ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ପାଇଁ ସୋମବାର ଆଇନଜୀବୀମାନେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

## ତାଲୁକ ଆଇନ ସେବା କମିଟି ପକ୍ଷରୁ ମହିଳା ଦିବସ

ଆଠଗଡ଼,୬।୩(ସ୍ୱ.ପ୍ର.) ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଆଠଗଡ଼ ବିଚାର ବିଭାଗୀୟ ଅଦାଲତରେ ଆନ୍ତର୍ଜାତିକ ମହିଳା ଦିବସ-୨୦୨୩ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଅତିରିକ୍ତ ଜିଲା ଦୌରାଜଜ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସହକାରୀ ଦୌରାଜଜ୍ ଶ୍ରୀମୟୀ ଆଚାର୍ଯ୍ୟ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କୁନୁମୁନୀ ଆଚାରୀ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ସମ୍ଭାବନା ସମିତି ଯୋଗ ଦେଇଥିଲେ। ଶିବିରରେ ଏନ୍ଏସି ଓ ବ୍ଲକ ଅଞ୍ଚଳର ଅଙ୍ଗନୱାଡ଼ି କର୍ମୀ ଓ ସହାୟକମାନେ ଉପସ୍ଥିତ ଥିଲେ। ଏଥିରେ ଭାରତୀୟ ବିଧି ବ୍ୟବସ୍ଥାରେ ମହିଳାଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଆଇନର ଲକ୍ଷ, ଉପାଦେୟତା ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ସତ୍ୟେନ ପଣ୍ଡା, ସମ୍ପାଦକ ବନବିହାରୀ ସାହୁ,ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ମିଶ୍ର, ପ୍ରତାପ ପଟ୍ଟନାୟକ, ଶ୍ରୀ ନିବାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସହାୟିକା ରାଜଶ୍ରୀ ମହଲା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ମହିଳାଙ୍କୁ ସଚେତନ କରି ସମାଜକୁ ଶୃଙ୍ଖଳିତ କର




କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ସଦସ୍ୟମାନେ।

ବାଙ୍କୀ,୬।୩(ସ୍ୱ.ପ୍ର.) ଡମପଡ଼ା ବ୍ଲକ ଅଧୀନ ଅରପୁର ଗାଁରେ ବିଶ୍ୱ ମହିଳା ସପ୍ତାହ ପାଳିତ ହୋଇଯାଇଛି। ଆମ ପରିବାର ଚକ୍ର ଶିମିଳିପୁର ଓ କାଳୀଚରଣ ସଙ୍ଗୀତ ବିଦ୍ୟାଳୟ ତାଳବସ୍ତର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାବା ଅମୀୟ କୁମାର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ କବି ଦିବ୍ୟଜ୍ୟୋତି ପ୍ରସାଦ ଯୋଗଦେଇ ମହିଳାମାନେ କିପରି ମିଶନ ଶକ୍ତି ମାଧ୍ୟମରେ ଅଧିକ ସଚେତନ ରହି ସମାଜକୁ ଶୃଙ୍ଖଳିତ କରି ଗଢ଼ି ତୋଳିବେ ସେ ସମ୍ପର୍କରେ କହିଥିଲେ। ସମ୍ମାନିତ ବକ୍ତା ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ କୁମାର ସାମଲ ବାଲ୍ୟ ବିବାହ, ଭୃଣହତ୍ୟା, ବେଟି ବଞ୍ଚାଅ ବେଟି ପଢ଼ାଅ ଆଦି ଦିଗରେ ମହିଳାଙ୍କ ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ। ଆଶାକର୍ମୀ ମିନତୀ ନାୟକ ଧନ୍ୟବାଦ ଦେଇଥିଲେ।


ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.୪,ଭୁବନେଶ୍ୱର

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO.IV**
**NIRMAN SOUDHA, UNIT-V, BHUBANESWAR**
Email ID:eernb4bbsr@gmail.com, Tel-(0674)-2390245

**INVITATIONS FOR BIDS THROUGH e-Procurement**
No.B-1334: No.1586, Date:04.03.2023
Bid Identification No.C.C. (R&B)-04
e-Procurement Notice No.61 of 2022-23

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No. of Works | 1 No. Road Work |
| 3 | Estimated Cost | Rs.67,14,400.00 |
| 4 | Class of Contractor | 'B' Class |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System |
| 7 | Date & Time of availability of bid document in the portal | From Dt.14.03.2023 to 17.30 hrs of Dt.20.03.2023 |
| 8 | Last Date & Time for Receipt of bids in the portal | Dt.20.03.2023 upto 17.30 hrs. |
| 9 | Opening of Bid through online | Dt.21.03.2023 at 11.30 AM onwards |
| 10 | Name & Address of the Officer inviting Bid | Er. Trinath Behera, Superintending Engineer, Bhubaneswar (R&B) Division No. IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject/cancel/modify the tender at any time without assigning any reason thereof.
**N.B.:Subsequent corrigendum/addendum if required shall be available in the website as indicated above.**

Sd./- Superintending Engineer
BBSR(R&B) Division No.IV, BBSR
OIPR-34090/11/0015/2223



GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
COURT OF THE RECOVERY OFFICER
Plot No. C/71, Sector-7, CDA, Cuttack - 753014

DEMAND NOTICE
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/79/2019 25/01/2023

STATE BANK OF INDIA
Versus
M/S AVISHEK COMMERCIAL

To
**(CD 1) M/s Avishek Commercial,** At: V.N Marg, Proof Road, Padhuanpada, P.O.: Azimabad, Balasore, Odisha
**(CD 2) Mr. Avishek Vijay,** S/o.: Sagarmal Vijay, At: Padhuanpada, P.O.: Azimabad, Balasore, Odisha - 756001

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/714/2014** an amount of **Rs.44,30,961.71 (Rupees Forty Four Lakh Thirty Thousand Nine Hundred Sixty One Only)** along with pendentellite and future interest @ 10% simple interest with yearly rest w.e.f. **30/09/2014** till realization and costs of **Rs.14,000/- (Rupees Fourteen Thousand Only)** has become due against you (Jointly and severally/ Fully/ Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **03/04/2023 at 10.30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate / execution proceedings.
   (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **25/01/2023**

Sd/- Recovery Officer
DEBTS RECOVERY TRIBUNAL CUTTACK



**OFFICE OF THE CHIEF DISTRICT VETERINARY OFFICER, ANGUL**
AT: HEMSURPADA, P.O./DIST.: ANGUL, ODISHA-759122
Mail: cdvoangul@gmail.com
**TENDER CALL NOTICE No. 971/04/03/2023**
No. M-89: Bids in sealed cover are invited from wholesalers/ distributors/C & F agencies & suppliers approved by manufacturers for supply of Veterinary Medicines, Feed additives & Medical consumables in distirct of Angul under CDVO, Angul. The details of the render can be downloaded from the website: **(https://angul.nic.in)**.
Sd./- Chief District Veterinary Officer, Angul
OIPR-06069/11/0001/2223



**GOVERNMENT OF ODISHA**
**"e" Procurement Notice**
**Bid Identification No.46 of 2022-23**
**No.O-1054:** The Superintending Engineer, RWS&S Division, Balangir on behalf of Governor of Odisha invites Percentage bid through e-Procurement in double cover system according to norm of e-Procurement system in online mode for the different work in different Blocks under Balangir District.
01. Nature of Work: Construction of Percolation well and RCC intake well in different villages of Balangir District.
02. Total No. of Work: 08 Nos.
03. Estimated Cost: Rs.66.82 Lakh to 78.20 Lakh.
04. Eligible Class of Contractor : "B" Contractor.
05. Period of Completion: Three Months.
06. Other details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 46 of 2022-23 | Dt.15.03.2023 At 11.00 Hrs. | Dt.28.03.2023 Upto 17.00 Hrs. |

Further details can be had in the DTCN available in the website www.tendersodisha.gov.in.
Sd./- Superintending Engineer
RWS&S Division, Balangir
OIPR-25033/11/0036/2223



GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE CHIEF ENGINEER & BASIN MANAGER SUBARNAREKHA & BUDHABALANGA BASIN,**
AT/PO-LAXMIPOSI, DIST-MAYURBHANJ
No.A-1223: Mail id:cebmsbb2019@gmail.com
Government of Odisha "e" Procurement Notice
Bid Identification No.32/22-23 of CEBM, SBB,Laxmiposi

| | | |
|---|---|---|
| 1 | Name of Work | Restoration & Protection to right bank of river Budhabalanga near village Palusia, Rabaneswar Kalyanpur, Alada, Makanda & Haladia |
| 2 | Estimated Cost | Rs.12,55,50 Lakh |
| 3 | Bid Security/E.M.D. | Rs.12,55,500.00 |
| 4 | Period of Completion | 18 (Eighteen) Calendar Months |
| 5 | Class of Contractor | "A" Class & "Special" Class |
| 6 | Date & Time of availability of bid document in the portal | 09.03.2023 at 10.00 AM |
| 7 | Last date/time for receipt of bid in the portal | 29.03.2023 upto 5.00 PM |
| 8 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in."
Sd./- Chief Engineer & Basin Manager
Subarnarekha & Budhabalanga Basin,
Laxmiposi, Mayurbhanj
OIPR-32074/11/0020/2223



OFFICE OF THE
**REGULATED MARKET COMMITTEE, SAMBALPUR**
At: Bhuianpara, P.O.: Remed, Dist.: Sambalpur - 768006
(E-mail: rmcsbp@rediffmail.com)
Letter No. 119/RMC Date: 03.03.2023

**REQUEST FOR QUOTATION (RFQ)**
**Subject:** Complete Engineering, Supply and procurement of materials and supervision of fabrication, erection, testing, pre-commissioning and commissioning for 1 No. of 10MT Solar Cold Room under RMC, Sambalpur, Dist.: Sambalpur.
The Sub-Collector-cum-Chairman, RMC, Sambalpur on behalf of the RMC, Sambalpur invites sealed RFQ from reputed expert Agencies/Companies to submit a proposal for complete engineering, supply and procurement of materials and supervision of fabrication, erection, testing, pre-commissioning and commissioning for 1 No. of 10MT Solar Cold Room under RMC, Sambalpur, Dist.: Sambalpur.
The detail quotation call notice with specification can be seen from the sambalpur district website: **www.sambalpur.nic.in**.
An amount of **Rs.2,000/- (Rupees two thousand)** only (non-refundable) towards the cost of the RFQ document shall have to be enclosed in the shape of a "Demand Draft" drawn on any Nationalized Bank, payable in favour of Secretary, R.M.C., Sambalpur.
The agency/company must furnish the documents tabulated below.

| | |
|---|---|
| 1. | GST and PAN Certificate of the firms |
| 2. | Bank Draft towards the cost of tender document |
| 3. | Statement of Performance of the last 3 years along with documentary evidence (Work/Purchase orders) |
| 4. | Revenue Certificate in prescribed format |
| 5. | List of Service Centres/Offices in India |
| 6. | Certificate recognizing technology by Government of India |

The proposal should be submitted to The Secretary, RMC, Sambalpur through Speed/Regd. Post or drop in the Drop Box available on the office premises by Date: 17.03.2023 till 05.00 P.M.
The technical bids will be opened on Dt.18.03.2023 till 03.30 P.M., if possible, in the presence of those bidders who chose to attend.
The technical bids shall be evaluated jointly by the committee of Sub-Collector, Sambalpur, RMC, Secretary, Sambalpur, DRCS, Sambalpur, Deputy CEO, ORMAS, Sambalpur.
Among the feasible proposal, the proposal satisfying technical parameters and other conditions of TOR shall be awarded in the work order.
The agency shall be solely responsible for any cost they may incur for a site visit, transport, faxes, postage, telephones etc. in the process of submission of the proposal. The Chairman, RMC, Sambalpur reserve the right at its absolute discretion to accept or reject any of the proposals without assigning any reason/reasons.
Should they require any further information they may contact the Secretary, RMC, Sambalpur.
Sub-Collector-cum-Chairman
RMC, Sambalpur



**ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ**
**(ଦେବୋତ୍ତର ବିଭାଗ)**
ନିଲାମ ଇସ୍ତାହାର ସଂଖ୍ୟା ୭୬୯ ତାରିଖ: ୦୪।୦୩।୨୦୨୩

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଭୋଗ ଦୋକାନକୁ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୧।୦୩।୨୦୨୩ରିଖ ଦିବା ଘ୧୨.୩୦ ମିନିଟ୍ ସମୟରେ ନିଲାମ କରାଯିବ। ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ.୪୪,୩୧,୩୬୧/- (ଚଉରାଳିଶ ଲକ୍ଷ ଏକ ତିରିଶ ହଜାର ତିନିଶହ ଏକଷଠୀ ଟଙ୍କା) ମାତ୍ର ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏଥି ନିମନ୍ତେ ଟ.୪,୪୩,୧୩୬ (ଚାରି ଲକ୍ଷ ତେୟାଳିଶ ହଜାର ଏକଶହ ଛତିଶ ଟଙ୍କା) ମାତ୍ରର ଅମାନତ ବାବଦକୁ ଅର୍ଥ Executive Officer, Debottar, Dhenkanalଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ଦିବା ଘ.୧୦.୩୦ ମିନିଟ୍‌ଠାରୁ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଦାଖଲ କରି ନିଲାମରେ ଅଂଶ ଗ୍ରହଣ କରିପାରିବେ। ଅମାନତ ଅର୍ଥ ଦାଖଲ କରିଥିବା ବ୍ୟକ୍ତି ନିଲାମ ସମୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା୨୧।୦୩।୨୦୨୩ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।

ସର୍ବନିମ୍ନ ମୂଲ୍ୟଠାରୁ କମ୍ ଜଉମୁଦ ନିଲାମ ଦାଖଲ ଦେଇଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ। ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବକ୍ତିଙ୍କ ସପକ୍ଷରେ ନିଲାମ ଅନୁମୋଦନ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସେହିଦିନ ଅର୍ଥାତ୍ ତା୨୧।୦୩।୨୦୨୩ରିଖ ଦିନ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ ଦେବେ। ନଚେତ୍ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ। କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି। ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ନିଲାମ ସମ୍ବନ୍ଧୀୟ ସମସ୍ତ କାଗଜାତ ଟ.୫୦୦/- (ପାଞ୍ଚ ଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ପାଇ ପାରିବେ।

ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତଙ୍କ ଆଦେଶ କ୍ରମେ
ସ୍ୱା./- ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ

# ର୍‌ୟାକେଟ୍‌ରେ ଫଁସିଛନ୍ତି ପୋଲିସ

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ନକଲି ମାଲିକ ଓ ଜାଲ ଦସ୍ତାବିଜ୍‌ରେ ଜମି ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ଠକେଇ କରିଥିବା ର୍‌ୟାକେଟ୍ ଖୋଲତାଡ଼ କରୁଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ମାଷ୍ଟରମାଇଣ୍ଡ ଆଦିତ୍ୟ ସାହୁ ଓ ତାଙ୍କ ସହଯୋଗୀ ସବିତା ଦାସ ଗିରଫ ହୋଇ ରବିବାରଠାରୁ ଜେଲରେ ଥିବାବେଳେ ଧୀରେ ଧୀରେ ର୍‌ୟାକେଟ୍‌ର ଗୁମର ଖୋଲିବାରେ ଲାଗିଛି। ଏପରିକି କମିଶନରେଟ ପୋଲିସ ସ୍ପେଶାଲ ସିକ୍ୟୁରିଟି ବାଟାଲିଅନ୍‌ରେ କାର୍ଯ୍ୟରତ ହାବିଲଦାର ହରପ୍ରସାଦ ଶ୍ରୀଚନ୍ଦନ ମଧ୍ୟ ର୍‌ୟାକେଟ୍ ଜାଲରେ ଫସି ୨ ଲକ୍ଷ ଟଙ୍କା ହରାଇଛନ୍ତି। ଏନେଇ ଇଓଡବ୍ଲ୍ୟୁ ପକ୍ଷରୁ ସୋମବାର ସୂଚନା ଦିଆଯିବା ପରେ ଅଧିକ ଚର୍ଚ୍ଚା ସୃଷ୍ଟି ହୋଇଛି।

ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, ପ୍ରକୃତ ଜମି ମାଲିକ ରଙ୍ଗଲତା ସ୍ୱାଇଁଙ୍କ ଜମି କିଣିବାକୁ ହରପ୍ରସାଦଙ୍କୁ ଅଭିଯୁକ୍ତ ଆଦିତ୍ୟ ଟାର୍ଗେଟ କରିଥିଲେ। ଜମି କିଣିବିକା ନେଇ ୨୦୨୨ରେ ହରପ୍ରସାଦଙ୍କ ସ୍ତ୍ରୀ ଈପ୍‌ସିତା ଓ ଆଦିତ୍ୟଙ୍କ ମଧ୍ୟରେ କୋର୍ଟରେ ଏଗ୍ରିମେଣ୍ଟ ହୋଇଥିଲା। ଜମି କିଣିବାକୁ ଆଦିତ୍ୟଙ୍କୁ ହାବିଲଦାର ହରପ୍ରସାଦ ଅଗ୍ରିମ ନଗଦ ଆକାରରେ ୨ ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ଆଦିତ୍ୟ

**ନକଲି ମାଲିକ, ଜାଲ ଦସ୍ତାବିଜ୍‌ରେ ଜମି ଠକେଇ ଘଟଣା**

- ଖୋଲୁଛି ଠକେଇ ର୍‌ୟାକେଟର ଗୁମର
- ଦିଲ୍ଲୀବାସିନ୍ଦାଙ୍କୁ ମଧ୍ୟ ଚୂନ ଲଗାଇଛନ୍ତି ମାଷ୍ଟରମାଇଣ୍ଡ୍ ଆଦିତ୍ୟ
- ୨ ଅଭିଯୁକ୍ତଙ୍କୁ ରିମାଣ୍ଡ ଯୋଜନା

ସେମାନଙ୍କ ସହ ସମ୍ପର୍କ କାଟିଦେବା ସହ ଆଉ ଧରାଛୁଆଁ ଦେଇ ନ ଥିଲେ। ସେହିଭଳି ରଙ୍ଗଲତାଙ୍କ ଉକ୍ତ ଜମିକୁ ବିକ୍ରି କରିବା ଆଳରେ ଦିଲ୍ଲୀ ଏନ୍‌ସିଆର୍‌ରେ ରହୁଥିବା ହରିଶ କୁମାରଙ୍କୁ ମଧ୍ୟ ଆଦିତ୍ୟ ଫସାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଆଦିତ୍ୟ ଅଗ୍ରିମ ବାବଦକୁ ତାଙ୍କଠାରୁ ୫୦ ହଜାର ଟଙ୍କା ଆଣି ଠକିଛନ୍ତି। ତେବେ ଏଭଳି ବହୁ ଲୋକଙ୍କୁ ଅଭିଯୁକ୍ତମାନେ ଠକିଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ତେଣୁ ଜମିର ନକଲି ମାଲିକାଣୀ ସାଜିଥିବା ଅଭିଯୁକ୍ତା ସବିତା ଓ ମାଷ୍ଟରମାଇଣ୍ଡ ଆଦିତ୍ୟଙ୍କୁ ଇଓଡବ୍ଲ୍ୟୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବା ସହ ର୍‌ୟାକେଟ୍‌ର ଅନ୍ୟସଦସ୍ୟଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ଆଶା ରଖିଛି। ସୂଚନାଯୋଗ୍ୟ, ବାରଙ୍ଗସ୍ଥିତ ବାଛପୁର ଅଞ୍ଚଳର ୭୫ ବର୍ଷୀୟା ବୃଦ୍ଧା ରଙ୍ଗଲତା ସ୍ୱାଇଁଙ୍କର ସ୍ଥାନୀୟ ଅଞ୍ଚଳରେ ସାଢ଼େ ୪ ଏକର ଜମି ରହିଛି। ଅଭିଯୁକ୍ତମାନେ ସବିତାଙ୍କୁ ରଙ୍ଗଲତା ବୋଲି ଦର୍ଶାଇ ଠକେଇ ଯୋଜନା କରିଥିଲେ। ରଙ୍ଗଲତାଙ୍କ ପାନ୍ କାର୍ଡ, ଆଧାର କାର୍ଡ ଓ ଜମି ପଟା ଆଦିକୁ ନକଲ କରିଥିଲେ। ସେମାନେ ଶୈଳେଶ୍ରୀ ବିହାରର ସ୍ୱପ୍ନିରଞ୍ଜନ ପାଣିଗ୍ରାହୀଙ୍କୁ ଜମି ବିକ୍ରି କରିବାକୁ ଅଗ୍ରିମ ୨୫ଲକ୍ଷ ଟଙ୍କା ଆଣି ଠକିଥିଲେ। ତାଙ୍କ ଅଭିଯୋଗକ୍ରମେ ଇଓଡବ୍ଲ୍ୟୁ ଶୁକ୍ରବାର ଏକ ମାମଲା (ନଂ.୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ନିମାପଡ଼ା,୬।୩(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ବାଳିକାଙ୍କୁ ବଳାତ୍କାର କରିଥିବା ନେଇ ଗ୍ରାମର ୧୪ ବର୍ଷୀୟ ନାବାଳକଙ୍କୁ ପୋଲିସ ସୋମବାର ଧରିଛି। ଏନେଇ ପୋକ୍‌ସୋ ଆକ୍ଟରେ ପୋଲିସ ଏକ ମାମଲା (ନଂ. ୫୫/୨୩) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ସୋମବାର ଉଭୟଙ୍କ ଡାକ୍ତରୀ ମାଇନା କରାଇଛି। ନାବାଳକଙ୍କୁ ପୁରୀ ଜୁଭେନାଇଲ କୋର୍ଟକୁ ଚାଲାଣ କରାଯାଇଛି। ସୂଚନା ମୁତାବକ, ଗତ ୨୨ ତାରିଖ ମଧ୍ୟାହ୍ନରେ ନାବାଳିକାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ନାବାଳକ ତାଙ୍କ ଘରେ ପଶି ତାଙ୍କୁ ଅମାନୁଷିକ ଭାବେ ବଳାତ୍କାର କରିଥିଲେ। ଏହି ଘଟଣା ବାବଦରେ ବାହାରେ ପ୍ରକାଶ କଲେ ନାବାଳିକାଙ୍କୁ ଜୀବନରୁ ମାରିଦେବେ ବୋଲି ନାବାଳକ ଜଣକ ଧମକଚମକ ଦେଇଥିଲେ। ଏଥିରେ ନାବାଳିକା ଭାଙ୍ଗିପଡି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେଥିରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ସେ ନିମାପଡ଼ା ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଲୋକଲଜ୍ଜା ଭୟରେ ପରିବାରବର୍ଗଙ୍କୁ ବିଳମ୍ବରେ ଏହି ଘଟଣା ବାବଦରେ ଜଣାଇଥିଲେ। ଏନେଇ ତାଙ୍କ ବାପା ୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ।

## ରେଳଧାରଣାରୁ ଟ୍ରେନ୍ ଚାଳକଙ୍କ ମୃତଦେହ ଜବତ

**ଖୁଣ୍ଟୁଣୀ,୬।୩(ଡି.ଏନ୍.ଏ.)**

ପୂର୍ବତଟ ରେଳପଥର ରାଜା ଆଠଗଡ଼ (ଖୁଣ୍ଟୁଣୀ) ନିକଟ ମସପୁର ରେଳ ଷ୍ଟେଶନ ନିକଟ ପଶ୍ଚିମ ପାର୍ଶ୍ୱ ଅପ୍‌ଲାଇନ୍ ଟ୍ରାକ ଉପରୁ ସୋମବାର କଟକ ଜିଆରପି ପୋଲିସ ଜଣେ ଯୁବ ଟ୍ରେନ ଚାଳକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଝାଡ଼ଖଣ୍ଡ ଟାଟା ଜାମସେଦପୁରର ନିଶାନ୍ତ କୁମାର (୩୨)। କଟକ ଜିଆରପି ଥାନାର ସୂଚନା ଅନୁଯାୟୀ, ସୋମବାର ସକାଳେ ମସପୁର ଗ୍ରାମ ଲେଭଲ କ୍ରସିଂ ଓ ମସପୁର ରେଳ ଷ୍ଟେଶନର ମଧ୍ୟବର୍ତ୍ତୀ ସ୍ଥାନ ଅପ୍‌ଲାଇନ ରେଳଧାରଣରେ ଜଣେ ଯୁବକଙ୍କ ମୃତଦେହ ଦୁଇ ଖଣ୍ଡ ଅବସ୍ଥାରେ ପଡିଥିବା ମସପୁର ଷ୍ଟେଶନ କର୍ତ୍ତୃପକ୍ଷ ଜାଣି କଟକ ଜିଆରପି ଥାନାକୁ ଜଣାଇଥିଲେ। ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବାବେଳେ ସେ ରେଲୱେ ୟୁନିଫର୍ମ ପିନ୍ଧିଥିଲା। ଏଥିରୁ ରେଳବାଇ ଷ୍ଟାଫ ବୋଲି ସ୍ପଷ୍ଟ ଜଣାପଡିଥିଲା। ଖବରପାଇ ଘଟଣାସ୍ଥଳରେ କଟକ ଜିଆରପି ଥାନା ଏସ୍‌ଆଇ ପରମାନନ୍ଦ ବେହେରା ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛନ୍ତି। ନିଶାନ୍ତ ଜଣେ ଟ୍ରେନ ଚାଳକ ବୋଲି ପୋଲିସ ଜାଣିବା ପରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ନିଶାନ୍ତ ରାଜାଆଠଗଡ଼ ଷ୍ଟେଶନରୁ ଡ୍ୟୁଟି ନେବା ପାଇଁ ତାଳଚେରରୁ ଟ୍ରେନରେ ଆସୁଥିଲେ ବୋଲି ପୋଲିସ କହିଛି । କଟକ ଜିଆରପି ପୋଲିସ ନଂ.୧୨/୨୩ରେ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି।

## ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

**ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ମୃତ ଘଟଣା**

**ବାଲୁଗାଁ,୬।୩(ଡି.ଏନ୍.ଏ.)**

ସ୍ଥାନୀୟ ଖାରିବନ୍ଧ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିନା ସ୍ୱୀକୃତିରେ ଏକ ବିବାହ ଭୋଜିର ଆୟୋଜନ ଚାଲିଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ ଉକ୍ତ ଗ୍ରାମର ଷଷ୍ଠଶ୍ରେଣୀର ଛାତ୍ର ଦିବ୍ୟରଞ୍ଜନ ସ୍ୱାଇଁ। ଗତ ୨୬ ତାରିଖ ରବିବାର ସନ୍ଧ୍ୟାରେ ଏହି ଦୁଃଖଦ ଘଟଣା ଘଟିଥିବା ବେଳେ ସୋମବାର ଏହି ଘଟଣାରେ ବ୍ଲକ ଶିକ୍ଷା ଅଧିକାରୀ ନଳିନୀକାନ୍ତ ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ସୁନୀତି ନାୟକଙ୍କୁ ନିଲମ୍ବିତ କରିଛନ୍ତି। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲୁଗାଁ ଥାନା ଆଇଆଇସି ରଶ୍ମି ରଞ୍ଜନ ଦାଶ କହିଛନ୍ତି। ପ୍ରକାଶ ଯେ, ଖାରିବନ୍ଧ ଗ୍ରାମରେ ଥିବା ସରକାରୀ ବିଦ୍ୟାଳୟ ପରିସରରେ ଅନେକ ଲୋକଙ୍କ ବିବାହ, ପର୍ବପର୍ବାଣି ଓ ଜନ୍ମଦିନ ଲାଗି ଭୋଜି ଆୟୋଜନ ହୋଇଥାଏ। ଏପରିସ୍ଥଳେ ଗତ ୨୬ ତାରିଖରେ ବିଦ୍ୟାଳୟ ପରିସରରେ ଆୟୋଜନ ହୋଇଥିବା ବିବାହ ଭୋଜିର ଉତ୍ସବ ଚାଲିଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦିବ୍ୟରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଉତ୍ସବ ରବିବାର ଥିବାରୁ ବିଦ୍ୟାଳୟ ପରିସର କିପରି ଖୋଲା ରହିଥିଲା, ଏନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରଶ୍ନ କରିବାରେ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଜିଲା ଶିକ୍ଷା ଅଧିକାରୀ ଘଟଣା ଜାଣି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ସୋମବାର ସିଆରସିସି ଗଣେଶ ସ୍ୱାଇଁଙ୍କ ରିପୋର୍ଟକୁ ଭିତ୍ତିକରି ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କ ନିର୍ଦ୍ଦେଶକ୍ରମେ ଚିଠି ନଂ.୩୯୪/୨୦୨୩ରେ ଚିଲିକା ବ୍ଲକ ଶିକ୍ଷା ଅଧିକାରୀ ନଳିନୀକାନ୍ତ ମହାନ୍ତି ପ୍ରଧାନ ଶିକ୍ଷୟିତ୍ରୀ ସୁନିତୀ ନାୟକଙ୍କୁ ନିଲମ୍ବିତ କରିଛନ୍ତି।



ପୁରୀ ଦୋଳବେଦି ପରିସରରେ ସୋମବାର ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଶ୍ରୀଦୋଳଗୋବିନ୍ଦ ହୋଲିକା ଦହନ ନୀତି ସମ୍ପନ୍ନ କରୁଛନ୍ତି।

## କପିଳେଶ୍ୱରର ମନ୍ଦିର ତାଲା ଭାଙ୍ଗିଲେ ମହିଳା

**ହାଣ୍ଡିଭଙ୍ଗା ଯାତ୍ରା ପ୍ରସଙ୍ଗ**

**ପୁରୁଣା ଭୁବନେଶ୍ୱର,୬।୩(ଡି.ଏନ୍.ଏ.):** ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ଦିନଠାରୁ ଅର୍ଥାତ୍ ୧୦ଦିନ ହେବ ଶ୍ରୀକପିଳେଶ୍ୱର ମନ୍ଦିର ବନ୍ଦ ରହିଥିବା ବେଳେ ଠାକୁର ଉପବାସ ରହୁଛନ୍ତି। ସୋମବାର ଅପରାହ୍ନରେ କପିଳେଶ୍ୱର ଗ୍ରାମର କେତେଜଣ ମଲିଆ ସେବାୟତ ସଦସ୍ୟା ଏବଂ କେତେକ ଶ୍ରଦ୍ଧାଳୁ ତାଲା ଭାଙ୍ଗି ମନ୍ଦିରକୁ ପ୍ରବେଶ କରିଥିଲେ। ଏହି ଅବସରରେ କେତେଜଣ ମଲିଆ ସେବାୟତ ମନ୍ଦିରରେ ପ୍ରବେଶ କରିବା ସହ ଠାକୁରଙ୍କ ନୀତିକାନ୍ତି ଆରମ୍ଭ କରିଥିଲେ। ଏହି ଘଟଣାକୁ ନେଇ ଉପଜିଲାପାଳ ଲିଙ୍ଗରାଜ ଥାନାରେ ଏତଲା ଦେବା ସହ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ତେବେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବା ଜଣାପଡ଼ିଛି। ଅନ୍ୟପଟେ ହାଇକୋର୍ଟଙ୍କ ଆଦେଶ ତଥା ପ୍ରଶାସନର ନିର୍ଦ୍ଦେଶକୁ ଉପେକ୍ଷା କରାଯାଇ ଏଭଳି କାର୍ଯ୍ୟ ଘଟିଥିବାରୁ ଖୁଣ୍ଟିଆ ସେବାୟତମାନେ ସେମାନଙ୍କ ସେବା ଅଧିକାର ପ୍ରାପ୍ତିରୁ ବଞ୍ଚିତ ହୋଇଛନ୍ତି।

ସୂଚନାଥାଉ କି, ୨୦୦୦ ମସିହାରୁ ଖୁଣ୍ଟିଆ ସେବାୟତମାନେ କପିଳେଶ୍ୱରଙ୍କ ନିକଟରେ ଥିବା ତାଙ୍କ ସେବା ଅଧିକାର ପାଇବା ଲାଗି ଚେଷ୍ଟା ଚଳାଉଛନ୍ତି। ଏନେଇ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତଳକୋର୍ଟଙ୍କ ରାୟ ମୁତାବକ ଖୁଣ୍ଟିଆ ସେବାୟତଙ୍କୁ ସେବାରେ ନିଯୁକ୍ତ କରି କପିଳେଶ୍ୱର ମନ୍ଦିରରେ ନୀତି ସ୍ୱାଭାବିକ କରିବା ପାଇଁ ଦେବୋତ୍ତର କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାମଲା ନଂ.୧୬୨୯୨/ ୨୦୧୯ ମୁତାବକ ଏହି ନିର୍ଦ୍ଦେଶକୁ ପାଳନ କରିବା ଲାଗି ପ୍ରଶାସନ ପ୍ରତିବର୍ଷ ଉଦ୍ୟମ ଚଳାଇଥିଲେ ମଧ୍ୟ ବିଫଳ ହୋଇଛି। ଚଳିତବର୍ଷ ଅନୁଷ୍ଠିତ ବୈଠକରେ ମଲିଆ ସେବାୟତମାନେ ଅସହଯୋଗ କରିବାରୁ ପ୍ରଶାସନ କପିଳେଶ୍ୱର ମନ୍ଦିରରେ ତାଲା ପକାଇବାକୁ ନିଷ୍ପତ୍ତି ନେଇଥିଲା।

## ବ୍ରହ୍ମଗିରିରେ ଖୋଲିଲା ଶିଶୁ ମିତ୍ର ଥାନା

**ବ୍ରହ୍ମଗିରି,୬।୩(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ପରିସରରେ ସୋମବାର ଶିଶୁ ମିତ୍ର ଥାନାର ମହିଳା ଓ ଶିଶୁ ସୁଲଭ କକ୍ଷ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଥାନାକୁ ଆସୁଥିବା ଶିଶୁମାନେ ମାନସିକ ସ୍ତରରେ ଥାନା ଓ ପୋଲିସଙ୍କୁ ଭୟ ନ କରିବା ପାଇଁ ଏହି ସ୍ୱତନ୍ତ୍ର ପ୍ରକୋଷ୍ଠରେ ନିଯୁକ୍ତ ଥିବା ଏସ୍‌ଜେପିୟୁର ମହିଳା ଥାନା ଅଧିକାରିଣୀ ସାଦା ପୋଷାକରେ ଥାଇ ମହିଳା ଓ ଶିଶୁ ମାନଙ୍କର ଅଭିଯୋଗ ଶୁଣାଣି କରିବେ। ଉତ୍ସବରେ ଅନ୍ୟ ଅତିଥି ଭାବେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ, ଜିଲା ସୂଚନା ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସିଡବ୍ଲ୍ୟୁସି ଅଧ୍ୟକ୍ଷ ମହାବୀର ରୁଦ୍ରନାରାୟଣ ସାହୁ, ରମାଶଙ୍କର ପାତ୍ର, ପିଓଆଇସି ଶୁଭନାରାୟଣ ଶତପଥୀ, ବ୍ରହ୍ମଗିରି ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ଅତିରିକ୍ତ ତହସିଲଦାର ପ୍ରବୋଧ ମହାନ୍ତି, ବ୍ରହ୍ମଗିରି ଥାନା ଆଇଆଇସି ଦିଲୀପ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.୪,ଭୁବନେଶ୍ୱର
OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO.IV
NIRMAN SOUDHA, UNIT-V, BHUBANESWAR
Email ID:eernb4bbsr@gmail.com, Tel-(0674)-2390245
INVITATIONS FOR BIDS THROUGH e-Procurement
No.B-1334: No.1586, Date:04.03.2023
Bid Identification No.C.C. (R&B)-04
e-Procurement Notice No.61 of 2022-23

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No. of Works | 1 No. Road Work |
| 3 | Estimated Cost | Rs.67,14,400.00 |
| 4 | Class of Contractor | 'B' Class |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System |
| 7 | Date & Time of availability of bid document in the portal | From Dt.14.03.2023 to 17.30 hrs of Dt.20.03.2023 |
| 8 | Last Date & Time for Receipt of bids in the portal | Dt.20.03.2023 upto 17.30 hrs. |
| 9 | Opening of Bid through online | Dt.21.03.2023 at 11.30 AM onwards |
| 10 | Name & Address of the Officer inviting Bid | Er. Trinath Behera, Superintending Engineer, Bhubaneswar (R&B) Division No. IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject/cancel/modify the tender at any time without assigning any reason thereof.
**N.B.:Subsequent corrigendum/addendum if required shall be available in the website as indicated above.**
Sd./- Superintending Engineer
BBSR(R&B) Division No.IV, BBSR
OIPR-34090/11/0015/2223

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No. C/71, Sector-7, CDA, Cuttack - 753014
सत्यमेव जयते
DEMAND NOTICE
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.
RC/79/2019 25/01/2023
STATE BANK OF INDIA
Versus
M/S AVISHEK COMMERCIAL
To
**(CD 1) M/s Avishek Commercial,** At: V.N Marg, Proof Road, Padhuanpada, P.O.: Azimabad, Balasore, Odisha
**(CD 2) Mr. Avishek Vijay,** S/o.: Sagarmal Vijay, At: Padhuanpada, P.O.: Azimabad, Balasore, Odisha - 756001
This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/714/2014** an amount of **Rs.44,30,961.71 (Rupees Forty Four Lakh Thirty Thousand Nine Hundred Sixty One Only)** along with pendentellite and future interest @ 10% simple interest with yearly rest w.e.f. **30/09/2014** till realization and costs of **Rs.14,000/- (Rupees Fourteen Thousand Only)** has become due against you (Jointly and severally/ Fully/ Limited).
2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **03/04/2023 at 10.30 a.m.** for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.
Given under my hand and the seal of the Tribunal, on this date: **25/01/2023**
Sd/- Recovery Officer
DEBTS RECOVERY TRIBUNAL CUTTACK

OFFICE OF THE CHIEF DISTRICT VETERINARY OFFICER, ANGUL
AT: HEMSURPADA, P.O./DIST.: ANGUL, ODISHA-759122
Mail: cdvoangul@gmail.com
TENDER CALL NOTICE No. 971/04/03/2023
No. M-89: Bids in sealed cover are invited from wholesalers/ distributors/C & F agencies & suppliers approved by manufacturers for supply of Veterinary Medicines, Feed additives & Medical consumables in distirct of Angul under CDVO, Angul. The details of the render can be downloaded from the website: **(https://angul.nic.in)**.
Sd./- Chief District Veterinary Officer, Angul
OIPR-06069/11/0001/2223

GOVERNMENT OF ODISHA
"e" Procurement Notice
Bid Identification No.46 of 2022-23
**No.O-1054:**The Superintending Engineer, RWS&S Division, Balangir on behalf of Governor of Odisha invites Percentage bid through e-Procurement in double cover system according to norm of e-Procurement system in online mode for the different work in different Blocks under Balangir District.
01. Nature of Work: Construction of Percolation well and RCC intake well in different villages of Balangir District.
02. Total No. of Work: 08 Nos.
03. Estimated Cost: Rs.66.82 Lakh to 78.20 Lakh.
04. Eligible Class of Contractor : "B" Contractor.
05. Period of Completion: Three Months.
06. Other details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 46 of 2022-23 | Dt.15.03.2023 At 11.00 Hrs. | Dt.28.03.2023 Upto 17.00 Hrs. |

Further details can be had in the DTCN available in the website www.tendersodisha.gov.in.
Sd./- Superintending Engineer
RWS&S Division, Balangir
OIPR-25033/11/0036/2223

OFFICE OF THE
REGULATED MARKET COMMITTEE, SAMBALPUR
At: Bhuianpara, P.O.: Remed, Dist.: Sambalpur - 768006
(E-mail: rmcsbp@rediffmail.com)
Letter No. 119/RMC Date: 03.03.2023
REQUEST FOR QUOTATION (RFQ)
**Subject:** Complete Engineering, Supply and procurement of materials and supervision of fabrication, erection, testing, pre-commissioning and commissioning for 1 No. of 10MT Solar Cold Room under RMC, Sambalpur, Dist.: Sambalpur.
The Sub-Collector-cum-Chairman, RMC, Sambalpur on behalf of the RMC, Sambalpur invites sealed RFQ from reputed expert Agencies/Companies to submit a proposal for complete engineering, supply and procurement of materials and supervision of fabrication, erection, testing, pre-commissioning and commissioning for 1 No. of 10MT Solar Cold Room under RMC, Sambalpur, Dist.: Sambalpur.
The detail quotation call notice with specification can be seen from the sambalpur district website: **www.sambalpur.nic.in**.
An amount of **Rs.2,000/- (Rupees two thousand)** only (non-refundable) towards the cost of the RFQ document shall have to be enclosed in the shape of a "Demand Draft" drawn on any Nationalized Bank, payable in favour of Secretary, R.M.C., Sambalpur.
The agency/company must furnish the documents tabulated below.

| | |
|---|---|
| 1. | GST and PAN Certificate of the firms |
| 2. | Bank Draft towards the cost of tender document |
| 3. | Statement of Performance of the last 3 years along with documentary evidence (Work/Purchase orders) |
| 4. | Revenue Certificate in prescribed format |
| 5. | List of Service Centres/Offices in India |
| 6. | Certificate recognizing technology by Government of India |

The proposal should be submitted to The Secretary, RMC, Sambalpur through Speed/Regd. Post or drop in the Drop Box available on the office premises by Date: 17.03.2023 till 05.00 P.M.
The technical bids will be opened on Dt.18.03.2023 till 03.30 P.M., if possible, in the presence of those bidders who chose to attend.
The technical bids shall be evaluated jointly by the committee of Sub-Collector, Sambalpur, RMC, Secretary, Sambalpur, DRCS, Sambalpur, Deputy CEO, ORMAS, Sambalpur.
Among the feasible proposal, the proposal satisfying technical parameters and other conditions of TOR shall be awarded in the work order.
The agency shall be solely responsible for any cost they may incur for a site visit, transport, faxes, postage, telephones etc. in the process of submission of the proposal. The Chairman, RMC, Sambalpur reserve the right at its absolute discretion to accept or reject any of the proposals without assigning any reason/reasons.
Should they require any further information they may contact the Secretary, RMC, Sambalpur.
Sub-Collector-cum-Chairman
RMC, Sambalpur

ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ
(ଦେବୋତ୍ତର ବିଭାଗ)
ନିଲାମ ଇସ୍ତାହାର ସଂଖ୍ୟା ୭୬୯ ତାରିଖ: ୦୪।୦୩।୨୦୨୩
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଭୋଗ ଦୋକାନକୁ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୧।୦୩।୨୦୨୩ରିଖ ଦିବା ଘ୧୨.୩୦ ମିନିଟ୍ ସମୟରେ ନିଲାମ କରାଯିବ। ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ.୪୪,୩୧,୩୬୧/- (ଚଉରାଳିଶ ଲକ୍ଷ ଏକ ତିରିଶ ହଜାର ତିନିଶହ ଏକଷଠୀ ଟଙ୍କା) ମାତ୍ର ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏଥି ନିମନ୍ତେ ଟ.୪,୪୩,୧୩୬ (ଚାରି ଲକ୍ଷ ତେୟାଳିଶ ହଜାର ଏକଶହ ଛତିଶ ଟଙ୍କା) ମାତ୍ରର ଅମାନତ ବାବଦକୁ ଅର୍ଥ Executive Officer, Debottar, Dhenkanalଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ଦିବା ଘ.୧୦.୩୦ ମିନିଟ୍‌ଠାରୁ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଦାଖଲ କରି ନିଲାମରେ ଅଂଶ ଗ୍ରହଣ କରିପାରିବେ। ଅମାନତ ଅର୍ଥ ଦାଖଲ କରିଥିବା ବ୍ୟକ୍ତି ନିଲାମ ସମୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା୨୧।୦୩।୨୦୨୩ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।
ସର୍ବନିମ୍ନ ମୂଲ୍ୟଠାରୁ କମ୍ ଜଉମୁଦ ନିଲାମ ଦାଖଲ ଦେଇଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ। ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବକ୍ତିଙ୍କ ସପକ୍ଷରେ ନିଲାମ ଅନୁମୋଦନ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସେହିଦିନ ଅର୍ଥାତ୍ ତା୨୧।୦୩।୨୦୨୩ରିଖ ଦିନ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ ଦେବେ। ନଚେତ୍ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।
ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ। କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି। ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ନିଲାମ ସମ୍ବନ୍ଧୀୟ ସମସ୍ତ କାଗଜାତ ଟ.୫୦୦/- (ପାଞ୍ଚ ଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ପାଇ ପାରିବେ।
ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତଙ୍କ ଆଦେଶ କ୍ରମେ
ସ୍ୱା./- ନିର୍ବାହୀ ଅଧିକାରୀ, ଦେବୋତ୍ତର,
ଢେଙ୍କାନାଳ

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER
SUBARNAREKHA & BUDHABALANGA BASIN,
AT/PO-LAXMIPOSI, DIST-MAYURBHANJ
No.A-1223: Mail id:cebmsbb2019@gmail.com
Government of Odisha "e" Procurement Notice
Bid Identification No.32/22-23 of CEBM, SBB,Laxmiposi

| | | |
|---|---|---|
| 1 | Name of Work | Restoration & Protection to right bank of river Budhabalanga near village Palusia, Rabaneswar Kalyanpur, Alada, Makanda & Haladia |
| 2 | Estimated Cost | Rs.12,55,50 Lakh |
| 3 | Bid Security/E.M.D. | Rs.12,55,500.00 |
| 4 | Period of Completion | 18 (Eighteen) Calendar Months |
| 5 | Class of Contractor | "A" Class & "Special" Class |
| 6 | Date & Time of availability of bid document in the portal | 09.03.2023 at 10.00 AM |
| 7 | Last date/time for receipt of bid in the portal | 29.03.2023 upto 5.00 PM |
| 8 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in."
Sd./- Chief Engineer & Basin Manager
Subarnarekha & Budhabalanga Basin,
Laxmiposi, Mayurbhanj
OIPR-32074/11/0020/2223

## ଗାଁରେ ପଶିଲା ହରିଣ

କାକଟପୁର, (ଡି.ଏନ୍.ଏ.): କାକଟପୁର ନିକଟସ୍ଥ ବାଜପୁର ଗ୍ରାମରେ ରବିବାର ରାତିରେ ଗାଦି ଛକ ନିକଟରେ ଥିବା ହନୁମାନ ମନ୍ଦିର ଭିତରକୁ ପଶି ଆସିଥିଲା ଏକ ହରିଣ। ସ୍ଥାନୀୟ ଗ୍ରାମବାସୀ ଓ ବରିଷ୍ଠ ସାମ୍ବାଦିକ ବ୍ରଜକିଶୋର ସାହୁ, ଗଗନ ନନ୍ଦୀ ଓ ସ୍ନେକ ହେଲ୍ପ ଲାଇନର ସଦସ୍ୟ ବ୍ରଜବନ୍ଧୁ ସାହୁ ପ୍ରମୁଖ ଜାଣିବା ପରେ ମନ୍ଦିର ଫାଟକକୁ ବନ୍ଦ କରି ବନ ବିଭାଗକୁ ଫୋନ କରିଥିଲେ। ବନ ବିଭାଗ ଆସିବା ପର୍ଯ୍ୟନ୍ତ ଗାଁଲୋକ ହରିଣକୁ ଜଗି ବସିଥିଲେ। କୁକୁର ଗୋଡ଼ାଇବା କାରଣରୁ ହଠାତ ମନ୍ଦିର ଭିତରେ ଥିବା ଅର୍ଗଳୀରେ ହରିଣର ଗୋଡ଼ ଓ ମୁଣ୍ଡ ପଶିବା ଦ୍ୱାରା ମୁଣ୍ଡରେ କ୍ଷତ ହୋଇ ରକ୍ତ ବୋହୁଥିଲା। ବନ ବିଭାଗ ପହଞ୍ଚି ଆହତ ହରିଣକୁ କୋଣାର୍କ ବାଲୁକା ଖଣ୍ଡ ଅଭୟାରଣ୍ୟ ନେଇଛନ୍ତି।

# ୩୧ ପଞ୍ଚାୟତର ୧୯୯ ଗାଁରେ ପିଇବା ପାଣି ସମସ୍ୟା

## ଗୋପ ବ୍ଲକସ୍ତରୀୟ ଜନ ଶୁଣାଣିରେ ୨୬ ଅଭିଯୋଗ

ଗୋପ,୬।୩(ଡି.ଏନ୍.ଏ.): ଖରାଦିନ ଆରମ୍ଭରୁ ଗୋପ ବ୍ଲକର ୩୧ଟି ପଞ୍ଚାୟତର ୧୯୯ଟି ଗାଁରେ ପିଇବା ପାଣି ସମସ୍ୟା ଦେଖାଦେଇଛି। ସୋମବାର ଗୋପ ବ୍ଲକ ବୈଠକ ଗୃହରେ ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ୨୬ଟି ଅଭିଯୋଗ ମଧ୍ୟରେ ପିଇବା ପାଣି ସମସ୍ୟାକୁ ନେଇ ୧୮ଟି ଅଭିଯୋଗ ହୋଇଛି। ତୁରନ୍ତ ପିଇବା ସମସ୍ୟା ସମାଧାନ କରିବା ସହ ସମସ୍ତ ଗାଁକୁ ପିଇବା ପାଣି ଯିବା, ବେଆଇନ ଭାବେ ଘରକୁ ନେଇଥିବା ପିଇବା ପାଣି ନେଇଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଅଚଳ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା, ବିଭାଗୀୟ ବ୍ଲକ ଜଳପରିମଳ ଯନ୍ତ୍ରୀ ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ଦାବି କରିବା, ଅଧାପନ୍ତରିଆ ହୋଇ ପଡିଥିବା ଜଳ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟ ଶେଷ କରାଯିବା ଭଳି ଅନେକ ଅଭିଯୋଗ କରାଯାଇଥିଲା। ଶିବିରରେ ଜିଲାପାଳ ଜିଲାରେ ନ ଥିବାରୁ ଉପଜିଲାପାଳ କୈଳାସଚନ୍ଦ୍ର ସାହୁ, ଏସ୍‌ପି କେ. ବିଶାଲ ସିଂ, ତହସିଲଦାର ଏସ.କେ. ସାର୍ଗି, ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ବିଡିଓ ଦୀପ୍ତିରାଣୀ ଦାସ, ସହାୟକ ନିର୍ବାହୀ ସ୍ୱେତା ଦାଶଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଭକ୍ତଙ୍କ ସୁରକ୍ଷା ପାଇଁ ଅଧିକ ପୋଲିସ ମୁତୟନ ହେବେ

## ମା’ ମଙ୍ଗଳାଙ୍କ ଝାମୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କାକଟପୁର,୬।୩(ଡି.ଏନ୍.ଏ.)

ଚଳିତବର୍ଷ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ଝାମୁଯାତ୍ରା ପାଇଁ ମଙ୍ଗଳା ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳା ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ରବିବାର ଟ୍ରଷ୍ଟ ଅଫିସଠାରେ ଝାମୁଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କାକଟପୁର ତହସିଲଦାର ତଥା ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ବିରଞ୍ଚି ନାରାୟଣ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କାକଟପୁର ବିଡିଓ ତୁଷାର ଜ୍ୟୋତିରଞ୍ଜନ, ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ମଙ୍ଗଳା ମନ୍ଦିର ଉପଦେଷ୍ଟା କମିଟି ସଦସ୍ୟ ହିମାଂଶୁ ଭୂଷଣ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ମାନସ ଦୀକ୍ଷିତ, ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି କମଳଲୋଚନ ଦୀକ୍ଷିତ, ସମ୍ପାଦକ ପବିତ୍ର ଦୀକ୍ଷିତ, ପୂଜାପଣ୍ଡା ସର୍ବେଶ୍ୱର ପାଢ଼ୀ, କାକଟପୁର ଥାନା ଏଏସ୍‌ଆଇ ପ୍ରମୋଦ ସେଠୀ, ଚମ୍ପାହାର ଦମକଳ କେନ୍ଦ୍ର ଅଧିକାରୀଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏବଂ ସାମାଜିକ କର୍ମୀ ଯୋଗ ଦେଇଥିଲେ। ବିଗତ ୨ ବର୍ଷ କରୋନା ପାଇଁ ଝାମୁଯାତ୍ରାରେ ଲୋକଙ୍କ ବାରଣ ହୋଇଥିବାରୁ ଚଳିତବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମ ଆଶଙ୍କା ଥିବାରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍‌ର ବ୍ୟବସ୍ଥା ହେବାକୁ ନିଷ୍ପତ୍ତି ହୋଇଛି। ସେହିପରି ଟ୍ରାଫିକ ବ୍ୟବସ୍ଥା ପାଇଁ ଅଧିକ ସଂଖ୍ୟକ ପୋଲିସ ଫୋର୍ସ ମୁତୟନ କରାଯିବା, ଭକ୍ତଙ୍କ ସହାୟତା ପାଇଁ ସୂଚନା କେନ୍ଦ୍ର ଓ ମେଡିକାଲ କ୍ୟାମ୍ପ, ପାନୀୟଜଳର ସୁବନ୍ଦୋବସ୍ତ କରାଯିବା ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ଭକ୍ତଙ୍କ ଉପରେ ପାଣି ସିଞ୍ଚନ କରାଯିବା ସହିତ ସମସ୍ତ ପ୍ରକାର ସହଯୋଗ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ରାତି ୩ଟାରୁ ମା’ଙ୍କ ନୀତିକାନ୍ତି ଆରମ୍ଭ ହୋଇ ଭୋର ୫ଟା ବେଳକୁ ଦ୍ୱାରଫିଟା ହେବ। ସେହି ସମୟରେ ସାଧାରଣ ଭକ୍ତଙ୍କ ପାଇଁ ସାହାଣ ମେଳା ଦର୍ଶନ ହେବ।



ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସିପିଆଇ (ଏମ୍) ପୁରୀ ଶାଖା ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ବ୍ରହ୍ମଗିରିରେ ଖୋଲିଲା ଶିଶୁ ମିତ୍ର ଥାନା

ବ୍ରହ୍ମଗିରି,୬।୩ (ଡି.ଏନ୍.ଏ.)

ବ୍ରହ୍ମଗିରି ଥାନା ପରିସରରେ ସୋମବାର ଶିଶୁ ମିତ୍ର ଥାନାର ମହିଳା ଓ ଶିଶୁ ସୁଲଭ କକ୍ଷ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଥାନାକୁ ଆସୁଥିବା ଶିଶୁମାନେ ମାନସିକ ସ୍ତରରେ ଥାନା ଓ ପୋଲିସଙ୍କୁ ଭୟ ନ କରିବା ପାଇଁ ଏହି ସ୍ୱତନ୍ତ୍ର ପ୍ରକୋଷ୍ଠରେ ନିଯୁକ୍ତ ଥିବା ଏସ୍‌ଜେପିୟୁର ମହିଳା ଥାନା ଅଧିକାରିଣୀ ସାଦା ପୋଷାକରେ ଥାଇ ମହିଳା ଓ ଶିଶୁମାନଙ୍କର ଅଭିଯୋଗ ଶୁଣାଣି କରିବେ। ଉତ୍ସବରେ ଅନ୍ୟ ଅତିଥି ଭାବେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ, ଜିଲା ସୂଚନା ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସିଡବ୍ଲ୍ୟୁସି ଅଧ୍ୟକ୍ଷ ମହାବୀର ରୁଦ୍ରନାରାୟଣ ସାହୁ, ରମାଶଙ୍କର ପାତ୍ର, ପିଓଆଇସି ଶୁଭନାରାୟଣ ଶତପଥୀ, ବ୍ରହ୍ମଗିରି ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ଅତିରିକ୍ତ ତହସିଲଦାର ପ୍ରବୋଧ ମହାନ୍ତି, ବ୍ରହ୍ମଗିରି ଥାନା ଆଇଆଇସି ଦିଲୀପ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଝିଆରୀଙ୍କୁ ଅସଦାଚରଣ କରି ଦାଦା ଗିରଫ

ନିମାପଡ଼ା, ୬।୩ (ଡି.ଏନ୍.ଏ.)

ଚାରିଛକ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ସମ୍ପର୍କୀୟ ଦାଦାଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୯/୨୩) ରୁଜୁ କରିଛି। ନିମାପଡ଼ା ମେଡିକାଲରେ ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି। ମହିଳା ଜଣକ ଗ୍ରାମ ନିକଟସ୍ଥ ନଦୀକୁ ଶୌଚ ହୋଇ ଗାଧୋଇବାକୁ ଯାଇଥିଲେ। ସେଠାରେ ସମ୍ପୃକ୍ତ ବ୍ୟକ୍ତି ଜଣକ ତାଙ୍କୁ ଏକୁଟିଆ ଦେଖି ଅସଦାଚରଣ କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର: ନାବାଳକଙ୍କୁ ବାଳ ଅପରାଧ କୋର୍ଟରେ ହାଜର

ନିମାପଡ଼ା,୬।୩ (ଡି.ଏନ୍.ଏ.)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ଗ୍ରାମର ୧୪ ବର୍ଷୀୟ ନାବାଳକଙ୍କୁ ପୋଲିସ ସୋମବାର ଧରିଛି। ଏନେଇ ପୋକ୍‌ସୋ ଆକ୍ଟରେ ପୋଲିସ ଏକ ମାମଲା (ନଂ. ୫୫/୨୩) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ସୋମବାର ଉଭୟଙ୍କ ଡାକ୍ତରୀ ମାଇନା କରାଇଛି। ନାବାଳକଙ୍କୁ ପୁରୀ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ସୂଚନା ମୁତାବକ, ଗତ ୨୨ ତାରିଖ ମଧ୍ୟାହ୍ନରେ ନାବାଳିକାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ନାବାଳକ ତାଙ୍କ ଘରେ ପଶି ତାଙ୍କୁ ଅମାନୁଷିକ ଭାବେ ବଳାତ୍କାର କରିଥିଲେ। ଏହି ଘଟଣା ବାବଦରେ ବାହାରେ ପ୍ରକାଶ କଲେ ନାବାଳିକାଙ୍କୁ ଜୀବନରୁ ମାରିଦେବେ ବୋଲି ନାବାଳକ ଜଣକ ଧମକଚମକ ଦେଇଥିଲେ। ଏଥିରେ ନାବାଳିକା ଭାଙ୍ଗିପଡି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେଥିରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ସେ ନିମାପଡ଼ା ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଲୋକଲଜ୍ଜା ଭୟରେ ପରିବାରବର୍ଗଙ୍କୁ ବିଳମ୍ବରେ ଏହି ଘଟଣା ବାବଦରେ ଜଣାଇଥିଲେ। ଏନେଇ ତାଙ୍କ ବାପା ୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ।

# ଅନିମେଶଙ୍କୁ ଜାମିନ ମିଳିଲା

## ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇବା ମାମଲା

କଟକ ଅଫିସ, ୬।୩

ଶ୍ରୀମନ୍ଦିର ଉପରେ ବେଆଇନ ଭାବେ ଡ୍ରୋନ୍ ଉଡ଼ାଇବା ମାମଲାରେ ଗିରଫ ହୋଇଥିବା ୟୁଟ୍ୟୁବର ଅନିମେଶ ଚକ୍ରବର୍ତ୍ତୀଙ୍କୁ ଓଡ଼ିଶା ହାଇକୋର୍ଟ ସୋମବାର ଜାମିନ ପ୍ରଦାନ କରିଛନ୍ତି। ବିଚାରପତି ଭି. ନରସିଂହ ଏହି ମାମଲାର ଶୁଣାଣି କରି ଅନିମେଶଙ୍କୁ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିବା ସହ ଭବିଷ୍ୟତରେ ଆଉ ଏଭଳି ନ କରିବାକୁ ତାଗିଦ କରିଛନ୍ତି। ପ୍ରକାଶ ଯେ, କୋଲ୍‌କାତାର ପର୍ଯ୍ୟଟକ ତଥା ପେସାଦାର ୟୁଟ୍ୟୁବ୍‌ର ଅନିମେଶ ଗତବର୍ଷ ସେପ୍ଟେମ୍ବର ୮ରୁ ୧୦ ଯାଏ ପୁରୀ ଭ୍ରମଣରେ ଆସିଥିଲେ। ସେହି ସମୟରେ ସେ ତାଙ୍କ ଡ୍ରୋନ୍‌କୁ ୪୦୦ ମିଟର ଉର୍ଦ୍ଧ୍ୱରେ ଶ୍ରୀମନ୍ଦିରର ନିଷିଦ୍ଧାଞ୍ଚଳ ରେଡ୍ ଜୋନ୍ ମଧ୍ୟରେ ଉଡ଼ାଇ ଫଟୋ ଓ ଭିଡିଓ ଉତ୍ତୋଳନ କରି ୟୁଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ। ଏନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସେ ଜାଣିବା ପରେ ତାହାକୁ ୟୁଟ୍ୟୁବ୍‌ରୁ ହଟାଇ ଦେଇଥିଲେ। ଏନେଇ ପୁରୀ ସିଂହଦ୍ୱାର ଥାନାର ଏସ୍‌ଆଇ ନେତ୍ରାନନ୍ଦ ଦାସଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଗିରଫଦାରିରୁ ବର୍ତ୍ତିବା ପାଇଁ ଅନିମେଶ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ତେବେ ଗତ ଜାନୁୟାରୀ ୬ରେ ତାଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ଏହାପରେ ସିଂହଦ୍ୱାର ପୋଲିସ ଅନିମେଶଙ୍କୁ କୋଲ୍‌କାତାରୁ ଫେବୃୟାରୀ ୧୯ରେ ଗିରଫ କରିଥିଲା। ତାଙ୍କର ଜାମିନ ପାଇଁ ତଳକୋର୍ଟରେ ଆବେଦନ କରାଯାଇଥିବାବେଳେ ତାହା ମଞ୍ଜୁର ହୋଇ ନ ଥିଲା। ତତ୍‌ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରମେଶ ଅଗ୍ରୱାଲ ମାମଲା ପରିଚାଳନା କରୁଥିଲେ।

# କଣାସ ସିଏଚ୍‌ସିରେ ସ୍ତ୍ରୀ ରୋଗ ବିଶେଷଜ୍ଞ ନାହାନ୍ତି

କଣାସ,୬।୩ (ସ୍ୱ.ପ୍ର.)

କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ପରିସରରେ ସୋମବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଣାସ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ସିଡିଏମ୍ ସୁଜାତା ମିଶ୍ର, ତହସିଲଦାର ସନ୍ତୋଷ ପାଣିଗ୍ରାହୀ, କଣାସ ଥାନା ଆଇଆଇସି ସୁଜିତ ଦାସ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ରୋଗୀ କଲ୍ୟାଣ ସମିତିକୁ ଗତବର୍ଷ ଆସିଥିବା ଅର୍ଥ କେତେକାଂଶରେ ଖର୍ଚ୍ଚ ହୋଇଛି, କେତେକ ବଳକା ଅଛି ଏବଂ ଚଳିତବର୍ଷ କେଉଁ କେଉଁ କାର୍ଯ୍ୟରେ ବ୍ୟୟ କରାଯିବ ସେନେଇ ବିପିଏମ୍ ଧନେଶ୍ୱର ସ୍ୱାଇଁ ବିବରଣୀ ପାଠ କରିଥିଲେ। ସିଏଚ୍‌ସିରେ ସ୍ତ୍ରୀ ରୋଗ ବିଶେଷଜ୍ଞ ନ ଥିବାରୁ ତୁରନ୍ତ ଏହି ପଦବୀରେ ନିଯୁକ୍ତି ଦେବାକୁ ସଞ୍ଜୟ ବଳିୟାରସିଂ, ସିଡିଏମ୍ ମିଶ୍ରଙ୍କୁ ଅନୁରୋଧ କରିଥିଲେ। ସିଏଚ୍‌ସିରେ ଜମି ରହୁଥିବା ବର୍ଷାଜଳ, ପଛ ପାଖରେ ପାଚେରି ନ ଥିବା, ପାନୀୟ ଜଳର ଅଭାବ ସମ୍ପର୍କରେ ଆଲୋଚନା ହୋଇଥିଲା। ଗୃହର ଆବଶ୍ୟକତା ହେତୁ ନୂତନ ଗୃହ ନିର୍ମାଣ ଏବଂ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ତହସିଲଦାର ଓ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ଏଥିରେ ସମସ୍ତ ଡାକ୍ତର, ସମିତି ସଭ୍ୟ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ, ସିଡିପିଓ ସ୍ମିତା ମହାନ୍ତି, ସମିତିସଭ୍ୟ ପ୍ରତିନିଧି ରାଜେଶ ହରିଚନ୍ଦନ, ସମିତିସଭ୍ୟ ଶରତ ଜୟସିଂ ଏବଂ ସନ୍ତୋଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁ ଜୟନ୍ତୀ ପାଳିତ

ସାକ୍ଷୀଗୋପାଳ/ଗୋପ,୬।୩(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ନିର୍ବାଚନମଣ୍ଡଳୀ ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୭ତମ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ମହିଳା ନେତ୍ରୀ କନକଲତା ପଣ୍ଡା, ଦେବ ମହାପାତ୍ର, ଶ୍ରୀଧର ମହାପାତ୍ର, ସରପଞ୍ଚ ଦେବୀ ପ୍ରସାଦ ଘଟୁଆରୀ, ଚିନ୍ମୟ ରାଉତ, ଦୀନେଶ ମହାପାତ୍ର, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ଭୀମସେନ ପାଇକରାୟ, ଲିଙ୍ଗରାଜ ସ୍ୱାଇଁ, ବସନ୍ତ ଜେନା, ବିକ୍ରମ ଜେନା, ଭିକାରୀ ବଳିୟାରସିଂ ଏବଂ ବଳରାମ ପଲେଇ ପ୍ରମୁଖ ମଞ୍ଚାସୀନ ଥିଲେ। ଦେବ ମହାପାତ୍ର ସ୍ୱାଗତ ଭାଷଣ ଓ ଦୁର୍ଗେଶ ମିଶ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଗୋପ ବ୍ଲକ କାର୍ଯ୍ୟାଳୟ ପରିସରରେ ଲୋକସେବା ଦିବସ ଓ ବିଜୁବାବୁଙ୍କ ଜୟନ୍ତୀ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡିଓ ଦୀପ୍ତିରାଣୀ ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି, ଏମ୍‌ପିଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ, ବ୍ଲକ ପଞ୍ଚାୟତ ଅଧିକାରିଣୀ ଜୟଶ୍ରୀ ମିଶ୍ର, ବ୍ଲକ ଜୀବିକା ମିଶନ ଅଧିକାରିଣୀ ଦୀପାଳି ଛାଟୋଇ, ବ୍ଲକ ପ୍ରୋଗ୍ରାମ ଅତିରିକ୍ତ ଅଧିକାରିଣୀ ମୋନାଲିସା ଶତପଥୀ ପ୍ରମୁଖ ଯୋଗଦେଇଥିଲେ।


ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.୪,ଭୁବନେଶ୍ୱର

**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO.IV**
**NIRMAN SOUDHA, UNIT-V, BHUBANESWAR**
Email ID:eernb4bbsr@gmail.com, Tel-(0674)-2390245

**INVITATIONS FOR BIDS THROUGH e-Procurement**

No.B-1334: No.1586, Date:04.03.2023
Bid Identification No.C.C. (R&B)-04
e-Procurement Notice No.61 of 2022-23

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No. of Works | 1 No. Road Work |
| 3 | Estimated Cost | Rs.67,14,400.00 |
| 4 | Class of Contractor | 'B' Class |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System |
| 7 | Date & Time of availability of bid document in the portal | From Dt.14.03.2023 to 17.30 hrs of Dt.20.03.2023 |
| 8 | Last Date & Time for Receipt of bids in the portal | Dt.20.03.2023 upto 17.30 hrs. |
| 9 | Opening of Bid through online | Dt.21.03.2023 at 11.30 AM onwards |
| 10 | Name & Address of the Officer inviting Bid | Er. Trinath Behera, Superintending Engineer, Bhubaneswar (R&B) Division No. IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject/cancel/modify the tender at any time without assigning any reason thereof.
**N.B.:Subsequent corrigendum/addendum if required shall be available in the website as indicated above.**

**Sd./- Superintending Engineer**
**BBSR(R&B) Division No.IV, BBSR**
OIPR-34090/11/0015/2223



GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack - 753014

**DEMAND NOTICE**
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/79/2019 25/01/2023

**STATE BANK OF INDIA**
Versus
**M/S AVISHEK COMMERCIAL**

To
**(CD 1) M/s Avishek Commercial,** At: V.N Marg, Proof Road, Padhuanpada, P.O.: Azimabad, Balasore, Odisha
**(CD 2) Mr. Avishek Vijay,** S/o.: Sagarmal Vijay, At: Padhuanpada, P.O.: Azimabad, Balasore, Odisha - 756001

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/714/2014** an amount of **Rs.44,30,961.71 (Rupees Forty Four Lakh Thirty Thousand Nine Hundred Sixty One Only)** along with pendentellite and future interest @ 10% simple interest with yearly rest w.e.f. **30/09/2014** till realization and costs of **Rs.14,000/- (Rupees Fourteen Thousand Only)** has become due against you (Jointly and severally/ Fully/ Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **03/04/2023 at 10.30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate / execution proceedings.
   (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **25/01/2023**

**Sd/- Recovery Officer**
**DEBTS RECOVERY TRIBUNAL CUTTACK**



**OFFICE OF THE CHIEF DISTRICT VETERINARY OFFICER, ANGUL**
AT: HEMSURPADA, P.O./DIST.: ANGUL, ODISHA-759122
Mail: cdvoangul@gmail.com

**TENDER CALL NOTICE No. 971/04/03/2023**

No. M-89: Bids in sealed cover are invited from wholesalers/ distributors/C & F agencies & suppliers approved by manufacturers for supply of Veterinary Medicines, Feed additives & Medical consumables in distirct of Angul under CDVO, Angul. The details of the render can be downloaded from the website: **(https://angul.nic.in)**.

**Sd./- Chief District Veterinary Officer, Angul**
OIPR-06069/11/0001/2223



**GOVERNMENT OF ODISHA**
**"e" Procurement Notice**
**Bid Identification No.46 of 2022-23**

**No.O-1054:**The Superintending Engineer, RWS&S Division, Balangir on behalf of Governor of Odisha invites Percentage bid through e-Procurement in double cover system according to norm of e-Procurement system in online mode for the different work in different Blocks under Balangir District.
01. Nature of Work: Construction of Percolation well and RCC intake well in different villages of Balangir District.
02. Total No. of Work: 08 Nos.
03. Estimated Cost: Rs.66.82 Lakh to 78.20 Lakh.
04. Eligible Class of Contractor : "B" Contractor.
05. Period of Completion: Three Months.
06. Other details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 46 of 2022-23 | Dt.15.03.2023 At 11.00 Hrs. | Dt.28.03.2023 Upto 17.00 Hrs. |

Further details can be had in the DTCN available in the website www.tendersodisha.gov.in.

**Sd./- Superintending Engineer**
**RWS&S Division, Balangir**
OIPR-25033/11/0036/2223



GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE CHIEF ENGINEER & BASIN MANAGER**
**SUBARNAREKHA & BUDHABALANGA BASIN,**
AT/PO-LAXMIPOSI, DIST-MAYURBHANJ
No.A-1223: Mail id:cebmsbb2019@gmail.com
Government of Odisha "e" Procurement Notice
Bid Identification No.32/22-23 of CEBM, SBB,Laxmiposi

| | | |
|---|---|---|
| 1 | Name of Work | Restoration & Protection to right bank of river Budhabalanga near village Palusia, Rabaneswar Kalyanpur, Alada, Makanda & Haladia |
| 2 | Estimated Cost | Rs.12,55,50 Lakh |
| 3 | Bid Security/E.M.D. | Rs.12,55,500.00 |
| 4 | Period of Completion | 18 (Eighteen) Calendar Months |
| 5 | Class of Contractor | "A" Class & "Special" Class |
| 6 | Date & Time of availability of bid document in the portal | 09.03.2023 at 10.00 AM |
| 7 | Last date/time for receipt of bid in the portal | 29.03.2023 upto 5.00 PM |
| 8 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in."

Sd./- Chief Engineer & Basin Manager
Subarnarekha & Budhabalanga Basin,
Laxmiposi, Mayurbhanj
OIPR-32074/11/0020/2223



**OFFICE OF THE**
**REGULATED MARKET COMMITTEE, SAMBALPUR**
At: Bhuianpara, P.O.: Remed, Dist.: Sambalpur - 768006
(E-mail: rmcsbp@rediffmail.com)
Letter No. 119/RMC Date: 03.03.2023

**REQUEST FOR QUOTATION (RFQ)**

**Subject:** Complete Engineering, Supply and procurement of materials and supervision of fabrication, erection, testing, pre-commissioning and commissioning for 1 No. of 10MT Solar Cold Room under RMC, Sambalpur, Dist.: Sambalpur.

The Sub-Collector-cum-Chairman, RMC, Sambalpur on behalf of the RMC, Sambalpur invites sealed RFQ from reputed expert Agencies/Companies to submit a proposal for complete engineering, supply and procurement of materials and supervision of fabrication, erection, testing, pre-commissioning and commissioning for 1 No. of 10MT Solar Cold Room under RMC, Sambalpur, Dist.: Sambalpur.

The detail quotation call notice with specification can be seen from the sambalpur district website: **www.sambalpur.nic.in**.

An amount of **Rs.2,000/- (Rupees two thousand)** only (non-refundable) towards the cost of the RFQ document shall have to be enclosed in the shape of a "Demand Draft" drawn on any Nationalized Bank, payable in favour of Secretary, R.M.C., Sambalpur.

The agency/company must furnish the documents tabulated below.

| | |
|---|---|
| 1. | GST and PAN Certificate of the firms |
| 2. | Bank Draft towards the cost of tender document |
| 3. | Statement of Performance of the last 3 years along with documentary evidence (Work/Purchase orders) |
| 4. | Revenue Certificate in prescribed format |
| 5. | List of Service Centres/Offices in India |
| 6. | Certificate recognizing technology by Government of India |

The proposal should be submitted to The Secretary, RMC, Sambalpur through Speed/Regd. Post or drop in the Drop Box available on the office premises by Date: 17.03.2023 till 05.00 P.M.
The technical bids will be opened on Dt.18.03.2023 till 03.30 P.M., if possible, in the presence of those bidders who chose to attend.
The technical bids shall be evaluated jointly by the committee of Sub-Collector, Sambalpur, RMC, Secretary, Sambalpur, DRCS, Sambalpur, Deputy CEO, ORMAS, Sambalpur.
Among the feasible proposal, the proposal satisfying technical parameters and other conditions of TOR shall be awarded in the work order.
The agency shall be solely responsible for any cost they may incur for a site visit, transport, faxes, postage, telephones etc. in the process of submission of the proposal. The Chairman, RMC, Sambalpur reserve the right at its absolute discretion to accept or reject any of the proposals without assigning any reason/reasons.
Should they require any further information they may contact the Secretary, RMC, Sambalpur.

**Sub-Collector-cum-Chairman**
**RMC, Sambalpur**



**ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ**
**(ଦେବୋତ୍ତର ବିଭାଗ)**

ନିଲାମ ଇସ୍ତାହାର ସଂଖ୍ୟା ୭୬୯ ତାରିଖ: ୦୪।୦୩।୨୦୨୩

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଭୋଗ ଦୋକାନକୁ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୧।୦୩।୨୦୨୩ରିଖ ଦିବା ଘ୧୨.୩୦ ମିନିଟ୍ ସମୟରେ ନିଲାମ କରାଯିବ। ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ.୪୪,୩୧,୩୬୧/- (ଚଉରାଳିଶ ଲକ୍ଷ ଏକ ତିରିଶ ହଜାର ତିନିଶହ ଏକଷଠୀ ଟଙ୍କା) ମାତ୍ର ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏଥି ନିମନ୍ତେ ଟ.୪,୪୩,୧୩୬ (ଚାରି ଲକ୍ଷ ତେୟାଳିଶ ହଜାର ଏକଶହ ଛତିଶ ଟଙ୍କା) ମାତ୍ରର ଅମାନତ ବାବଦକୁ ଅର୍ଥ Executive Officer, Debottar, Dhenkanalଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ଦିବା ଘ.୧୦.୩୦ ମିନିଟ୍‌ଠାରୁ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଦାଖଲ କରି ନିଲାମରେ ଅଂଶ ଗ୍ରହଣ କରିପାରିବେ। ଅମାନତ ଅର୍ଥ ଦାଖଲ କରିଥିବା ବ୍ୟକ୍ତି ନିଲାମ ସମୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା୨୧।୦୩।୨୦୨୩ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।

ସର୍ବନିମ୍ନ ମୂଲ୍ୟଠାରୁ କମ୍ ଜଉମୁଦ ନିଲାମ ଦାଖଲ ଦେଇଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ। ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବକ୍ତିଙ୍କ ସପକ୍ଷରେ ନିଲାମ ଅନୁମୋଦନ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସେହିଦିନ ଅର୍ଥାତ୍ ତା୨୧।୦୩।୨୦୨୩ରିଖ ଦିନ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ ଦେବେ। ନଚେତ୍ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ। କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି। ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ନିଲାମ ସମ୍ବନ୍ଧୀୟ ସମସ୍ତ କାଗଜାତ ଟ.୫୦୦/- (ପାଞ୍ଚ ଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ପାଇ ପାରିବେ।

ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତଙ୍କ ଆଦେଶ କ୍ରମେ
**ସ୍ୱା./- ନିର୍ବାହୀ ଅଧିକାରୀ, ଦେବୋତ୍ତର,**
**ଢେଙ୍କାନାଳ**

**ଭୋଗରା ମହିମା ଆଶ୍ରମର ବାର୍ଷିକ ମହୋତ୍ସବ**

ଖୁଣ୍ଟୁଣୀ,(ଡି.ଏନ୍.ଏ.): ଖୁଣ୍ଟୁଣୀର ଭୋଗରାରେ ଥିବା ସତ୍ୟ ମହିମା ଧର୍ମ ଆଶ୍ରମର ଦ୍ୱାବିଂଶ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବାସୀଙ୍କ ମଙ୍ଗଳ ପାଇଁ କୌପୀନଧାରୀ ସାଧୁମଣ୍ଡଳୀ ପ୍ରାର୍ଥନା କରିଥିଲେ। ସନ୍ଧ୍ୟା ୬ଟାରେ ଆଶ୍ରମ ମୁଖ୍ୟ ବ୍ରହ୍ମ ଅବଧୂତ ସାଧୁ କୈଳାସ ବାବା ଅଖଣ୍ଡ ଘୃତବତି ଅର୍ପଣ ଓ ବ୍ରହ୍ମଧୁନି ସ୍ଥାପନ କରି ଅଲେଖ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଘୃତାହୁତି ପ୍ରଦାନ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଲେଖ ଗୋଷ୍ଠୀ ପକ୍ଷରୁ ପ୍ରଭୁଙ୍କ ନାମ ଓ ଖଞ୍ଜଣି ମାଧମରେ ସନ୍ଥ ଭୀମଭୋଇଙ୍କ ଭଜନ କୀର୍ତ୍ତନ ହୋଇଥିଲା। ସୋମବାର ପ୍ରତ୍ୟୁଷରୁ ମହିମା ପ୍ରଭୁଙ୍କୁ ପ୍ରାର୍ଥନା, ବାଲ୍ୟଲୀଳା କରାଯିବା ପରେ ପ୍ରସାଦ ଦିଆଯାଇ କାର୍ଯ୍ୟକ୍ରମକୁ ଉଦ୍‌ଯାପିତ କରିଥିଲେ। ସାଧୁ କ୍ଷମାନନ୍ଦ ଦାସ, ସାଧୁ ଚନ୍ଦ୍ରମଣି ଦାସ ଓ ସାଧୁ ଅନାଦି ଚରଣ ଦାସ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ରେଳଧାରଣାରୁ ଟ୍ରେନ ଚାଳକଙ୍କ ମୃତଦେହ ଜବତ

ଖୁଣ୍ଟୁଣୀ,୬।୩(ଡି.ଏନ୍.ଏ.)- ପୂର୍ବତଟ ରେଳପଥର ରାଜା ଆଠଗଡ଼ (ଖୁଣ୍ଟୁଣୀ) ନିକଟ ମସ୍ତପୁର ରେଳ ଷ୍ଟେସନ ନିକଟ ପଶ୍ଚିମ ପାର୍ଶ୍ୱ ଅପ୍‌ଲାଇନ୍ ଟ୍ରାକ ଉପରୁ ସୋମବାର କଟକ ଜିଆରପି ପୋଲିସ ଜଣେ ଯୁବ ଟ୍ରେନ ଚାଳକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଝାଡ଼ଖଣ୍ଡ ଟାଟା ଜାମସେଦପୁରର ନିଶାନ୍ତ କୁମାର (୩୨)। କଟକ ଜିଆରପି ଥାନାର ସୂଚନା ଅନୁଯାୟୀ, ସୋମବାର ସକାଳେ ମସ୍ତପୁର ଗ୍ରାମ ଲେଭଲ କ୍ରସିଂ ଓ ମସ୍ତପୁର ରେଳ ଷ୍ଟେସନର ମଧ୍ୟବର୍ତ୍ତୀ ସ୍ଥାନ ଅପ୍‌ଲାଇନ ରେଳଧାରଣାରେ ଜଣେ ଯୁବକଙ୍କ ମୃତଦେହ ଦୁଇ ଖଣ୍ଡ ଅବସ୍ଥାରେ ପଡ଼ିଥିବା ମସ୍ତପୁର ଷ୍ଟେସନ କର୍ତ୍ତୃପକ୍ଷ ଜାଣି କଟକ ଜିଆରପି ଥାନାକୁ ଜଣାଇଥିଲେ। ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବାବେଳେ ସେ ରେଲୱେର ୟୁନିଫର୍ମ ପିନ୍ଧିଥିଲେ। ଏଥିରୁ ରେଳବାଇ ଷ୍ଟାଫ୍ ବୋଲି ସ୍ପଷ୍ଟ ଜଣାପଡ଼ୁଥିଲା। ଖବରପାଇ ଘଟଣାସ୍ଥଳରେ କଟକ ଜିଆରପି ଥାନା ଏସ୍‌ଆଇ ପରମାନନ୍ଦ ବେହେରା ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛନ୍ତି। ନିଶାନ୍ତ ଜଣେ ଟ୍ରେନ ଚାଳକ ବୋଲି ପୋଲିସ ଜାଣିବା ପରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ନିଶାନ୍ତ ରାଜାଆଠଗଡ଼ ଷ୍ଟେସନରୁ ଡ୍ୟୁଟି ନେବା ପାଇଁ ଚାଳକରେରୁ ଟ୍ରେନରେ ଆସୁଥିଲେ ବୋଲି ଜଣାପଡ଼ିଛି। କଟକ ଜିଆରପି ପୋଲିସ ନଂ.୧୨/୨୩ରେ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି।

### ଉତ୍ତେଜକ ଭିଡିଓ ଭାଇରାଲ, ଯୁବକ ଗିରଫ

କଟକ ଅଫିସ,୬।୩: ହୋଲି ପୂର୍ବରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଫେସବୁକ୍‌ରେ ଭିଡିଓ ଭାଇରାଲ କରିଥିବା ଯୁବକଙ୍କୁ ଦରଘାବଜାର ଥାନା ପୋଲିସ ସୋମବାର ଗିରଫ କରିଛି। ସେ ହେଲେ କଦମରସୁଲର ଅବଦୁଲ ମୌସୁମ୍ (୩୩)। ଅଭିଯୁକ୍ତ ଅବଦୁଲ ଜଣେ ସେଫ ଭାବେ ଚଣ୍ଡିଖୋଲସ୍ଥିତ ଏକ ହୋଟେଲରେ ୨୦୧୬ରୁ ୨୦୨୦ ସେପ୍ଟେମ୍ବର ଯାଏ କାର୍ଯ୍ୟ କରୁଥିଲେ। ଅନୁଗୋଳର ହିଂଶୁପଡ଼ାଠାରେ ଥିବା ଉକ୍ତ ମାଲିକଙ୍କ ଆଉ ଏକ ହୋଟେଲରେ ମଧ ସେ ୨୦୨୧ ଡିସେମ୍ବର ରୁ ୨୦୨୨ ଫେବୃଆରୀ ୨୨ ତାରିଖ ଯାଏ କାର୍ଯ୍ୟ କରୁଥିଲେ। କାହାକୁ କିଛି ନ କହି ସେ ଉକ୍ତ ହୋଟେଲରୁ କାମ ଛାଡ଼ିଦେଇଥିଲେ। ପୁଣି ସେ ୨୦୨୩ ଫେବୃଆରୀ ୮ରେ ଆସି ଉକ୍ତ ହୋଟେଲରେ କାମ କରିଥିଲେ। ହେଲେ କିଛି ଦିନ ପରେ ଅବଦୁଲଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ହୋଟେଲ ମାଲିକ ସିକନ୍ଦର ଖାନ ତାଙ୍କୁ କାମରୁ ବାହାର କରିଦେଇଥିଲେ। ଏହାପରେ ଅବଦୁଲ ସିକନ୍ଦରଙ୍କୁ ହ୍ୱାଟ୍ସଆପରେ ଭଏସ୍ ମେସେଜ ଓ ଭିଡିଓ ମେସେଜ ପଠାଇ ପଇସା ଦାବି କରିଥିଲେ। ଏପରିକି ପଇସା ନଦେଲେ ଭିଡିଓ କ୍ଲିପ୍ ଭାଇରାଲ କରିବେ ବୋଲି ଅବଦୁଲ ଧମକ ଦେଉଥିଲେ। ମାତ୍ର ସିକନ୍ଦର ତାଙ୍କୁ ପଇସା ଦେଇ ନ ଥିଲେ। ତେଣୁ ଅବଦୁଲ ଉଦ୍ଦେଶ୍ୟମୂଳକ ଭାବେ ଭିଡିଓ ଭାଇରାଲ କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

### ୫ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ମଙ୍ଗୁଳି-ଜଗତପୁର,୬।୩(ଡି.ଏନ୍.ଏ.)

୫ କିଲୋ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଜଣେ ଯୁବକଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ସେ ହେଲେ କିଶୋରନଗର ଥାନା ଅଧୀନ କିଶୋରନଗର ଗ୍ରାମର ମାନସ ଦାସ। ଏ ନେଇ ପୋଲିସ ମାମଲା (ନଂ.୧୦୬/୨୩)ରୁଜୁ କରିଛି। ସେ ଗତ କିଛି ମାସ ହେବ ଜଗତପୁର ଗୋଲେଇ ଛକରେ ଏକ ମାଛ ଦୋକାନ କରିଥିଲା। ସୂଚନା ଅନୁଯାୟୀ, ରବିବାର ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କ ଖବର ପାଇଥିଲେ ଯେ, ଜଣେ ମାଛ ବିକାଳି ଗଞ୍ଜେଇ ନେଇ ବିକ୍ରି କରିବ ବୋଲି ଖଇରା ପୋଲ ନିକଟରେ ବୁଲୁଛି। ପୋଲିସ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରିଥିଲେ।

# ବଜାରରେ ହର୍ବାଲ ରଙ୍ଗର ଚାହିଦା



- ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ
- ନଦୀ ଘାଟରେ ହେବ ବୋଟ୍ ପାଟ୍ରୋଲିଂ

କଟକ ଅଫିସ,୬।୩

ଦିନକ ପରେ ରଙ୍ଗର ପର୍ବ ହୋଲି। ଏଥିପାଇଁ କଟକ ସହରର ହୋଲସେଲ ବଜାରରେ ଲାଗିଛି ଭଳି କି ଭଳି ହୋଲି ସାମଗ୍ରୀର ପସରା। ପିଚକାରୀ, ବେଲୁନ୍, ମୁଖା, ରୁଚି ଆବିରୁ ଆଦି ଲୋକଙ୍କ ଭିତରେ ଆସିଛି ବଜାରକୁ, ଯାହାକୁ କିଣି ନେଉଛନ୍ତି କଟକ ସମେତ ଅନ୍ୟ ଜିଲାର ଛୋଟ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ସାଧାରଣ ଗ୍ରାହକ। ଗତ ୨ବର୍ଷ କରୋନା ଯୋଗୁ ହୋଲି ଉପରେ କଟକଣା ଲାଗିବା ପରେ ରଙ୍ଗବେପାର ଠପ ହୋଇ ଯାଇଥିଲା। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ହୋଲି ଖେଳିବା ପାଇଁ ଲୋକଙ୍କ ଭିତରେ ଅଧିକ ଉତ୍ସାହ ରହିଛି। ଫଳରେ ଚଳିତ ବର୍ଷ କଟକରେ ରଙ୍ଗ ଏବଂ ଅନ୍ୟାନ୍ୟ ସାମଗ୍ରୀର ବ୍ୟବସାୟ ଭଲ ହେଉଛି ବୋଲି କହିଛନ୍ତି ବ୍ୟବସାୟୀ। ବିଶେଷ କରି ଆମ ଦେଶରେ ତିଆରି ଅନେକ ନୂଆ ନୂଆ ହର୍ବାଲ ହୋଲି ସହ ଅବିର ପସନ୍ଦ କରୁଛନ୍ତି ଗ୍ରାହକ।

ଅପରପକ୍ଷେ କଟକ ସହରରେ ହୋଲିରେ କୌଣସି ବ୍ୟବସାୟୀ ରାସାୟନିକ ରଙ୍ଗ ବ୍ୟବହାର କରିପାରିବେ ନାହିଁ। କେବଳ ହର୍ବାଲ୍ ରଙ୍ଗ ବ୍ୟବହାର କରିବେ। କେହି ବ୍ୟବସାୟୀ ନିୟମ ଭାଙ୍ଗିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପୋଲିସ ଚେତାବନୀ ଦେଇଛି। ସୂଚନା ଅନୁଯାୟୀ, ହୋଲିରେ ରାସାୟନିକ ରଙ୍ଗ ଉପରେ କଟକଣା ଲାଗିଥିବାବେଳେ ଆଇନଶୃଙ୍ଖଳା ଉପରେ ମଧ କଡ଼ା ନଜର ଦେବାକୁ ସମସ୍ତ ଜୋନ୍ ଓ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ହୋଲିରେ ନିଶାସକ୍ତ ଯୁବକମାନେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମୋଟ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। କଟକ ସହରକୁ ୬ଟି ସେକ୍ଟରରେ ଭାଗ କରାଯାଇଛି। ଜୋନ୍‌ୱାରି ଏସିପିମାନେ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହେବେ। ଗୁରୁତ୍ୱପୂର୍ଣ୍ଣ ଛକ ଅଞ୍ଚଳରେ ଅସ୍ଥାୟୀ ପୋଷ୍ଟ ଖୋଲାଯିବ। ଜୋନ୍‌ୱାରି ଥିବା ଥାନାଗୁଡ଼ିକରେ ୨୨ ପିସିଆର୍ ଭ୍ୟାନ୍ ଓ ୪୦ ବାଇକ୍ ପିସିଆର୍ ମୁତୟନ କରାଯାଇଛି। ପୁରା ସହରର ସୁରକ୍ଷା ଦାୟିତ୍ୱରେ ୨ଜଣ ଏଡିସିପି ପାହ୍ୟାର ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଡିସିପି ପିନାକ ମିଶ୍ର ସିଧାସଳଖ ସ୍ଥିତି ଉପରେ ନଜର ରଖିବେ। ସେହିପରି ନଦୀରେ ଗାଧୋଇବା ବେଳେ ଅଘଟଣ ଘଟିବାର ଆଶଙ୍କା ଥିବାରୁ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ପକ୍ଷରୁ ମହାନଦୀ ଓ କାଠଯୋଡ଼ିର ପ୍ରମୁଖ ଘାଟରେ ବୋଟ୍ ପାଟ୍ରୋଲିଂ କରାଯିବାକୁ ଯୋଜନା କରାଯାଇଛି।



କଟକ ନୂଆସଡ଼କ ଅଞ୍ଚଳରେ ମାରୱାଡିଙ୍କ ଦ୍ୱାରା ଅନୁଷ୍ଠିତ 'ହୋଲି କା ଦହନ୍' ପୂଜା କରାଯାଉଛି।

# ଛାୟା ଅଦାଲତ କକ୍ଷ ଉଦ୍‌ଘାଟନରେ କଟକ ମେୟର



ପାଟନା ଆଇନ କଲେଜରେ କଟକ ମେୟର ସୁବାସ ସିଂଙ୍କୁ ସ୍ୱାଗତ କରାଯାଉଛି।

କଟକ ଅଫିସ, ୬।୩

ପାଟନା ଆଇନ କଲେଜର ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଶାୟତଙ୍କ ନାମରେ ଛାୟା ଅଦାଲତ କକ୍ଷ ପାଟନା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାରୁ କଟକ ମେୟର ସୁବାସ ସିଂ ଓ ଅନ୍ୟ ବରିଷ୍ଠ ଆଇନଜୀବୀ ଏଥିରେ ଯୋଗଦେଇଥିଲେ। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧକ ବିଶ୍ୱନାଥ ପଶାୟତଙ୍କ ନାମରେ ପାଟନା ଲ' କଲେଜରେ ଛାୟା ଅଦାଲତ କକ୍ଷ, ପାଟନା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଚକ୍ରଧାରୀ ଚରଣ ସିଂଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏହି କାର୍ଯ୍ୟ କ୍ରମରେ ପାଟନା ଉଚ୍ଚ ନ୍ୟାୟାଳୟ ବିଚାରପତି ସନ୍ଦୀପ କୁମାର, ପାଟନା ଲ' କଲେଜର ଉପାଧ୍ୟକ୍ଷା ମୃଦୁଲା ମିଶ୍ର, ପୂର୍ବତନ ଜଷ୍ଟିସ ଦୀନେଶ ସିଂ, ବାର କାଉନସିଲ ଅଫ ଇଣ୍ଡିଆ ସଭ୍ୟ ଡି.ପି. ଧଳ, ପୂର୍ବତନ ବାର୍ କାଉନସିଲ ଅଫ ଓଡ଼ିଶାର ଅଧ୍ୟକ୍ଷ ଏମ୍. ମହାପାତ୍ର, ଗୋପାଳ କୃଷ୍ଣ ମହାନ୍ତି, ଆଇନଜୀବୀ ଦୀପାଂଶୁ ଦାସ, ଆଇନଜୀବୀ ସଂଜୀବ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମେୟର ସୁବାସ ସିଂହଙ୍କ ସମେତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୧୩ ଦଫା ଦାବି ନେଇ ଜିଲାପାଳଙ୍କୁ ଭେଟିଲା ଏବିଭିପି

କଟକ ଅଫିସ,୬।୩

ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଓ ଯୁବକଙ୍କୁ ରୋଜଗାର ସହ ବିଭିନ୍ନ ଦାବି ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପିର) ସୋମବାର ଆନ୍ଦୋଳନକୁ ଓହ୍ଲାଇଛି। କଟକ ଜିଲା ଏବିଭିପି ପକ୍ଷରୁ ପୁରୀଘାଟ ନିକଟରୁ ଏକ ରାଲି କରାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। କଟକ ସହରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏବେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଏବିଭିପି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। କଲେଜ କ୍ୟାମ୍ପସରେ ବିଭିନ୍ନ ଗ୍ୟାଙ୍ଗର ପ୍ରବେଶ, ରେଭେନଶା ବିଶ୍ୱବିଦ୍ୟାଳୟର ନାଁ ବଦଳାଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାମରେ ନାମିତ କରିବା ଭଳି ୧୩ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଜିଲା ସହପ୍ରମୁଖ ସହଦେବ ସାହୁ, ବଦ୍ରିମୋହନ ରାଉତ, ସମିଥ ଅରୁଣାଭ ସ୍ୱାଇଁ, ଶୁଭଲକ୍ଷ୍ମୀ ମୁଦୁଲି, ରାଜକୁମାର ପରିଡ଼ା, ଓମ୍ ବିଶ୍ୱଜିତ ସ୍ୱାଇଁ, ଆଶୁତୋଷ ନାୟକ, ସେକ ଅବଦୁଲ ସାହିଲ ଏବଂ ଅଧିର ରଞ୍ଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଧୂଳି ଛାଡ଼ିବା ପାଇଁ ଆସିବ ପାଣିସିଞ୍ଚନ ଗାଡ଼ି

କଟକ ଅଫିସ,୬।୩

ସହରରେ ରାସ୍ତାପାର୍ଶ୍ୱରେ ଥିବା ଗଛଗୁଡିକ ଧୂଳି ଲାଗିଥିବାରୁ ଏହାକୁ ସଫା କରାଯିବ। ଏଥିପାଇଁ ସ୍ୱତନ୍ତ୍ର ପାଣି ସିଞ୍ଚନ ଗାଡ଼ି ଆସିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ୨ଟି ଅତ୍ୟାଧୁନିକ ସଫେଇ ଗାଡ଼ି ଓ ମେଶିନ ଭଡା ସୂତ୍ରରେ ଅଣାଯିବ। ଏ ନେଇ ସୋମବାର ବିଜୁ ଭବନରେ ଅନୁଷ୍ଠିତ କଟକ ମହାନଗର ନିଗମ (ସିଏମ୍‌ସି) କଣ୍ଟ୍ରାକ୍ଟ ଷ୍ଟାଣ୍ଡିଂ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ମେୟର ସିଂ ବିହାରର ପାଟନା ଗସ୍ତ କରି ସେଠାକାର ସଫେଇ ବ୍ୟବସ୍ଥା ତଦାରଖ କରିଥିଲେ। ବୈଠକରେ ସେ ସଫେଇ ଉପରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସହରରେ ସଫେଇ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନୂଆ ଗାଡ଼ି ଅଣାଯିବା ପାଇଁ ଟେଣ୍ଡର ଡକାଯିବ। ଏଥିନେଇ ଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରାଯାଇଥିଲା। ସେହିଭଳି ଖରାଦିନେ ରାସ୍ତା ମଝି (ମେଡିଆନ)ରେ ଲଗାଯାଇଥିବା ଗଛଗୁଡ଼ିକରେ ପାଣି ସିଞ୍ଚନ କରିବା ପାଇଁ ନୂଆ ସିଞ୍ଚନ ମେଶିନ କ୍ରୟ କରାଯିବାର ଯୋଜନା ହୋଇଛି। ସେହିଭଳି ଡ୍ରେନରୁ ପଙ୍କ ସଫେଇ ପାଇଁ ମଧ ଗାଡ଼ି ଅଣାଯିବ। ବୈଠକରେ କମିଶନର ନିଖିଳ ପବନ କଲ୍ୟାଣ ସିଂଙ୍କ ସମେତ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷମାନେ ଯୋଗଦେଇଥିଲେ।

# ୩ ମାସ ପରେ ବି ଆଗେଇପାରୁନି ତଦନ୍ତ

**ଧରିଣାରେ ଅଯୋଗ୍ୟ ରାଶନ କାର୍ଡ ହାତେଇବା ପ୍ରସଙ୍ଗ**

କଟକ ସଦର,୬।୩(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତରେ ଅଯୋଗ୍ୟ ବ୍ୟକ୍ତି ରାଶନ କାର୍ଡ ହାତେଇବା ଅଭିଯୋଗର ତଦନ୍ତ ପାଇଁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ନିର୍ଦ୍ଦେଶକୁ ୩ ମାସ ବିତିଯାଇଥିଲେ ମଧ ତଦନ୍ତ ଆଗେଇପାରୁନି। କାରଣ ଯେଉଁମାନଙ୍କ ନାମରେ ଅଭିଯୋଗ ଆସିଛି, ସେମାନେ ଯୋଗାଣ ଅଧିକାରୀଙ୍କୁ ସହଯୋଗ କରୁ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଅଭିଯୋଗକାରୀମାନେ ନକଲି ହୋଇଥିବାରୁ ତଦନ୍ତ ଅଧାରୁ ବନ୍ଦ କରିଦେବାକୁ ଯୋଗାଣ ନିରୀକ୍ଷକଙ୍କ ଉପରେ ଚାପ ପଡ଼ୁଛି ବୋଲି କୁହାଯାଉଛି। ପ୍ରାପ୍ତ ବିବରଣୀରୁ ପ୍ରକାଶ, ଫେବୃୟାରୀ ୧୫ରେ ବ୍ଲକ ଯୋଗାଣ ନିରୀକ୍ଷକ କେଦାର ପ୍ରଧାନୀ ଅଭିଯୋଗର ସରଜମିନ ତଦନ୍ତ ପାଇଁ ଧରିଣା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ମାତ୍ର ଅଯୋଗ୍ୟ ବୋଲି ଅଭିଯୋଗ ହୋଇଥିବା ବ୍ୟକ୍ତିମାନେ ସେମାନଙ୍କ ଘର ଓ ଆୟ ସମ୍ପର୍କରେ କୌଣସି ତଥ୍ୟ ଉପସ୍ଥାପନ କରିବା ପାଇଁ ମନା କରିଥିଲେ। ତେଣୁ ଅଯୋଗ୍ୟ ହେବା ପାଇଁ ସରକାରଙ୍କ ନିର୍ଦ୍ଧାରିତ ୫ଟି ମାନଦଣ୍ଡ ପରିସରକୁ ଆସୁନାହାନ୍ତି ବୋଲି ସତ୍ୟପାଠ ଦାଖଲ କରିବାକୁ ପ୍ରଧାନୀ ପରାମର୍ଶ ଦେଇଥିଲେ। ହେଲେ କେହି ସତ୍ୟପାଠ ଦାଖଲ କରୁନାହାନ୍ତି। କୋଠାଘର ଥାଇ ମଧ ଅନେକ ଚାଳଘର ଅଛି ବୋଲି କହୁଛନ୍ତି। ମାତ୍ର କୋଠାଟି ତାଙ୍କର ନୁହେଁ ବୋଲି ଅକ୍ଷାଂଶ ଦ୍ରାଘିମା ଥାଇ ସତ୍ୟପାଠ ଦେବାକୁ କେହି ଆଗେଇ ଆସୁ ନ ଥିବା ଜଣାପଡ଼ିଛି। ମାର୍ଚ୍ଚ ମାସ କାମ ଚାଲିଥିବାରୁ ତଦନ୍ତ ଆଗେଇପାରୁନାହିଁ ବୋଲି ଯୋଗାଣ ନିରୀକ୍ଷକ ପ୍ରଧାନୀ କହିଛନ୍ତି। ପାରାବିଲ ଗ୍ରାମର କେତେଜଣ ଧନୀବ୍ୟକ୍ତି ରାଶନ କାର୍ଡ ହାତେଇବା ଅଭିଯୋଗର ତଦନ୍ତ ପାଇଁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପତ୍ରସଂଖ୍ୟା ୨୮୬୭/୧୪।୧୧।୨୨ରେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# 'ଶୋଷଣର ମୁଖ୍ୟ ଅସ୍ତ୍ର ସାଜିଛି ଜଗତୀକରଣ'

**ରବି ରାୟ ସ୍ମୃତି ସଭା**

କଟକ ଅଫିସ, ୬।୩

ସମାଜବାଦୀ ଜନନେତା ଓ ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ସ୍ମୃତି ସଭା ସୋମବାର ସାରଳା ଭବନରେ ଅନୁଷ୍ଠିତ ହୋଇଯାଇଛି। ରବି ରାୟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ସଭାରେ 'କର୍ପୋରେଟ ଜଗତ ଓ ସମାବେଶ ଜନତା' ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଅତିଥି ଭାବେ ଡ. ବିଶ୍ୱାବସୁ ଦାସ ଯୋଗଦେଇ କହିଥିଲେ, ସମଗ୍ର ବିଶ୍ୱକୁ ଏକାକାର କରି ଭାଇଚାରା ବନ୍ଧନରେ ବାନ୍ଧି ବିକାଶ କରିବା ନିମନ୍ତେ ଜଗତୀକରଣ କରାଯାଇଥିଲା। କିନ୍ତୁ ତାହା ପୁଞ୍ଜିବାଦୀ ବ୍ୟବସ୍ଥାକୁ ବଞ୍ଚାଇବାର ଚକ୍ରାନ୍ତରେ ପରିଣତ ହୋଇଗଲା। ଜଗତୀକରଣ ଏବେ ଶୋଷଣର ମୁଖ୍ୟ ଅସ୍ତ୍ର ସାଜିଛି। ବିକଶିତ ଦେଶ ଏବଂ ଅଞ୍ଚଳ ଅନ୍ୟ ଦେଶ ଓ ଅଞ୍ଚଳକୁ ଲୁଟ କଲେ। ଫଳରେ ବେକାରୀ ଓ ଦରଦାମ ବଢ଼ିବା ସହ ସାଧାରଣ ଜୀବନ ଦୁର୍ବିସହ ହେଲା। ଲୋକେ ସଚେତନ ଓ ସତର୍କ ନ ହେଲେ ଭବିଷ୍ୟତ ଅନ୍ଧକାରମୟ ହେବ ବୋଲି ଦାସ କହିଥିଲେ। ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବିଧାୟକ ଶଶିଭୂଷଣ ବେହେରା, ପ୍ରଶାନ୍ତ ଦାସ, ଖଗେଶ୍ୱର ସେଠୀ, ଡଲି ଦାସ, ହିମାଂଶୁ କୁଅଁର, ପ୍ରତାପ ଦାସ, ସୁକାନ୍ତ ନାୟକ, ପ୍ରଶାନ୍ତ ପଣ୍ଡା, ଏନାମୁଲ୍ ହକ୍, ରମାକାନ୍ତ ପ୍ରଧାନ, ଏକ୍ରାମ ହୁସେନ, ଇନ୍ଦୁଭୂଷଣ ବେହେରା, ସୁରେନ୍ଦ୍ର ରାଉତ, ଗୀତା ଦାସ, ସ୍ୱାଧିନୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏକାଡେମୀର ପରିଚାଳକ ଇଂ. କ୍ଷୀରୋଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଶୈଳବାଳା କଲେଜରେ ମହିଳା ଦିବସ

କଟକ ଅଫିସ,୬।୩

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟସ୍ଥିତ ମଧୁସୂଦନ ପ୍ରେକ୍ଷାଳୟରେ ଆଲୋଚନା ସଭା ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଶିକ୍ଷାବିତ୍ ପ୍ରଫେସର ଡ. ମଧୁମିତା ଦାସ ଯୋଗଦେଇ ଅନ୍ତର୍ଜାତୀୟ ମହିଳା ଦିବସର ଇତିହାସ ସହ ସାଇବର ନାରୀବାଦ ତଥା ସୁଧା ମୂର୍ତ୍ତି ଓ ଅରୁଣିମା ସିହ୍ନାଙ୍କ ପରି ଜୀବନ୍ତ ଦୃଷ୍ଟାନ୍ତ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ପରାମର୍ଶ ସେଲ୍ ନିର୍ଦ୍ଦେଶିକା ଡ. ସୁଚିତ୍ରା ପ୍ରିୟବାଦିନୀ ଯୋଗଦେଇ ମହିଳାଙ୍କ ସାମ୍ପ୍ରତିକ ସାମାଜିକ ସ୍ଥିତି ସମ୍ପର୍କରେ କହିଥିଲେ । ଡ. ଅଜନ୍ତା ନାୟକ ଅତିଥି ପରିଚୟ ଓ ଡ. ଦୀପ୍ତି ପଣ୍ଡା ଧନ୍ୟବାଦ ଦେଇଥିଲେ। ସେହିପରି ସଖୀ ପକ୍ଷରୁ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବକ୍ସିବଜାରସ୍ଥିତ ଏକ ମଲ୍‌ରେ ଜନସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆଇଏସ୍‌ଡି ନିର୍ଦ୍ଦେଶକ ଶୁଭଶ୍ରୀ ଦାସ, ଜିଲା ସମାଜ ମଙ୍ଗଳ ଅଧିକାରୀ ସବିତା ରାଉତ, ସଖୀ କେନ୍ଦ୍ର ପରିଚାଳିକା ସୌମ୍ୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ମାନସିକ ସୁସ୍ଥ ରହିଲେ ସାମାଜିକ ପ୍ରଗତି ହେବ




**ଅନ୍ତର୍ଜାତୀୟ ମହିଳା ଦିବସ**

କଟକ ଅଫିସ,୬।୩

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଏକ ସାଧାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି କହିଥିଲେ, ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ମାଧମରେ ସମାଜରେ ପୁରୁଷଙ୍କ ସହ ତୁଳନାତ୍ମକ ଭାବେ ମହିଳାମାନେ ସମକକ୍ଷ ଭାବେ ସାମାଜିକ ପ୍ରଗତିରେ ସାମିଲ ହୋଇପାରିବେ। ବିଶ୍ୱରେ ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ପ୍ରଦାନ କରାଯାଉଛି । ମହିଳାମାନେ ମାନସିକସ୍ତରରେ ସୁସ୍ଥ ରହିଲେ ସାମାଜିକ ପ୍ରଗତି ସଂଗଠିତ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସବିତା ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୟୁନିସେଫର ପ୍ରତିନିଧି ସୁଦୀପ ଦାସ, ଜିଲା ମିଶନ ଶକ୍ତି ସଂଯୋଜିକା ସ୍ୱାଗତିକା ପରିଡା, ଜିଲା ମମତା ସଂଯୋଜକ ସୁଦୀପ୍ତ ରଞ୍ଜନ ଧୀର, ସମାଜ କଲ୍ୟାଣ ବିଭାଗର ସୁଲଗ୍ନାରାଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲା ପୁଷ୍ଟି ସଂଯୋଜକ ସୁଧାଂଶୁ ମଣ୍ଡଳ ଧନ୍ୟବାଦ ଦେଇଥିଲେ। ପ୍ରଥମରୁ ଏକ ସଚେତନତା ରାଲିକୁ ଜିଲାପାଳ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କଟକ ମିଲେଟ ପ୍ରସାର ଓ ବିକ୍ରୟ କେନ୍ଦ୍ରକୁ ଜିଲାପାଳ ଉଦ୍‌ଘାଟିତ କରିଛନ୍ତି। ଏଥିରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମିଲେଟ୍ ପ୍ରସ୍ତୁତ ସାମଗ୍ରୀ ସ୍ଥାନିତ କରାଯାଇଛି। ସେଥିମଧ୍ୟରେ ସୁଗାର ଫ୍ରି କୁକିଜ୍, ରାଗି ମିଲ୍କ, ଚୋକୋଲାକା, ବାଦାମ ପକୋଡା, କେକ୍, ମିକ୍ସଚର୍, ଚାଓମିନ୍ ଆଦି ଉପଲବ୍ଧ।

# ଦିବ୍ୟାଙ୍ଗ ମହିଳା ବିତରକଙ୍କୁ ସମ୍ମାନ

ମଙ୍ଗୁଳି-ଜଗତପୁର,୬।୩(ଡି.ଏନ୍.ଏ.)




ଦିବ୍ୟାଙ୍ଗ ମହିଳା ଖବରକାଗଜ ବିତରକ ରୀନା ଭୂୟାଁଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

କଟକସ୍ଥିତ ଶହୀଦ ଭବନ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଯାଇଛି। ଏଥିରେ ଚୌଦ୍ୱାରର ଦିବ୍ୟାଙ୍ଗ ମହିଳା ଖବରକାଗଜ ବିତରକ ରୀନା ଭୂୟାଁଙ୍କୁ ସମ୍ମାନିତା ସମ୍ମାନ ପ୍ରଦାନ କରାଯାଇଛି । ଟିମ୍ ସମ୍ମାନିତାର ଫାଉଣ୍ଡର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଏସ୍‌ସିବି ମେଡିକାଲର ଡ. ପ୍ରଶାନ୍ତ କୁମାର ପରିଡା ଉଦ୍‌ଘାଟକ ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ରୀନା ଦିବ୍ୟାଙ୍ଗ ହୋଇ ମଧ ହାର ନ ମାନି ନିଜ ଗୋଡ଼ରେ ଛିଡ଼ା ହୋଇପାରିଛନ୍ତି। ସେ ଏବେ ସମସ୍ତ ମହିଳାଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେଥିପାଇଁ ନାରୀଙ୍କୁ ସମ୍ମାନ ଦିଅନ୍ତୁ ସଶକ୍ତୀକରଣ ଆପେ ଆସିବ ବୋଲି ମଞ୍ଚରେ ଥିବା ଅତିଥିଗଣ ତାଙ୍କ ବକ୍ତବ୍ୟରେ କହିଥିଲେ। ଟିମ୍ ସମ୍ମାନିତା ଫାଉଣ୍ଡର ବନାନୀ ସାହୁଙ୍କ କାର୍ଯ୍ୟକ୍ରମକୁ ବିଜୟ ମଲ୍ଲ ମଞ୍ଚ ପରିଚାଳନା କରିଥିବା ବେଳେ ସଞ୍ଜୟ ଦାସ, ସୁଜୟ ସରକାର, ମିହର, ମିହିର ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୱାର୍କ ଅର୍ଡର ବାତିଲ କରିବାକୁ ଭାଜପା କର୍ପୋରେଟରଙ୍କ ଦାବି

କଟକ ଅଫିସ,୬।୩

କଟକ ମହାନଗର ନିଗମ (ସିଏମ୍‌ସି)ରେ ଭାଜପା କର୍ପୋରେଟରଙ୍କୁ ନେଇ ପୁଣି ବିବାଦ ମୁଣ୍ଡ ଟେକିଛି। ସୋମବାର ଭାଜପା କର୍ପୋରେଟର ବିଭିନ୍ନ ଅଭିଯୋଗ ନେଇ କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି। କାଉନସିଲ ଅନୁମୋଦନ ନ ହୋଇ କାର୍ଯ୍ୟାଦେଶ ଦିଆଯାଉଛି। ଏପରିକି ସ୍ଥାନୀୟ କର୍ପୋରେଟର ମଧ ଏହାର ଥଳକୁଳ ପାଉନାହାନ୍ତି। ଯାନ୍ତ୍ରିକ ବିଭାଗଠାରୁ ଆରମ୍ଭ କରି କର୍ତ୍ତୃପକ୍ଷଙ୍କୁ ପଚାରିଲେ ଉତ୍ତର ମିଳୁ ନାହିଁ। ଏଭଳି ଘଟଣା କ୍ରମାଗତ ହେବା ପରେ ଏବେ କର୍ପୋରେଟରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ କରାଯାଇଛି। ସୋମବାର ଭାଜପା ସମସ୍ତ କର୍ପୋରେଟର ଏକଜୁଟ ହୋଇ ଏଭଳି ଦୁର୍ନୀତିକୁ ନେଇ କମିଶନରଙ୍କ ନିକଟରେ ଫେରାଦ ହୋଇଥିଲେ। ୫୬ନଂ. ୱାର୍ଡରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହେଲେ ସ୍ଥାନୀୟ କର୍ପୋରେଟରଙ୍କୁ ଅବଗତ କରିବା କଥା। ଏପରିକି ଉକ୍ତ କାର୍ଯ୍ୟକୁ କାଉନସିଲରେ ଅନୁମୋଦନ ମିଳିବା ଆବଶ୍ୟକ; କିନ୍ତୁ ବିନା ରିଜୋଲ୍ୟୁଶନରେ ଏହି କାର୍ଯ୍ୟ କିଭଳି କରାଯାଉଛି ବୋଲି ସନ୍ଦେହ ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ଭାଜପା କର୍ପୋରେଟର ଲିପ୍ସା ନାୟକ କମିଶନରଙ୍କୁ ଜଣାଇଥିଲେ। ତାଙ୍କ ୱାର୍ଡର ଅମାଣିଆପାଟଣାଠାରୁ ଉତ୍ତମାପୁର ପର୍ଯ୍ୟନ୍ତ ତଳ ରାସ୍ତା ମହାନଗର ନିଗମ ତରଫରୁ କରାଯାଇଛି। ହେଲେ ନିୟମ ଭଙ୍ଗ କରାଯାଇ ଏହି ରାସ୍ତା କାର୍ଯ୍ୟକୁ ମୁକ୍ତା ଯୋଜନାରେ ଏକ ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ନ ଜଣାଯାଇ କିଭଳି କାର୍ଯ୍ୟ କରାଯାଇଛି ବୋଲି କର୍ପୋରେଟର ଅଭିଯୋଗ କରିଥିଲେ। ଏଭଳି ବେଆଇନ କାର୍ଯ୍ୟକୁ ନେଇ ସମସ୍ତ ଅଧିକାରୀଙ୍କୁ ଜଣାଇବା ସହ ୱାର୍ଡର କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଥିଲେ ବି ସେମାନେ କାର୍ଯ୍ୟ ସଂକ୍ରାନ୍ତରେ ଜାଣି ନ ଥିବା କହିଥିଲେ। କର୍ପୋରେଟରଙ୍କ ଅଗୋଚରରେ କାର୍ଯ୍ୟ କରାଯାଉଥିବାରୁ ତାଙ୍କ ସମ୍ମାନ ହାନି ହୋଇଥିବା କର୍ପୋରେଟର ଲିପ୍ସା କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଭାଜପାର ସମସ୍ତ କର୍ପୋରେଟର ତୁରନ୍ତ ଏଭଳି କାର୍ଯ୍ୟକୁ ବନ୍ଦ କରିବାକୁ ଦାବି କରିଥିଲେ। କମିଶନର କାର୍ଯ୍ୟାଦେଶ ବାତିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ କାଉନସିଲ ବୈଠକ ପୂର୍ବରୁ ଯଦି ଏହି ବେଆଇନ କାର୍ଯ୍ୟ ବନ୍ଦ ନ ହୁଏ ତେବେ ଭାଜପା କର୍ପୋରେଟରମାନେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ।

## ସଂକ୍ଷେପରେ

### ଅନ୍ତର୍ଜାତୀୟ ମହିଳା ଦିବସ

ଜଟଣୀ,୬।୩(ଡି.ଏନ୍.ଏ.)- ଜଟଣୀସ୍ଥ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଅଧୀନ ରେଳ ଶ୍ରମିକ ୟୁନିଅନ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ସୋମବାର ବେଶ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ସ୍ଥାନୀୟ ରେଲୱେ ଟ୍ରାଫିକ କଲୋନୀସ୍ଥ ସଂଗଠନ କାର୍ଯ୍ୟାଳୟ ପରିସରରେ ଏକ ସଭାର ଆୟୋଜନ ହୋଇଥିଲା। ମହିଳା ଦିବସକୁ ସ୍ମରଣୀୟ କରିବା ପାଇଁ ଶ୍ରମିକ ୟୁନିଅନ ମହିଳା ଉଇଂ ପକ୍ଷରୁ ଗତ ୨୪, ୨୫ ଏବଂ ୨୬ ତାରିଖରେ ମହିଳାଙ୍କୁ ନେଇ ସାଧାରଣ ଜ୍ଞାନ, ପ୍ରବନ୍ଧ, ଝୋଟି, ମ୍ୟୁଜିକ ଚେୟାର, ହସ୍ତଶିଳ୍ପ ସହିତ ସଙ୍ଗୀତ ଓ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। କୃତୀ ମହିଳା ପ୍ରତିଯୋଗୀଙ୍କୁ ମହିଳା ଦିବସ ଅବସରରେ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ମହିଳା ଉଇଂ ସଭାନେତ୍ରୀ ଇତିଶ୍ରୀ ନିବେଦିତା ସାହୁ, ସବିତା ବେହେରା, ବିଥିକା ପଣ୍ଡା, ଶୁଭଶ୍ରୀ ଦାସ, ରେବତୀ ସିଂ, ସସ୍ମିତା ସରକାରଙ୍କ ସହିତ ବହୁ ମହିଳା ସଦସ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ସ୍ଥାନୀୟ ରେଲୱେ ମେଡିକାଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ କରାଯାଇଥିଲା। ଶ୍ରମିକ ୟୁନିଅନର ମହାମନ୍ତ୍ରୀ ପି.କେ. ପାଟସାହାଣୀ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସମତି ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା, ସାଧାରଣ ସମ୍ପାଦିକା ପଲ୍ଲବୀ ଚୌହାନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶ୍ରମିକ ସଂଗଠନ ପଦାଧିକାରୀ ଓ ସଦସ୍ୟ ସୂଚାରୁ ରୂପେ ସମ୍ପାଦନ କରିଥିଲାବେଳେ ବିଥିକା ପଣ୍ଡା ଧନ୍ୟବାଦ ଦେଇଥିଲେ। ସେହିପରି ରେଲୱେ ଶ୍ରମିକ କଂଗ୍ରେସ ପକ୍ଷରୁ ମଧ ଅନୁରୂପ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଥିଲା। ସଂଗଠନର ସାଧାରଣ ସମ୍ପାଦକ ରମେଶଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସଂଗଠନର ମହିଳା ସଦସ୍ୟଙ୍କୁ ଉତ୍ତରୀୟ ଓ ମିଷ୍ଟାନ ପ୍ରଦାନ କରି ଶୁଭେଚ୍ଛା ଜ୍ଞାପନ କରାଯଇଥିଲା।

### ରେଲୱେ ମହିଳା କଲ୍ୟାଣ ସଂଗଠନର ସ୍ୱାସ୍ଥ୍ୟ ପରୀକ୍ଷା

ଜଟଣୀ,୬।୩(ଡି.ଏନ୍.ଏ.)- ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୋମବାର ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ଖୋର୍ଦ୍ଧାରୋଡ଼ ଦ୍ୱାରା ମଣ୍ଡଳ ରେଲୱେ ହସ୍ପିଟାଲରେ ମହିଳା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏଥିରେ ମଣ୍ଡଳର ୭୫ ଜଣ ମହିଳା କର୍ମଚାରୀଙ୍କ ପାପ୍ ସ୍ମିଅର ଟେଷ୍ଟ କରାଯାଇଥିଲା। ଏହି ଟେଷ୍ଟ ମହିଳାଙ୍କଠାରେ ଗର୍ଭାଶୟ କର୍କଟର ଚିହ୍ନଟ କରିଥାଏ। କାର୍ଯ୍ୟକ୍ରମକୁ ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ ଅଲ୍ଟିମେଟ ହସ୍ପିଟାଲର ୨ ଜଣ ବିଶିଷ୍ଟ ଡାକ୍ତର, ଡା. ପ୍ରିୟା ପ୍ରିୟଦର୍ଶିନୀ, ମେଡିକାଲ ଅଙ୍କୋଲୋଜିଷ୍ଟ ଏବଂ ଡା. ଚିରା ରଞ୍ଜନ ଖଡଙ୍ଗା, ରେଡିଏଶନ୍ ଅଙ୍କୋଲୋଜିଷ୍ଟ, ଗର୍ଭାଶୟ କର୍କଟ ରୋଗ ଏବଂ ବିଭିନ୍ନ ପ୍ରକାରର କର୍କଟ ରୋଗ ବିଷୟରେ ଉପାଦେୟ ତଥ୍ୟ ପ୍ରଦାନର ସୂଚନା ପ୍ରଦାନ କରିଥିଲେ। ଖୋର୍ଦ୍ଧାରୋଡ ମଣ୍ଡଳର ସ୍ୱୀକୃତିପ୍ରାପ୍ତ ଟ୍ରେଡ୍ ୟୁନିଅନ ଦ୍ୱାରା ଆୟୋଜିତ ରକ୍ତ ଦାନ ଶିବିର ଏବଂ ହାଡର ଘନତା ପରୀକ୍ଷଣରେ ସଭାନେତ୍ରୀ ଜେନା, ସଚିବ, ପଲ୍ଲଭି ଚୌହାନ ଏବଂ ଅନ୍ୟ ସଦସ୍ୟ ଅଂଶଗ୍ରହଣ କରିଥିଲେ।

## ବାଣ ବିଭୀଷିକା

# ଅବହେଳାରୁ ଗଲା ଜୀବନ

ଖୋର୍ଦ୍ଧା ଅଫିସ/ନିରାକାରପୁର,୬।୩ (ଡି.ଏନ.ଏ.)

ଟାଙ୍ଗୀ ଥାନା ଅନ୍ତର୍ଗତ ଭୂଷଣ୍ଡପୁରରେ ଦୋଳ ଉତ୍ସବ ପାଇଁ ବାଣ ଭିଡ଼ାଯାଉଥିବା ବେଳେ ବିସ୍ଫୋରଣ ଘଟି ୫ ଜଣଙ୍କ ଜୀବନ ଯାଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ବେଆଇନ ଭାବେ ପ୍ରତିବର୍ଷ ଏଠାରେ ବାଣ ପ୍ରସ୍ତୁତି ଚାଲିଥିବା ବେଳେ କିପରି ପ୍ରଶାସନ ନିକଟରେ ଖବର ନ ଥିଲା କିମ୍ବା ଜାଣିଶୁଣି ଏହାକୁ ପ୍ରୋତ୍ସାହନ ଦିଆଯାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଜିଲା ପ୍ରଶାସନର ଅବହେଳାରୁ ୫ ଜଣଙ୍କ ଜୀବନ ଚାଲିଗଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଖୋର୍ଦ୍ଧା ସମେତ ଜଟଣୀ, ବାଘମାରୀ, ଟାଙ୍ଗୀ ଆଦି ଅଞ୍ଚଳରେ ବେଆଇନ ଭାବେ ବାଣ କାରବାର ପଛରେ ପୋଲିସ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀଙ୍କ ହାତ ରହୁଛି। ଏହାଦ୍ୱାରା ନିଜ ସ୍ୱାର୍ଥ ପାଇଁ ଏହାକୁ ସୁଯୋଗ ଦେଇ ବିପଦକୁ ଆମନ୍ତ୍ରଣ କରୁଛନ୍ତି ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ଅଘଟଣ ପରେ ଜିଲା ପ୍ରଶାସନର ଚେତା ପଶିଛି। ବିନା ଅନୁମତିରେ ଚାଲିଥିବା ବାଣ ଗୋଦାମ ଉପରେ ଚଢ଼ାଉ କରାଯିବ ବୋଲି ଜିଲାପାଳ କହିଛନ୍ତି। କୌଣସି ସ୍ଥାନରେ ବେଆଇନ ଭାବେ ବାଣ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ଆହତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।


ବିଜେଡି ନେତ୍ରୀ ବାସନ୍ତୀ ମହାପାତ୍ର ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଉଛନ୍ତି।



### ସରକାରୀ ଜମିରେ ହୋଇଥିଲା ଘର

ସରକାରୀ ଜମିରେ ଘର ନିର୍ମାଣ କରାଯାଇ ଏଠାରେ ବାଣ ପ୍ରସ୍ତୁତି ଚାଲିଥିଲା। ତେବେ ବେଆଇନ ଭାବେ ଘର ନର୍ମାଣ କରାଯାଇଥିଲେ ମଧ ପ୍ରଶାସନ କିପରି ଜାଣିପାରିଲା ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୋଳ ଉତ୍ସବ ପାଇଁ ବହୁ ସ୍ଥାନରେ ବାଣ ପ୍ରସ୍ତୁତି ଚାଲିଛି। ଏହି ଘଟଣା ପରେ ବେଆଇନ ଭାବେ ବାଣ ପ୍ରସ୍ତୁତ କରୁଥିବା କାରିଗରଙ୍କ ମଧରେ ଛନକା ପଶିବା ସହ ଲକ୍ଷାଧିକ ଟଙ୍କାର ବାଣ କୁଆଡ଼େ ରଖିବେ ତାହାକୁ ନେଇ ଭାଳେଣି ପଡ଼ିଛି।

### ବେଆଇନ ଭାବେ ପ୍ରସ୍ତୁତ ହେଉଥିଲା ବାଣ

ଏଠାରେ ବାଣ ପ୍ରସ୍ତୁତ ଲାଗି ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇନାହିଁ ବୋଲି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି। ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ। ବାଣ ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କର ଲାଇସେନ୍ସ ଥିଲା କି ନାହିଁ, ଯଦି ନ ଥିଲା କାହା ଅନୁମତିରେ ଚାଲୁଥିଲା, ଏସବୁ ଦିଗଗୁଡ଼ିକୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଜଣାପଡ଼ିଛି। ତେବେ ଦୀର୍ଘବର୍ଷ ଧରି ଏଠାରେ କିପରି ବାଣ ତିଆରି ହେଉଥିଲା ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ସାଧାରଣ ଲୋକେ ଏ କଥା ଜାଣିଥିବାବେଳେ ପୋଲିସ ଓ ଅଗ୍ନିଶମ ବାହିନୀ ଜାଣି ନ ପାରିବା ଉଭୟ ବିଭାଗର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

“ ବାଲିପାଟପୁର, ଭୂଷଣ୍ଡପୁର ଓ କନ୍ତଳବାଇ ଗ୍ରାମ ପକ୍ଷରୁ ମିଳିତ ଭାବେ ଝାଟନୂଆଗାଁ ମେଳଣ ପଡ଼ିଆରେ ଦୋଳ ଉତ୍ସବ ହୋଇଥାଏ। ଏଠାରେ ଦୋଳ ପରମ୍ପରା ଅତି ପ୍ରାଚୀନ। ସମସ୍ତଙ୍କ ସହଯୋଗରେ ଏହା ଆୟୋଜନ କରାଯାଇଥାଏ। ବାଣ ପ୍ରସ୍ତୁତି ଲାଗି ପଞ୍ଚାୟତ ପକ୍ଷରୁ ଅନୁମତି ଦିଆଯାଏ ନାହିଁ। ଏହା କେବଳ ସହମତିଭିତ୍ତିରେ କରାଯାଏ। ଦୋଳ ଆୟୋଜନ ଲାଗି ପ୍ରଶାସନକୁ ଲିଖିତ ଭାବେ ଜଣାଯାଇଥାଏ।

**-ସୌରଭ ଦାଶ ମହାପାତ୍ର, ଭୂଷଣ୍ଡପୁର ସରପଞ୍ଚ**

“ ଏଭଳି ଘଟଣା ପାଇଁ ମର୍ମାହତ। ନିରୀହ ଲୋକଙ୍କ ଜୀବନ ଯାଇଥିବାବେଳେ ଯେଉଁମାନେ ଆହତ ହୋଇଛନ୍ତି, ସେମାନଙ୍କ ଆରୋଗ୍ୟ କାମନା କରୁଛି। ଦୋଳ ସମୟରେ ଯାଚନା, ମାନସିକ ବାଣ ଫୁଟିଥାଏ। ଏହାକୁ ବ୍ୟକ୍ତିଗତ ସ୍ତରରେ ଲୋକେ ବ୍ୟବସ୍ଥା କରିଥାନ୍ତି।

**-ବିଜୟ ବଳିୟାରସିଂ, ୧୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟ**

“ ଦୁର୍ଘଟଣା ପରେ ଟାଙ୍ଗୀ ଓ ହଳଦିଆ ସିଏଚ୍‌ସିରୁ ଦୁଇଟି ମେଡିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ଡିଏଚ୍‌ଏଚ୍ ଅଧୀକ୍ଷକ ବିଶ୍ୱ ମୋହନ ମିଶ୍ର, ୩ଜଣ ସର୍ଜନଙ୍କ ଉପସ୍ଥିତିରେ ଆହତମାନଙ୍କୁ ଆବଶ୍ୟକ ଚିକିତ୍ସା ଦିଆଯାଇଛି। ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍ସ ଓ କଟକ ବଡ଼ ମେଡିକାଲ ପଠାଯାଇଛି। ସେମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇଦେବା ଲାଗି ଏମ୍ସ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଛି।

**-ଡା.ଆର୍ତ୍ତବନ୍ଧୁ ନାୟକ, ସିଡିଏମ୍‌ଓ**


ବେଗୁନିଆ: ମଲ୍ଲୀପଦର ଗ୍ରାମରେ ଚାଲିଥିବା ଆମ ଗାଁ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ସରିଲା ଆମ ଗାଁ ମହୋତ୍ସବ

ବେଗୁନିଆ,୬।୩(ଡି.ଏନ୍.ଏ.)



ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲ୍ଲୀପଦର ଗ୍ରାମରେ ୫ଦିନ ଧରି ଚାଲିଥିବା ଆମ ଗାଁ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଆୟୋଜକ କମିଟି ସଭାପତି ବିଦ୍ୟାଧର ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧକ୍ଷ ଲେନିନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଜେଡିର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ବକ୍ତା, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧକ୍ଷା ସାବିତ୍ରୀ ମହାପାତ୍ର, ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ପଥୁରିପଡା ସରପଞ୍ଚ ଅଶୋକ ମିଶ୍ର, ପୋଡାଡିହ ସରପଞ୍ଚ ଲତା ସେଠି, ସମିତି ସଭ୍ୟ ପ୍ରକାଶ ବଳିୟାରସିଂହ, ସାମାଜିକ କର୍ମୀ ମାନସ ରଞ୍ଜନ ଦାଶ, ପୂର୍ବତନ ସମିତିସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀ, ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ, କୋଷାଧକ୍ଷ ପୂର୍ଣ୍ଣ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅତ୍ୟାଧୁନିକ ଯୁଗ ଆଡ଼କୁ ସମାଜ ଅଗ୍ରସର ହେଉଥିଲେ ମଧ ପୁରାତନ ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ଭୁଲି ନାହାଁନ୍ତି ଲୋକେ। ଅନେକ ପାରମ୍ପରିକ ଉତ୍ସବଠୁ ଆରମ୍ଭ କରି ବିଭିନ୍ନ ଲୋକ କଳା ଏଇ ଗାଁ ପରିବେଶରେ ଉଜ୍ଜୀବିତ ରହିଛି। ତେବେ ପୁରାତନ ସଂସ୍କୃତିକୁ ମହୋତ୍ସବ ମାଧମରେ ବାସ୍ତବ ରୂପ ଦିଆଯାଇଥାଏ ବୋଲି ଅତିଥି ଲେନିନ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ଶ୍ରୀକାନ୍ତ ନାୟକ ମଞ୍ଚ ସଂଯୋଜନା କରିଥିଲେ। ଓଡ଼ିଶା କଳା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ପୁରୀ ରଙ୍ଗଶାଳା ଗ୍ରୁପ, ଗଞ୍ଜାମ ଯୋଡିଶଙ୍ଖ ମହୁରି ସମେତ ଆଞ୍ଚଳିକ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଖବରଦାତା ନାରାୟଣ ମହାନ୍ତି, ଶରତ ଚନ୍ଦ୍ର ବାରିକ, ନଳିନୀକାନ୍ତ ପଣ୍ଡା, ନିରଞ୍ଜନ ନାୟକ, ସୁରେଶ ସାମନ୍ତରାୟ ଓ ଯୋଗେଶ୍ୱର ପଣ୍ଡାଙ୍କ ସମେତ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ କସ୍ତୁରୀ ମିହିର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ଜନଶୁଣାଣି ଶିବିରରେ ୬୦ ଅଭିଯୋଗ

**ଖୋର୍ଦ୍ଧା ଅଫିସ,୬।୩:** ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ, ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣି ତ୍ୱରିତ ପଦକ୍ଷେପ ନେଇଥିଲେ। ଶିବିରରେ ମୋଟ୍ ୬୦ଟି ଅଭିଯୋଗ ଆସିଥିଲା। ସେଥିରୁ ୫ଟି ସାମୂହିକ ସମସ୍ୟାକୁ ବାଦ୍ ଦେଲେ ଅନ୍ୟସବୁ ବ୍ୟକ୍ତିଗତ ରହିଥିଲା। ତନ୍ମଧ୍ୟରୁ ତତ୍କାଳ ୪ଟି ଅଭିଯୋଗର ସମାଧାନ କରାଯାଇଥିଲା। ବିଡିଓ କ୍ଷୀରାବ୍ଧିତନୟା ସାହୁ, ତହସିଲଦାର ବିବାସ ପାଣିଗ୍ରାହୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ।

## ଏଟିଏମ୍ ମେଶିନ କାଟି ଟଙ୍କା ନେଇଗଲେ

ନିରାକାରପୁର,୬।୩(ଡି.ଏନ୍.ଏ.)



ଖୋର୍ଦ୍ଧା ଜିଲା ନିରାକାରପୁର ଓ ଜଙ୍କିଆ ଥାନା ଅଞ୍ଚଳରେ ଏଟିଏମ୍ ଲୁଟେରାଙ୍କ ଉତ୍ପାତ ବଢ଼ିଚାଲିଛି। ରବିବାର ରାତିରେ ଦୁର୍ବୃତ୍ତମାନେ ଜଙ୍କିଆ ଥାନା ନିକଟରେ ଥିବା ଏସ୍‌ବିଆଇ ଏଟିଏମ୍ କାଟି ଟଙ୍କା ନେଇ ଯାଇଛନ୍ତି। ଗୋଟିଏ ଧଳା ରଙ୍ଗର କାରରେ କେତେଜଣ ଦୁର୍ବୃତ୍ତ ଆସି ଉକ୍ତ ଏଟିଏମରେ ପଶି ଟଙ୍କା ନେଉଥିବା ସିସିଟିଭିରେ କଏଦ ହୋଇଛି। ପ୍ରକାଶ ଯେ, ଦୁଇ ଦିନ ପୂର୍ବେ ନିରାକାରପୁର ଗେଟ ବଜାରସ୍ଥିତ କାନରା ଏଟିଏମରୁ ଦୁର୍ବୃତ୍ତମାନେ ମେଶିନ ନେଇଯାଇଥିଲେ ମଧ ସେଥିରୁ କୌଣସି ଟଙ୍କା ନେଇ ପାରିନଥିଲେ। ତେବେ ପୋଲିସ ପାଟ୍ରୋଲିଂ ଢିଲା ଯୋଗୁ ବାରମ୍ବାର ଚୋରି ହେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ‘ରବି ରାୟ ସାମ୍ୟବାଦୀ ଚେତନାର ବାର୍ତ୍ତାବହ ଥିଲେ’

ବାଲିପାଟଣା,୬।୩(ଡି.ଏନ୍.ଏ.): ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟ ସାମ୍ୟବାଦୀ ଚେତନାର ବାର୍ତ୍ତାବହ ଥିଲେ ବୋଲି ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ କହିଛନ୍ତି। ସୋମବାର ଭୁବନେଶ୍ୱର ଲୋହିଆ ଏକାଡେମୀ ସଭାଗୃହରେ ଆୟୋଜିତ ରବି ରାୟଙ୍କ ଶ୍ରାଦ୍ଧବାର୍ଷିକୀରେ ଅତିଥିଭାବେ ପ୍ରଫେସର ପଟ୍ଟନାୟକ ଯୋଗଦେଇ ଏହା କହିଛନ୍ତି। ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରାୟ କହିଥିଲେ, ରବି ରାୟ ଲୋକ ସଭା ସଦସ୍ୟ ଥିବାବେଳେ ଯେଉଁ ଜନହିତକର ପଦକ୍ଷେପ ନେଇଛନ୍ତି, ସେ ସବୁ ସଂଗ୍ରହ କରାଯାଇ ଏକ ବୁକ୍‌ଲେଟ୍ କରିବାର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯିବା ଉଚିତ୍। ସାମ୍ବାଦିକ କୁଳଦୀପ ନାୟାରଙ୍କ ଓଡ଼ିଶାରେ ଗଠିତ ଲୋହିଆ ଏକାଡେମୀର ଗଠନ ଅବଦାନ ଉପରେ ଅନ୍ୟ ବକ୍ତାମାନେ ମତ ରଖିଥିଲେ। ଦେବୀ ପୃଷ୍ଟି, ମନୋରଞ୍ଜନ ରାୟଙ୍କ ସମେତ ବହୁ ସାମ୍ୟବାଦୀ ନେତା ଯୋଗଦେଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଲୋହିଆ ଏକାଡେମୀ ସମ୍ପାଦକ ଦେବୀ ପ୍ରସାଦ ରାୟ, ପୀତାମ୍ବର ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିରରେ ଅଭିମନ୍ୟୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକ ସଭାରେ ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା, ସମ୍ପାଦକ ଭଗବାନ ସାହୁ, ଡ. ମୁରଲୀଧର ସାହୁ, ସିଆରସିସି ଝୁନାରାଣୀ ସାହୁ, ମମିତା ଦଳେଇ ଓ ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ରବି ରାୟଙ୍କ ଜୀବନୀ, ସାହିତ୍ୟ କୃତି ଓ ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ।

## ଅହମଦୀୟା ଫୁଟ୍‌ବଲ ଟୁର୍ନାମେଣ୍ଟ

# ୟୁନାଇଟେଡ୍ ଏଫ୍‌ସି କଟକ ବିଜୟୀ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୬।୩

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସ୍‌ଲିମ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଅହମଦୀୟା ଫୁଟ୍‌ବଲ ଟୁର୍ନାମେଣ୍ଟର ସୋମବାର ଜୁନିୟର ୟୁନାଇଟେଡ୍ ଏଫ୍‌ସି କଟକ ଏବଂ ଭୁବନେଶ୍ୱର ୟୁନିଟ୍-୬ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧର ୧୦ମ ମିନିଟ୍‌ରେ ୟୁନିଟ୍-୬ ସ୍ପୋର୍ଟ୍ସ କ୍ଲବ ଗୋଟିଏ ଗୋଲ ଦେଇଥିଲା। ପରେ ୟୁନାଇଟେଡ୍ ଏଫ୍‌ସି କଟକ ଟିମ୍‌ର ୧୭ ନମ୍ବର ଖେଳାଳି କାହ୍ନା ସିଂ ଦୁଇଟି ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷସୁଦ୍ଧା ୟୁନିଟ୍-୬ ସ୍ପୋର୍ଟ୍ସ କ୍ଲବ ଆଉ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ୟୁନାଇଟେଡ୍ ଏଫ୍‌ସି କଟକ ୨-୧ ଗୋଲ୍‌ରେ ବିଜୟୀ ହୋଇଥିଲା। ସଖାୱତ ଅଲ୍ଲୀ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ଲାଇନ୍ସମ୍ୟାନ ଭାବେ ସଗିର ଅହମ୍ମଦ ଏବଂ ବିଦେଶୀ ନାଏକ ସହଯୋଗ କରିଥିଲେ। ଆନନ୍ଦ ନାଏକ ଏବଂ ସୋଏବ୍ ଅହମ୍ମଦ ପରିଚାଳନା କରିଥିଲେ। କାହ୍ନା ସିଂ ବେଷ୍ଟ ପ୍ଲେୟର ଭାବେ ପୁରସ୍କୃତ ହୋଇଥିଲେ। ନାଲିପଡ଼ା ଅର୍ଜ୍ଜୁନପୁର ସରପଞ୍ଚ ସୂର୍ଯ୍ୟପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, ମଲ୍ଲିପୁର ସରପଞ୍ଚ ସୁଦାମ ସେଠୀ, ହଳଦିଆର ସୁଶାନ୍ତ କୁମାର ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ଏସ୍.ଏସ୍.ଏ. ଶରଧାପୁର ଖୋର୍ଦ୍ଧା ଏବଂ ଯୁବଜ୍ୟୋତି କ୍ଲବ ପଙ୍କାଳ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

# ଦୋଳ ଉତ୍ସବ ପାଇଁ ଗାଁ ଉତ୍ସବମୁଖର

ବେଗୁନିଆ,୬।୩(ଡି.ଏନ୍.ଏ.)

ଶୀତଋତୁକୁ ବିଦାୟ ଦେଇ ଆଗମନ ହେଉଛି ବସନ୍ତ। ଏହାକୁ ସ୍ୱାଗତ ଜଣାଇବାକୁ ହୋଲି ଖେଳାଯାଇଥାଏ। ଗଣପର୍ବ ଦୋଳ ଓ ରଙ୍ଗର ପର୍ବ ହୋଲି ପାଇଁ ଗାଁ ପରିବେଶ ଉତ୍ସବମୁଖର ହେଲାଣି। ଏହି ନିଆରା ପରମ୍ପରା ଫଗୁଦଶମୀଠାରୁ ସବୁ ଗାଁରେ ପାଳନ ଆରମ୍ଭ ହୋଇଗଲାଣି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳର ଗାଁରୁ ସହର ଚାରିଆଡ଼ ଘଣ୍ଟଘଣ୍ଟା ଓ ମୃଦଙ୍ଗ ବାଦନରେ ପ୍ରକମ୍ପିତ ହେଲାଣି। ତେବେ ଏହି ପର୍ବ ପାଳିବାକୁ ସହରର ଲୋକେ ଗାଁମୁହାଁ ହୋଇଛନ୍ତି। ଗାଁ ଦୋଳ ମେଳଣ ପଡ଼ିଆ ସଜେଇ ହେବା ସହ ଚାରିଆଡ଼େ ରଙ୍ଗର ପସରା ମେଲିଛି। ପାରମ୍ପରିକ ରୀତିନୀତି ଅନୁଯାୟୀ, ପିଣ୍ଡି ଉପରେ ବିମାନରେ ବସି ବିଭିନ୍ନ ନାମରେ ନାମିତ ଚଳନ୍ତି ପ୍ରତିମା ପୂଜା ପାଇବେ। କେଉଁଠି ଦୋଳଯାତ୍ରା ତ ଆଉ କେଉଁଠି କେବଳ ଚାଚେରୀ ଭୋଗ ଖାଇ ନିଜ ମନ୍ଦିରକୁ ଫେରିବେ ଦିଅଁ।

### ଚାଚେରୀ ଭୋଗର ନିଆରା ପରମ୍ପରା

ଚାଚେରୀ ଭୋଗର ସ୍ୱତନ୍ତ୍ର ପରମ୍ପରା ରହିଛି। ଠାକୁର ବର୍ଷକୁ ଥରେ ଭକ୍ତଙ୍କ ହାତରୁ ଚାଚେରୀ ଭୋଗ ଖାଇବାର ଏକ ନୀତି ନିୟମ ରହିଛି। ବିଭିନ୍ନ ପ୍ରକାରର ଶୁଖିଲା ଭୋଗ ଶାକର, ଭଜାଚଣା, ଫେଣି, ପଟାଖଜା, ଲିଆ, ମୁଆଁ ଆଦି ଠାକୁରଙ୍କୁ ଅର୍ପଣ କରାଯାଏ। ନିଜ ମନ୍ଦିରରେ ବର୍ଷସାରା ଠାକୁର ପୂଜା ପାଆନ୍ତି। ହେଲେ ବର୍ଷକୁ ଥରେ ଫଗୁଦଶମୀ ଆସିଲେ ଠାକୁର ନିଜ ମନ୍ଦିରରୁ ଦୋଳ ବିମାନରେ ବସି ଶ୍ରଦ୍ଧାଳୁଙ୍କ କାନ୍ଧରେ ଭକ୍ତଙ୍କ ନିକଟକୁ ଯାଇ ଚାଚେରୀ ଭୋଗ ଖାଇ ଥା'ନ୍ତି।

### ଚାରିଆଡ଼େ ରଙ୍ଗର ପସରା

ସ୍ନେହ, ଭାଇଚାରା ଓ ସଦ୍‌ଭାବନାର ପର୍ବ ହେଉଛି ହୋଲି। ଆଉ ଦିନକ ପରେ ଅବିର ମୟ ହେବ ଗାଁ ପରିବେଶ। ସେଥିପାଇଁ ସହର ଠୁ ଗାଁ ଚାରିଆଡେ ରଙ୍ଗର ପସରା ମେଲିଲାଣି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ପର୍ବର ଏକ ବିଶେଷତ୍ୱ ରହିଛି। ବସନ୍ତ ଋତୁର ଉତ୍ତାପ ଯୋଗୁ ଶରୀରରେ ଅନେକ ସଂକ୍ରାମକ ରୋଗର ସମ୍ଭାବନା ରହିଛି। ଅବିର ଓ ଫଗୁ ଶରୀରରେ ବୋଳି ହେଲେ ଥଣ୍ଡା ଓ ଚର୍ମରୋଗ ଦୂର ହୋଇଥାଏ ବୋଲି ବୈଜ୍ଞାନିକ କାରଣ ରହିଛି। ତେଣୁ ଗାଁ ପରିବେଶରେ ହୋଲି ଖେଳକୁ ଯୁବବର୍ଗ ପ୍ରାଧାନ୍ୟ ଦେଉଛନ୍ତି।



### ସଜେଇ ହେଲାଣି ମେଳଣ ପଡିଆ

ଗାଁଠୁ ସହର ସବୁଠି ଦୋଳ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ପର୍ବ ଚୁଡାନ୍ତ ହୋଇଛି। କେଉଁଠି ପୂର୍ଣ୍ଣିମା ପୂର୍ବରୁ ତ ଆଉ କେଉଁଠି ପୂର୍ଣ୍ଣିମା ପରେ ୧୫ଦିନ ପର୍ଯ୍ୟନ୍ତ ଦୋଳ ଉତ୍ସବ ପାଳିତ ହେଉଛି। ବିଶେଷ କରି ଫୁଲ ଦୋଳ, ୩ଦୋଳ, ୫ଦୋଳ, ୭ଦୋଳ, ୧୦ଦୋଳ, ୧୨ଦୋଳ ଏବଂ ୧୫ଦୋଳ ଭାବେ ଧୁମ ଧାମରେ ପାଳିତ ହେବ। ଏହି ଅବସରରେ ମେଳଣ ପଡ଼ିଆକୁ ଠାକୁର ନିମନ୍ତ୍ରିତ ଅତିଥି ହୋଇ ଆସିବେ। ସେଥିପାଇଁ ଶ୍ରଦ୍ଧାଳୁଙ୍କ ଦ୍ୱାରା ପଡ଼ିଆ ସଜେଇ ହେଲାଣି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୭ ମାର୍ଚ୍ଚ, ୨୦୨୩



**ବାଇକ୍ ଧକ୍କାରେ ଅଟୋ ଚାଳକଙ୍କ ମୃତ୍ୟୁ**

ପୁରୁଣା ଭୁବନେଶ୍ୱର,(ଡିଏନ୍.ଏ.): ବାଇକ୍ ଧକ୍କାରେ ସୋମବାର ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିପିଲି ଥାନା ଅଧୀନ କାକୁଡ଼ି କୋଶାଙ୍ଗ ଗ୍ରାମର ଅଶୋକ ଦାସ। ପୋଲିସ ସୂଚନା ମୁତାବକ, ଅଶୋକ ଅଟୋରେ ଜଣେ ରୋଗୀଙ୍କୁ ନେଇ ସାମନ୍ତରାପୁରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଆସିଥିଲେ। ରୋଗୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ପରେ ଔଷଧ ପାଇଁ ସେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର ହେଉଥିଲେ। ଏହି ସମୟରେ କଳ୍ପନା ପଟୁ ପୁରୀ ଅଭିମୁଖେ ଯାଉଥିବା ଏକ ବାଇକ ଅଶୋକଙ୍କୁ ଧକ୍କା ଦେବାରୁ ଛିଟିକିପଡ଼ି ଡିଭାଇଡରରେ ପିଟି ହୋଇଯାଇଥିଲେ। ତାଙ୍କର ମୁଣ୍ଡର ପଛପଟ ମାଡ଼ ହୋଇ ଗଭୀର କ୍ଷତ ସୃଷ୍ଟିହେବା ସହ ରକ୍ତ ସ୍ରାବ ହୋଇଥିଲା। ଚିକିତ୍ସା ନିମନ୍ତେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଆନ୍ଦୋଳନକୁ ଓହ୍ଲାଇବେ ଠିକା ବିଦ୍ୟୁତ୍ କର୍ମଚାରୀ

ଭୁବନେଶ୍ୱର,୬।୩(ବ୍ୟୁରୋ)- ରାଜ୍ୟ ବିଦ୍ୟୁତ୍ ବିଭାଗ ଅଧୀନରେ କାର୍ଯ୍ୟରତ ଠିକା ଶ୍ରମିକ ଶୋଷଣର ଶିକାର ହେଉଥିବା ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି। ବିଭାଗର ପୁନଃ ଘରୋଇକରଣ ପରେ ଟାଟା ପାୱାର ସେସୁକୁ ଅଧିଗ୍ରହଣ କରିବା ସମୟରେ ଠିକା କର୍ମଚାରୀଙ୍କ ଦାୟିତ୍ୱ ଗ୍ରହଣ କରିବେ ବୋଲି ଯେଉଁ ପ୍ରତିଶ୍ରୁତି ମିଳିଥିଲା, ତାହା ପାଣିର ଗାର ହୋଇଛି। ପ୍ରତିଶ୍ରୁତିକୁ ୩ବର୍ଷ ବିତିଥିଲେ ମଧ ମୂଳ ଦରମା ବୃଦ୍ଧି ବଢ଼ି ନଥିବାବେଳେ କେବଳ କାର୍ଯ୍ୟଭାର ବଢ଼ିଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। କର୍ମଚାରୀଙ୍କ ବିଭିନ୍ନ ଦାବି ପୂରଣ ନହେଲେ ଆସନ୍ତା ୯ ତାରିଖରେ ମହାସଂଘର ୫ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବେ। ଏନେଇ ଖବରଦାତା ସମ୍ମିଳନୀରେ ମହାସଂଘର ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ା, ବରିଷ୍ଠ ଶ୍ରମିକ ନେତା ମନୋରଞ୍ଜନ ପାତ୍ର, ମହାସଂଘର ରାଜ୍ୟ ସଂଗଠନ ସମ୍ପାଦକ ଗିରୀଶ ଚନ୍ଦ୍ର ମହନ୍ତ ପ୍ରମୁଖ ସୂଚନା ଦେଇଛନ୍ତି। ବିଭାଗର ସମସ୍ତ ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ସମାପ୍ତ ନ ହେବା ଯାଏଁ ଟାଟା ପାୱାର ପକ୍ଷରୁ ସିଧାସଳଖ ଦରମା ପ୍ରଦାନ, ଗ୍ରୁପ୍ ସ୍ୱାସ୍ଥ୍ୟ ବୀମା ଏବଂ ଗ୍ରୁପ୍ ଟର୍ମ ବୀମା, ସମାନ କାମକୁ ସମାନ ଦରମା, ଠିକା କର୍ମଚାରୀଙ୍କ ପାଇଁ ଚାକିରି ସର୍ତ୍ତାବଳୀ ଲାଗୁ କରିବା ଆଦି ଦାବି ରହିଛି।

### ଉତ୍କଳ ବିଶ୍ୱବିଦ୍ୟାଳୟରେ ମହିଳା ଦିବସ ପାଳିତ

ଭୁବନେଶ୍ୱର,୬।୩(ବ୍ୟୁରୋ)- ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍କୁଲ ଅଫ୍ ମହିଳା ଅଧ୍ୟୟନ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ 'ଡିଜିଟ ଅଲ୍: ଇନୋଭେଶନ ଆଣ୍ଡ୍ ଟେକ୍ନୋଲୋଜି ଫର୍ ଜେଣ୍ଡର ଇକ୍ୱାଲିଟି' ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଥିଲା। ଆମର ସାମାଜିକ ବ୍ୟବସ୍ଥାରେ ଭେଦଭାବ ଦୂର କରିବା ସମସ୍ତଙ୍କ ଦାୟିତ୍ୱ ବୋଲି କର୍ମଶାଳାରେ ମତ ପ୍ରକାଶ ପାଇଛି। ମଲ୍ଟିଟାସ୍କିଂ ବ୍ୟକ୍ତି ହେବା, ଘର କାମ ଠାରୁ ଆରମ୍ଭ କରି ପିଲାମାନଙ୍କୁ ପ୍ରତିପୋଷଣ କରିବା, ଅଫିସ କାର୍ଯ୍ୟରେ ପରିଚାଳନା କରିବା ଏବଂ ସମାଜରେ ଅବଦାନ ପୁରୁଷଙ୍କ ଠାରୁ ଅଧିକ। ତେଣୁ ମହିଳାମାନେ ପୁରୁଷଙ୍କ ଅପେକ୍ଷା ଅଧିକ ସନ୍ତୁଳିତ ଅଟନ୍ତି ବୋଲି କୁଳପତି ପ୍ରଫେସର ସାବିତା ଆଚାର୍ଯ୍ୟ କହିଥିଲେ। ଇତିହାସ ବିଭାଗର ମୁଖ୍ୟ ତଥା ନିର୍ଦ୍ଦେଶକ ମହିଳା ଅଧ୍ୟୟନ ବିଭାଗ ପ୍ରଫେସର ଜୟନ୍ତୀ ଡୋରା ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରି ଓ ତାଙ୍କର ପରିଚୟ ଦେଇଥିଲେ । ମହିଳା ଅଧ୍ୟୟନ ବିଭାଗର ଛାତ୍ରୀ ମିଷା ଦଲାଇଙ୍କୁ ମହିଳା ସଶକ୍ତୀକରଣ ପୁରସ୍କାର ୫ ହଜାର ଟଙ୍କାର ପ୍ରଦାନ କରାଯାଇଥିଲା।
ଅନ୍ୟମାନଙ୍କ ମଧ୍ୟରେ ଡ. ରାଜଶ୍ରୀ ବିଶ୍ୱାଳ ମହିଳାମାନଙ୍କ କ୍ଷେତ୍ରରେ ଡିଜିଟାଲ କ୍ଷତି ଏବଂ ଅନଲାଇନ ସୁରକ୍ଷା, କ୍ଷତିକାରକ ସାମାଜିକ ନୀତି ଏବଂ ଲିଙ୍ଗଗତ ଅସମାନତା ଉପରେ ଆଲୋକପାତ କରିଥିଲେ।

### ମୋବାଇଲ ଜବତ, ଜଣେ ଗିରଫ

ବାଲିଅନ୍ତା,୬।୩(ଡି.ଏନ୍.ଏ.)- ଘରେ ପଶି ମୋବାଇଲ ଚୋରି କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଦେଢାଲୋ ଗ୍ରାମର ସନ୍ତୋଷ ଭୋଳା। ପୋଲିସ ତାଙ୍କ ପାଖରୁ ଚୋରି ହୋଇଥିବା ମୋବାଇଲ ଜବତ କରିଛି। ଟୋଲକପଡ଼ା ନିକଟରେ ଭଡ଼ାଘର ନେଇ ରହୁଥିବା ରାଜେଶ ରାଉତଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି।

# ଘରୋଇ ହିଂସା ଅଭିଯୋଗ ସର୍ବାଧିକ

ଭୁବନେଶ୍ୱର,୬।୩(ବ୍ୟୁରୋ)

**ମହିଳାଙ୍କୁ ନ୍ୟାୟ ପ୍ରଦାନ କରୁଛି 'ସଖୀ'**

- ବର୍ଷକରେ ଆସିଛି ୩୬୫ ଅଭିଯୋଗ
- ସମାଧାନ ହୋଇଛି ୧୮୦ ମାମଲା

ମହିଳାମାନେ ଅନେକ ସମୟରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସେହିଭଳି ବିଭିନ୍ନ କାରଣରୁ ସେମାନେ ଅଭିଯୋଗ କରିବାକୁ ମଧ କୁଣ୍ଠିତ ହୋଇଥାନ୍ତି। ଫଳରେ ସେମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ନ୍ୟାୟ ପାଇବାକୁ ଯାଇ କିଛି ମହିଳା ଶୋଷଣର ଶିକାର ହେଉଥିବା ମଧ ଅଭିଯୋଗ ରହିଛି। ବିଶେଷ କରି ମହିଳାମାନେ ଘରୋଇ ହିଂସା, ଯୌତୁକ ନିର୍ଯାତନା, ବଳାତ୍କାର, ଅସଦାଚରଣ, ଚାଲାଣର ଶିକାର ହେଉଥିବାବେଳେ ଶିଶୁମାନେ, ଯୌନ ନିର୍ଯାତନା, ବାଲ୍ୟ ବିବାହ, ନିଖୋଜ, ଅପହରଣ ଭଳି ପରିସ୍ଥିତିରେ ସମ୍ମୁଖୀନ ହେଇଥାନ୍ତି। ମହିଳା ଓ ଶିଶୁଙ୍କୁ ଗୋଟିଏ ସ୍ଥାନରେ ସମସ୍ତ ସୁବିଧା ଯୋଗାଇ ନ୍ୟାୟ ପ୍ରଦାନ ପାଇଁ କାର୍ଯ୍ୟ କରୁଛି ୱାନ୍ ଷ୍ଟପ୍ ସେଣ୍ଟର 'ସଖୀ'। ମହିଳା ଓ ଶିଶୁ ସୁରକ୍ଷା ବିଭାଗ ଓ ମିଶନ ଶକ୍ତି ବିଭାଗ ଦ୍ୱାରା କ୍ୟାପିଟାଲ ହସ୍ପିଟାଲ ପରିସରରେ ୨୦୧୫ ଅକ୍ଟୋବର ପହିଲାରୁ କାର୍ଯ୍ୟ କରୁଥିବା ସଖୀ କାର୍ଯ୍ୟାଳୟକୁ ୨୦୨୨ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ମୋଟ ୩୬୫ ଅଭିଯୋଗ ଆସିଛି। ଏଥିମଧ୍ୟରୁ ୧୮୦ଟିରେ ସମାଧାନ ହୋଇଥିବାବେଳେ ୧୮୫ଟି ବିଚାରାଧୀନ ରହିଛି। ସେହିଭଳି ଘରୋଇ ହିଂସା ନେଇ ସର୍ବାଧିକ ୧୧୦ଟି ଅଭିଯୋଗ ହୋଇଥିବାବେଳେ ୪୦ଟି ମାମଲାର ସମାଧାନ ହୋଇଛି ଓ ୩୩ଟି ମାମଲା ବିଚାରାଧୀନ ରହିଛି। ସମସ୍ତ ୫୦ରୁ ଅଧିକ ବଳାତ୍କାର ମାମଲା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ହୋଇଛି। ୩୦ ମାମଲାର ସମାଧାନ ହୋଇଛି ଓ ୨୦ ଟି ବିଚାରାଧୀନ ରହିଛି। ୩୭ ଟି ଯୌନ ଅପରାଧ ମାମଲା ମଧ୍ୟରୁ ୧୯ଟିର ସମାଧାନ ହୋଇଥିବାବେଳେ ୧୮ଟି ମାମଲା ବିଚାରଧିନ ରହିଛି। ୨୦ଟି ଚାଲାଣ ଅଭିଯୋଗ ମଧ୍ୟରୁ ସମସ୍ତ ମାମଲାର ସମାଧାନ ହୋଇଛି। ଶିଶୁ ଯୌନ ନିର୍ଯାତନା ଓ ବାଲ୍ୟ ବିବାହ ନେଇ ଅଭିଯୋଗ ହୋଇ ନ ଥିବା ବେଳେ ନିଖୋଜ ଓ ଅପହରଣ ନେଇ ୧୮୦ଟି ଅଭିଯୋଗ ରହିଛି। ଏଥିମଧ୍ୟରୁ ୧୨୦ଟିର ସମାଧାନ ହୋଇଥିବାବେଳେ ୬୦ଟି ବିଚାରାଧୀନ ରହିଛି। ସେହିପରି ଅନ୍ୟାନ୍ୟ ୩୭ଟି ଅଭିଯୋଗ ମଧ୍ୟରୁ ୨୫ଟିର ସମାଧାନ ହୋଇଥିବାବେଳେ ୧୨ଟି ବିଚାରାଧୀନ ରହିଛି। ବିଭିନ୍ନ ଅଭିଯୋଗ ନେଇ ଆସୁଥିବା ମହିଳାଙ୍କୁ ଯେଭଳି ଉଚିତ ନ୍ୟାୟ ମିଳିପାରିବ ଏନେଇ ସଖୀ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ ହେଉଛି। ଏଥିପାଇଁ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଛି ବୋଲି ସଖୀ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# 'ମହିଳାଙ୍କୁ ନ୍ୟାୟ ଦେବାକୁ ମହିଳା ଆଇନଜୀବୀମାନେ ଉଦ୍ୟମ କରନ୍ତୁ'



ଅତିଥିମାନେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି ।

**ଅନ୍ତର୍ଜାତୀୟ ମହିଳା ଦିବସ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ**

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ଅଲ୍ ୱିମେନ୍ସ ଆଡ୍‌ଭୋକେଟ ଫୋରମ ଏବଂ ଅଖିଳ ଭାରତୀୟ ସଂଯୁକ୍ତ ଅଧିବକ୍ତା ମଞ୍ଚ ପକ୍ଷରୁ ସୋମବାର ଅନ୍ତର୍ଜାତୀୟ ମହିଳା ଦିବସ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟ ମାନବ ଅଧିକାର କମିଶନ ସଦସ୍ୟ ଅସୀମ ଅମିତାଭ ଦାସ ଉଦ୍‌ଘାଟନ କରିଥିଲେ। ଫୋରମ ଅଧ୍ୟକ୍ଷା ହରପ୍ରିୟା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏମ୍‌ପି ସୁଲତା ଦେଓ, ଅଖିଳ ଭାରତୀୟ ସଂଯୁକ୍ତ ଅଧିବକ୍ତା ମଞ୍ଚ ଗୁଆହାଟୀର ଡ. ନର୍ମଦା ଶର୍ମା ପ୍ରମୁଖ ଯୋଗଦେଇ ମହିଳା ଆଇନଜୀବୀମାନେ ଉଦ୍ୟମ କଲେ ସବୁ ମହିଳା ନ୍ୟାୟ ପାଇବେ ବୋଲି କହିଥିଲେ। ଏହି ଅବସରରେ ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତି, ଡ. ଲକ୍ଷ୍ମୀଧର ସାହୁ, ଡ. ଜିତେନ୍ଦ୍ର ରାଉତ, ଆଇନଜୀବୀ ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକ, ଦୀପକ ନରେନ୍ଦ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଅଟଳ କର୍ମଜୀବୀ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଝା ଝୁନିକ ବାନାର୍ଜୀ, ମିତାଲି ଜେଠୀ, ଡ. ସରୋଜିନୀ ଜୋଷି, ଡ. ରମା ଦ୍ୱିବେଦୀ, ଡ. ନର୍ମତା ଶର୍ମା ପ୍ରମୁଖଙ୍କୁ 'ଜଗତଜିତା ନାରୀ' ଓ 'ୟୁଥ୍ ଆଚିଭର ସମ୍ମାନ' ପ୍ରଦାନ କରାଯାଇଥିଲା। ମନପ୍ରୀତ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରିୟଦର୍ଶିନୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

# ଭାବୁକ କଲା ନାଟକ 'ଏକା'

**ଅସୀମ ବସୁ ଉତ୍ସବ ଉଦ୍‌ଯାପିତ**

ଭୁବନେଶ୍ୱର,୬।୩(ବ୍ୟୁରୋ)


ଅସୀମ ବସୁ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ନାଟକ 'ଏକା'ର ଏକ ଦୃଶ୍ୟ ।

ମଣିଷ ଜୀବନରେ ଏମିତି ଅନେକ ସମୟ ଆସିଥାଏ, ଯେତେବେଳେ ତାକୁ ସବୁ ସମ୍ପର୍କ, ସବୁ ଆବେଗଠାରୁ ଦୂରେଇ ଏକା ଏକା ବଞ୍ଚିବାକୁ ପଡ଼େ। କେବେ କର୍ତ୍ତବ୍ୟ ଭୟରେ, କେବେ ଭବିଷ୍ୟତର ଯୋଜନାରେ, କେବେ ସ୍ୱାର୍ଥପରତାର ଶିକାର ହୋଇ ମଣିଷ ଏକାକୀ ହୋଇପଡ଼େ। ଏଭଳି ଏକ ପରିସ୍ଥିତିରେ କଠିନରୁ କଠିନତମ ରାସ୍ତା କିପରି ଅତିକ୍ରମ କରିବାକୁ ହୁଏ, ତାହା ନାଟକ 'ଏକା'ରେ ପ୍ରତିଫଳିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରଯୋଜିତ ତଥା ଅସୀମ ବସୁ ଫାଉଣ୍ଡେସନ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ଷଷ୍ଠ ଅସୀମ ବସୁ ଉତ୍ସବର ସୋମବାର ଉଦ୍‌ଯାପନୀ ସନ୍ଧ୍ୟାରେ ଏହି ନାଟକ ପରିବେଷିତ ହୋଇଥିଲା। ଅଜିତ ନାଟ୍ୟାନୁଷ୍ଠାନର ମୁଖ୍ୟ ତଥା ନାଟ୍ୟକାର ଡ. ମାୟା ଦାସ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନ ରାୟ, ଓଡିଶା ନାଟ୍ୟ ସଂଘ ସଭାପତି ହରେନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦେବଦତ୍ତ ପତି ସଭା ପରିଚାଳନା କରିଥିଲେ। ଡ. ମାୟା ଦାସଙ୍କ ରଚିତ ଓ ଦୀପକ ରଞ୍ଜନ ପତିଙ୍କ ନିର୍ଦ୍ଦେଶିତ ନାଟକ 'ଏକା'ରେ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଭାବୁକ କରିଦେଇଥିଲା। କୈଳାସ ସେନାପତି ସଙ୍ଗୀତ ଦାୟିତ୍ୱ ତୁଲାଇଥିଲେ।

# ଜମି କରାଇଦେବା ନାଁରେ ବାବାଙ୍କଠାରୁ ୧୦ ଲକ୍ଷ ଟଙ୍କା ଚଳୁ

ଭୁବନେଶ୍ୱର,୬।୩(ବ୍ୟୁରୋ)

ରାଜଧାନୀରେ ଜମି କିଣିବାକୁ ଯାଇ ଜଣେ ବାବା ଠକାମିର ଶିକାର ହୋଇଛନ୍ତି। ଏୟାରଫିଲ୍ଡ ଥାନା ବୋଡଣ୍ଡା ଅଞ୍ଚଳରେ ଜାଗା କରାଇଦେବା ନାଁରେ ଜଣେ ଯୁବକ ତାଙ୍କୁ ୧୦ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏ ନେଇ ସମ୍ପୃକ୍ତ ବାବା ଜଣଙ୍କ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ବାବା ଜଣଙ୍କ ହେଲେ ନୟାଗଡ଼ ଜିଲାର ଧିରେନ୍ଦ୍ର ମିଶ୍ର। ସଂସାର ମୋହ ଛାଡ଼ି ପ୍ରଭୁଙ୍କ ସାନ୍ନିଧ ପାଇଁ ପୈତୃକ ସମ୍ପତ୍ତି ବିକି ଆଶ୍ରମ କରିବା ଆଶାରେ ରାଜଧାନୀ ଆସିଥିଲେ। ସୂଚନାନୁସାରେ ବୋଡଣ୍ଡା ମୌଜାରେ ବାବାଙ୍କର ଜମିଟିଏ ପସନ୍ଦ ଆସିଥିଲା। ଏହି ସମୟରେ ବିଶ୍ୱନାଥ ବାରିକ ନାମକ ଜଣେ ଯୁବକଙ୍କ ସଂସ୍ପର୍ଶରେ ଆସିଥିଲେ। ଯୁବକ ଜଣଙ୍କ ନିଜ ଜମି କହିବା ସହ ଡିଲ ଫାଇନାଲ କରିଥିଲେ। ଏହାପରେ ଯୁବକଙ୍କ ଆକାଉଣ୍ଟକୁ ୧୦ ଲକ୍ଷ ଟଙ୍କା ଆର୍‌ଟିଜିଏସ କରିଥିଲେ ବାବା। ହେଲେ ଟଙ୍କା ନେବା ପରେ ଯୁବକ ଦେଖା ଦେଉନାହାନ୍ତି କି ଟଙ୍କା ଫେରାଉନାହାନ୍ତି। ଫଳରେ ଠକାମିର ପଡିବା ଜାଣିବା ପରେ ଏୟାରଫିଲ୍ଡ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି ବାବା । ଜମିର ପ୍ରକୃତ ମାଲିକ ମଧ ବାବାଙ୍କ ସହ ଯାଇ ଥାନା ଅଧିକାରୀଙ୍କୁ ଭେଟିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଆକାଉଣ୍ଟ ଡିଟେଲସ, ଏତଲା ଆଧାରରେ ମୁଖ୍ୟ ଅଭିଯୁକ୍ତର ସହଯୋଗୀଙ୍କୁ ଉଠାଇ ଆଣି ପଚରାଉଚରା କରୁଛି। ଟ୍ରାଞ୍ଜାକ୍ସନ ହୋଇଥିବା ଆକାଉଣ୍ଟକୁ ମଧ ପୋଲିସ ଫ୍ରିଜ କରିଛି। କିନ୍ତୁ ସେଥିରେ ଅଛି ମାତ୍ର ଏକ ଲକ୍ଷ ଟଙ୍କା। ଏଣୁ ବାବାଙ୍କ ଠକେଇ ଟଙ୍କା ଫେରାଇବା ସହିତ ଦଲାଲଙ୍କୁ ଧରିବା ପାଇଁ ଚଢାଉ ଜାରି ରଖିଛି ଏୟାରଫିଲ୍ଡ ଥାନା ପୋଲିସ।

# ଏମ୍‌ସରୁ ପାତ୍ରପଡ଼ା ଛକ, କ୍ୟାପିଟାଲ ହସ୍ପିଟାଲ ନିକଟରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ରାଜଧାନୀର ବିଭିନ୍ନ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ଜାରି ରହିଛି। ଏହି କ୍ରମରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସୋମବାର ଏମ୍‌ସ ଛକରୁ ପାତ୍ରପଡ଼ା ପର୍ଯ୍ୟନ୍ତ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ୧ ଓ ୩ ପକ୍ଷରୁ ଏହି ଉଚ୍ଛେଦ କରାଯାଇଥିଲା। ଏଥିରେ ୬ଟି ଫାଷ୍ଟଫୁଡ୍ ଦୋକାନ, ୫ଟି ପରିବା ଦୋକାନ, ୪ଟି କ୍ୟାବିନ ଓ ୭ଟି ବିଜ୍ଞାପନ ବୋର୍ଡ ଭଙ୍ଗା ଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପୋଲିସ ମୁତୟନ କରାଯାଇଥିଲା। ସେହିପରି କ୍ୟାପିଟାଲ ହସ୍ପିଟାଲ ପଛ ପାର୍ଶ୍ୱରୁ ମଧ ବେଆଇନ ନିର୍ମାଣକୁ ହଟାଯାଇଥିଲା। ଏଠାରେ ବିଡିଏ ସ୍କ୍ୱାଡ୍ ନଂ.୧, ୩ ଓ ୫ ବିନା ପୋଲିସ ସହାୟତାରେ ୧୮ଟି ଆଜବେଷ୍ଟସ୍ ଘର, ୮ଟି ଶୌଚାଳୟ, ୩ଟି କ୍ୟାବିନ ଏବଂ ୨ଟି ଚା' ଦୋକାନ ଭାଙ୍ଗିଥିଲା। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ବିଡିଏ ଲିଆଇସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ ଅମିୟ କୁମାର ଦାସ, ସହକାରୀ ନିର୍ଦ୍ଦେଶକ (ପ୍ରବର୍ତ୍ତନ) ପ୍ରମୁଖ ଉପସ୍ଥିତ ଥିଲେ।

# 'ରବି ରାୟ ସାମ୍ୟବାଦୀ ଚେତନାର ବାର୍ତ୍ତାବହ ଥିଲେ'

ବାଲିପାଟଣା,୬।୩(ଡି.ଏନ୍.ଏ.):

ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟ ସାମ୍ୟବାଦୀ ଚେତନାର ବାର୍ତ୍ତାବହ ଥିଲେ ବୋଲି ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ କହିଛନ୍ତି। ସୋମବାର ଭୁବନେଶ୍ୱର ଲୋହିଆ ଏକାଡେମୀ ସଭାଗୃହରେ ଆୟୋଜିତ ରବି ରାୟଙ୍କ ଶ୍ରାଦ୍ଧବାର୍ଷିକୀରେ ଅତିଥିଭାବେ ପ୍ରଫେସର ପଟ୍ଟନାୟକ ଯୋଗଦେଇ ଏହା କହିଛନ୍ତି। ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରାୟ କହିଥିଲେ, ରବି ରାୟ ଲୋକ ସଭା ସଦସ୍ୟ ଥିବାବେଳେ ଯେଉଁ ଜନହିତକର ପଦକ୍ଷେପ ନେଇଛନ୍ତି, ସେ ସବୁ ସଂଗ୍ରହ କରାଯାଇ ଏକ ବୁକ୍‌ଲେଟ୍ କରିବାର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯିବା ଉଚିତ୍। ସାମ୍ବାଦିକ କୁଲଦୀପ ନାୟାରଙ୍କ ଓଡ଼ିଶାରେ ଗଠିତ ଲୋହିଆ ଏକାଡେମୀର ଗଠନ ଅବଦାନ ଉପରେ ଅନ୍ୟ ବକ୍ତାମାନେ ମତ ରଖିଥିଲେ। ଦେବୀ ପୃଷ୍ଟି, ମନୋରଞ୍ଜନ ରାୟଙ୍କ ସମେତ ବହୁ ସାମ୍ୟବାଦୀ ନେତା ଯୋଗଦେଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଲୋହିଆ ଏକାଡେମୀ ସମ୍ପାଦକ ଦେବୀ ପ୍ରସାଦ ରାୟ, ପୀତାମ୍ବର ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିରରେ ଅଭିମନ୍ୟୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକ ସଭାରେ ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା, ସମ୍ପାଦକ ଭଗବାନ ସାହୁ, ଡ. ମୁରଲୀଧର ସାହୁ, ସିଆରସିସି ଝୁନାରାଣୀ ସାହୁ, ମମିତା ଦଳେଇ ଓ ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ରବି ରାୟଙ୍କ ଜୀବନୀ, ସାହିତ୍ୟ କୃତି ଓ ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ।



ବାଲିପାଟଣାଠାରେ ଅନୁଷ୍ଠିତ ରବି ରାୟଙ୍କ ଶ୍ରାଦ୍ଧବାର୍ଷିକୀରେ ଉପସ୍ଥିତ ଅତିଥିମାନେ ।

# ଚୋରା ବାଇକ୍ ରଖି ୨ ଗିରଫ

ଭୁବନେଶ୍ୱର,୬।୩ (ବ୍ୟୁରୋ)

ଚୋରା ମୋଟରସାଇକେଲ ପାଖରେ ରଖିବା ଦୁଇ ଯୁବକଙ୍କ ପାଇଁ ମହଙ୍ଗା ପଡିଛି। ଭରତପୁର ଥାନା ପୋଲିସ ସ୍ଥାନୀୟ ଜିଏ କଲୋନୀ ଅଞ୍ଚଳରେ ଚଢାଉ କରି ସମ୍ପୃକ୍ତ ଦୁଇ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲାର ଆକାଶ ସୁବୁଦ୍ଧି ଓ କିରଣ କୁମାର ଜେନା। ସେମାନଙ୍କଠାରୁ ୨ଟି ମୋଟର ସାଇକେଲ ଜବତ କରାଯାଇଛି।

# ସଫେଇ କର୍ମୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା




ଭୁବନେଶ୍ୱର, ୬।୩ (ବ୍ୟୁରୋ)

ବିଏମ୍‌ସି ଦ୍ୱାରା ନିୟୋଜିତ ପରିମଳ କର୍ମୀ ତଥା ସଫେଇ କର୍ମୀଙ୍କ ସୋମବାର ହେପାଟାଇଟିସ୍ ବି ଏବଂ ସି ପରୀକ୍ଷା କରାଯାଇଛି। ହେଲ୍‌ଥ ଲିଭର୍ କ୍ୟାମ୍ପେନ ଅନ୍ତର୍ଗତ ପରିମଳ କର୍ମଚାରୀଙ୍କୁ ନିକଟସ୍ଥ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚ୍‌ସି)ରେ ମାଗଣା ସେବା ଯୋଗାଇ ଦିଆଯାଇଥିଲା। ୧୦ଟି ଭିନ୍ନଭିନ୍ନ ୟୁପିଏଚ୍‌ସିରେ କ୍ୟାମ୍ପ କରାଯାଇ ସଫେଇକର୍ମୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ କରାଯାଇଥିଲା। ରକ୍ତଚାପ, ହିମୋଗ୍ଲୋବିନ ସ୍ଥିତି ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଶିବିରରେ ପ୍ରାୟ ୬୫୦ଜଣ ପରିମଳ କର୍ମଚାରୀ ଉପକୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ଅଧିକ ସଂଖ୍ୟକ ସଫେଇକର୍ମୀଙ୍କୁ ସାମିଲ କରିବା ପାଇଁ ଆସନ୍ତା ୯ ଓ ୧୦ ତାରିଖ ଦିନ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

# କୋଟିଲେଇ ହାଟର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ବିଏମ୍‌ସି ପକ୍ଷରୁ ଭୁବନେଶ୍ୱରକୁ ଜଳବନ୍ଦୀମୁକ୍ତ କରିବାକୁ ପ୍ରୟାସ କରାଯାଉଛି। ସବୁ ୱାର୍ଡରେ ଡ୍ରେନ୍ ନିର୍ମାଣ ତଥା ନବୀକରଣ କାମ ଜାରି ରହିଥିବାବେଳେ ସୋମବାର ରସୁଲଗଡ଼ସ୍ଥିତ କୋଟିଲେଇ ହାଟର ଉନ୍ନତୀକରଣ ପାଇଁ ପଦକ୍ଷେପ ନିଆଯାଇଛି। ହାଟରେ ନୂଆ ଡ୍ରେନ୍ ନିର୍ମାଣ ସହ ପିଣ୍ଡିଗୁଡିକର ନବୀକରଣ ପାଇଁ ଭିତ୍ତିପ୍ରସ୍ତର ପଡିଛି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଉପସ୍ଥିତିରେ ମେୟର ସୁଲୋଚନା ଦାସ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତୁରନ୍ତ ଏହି ଡ୍ରେନ୍ ନିର୍ମାଣ ଶେଷ କରି ହାଟରୁ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଗମ କରିବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ।
ସୂଚନାଯୋଗ୍ୟ, କୋଟିଲେଇ ହାଟ ଆରମ୍ଭରୁ ସ୍ୱତନ୍ତ୍ର ଭାବେ ପରିଚାଳିତ ହେଉଥିବାବେଳେ ୨୦୧୯ରେ ବିଏମ୍‌ସି ଏହାକୁ ନିଜ ଅଧୀନକୁ ଆଣିଥିଲା। ମାତ୍ର ଏବେ ସୁଦ୍ଧା ବିଏମ୍‌ସି ପକ୍ଷରୁ ହାଟରେ ବିଧିବଦ୍ଧ ଭାବେ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ହାଟଟି ବହୁ ସମସ୍ୟା ଘେରରେ ଥିବାବେଳେ ଏଠାରେ ଜଳନିଷ୍କାସନ ସବୁଠାରୁ ବଡ ସମସ୍ୟା ପାଲଟିଛି। ଏହାକୁ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ବିଏମ୍‌ସି କର୍ପୋରେଶନ ବୈଠକରେ ସ୍ଥାନୀୟ କର୍ପୋରେଟର ହାଟରେ ଡ୍ରେନ୍ ନିର୍ମାଣ ଲାଗି ଦାବି କରିବା ପରେ ବିଏମ୍‌ସି ପକ୍ଷରୁ ଏଥିପାଇଁ ପଦକ୍ଷେପ ନିଆଯାଇଛି।


କୋଟିଲେଇ ହାଟରେ ଡ୍ରେନ୍ ନିର୍ମାଣ ସହ ପିଣ୍ଡି ନବୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି ।

# ରାସ୍ତାକଡ଼ ଗଛ କାଟିବାକୁ ଅନ୍‌ଲାଇନ ଅନୁମତି ଜରୁରୀ

ଭୁବନେଶ୍ୱର, ୬।୩ (ବ୍ୟୁରୋ)

**ବିଏମ୍‌ସି ବୈଠକରେ ନିଷ୍ପତ୍ତି**

- ଯିଏ କାଟିବ, ସେ ଆବର୍ଜନା ଉଠାଇବ
- ୨୪ ଘଣ୍ଟା ମଧ୍ୟରେ ସଫା କରାଯିବ


ବୈଠକରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟମାନେ ।

ଏଣିକି ରାସ୍ତା କଡ଼ରୁ ଗଛ କାଟିବାକୁ ହେଲେ ଅନ୍‌ଲାଇନ୍‌ରେ ଅନୁମତି ନେବାକୁ ହେବ। ମନଇଚ୍ଛା ଗଛ କାଟିହେବ ନାହିଁ କିମ୍ବା ଅଫ୍‌ଲାଇନ୍‌ରେ ଅନୁମତି ଦିଆଯିବ ନାହିଁ। ସେହିପରି ଗଛ କାଟିବା ପରେ ସେଠାରେ ପଡୁଥିବା ନିର୍ମାଣାଧୀନ ଭଗ୍ନାବଶେଷ କିମ୍ବା ସବୁଜ ଆବର୍ଜନାକୁ ୨୪ଘଣ୍ଟା ମଧ୍ୟରେ ଉଠାଇବାକୁ ପଡିବ। ସୋମବାର ବିଏମ୍‌ସି ଆଇସିଓଏମ୍‌ସି ଟାୱାରଠାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି।
ବିଏମ୍‌ସି କମିଶନର ତଥା ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍)ର ସିଇଓ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ ନିଆଯାଇଛି। ରାସ୍ତାକଡ଼ରୁ ଯେଉଁ ସଂସ୍ଥା ବା ବ୍ୟକ୍ତି ଗଛ କାଟିବେ ସେଠାରୁ ଆବର୍ଜନା ଉଠାଇବା ଦାୟିତ୍ୱ ମଧ ତାଙ୍କର। ଯଦି ନିଜେ ଆବର୍ଜନା ଉଠାଇ ପାରିବେ ନାହିଁ, ତେବେ ସମ୍ପୃକ୍ତ ରାସ୍ତା ଯେଉଁ ବିଭାଗ ଅଧୀନରେ ଥିବ ସେଠାରେ ନିର୍ଦ୍ଧାରିତ ଅର୍ଥ ପଇଠ କରିବାକୁ ପଡିବ। ଫଳରେ ସମ୍ପୃକ୍ତ ବିଭାଗ କିମ୍ବା ବିଏମ୍‌ସି ସେଠାରେ ଗଦା ହୋଇଥିବା ଆବର୍ଜନାକୁ ୨୪ ଘଣ୍ଟା ମଧ୍ୟରେ ଉଠାଇ ନେବେ। ଏହାଦ୍ୱାରା ରାସ୍ତାକଡ଼ରେ ଆବର୍ଜନା ପଡି ରହିବ ନାହିଁ। ସେହିପରି ଅନ୍‌ଲାଇନ୍ ବ୍ୟବସ୍ଥା ଦ୍ୱାରା କେଉଁ କାରଣରୁ, କେଉଁ ସ୍ଥାନରୁ ଏବଂ କିଏ ଗଛ କାଟିଲେ ତାହାର ତଥ୍ୟ ମଧ ରହିବ। ବୈଠକରେ ବିଏମ୍‌ସିର ଅନ୍ୟ ଅଧିକାରୀଙ୍କ ସହ ବିଏସ୍‌ସିଏଲ୍ ଜିଏମ୍ ସୁବ୍ରତ ବେହେରା, ଲାଇନ୍ ବିଭାଗ, ପିଡବ୍ଲ୍ୟୁଡି, ଓପିଟିସିଏଲ୍, ଜିଓ ଏବଂ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ୨/୩ ଦିନ ମଧ୍ୟରେ ଏ ନେଇ ବିଧିବଦ୍ଧ ଭାବେ କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି। ସରକାରୀ କାଗଜପତ୍ରଠାରୁ ଆରମ୍ଭ କରି ଜନ୍ମମୃତ୍ୟୁ ପଞ୍ଜୀକରଣ, ଭତ୍ତା ସବୁକିଛି ଅନ୍‌ଲାଇନ୍ ମୋଡ୍‌ରେ ହେବାପରେ ଏବେ ଗଛ କଟା ନେଇ ଅନୁମତିକୁ ମଧ ଅନ୍‌ଲାଇନ୍ ମୋଡ୍‌ରେ ସାମିଲ୍ କରାଯାଇଛି।

## ଅର୍ଦ୍ଧଦଗ୍ଧ ଅବସ୍ଥାରେ ଯୁବକ ଉଦ୍ଧାର

**ପୁରୀ ଅଫିସ :** ବାସେଲୀସାହି ଥାନା ଅନ୍ତର୍ଗତ ଶଙ୍କେରେଶ୍ୱର ମନ୍ଦିର ନିକଟ ଏକ ଭଙ୍ଗାଘରୁ ଜଣେ ଯୁବକଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ସେ ପୁରୀ ସଦର ଥାନା ଅଧୀନ ଖଡ଼ିପଦା ଗ୍ରାମର ସୂର୍ଯ୍ୟକାନ୍ତ ମାଝୀ ବୋଲି ଜଣାପଡ଼ିଛି। ତେବେ ତାଙ୍କ ଦେହରେ କିପରି ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ। ଏ ନେଇ ପୋଲିସ ତଦନ୍ତ କରୁଛି। ସୂର୍ଯ୍ୟକାନ୍ତଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୬।୩।୨୦୨୩

| | |
|---|---|
| ୪,୮,୯୯୯ ଟଙ୍କା | |
| ସୁନା | ୨.୬୬୦ ଗ୍ରାମ୍ |
| ରୁପା | ୭୦୦ ମିଲିଗ୍ରାମ୍ |

# 'ସମାଜ ପ୍ରଗତିର କର୍ଣ୍ଣଧାର ମହିଳା'

**ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମହିଳା ଅଧିକାରୀ ସମ୍ବର୍ଦ୍ଧିତ**

ପୁରୀ ଅଫିସ, ୬।୩

ମହିଳାମାନେ ସମାଜ ପ୍ରଗତିର କର୍ଣ୍ଣଧାର। ସେଥିପାଇଁ କୁହାଯାଏ ଜଣେ ମହିଳା ଶିକ୍ଷିତ ଓ ସଚେତନ ହେଲେ ସମଗ୍ର ପରିବାର ଶିକ୍ଷିତ ଓ ସଚେତନ ହୁଏ ବୋଲି ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି। ସୋମବାର ସଦଭାବନା ସଭାଗୃହରେ ପୁରୀ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ୩ରୁ ୯ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଉଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଜିଲାପାଳ ସାହୁ ଯୋଗଦେଇ କହିଥିଲେ, ମହିଳାମାନେ ଦୁର୍ବଳ ବା ଅସହାୟ ନୁହନ୍ତି। ପୌରାଣିକ ଓ ଐତିହାସିକ ପୃଷ୍ଠା ଓଲଟାଇଲେ ମହିଳାମାନଙ୍କ ବୀରତ୍ୱ, ସାହସର କୀର୍ତ୍ତି ସ୍ପଷ୍ଟ ପ୍ରକଟିତ ହୁଏ। ଆଜିର ସମୟରେ ମହିଳାମାନେ ଦେଶ ଶାସନଠାରୁ ଆରମ୍ଭ କରି ଦେଶ ସୁରକ୍ଷା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ପାରଦର୍ଶିତା ଦେଖାଇଛନ୍ତି। ତେବେ ପ୍ରତ୍ୟେକ ମହିଳା ଶିକ୍ଷା ଓ ସ୍ୱାସ୍ଥ୍ୟ ସଚେତନ ହେବା ଉଚିତ। ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶିକା ମଞ୍ଜୁଳା ତ୍ରିପାଠୀ, ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ଏଡିପିଏଚ୍‌ଓ ଡା. ଶୁଭଶ୍ରୀ ଦାସ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ମହିଳାଙ୍କୁ ଉପଯୁକ୍ତ ସମ୍ମାନ ନ ଦେଲେ ସମାଜ ଦୁର୍ବଳ ହୋଇଯିବ ବୋଲି କହିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ଏଥିରେ ସଭାପତିତ୍ୱ କରିବା ସହ ଜିଲାରେ ମହିଳାମାନଙ୍କ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ, ଡିଏସ୍‌ପି ଅସ୍ମିତା ପରିମିତା, ଏପିଡି ରଶ୍ମିରେଖା ଦାସ, ଉଦ୍ୟାନ ଉପନିର୍ଦ୍ଦେଶିକା ମଞ୍ଜୁଳା ତ୍ରିପାଠୀ, ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ, ପିଓଆଇ ସିଡିଏସ୍ ଶର୍ମିଷ୍ଠା ହୋତା, ମମତାର ଡିପିସି ପ୍ରଣତି ମହାନ୍ତି, ମିଶନ ଶକ୍ତିର ଡିପିସି ଆରତି ସାହୁ, ଏଡିପିଏଚ୍‌ଓ ଡା. ଶୁଭଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅସ୍ତରଙ୍ଗ ସିଡିପିଓଙ୍କୁ ଶ୍ରେଷ୍ଠ ସିଡିପିଓ ତଥା ବାଲ୍ୟ ବିବାହ ପ୍ରତିରୋଧ ଅଧିକାରୀ ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ଅଙ୍ଗନୱାଡି କର୍ମୀ, ସହାୟିକା ଓ ସୁପରଭାଇଜରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା ଧନ୍ୟବାଦ ଦେଇଥିଲେ।



ଆନ୍ତର୍ଜାତିକ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ବାଳିକାମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ପୁରୀ ଦୋଳବେଦି ପରିସରରେ ସୋମବାର ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀଦୋଳଗୋବିନ୍ଦଙ୍କୁ ନେଇ ହୋଲିକା ଦହନ ନୀତି ସମ୍ପନ୍ନ କରାଯାଉଛି।

## ୫ ପଞ୍ଚାୟତ ଶ୍ରେଷ୍ଠ ବିବେଚିତ

ନିମାପଡ଼ା,୬।୩(ଡି.ଏନ୍.ଏ.)

ନିମାପଡ଼ା ବ୍ଲକର ୫ଟି ଗ୍ରାମପଞ୍ଚାୟତ ବିଭିନ୍ନ ଯୋଜନାରେ ସଫଳ ରୂପାୟନ ପାଇଁ ଶ୍ରେଷ୍ଠ ବିବେଚିତ ହୋଇଛି। ବ୍ଲକର ବଳଙ୍ଗା, ହରିପୁର, ରେଞ୍ଚଶାସନ, ତୁଳସୀପୁର, ବାବାରେଣୀ ଆଦି ଗ୍ରାମପଞ୍ଚାୟତ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତୀକରଣ ଭାବେ ବିବେଚିତ ହୋଇ ଜିଲା ପ୍ରଶାସନ ପକ୍ଷରୁ ୧ ଲକ୍ଷ ଟଙ୍କା ଓ ମାନପତ୍ର ପାଇଛନ୍ତି। ଏହି ପୁରସ୍କାର ନିମାପଡ଼ା ବ୍ଲକ ପାଇଁ ଗର୍ବର ବିଷୟ ବୋଲି ବିଡିଓ ବସନ୍ତ ମଲ୍ଲିକ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ଓ ଲୋକସେବା ଦିବସ ସମାରୋହରେ ଯୋଗଦେଇ କହିଛନ୍ତି। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନସୂୟା ମହାନ୍ତି, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ, ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର (ବିପିଏମ୍) ମଧୁଛନ୍ଦା ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୌଦାମିନୀ ଦାଶ, ବ୍ଲକ କୃଷି ଅଧିକାରୀ ପ୍ରଦୀପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେମାଲ୍ୟାର୍ପଣ କରାଯାଇଥିଲା।

## ସଂକ୍ଷେପରେ

### 'ମହିଳାଙ୍କ ଉତ୍ସର୍ଗୀକୃତ ସେବାର ବିକଳ୍ପ ନାହିଁ'

**ପୁରୀ ଅଫିସ, ୬।୩:** ପୁରୀ ଜିଲା ଆଇନସେବା ପ୍ରାଧିକରଣ ଅନୁକୂଲ୍ୟରେ ଜିଲା ଦୌରାଜଜ୍ ଶିତିକଣ୍ଠ ସାମଲଙ୍କ ଆଦେଶନୁସାରେ ସୋମବାର ପ୍ରାଧିକରଣ ସଚିବ ଅମିତ କୁମାର ବାରିକଙ୍କ ଅଧକ୍ଷତାରେ ଅର୍ନ୍ତଜାତୀୟ ମହିଳା ସପ୍ତାହ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଲିଗାଲ ଆଫେୟାର୍ସ ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଶାନ୍ତ କୁମାର, ପ୍ରୋଟେକସନ୍ ଅଫିସର ଶର୍ମିଷ୍ଠା ହୋତା, ପ୍ରଥମ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତନ୍ମୟ ରଞ୍ଜନ ଦାସ, ସୁଶ୍ରୀ ପଲ୍ଲବୀ ଦାସ ଏବଂ ଡି. ଏଶ୍ୱର୍ଯ୍ୟା ଯୋଗଦେଇଥିଲେ। ମହିଳାଙ୍କ ଉତ୍ସର୍ଗୀକୃତ ସେବାର ବିକଳ୍ପ ନାହିଁ ସବୁ କ୍ଷେତ୍ରରେ ମହିଳାଙ୍କୁ ସମାନ ଅଧିକାର ମିଳିବା ଉଚିତ୍ ବୋଲି ଅତିଥିମାନେ କହିଥିଲେ। ଘରୋଇ ହିଂସା, ବାଲ୍ୟ ବିବାହ ନିରୋଧ, କନ୍ୟାଭ୍ରୁଣ ହତ୍ୟା ନିରୋଧ ଓ ନାବାଳିକା ଯୌନ ନିର୍ଯ୍ୟାତନା ନିରୋଧ ଆଇନ ସମେତ ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ପୁରୀ ଅଫିସ,୬।୩:** ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଦୀପ୍ତ କୁମାର ନନ୍ଦ ଉଦ୍‌ଘାଟନ କରି ଜନନାୟକ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅମୂଲ୍ୟ ପୁରୋହିତ ଓ ସମ୍ମାନିତ ବକ୍ତା ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ ସ୍ୱାଇଁ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତ୍ରା ପଟ୍ଟନାୟକଙ୍କୁ ପ୍ରଶାସନ ରତ୍ନ ଉପାଧିରେ ବିଭୂଷିତ କରାଯାଇଥିଲା। କାବ୍ୟପାଠ ଓ ସଂଗୋଷ୍ଠୀ କାର୍ଯ୍ୟକ୍ରମକୁ ଡ. ଅଜୟ କୁମାର ଦାଶ, ଡ. ପ୍ରଜ୍ଞା, ଡ. ପ୍ରଦୀପ୍ତ କୁମାର ନନ୍ଦ, ଡ. ରାଜଶ୍ରୀ ଦାଶ, ଡ. ରାଧାକାନ୍ତ ପଣ୍ଡା ଏବଂ ଡ. ପ୍ରିୟବ୍ରତ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଂଶସିତ କରାଯାଇଥିଲା। ସ୍ନାତକୋତ୍ତର ବିଭାଗ ଅଧକ୍ଷ ଡ. ଶତ୍ରୁଘ୍ନ ପାଣିଗ୍ରାହୀ, ସହାୟକ ଆଚାର୍ଯ୍ୟ ଡ. ଦେବାଶିଷ ତ୍ରିପାଠୀ, ଡ ଚନ୍ଦନ କୁମାର ମିଶ୍ର ଏବଂ ଡ. ଜୟ ମାଣିକ୍ୟ ଶାସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁ ଜୟନ୍ତୀରେ ବେଳାଭୂମି ସଫେଇ, ସଚେତନତା କାର୍ଯ୍ୟକ୍ରମ

**କୋଣାର୍କ,୬।୩(ଡି.ଏନ୍.ଏ.):** ବିଜୁ ପଟ୍ଟନାୟକଙ୍କ ୧୦୭ତମ ଜୟନ୍ତୀ ଚନ୍ଦ୍ରଭାଗାଠାରେ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଜୁବାବୁଙ୍କ ବୀରତ୍ୱର ଗାଥା ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେଡି ନେତା ପ୍ରଫୁଲ୍ଲ ପାତ୍ର, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ପ୍ରମୋଦ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚନ୍ଦ୍ରଭାଗା ବେଳାଭୂମି ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାକଟପୁର ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା ଚନ୍ଦ୍ରଭାଗା ବଜାରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପଦ୍ମଚରଣ ବେଉରା, କୋଣାର୍କ ଏନ୍‌ଏସି ଅଧକ୍ଷା ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ଗୋପାଳ ଚନ୍ଦ୍ର ବେହେରା, ବିଶ୍ୱମ୍ଭର ବିଶ୍ୱାଳଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ଚନ୍ଦ୍ରଭାଗାଠାରେ ପହଞ୍ଚି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



ପୁରୀ ମଧୁବନସ୍ଥିତ ବିନାୟକ ବିଦ୍ୟାମନ୍ଦିରର ୧୧ତମ ବାର୍ଷିକ ଉତ୍ସବରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ବିନାୟକ ବିଦ୍ୟାମନ୍ଦିରର ୧୧ତମ ବାର୍ଷିକ ଉତ୍ସବ

ପୁରୀ ଅଫିସ, ୬।୩

ମଧୁବନସ୍ଥିତ ବିନାୟକ ବିଦ୍ୟାମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ମମତା ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନ୍ୟତମ ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡ. ସନ୍ତୋଷ କୁମାର ପରିଡ଼ା, ପ୍ରାଧ୍ୟାପକ ସୀମାଞ୍ଚଳ ପଣ୍ଡା, ସିଆର୍‌ସିସି ଅନିତା ମିଶ୍ର, ଶିକ୍ଷା ବିକାଶ ପରିଷଦର ସମ୍ପାଦକ ସୁରେଶ ଚନ୍ଦ୍ର ସାମନ୍ତରାୟ, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ମନୋରଞ୍ଜନ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷୟିତ୍ରୀ ସଂଯୁକ୍ତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାର୍ଥୀମାନେ ଶୃଙ୍ଖଳିତ ଓ ସୁନାଗରିକ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ଗୁରୁ ପ୍ରସାଦ ଶତପଥୀ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ନାୟକ, କଳ୍ପନା ମଞ୍ଜରୀ ଜେନା, ଲକ୍ଷ୍ମୀପ୍ରସାଦ କର, ଶିକ୍ଷକ ଅଜୟ କୁମାର ପଣ୍ଡା, ଶିବ ନାରାୟଣ ଭଞ୍ଜ, ମହେନ୍ଦ୍ର ବିଶୋଇ, ବିକାଶ ଦତ୍ତ, ନୃତ୍ୟ ଗୁରୁ ଦୁର୍ଗା ପ୍ରସାଦ ପାଣ୍ଡେ ଏବଂ ସଙ୍ଗୀତ ଗୁରୁ ପ୍ରଦୀପ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅନିମା ମିଶ୍ର, ସନ୍ଧ୍ୟାରାଣୀ ତ୍ରିପାଠୀ, ମାନିନୀ ମିଶ୍ର, ସସ୍ମିତା ପ୍ରଧାନ, ମନୋରମା ବରାଳ ଏବଂ ଚପଳା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଜାଗୃତି ମହୋତ୍ସବ ପାଇଁ ପ୍ରତିଭା ଅନ୍ୱେଷଣ




ଛାତ୍ରୀଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯାଉଛି।

ପିପିଲି,୬।୩(ଡି.ଏନ୍.ଏ.)

ଆସନ୍ତା ୨୨ରୁ ୨୪ତାରିଖ ପର୍ଯ୍ୟନ୍ତ ପିପିଲିର ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ଓଡ଼ିଆ ନବବର୍ଷକୁ ବହୁ ଆଡ଼ମ୍ବରରେ ଜାଗୃତି ମହୋତ୍ସବ-୨୦୨୩ ଭାବେ ପାଳନ କରିବ। ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ପିପିଲି ବ୍ଲକର ବିଭିନ୍ନ ସ୍କୁଲରୁ ପ୍ରଥମ ପର୍ଯ୍ୟାୟରେ ପ୍ରତିଭା ଅନ୍ୱେଷଣ ନିମନ୍ତେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତ, ନାଚ, ନାଟ୍ୟ, ଡିବେଟ୍, ଚିତ୍ରାଙ୍କନ, କୁଇଜ୍ ଆଦି ୬ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ପିପିଲି ଜାଗୃତି ପ୍ରତିଭା ଅନ୍ୱେଷଣର ମହାମୁକାବିଲା ସ୍ଥାନୀୟ ମାଣିକ ଗାର୍ଡେନରେ ରବିବାର ଆୟୋଜିତ ହୋଇଯାଇଛି। ସଙ୍ଗଠନ ସଭାପତି ପ୍ରଭାତ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଗଣେଶ ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ସୁବ୍ରତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ସଙ୍ଗଠନର ଉପଦେଷ୍ଟା ଇଂ. ରମେଶ ଶତପଥୀ, ପିପିଲି କଲେଜ ଅଧାପକ ତ୍ରିନାଥ ଶତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅର୍ଜୁନ ଘଡ଼େଇ, ଶିକ୍ଷାବିତ୍ ବିବେକାନନ୍ଦ ଦାସ, ବରିଷ୍ଠ କଳାକାର ତଥା ଅଭିନେତା ସୁରେନ୍ଦ୍ର ପୁଷ୍ପାଳକ, ପ୍ରବଚକ ତପନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୧୦ଟି ସ୍କୁଲର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିବାବେଳେ ସକାଳ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ମୁକାବିଲା ଚାଲିଥିଲା। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଜାଗୃତି ମହୋତ୍ସବ-୨୦୨୩ର ୩ ଦିନିଆ କାର୍ଯ୍ୟକ୍ରମରେ ସ୍ଥାନ ପାଇବା ସହ ନିଜ ପ୍ରତିଭା ସାର୍ବଜନୀନ କରାଯାଇ ସମ୍ମାନିତ କରାଯିବ ବୋଲି ସଭାପତି ମହାପାତ୍ର କହିଛନ୍ତି। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ମାଟ୍ରିକ ପରୀକ୍ଷା ସୁପରିଚାଳନା ଉପରେ ଗୁରୁତ୍ୱ

ପୁରୀ ଅଫିସ, ୬।୩

ପୁରୀ ଜିଲାରେ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ବା ସମ୍ମେଟିଭ-୨ ପରୀକ୍ଷାକୁ ଅତ୍ୟନ୍ତ ନିଷ୍ଠା ଓ ଗୁରୁତ୍ୱର ସହ ପରିଚାଳନା କରିବାକୁ ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ପରାମର୍ଶ ଦେଇଛନ୍ତି। ସରକାର ଜାରି କରିଥିବା ମାର୍ଗଦର୍ଶିକା ଆଧାରରେ ଏହି ପରୀକ୍ଷା ପରିଚାଳନା କରାଯିବ। କୌଣସି କ୍ଷେତ୍ରରେ ଏହାର ଉଲ୍ଲଂଘନ ବା ଅନିୟମିତତା ହେଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାହୁ କହିଛନ୍ତି। ଚଳିତ ମାସ ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ହାଇସ୍କୁଲ ସାର୍ଟିଫିକେଟ ବା ସମ୍ମେଟିଭ-୨ ପରୀକ୍ଷା ହେବ। ଏହି ପରୀକ୍ଷା ପରିଚାଳନା ପାଇଁ ପୁରୀ ଜିଲାର ୧୨୨ଟି କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ନେଇ ସୋମବାର ଡିଆଇଇଟି ସମ୍ମିଳନୀ କକ୍ଷରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରପ୍ରାପ୍ତ ଜିଲାପାଳ ସାହୁ ଯୋଗଦେଇ କହିଥିଲେ, ଏହି ପରୀକ୍ଷା ପିଲାମାନଙ୍କ ଭବିଷ୍ୟତ ପାଇଁ ଅତି ଜରୁରୀ। ତେଣୁ ପୋଲିସ, ମାଜିଷ୍ଟ୍ରେଟ, କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ସାମୂହିକ ସହଯୋଗ ମାଧ୍ୟମରେ ଏହାକୁ ସୁଚାରୁ ରୂପେ ସମ୍ପନ୍ନ କରିବା। ପରୀକ୍ଷା ଶୃଙ୍ଖଳିତ ଭାବେ ପରିଚାଳନା ନିମନ୍ତେ ସେ ପରାମର୍ଶ ଦେବା ସହ କେହି ନିୟମ ବ୍ୟତିକ୍ରମ ନ କରିବାକୁ କହିଥିଲେ। ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ ଘୋଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡିଆଇଇଟିର ଅଧକ୍ଷ ଡ. ସନ୍ତୋଷ କୁମାର ପରିଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଏବଂ ହିମାଂଶୁ ଭୂଷଣ ସମର୍ଥା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜିଲାର ୧୨୨ଟି ପରୀକ୍ଷାକେନ୍ଦ୍ର ପାଇଁ ୧୨ଟି ନୋଡାଲ କେନ୍ଦ୍ର କରାଯାଇ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି।

# 'ସାଉଦି ଆରବରୁ ମୋ ଅସୁସ୍ଥ ପୁଅକୁ ଫେରାଇ ଆଣ'

**ସରକାରଙ୍କୁ ଆକୁଳ ନିବେଦନ କଲେ ମା'**

ପୁରୀ ଅଫିସ, ୬।୩

ସାଉଦି ଆରବରୁ ଅସୁସ୍ଥ ରୋଜଗାରିଆ ପୁଅକୁ ଘରକୁ ଫେରାଇ ଆଣିବା ପାଇଁ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ମା'। ସୋମବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, କଣାସ ବ୍ଲକ ବାଡ଼ାଲ ପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମର ପ୍ରଶାନ୍ତ କୁମାର ଜୟସିଂହ ପରିବାର ପ୍ରତିପୋଷଣ ପାଇଁ ନିଜର ଭିଟାମାଟି ଛାଡ଼ି ଦିଲ୍ଲୀର ଏକ କମ୍ପାନୀ ସହାୟତାରେ ଗତ ଜାନୁୟାରୀ ୯ରେ ସୁଦୂର ସାଉଦି ଆରବ ଯାଇଥିଲେ। ତେବେ ଜାନୁୟାରୀ ୨୨ ସେ ସେଠାରେ ଅସୁସ୍ଥ ହୋଇପଡ଼ିଥିଲେ। ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ସେଠାକାର ଏକ ସରକାରୀ ମେଡିକାଲରେ ଭର୍ତ୍ତି କରି ଚାଲିଯାଇଥିବା ସେ ଫୋନ କରି ଘରକୁ ଜଣାଇଥିଲେ। ପରେ ତାଙ୍କ ସହ ଆଉ ଯୋଗାଯୋଗ ହୋଇପାରି ନ ଥିଲା। ସେଠାରେ ଥିବା ଜଣେ ଓଡ଼ିଆ ଶ୍ରମିକଙ୍କଠାରୁ ଜାଣିବାକୁ ମିଳିଲା, ସେ ଗୁରୁତର ଭାବେ ପାରାଲିସିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। କିନ୍ତୁ ତାଙ୍କର ଉପଯୁକ୍ତ ଚିକିତ୍ସା କରାଯାଉନାହିଁ। ଏକ ଡାକ୍ତରଖାନାରେ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯାଇଥିବା ବେଳେ ଖାଇବାକୁ ଓ ପିଇବାକୁ ଦିଆଯାଉ ନାହିଁ। ଏହା ଜାଣିବା ପରେ ପରିବାର ଲୋକେ ପ୍ରଶାନ୍ତଙ୍କୁ ଫେରାଇ ଆଣିବାକୁ ପ୍ରଥମେ ଗଡ଼ିଶାଗୋଦା ଥାନା ଓ ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁହାରି ଜଣାଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱରସ୍ଥିତ ଶ୍ରମ କାର୍ଯ୍ୟାଳୟରେ ଜଣାଇବା ପାଇଁ କୁହାଯାଇଥିଲା। ଇତିମଧ୍ୟରେ ଏହି ଘଟଣାକୁ ପ୍ରାୟ ଦୁଇମାସ ହେବାକୁ ବସିଥିବା ବେଳେ ପ୍ରଶାନ୍ତଙ୍କ ପରିବାର ସୁଫଳ ପାଇନାହାନ୍ତି। ଉକ୍ତ ଘଟଣାରେ ଜିଲାପାଳ ହସ୍ତକ୍ଷେପ କରି ପ୍ରଶାନ୍ତଙ୍କୁ ଫେରାଇ ଆଣିବାକୁ ପରିବାରବର୍ଗ ନିବେଦନ କରିଛନ୍ତି।

## 'ମୋ ଗଛ- ମୋ ଜୀବନ' ଉନ୍ମୋଚନ କଲେ ରାଜ୍ୟପାଳ

**ପୁରୀ ଅଫିସ, ୬।୩:** ଗୀତିକାର ବଦ୍ରି ମିଶ୍ରଙ୍କ ଲିଖିତ ପରିବେଶ ସମ୍ପର୍କିତ ପୁସ୍ତକ 'ମୋ ଗଛ- ମୋ ଜୀବନ' ଏବଂ ଇଂଲିଶ ପୁସ୍ତକ 'ଇଭିନ୍ ଟ୍ରି କ୍ୟାନ୍ ସ୍ପିକ୍'କୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ଉନ୍ମୋଚନ କରିଛନ୍ତି। ପୁରୀ ରାଜଭବନରେ ଏହି ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରି ରାଜ୍ୟପାଳ କହିଥିଲେ, ଏହା ହେଉଛି ସେହି ପୂଣ୍ୟଭୂମି ଭାରତ, ଯେଉଁଠି ଗଛ ବି କଥା କହେ। ଏଇ ସେହି ଭାରତବର୍ଷ ଯେଉଁଠି ବୃକ୍ଷକୁ ଦେବତା ଭାବେ ପୂଜା କରାଯାଏ। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଅନୁରାଧା ପୋଡୱାଲ, କବି ରକ୍ଷକ ନାୟକ, କୃଷ୍ଣଚନ୍ଦ୍ର ପାତ୍ର, ମଧୁସୂଦନ ମିଶ୍ର, ଶ୍ୟାମସୁନ୍ଦର ମହାପାତ୍ର, ଜଗଦୀଶ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଫାଇନାଲରେ ଏସିସି ଜଗତ୍‌ସିଂହପୁର

**ମା' ତାରିଣୀ କ୍ରିକେଟ୍ କପ୍**

ଅସ୍ତରଙ୍ଗ,୬।୩(ଡି.ଏନ୍.ଏ.)

ଅସ୍ତରଙ୍ଗର ମା' ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚୌଧୁରୀ ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚେଶ୍ୱର ଭୁବନେଶ୍ୱରକୁ ହରାଇ ଏସିସି ଜଗତ୍‌ସିଂହପୁର ଫାଇନାଲରେ ପ୍ରବେଶ କରିଛି। ଏସିସି ଜଗତ୍‌ସିଂହପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା। ଜବାବରେ ମଞ୍ଚେଶ୍ୱର ଭୁବନେଶ୍ୱର ସମସ୍ତ ଉଇକେଟ୍ ହରାଇ ୧୫୧ ରନ୍ କରି ପରାଜିତ ହୋଇଥିଲା। ଏସିସି ପକ୍ଷରୁ ଏସ୍.ଆର୍. ସେନାପତି ବ୍ୟକ୍ତିଗତ ୫୮ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ ସୁରେଶ ତ୍ରିପାଠୀ ଓ ରମାରଞ୍ଜନ ମହାନ୍ତି ଏବଂ ତୃତୀୟ ଅମ୍ପାୟାର ଭାବେ କୁମାର ବାପି ଦାୟିତ୍ୱ ତୁଲାଇଥିଲେ। ଦୀପକ ଦାସ ଏବଂ ରାକେଶ ମହାନ୍ତି ଖେଳର ଧାରା ବିବରଣୀ ଦେଇଥିଲେ। ଅତିଥି ଭାବେ ମା' ଲକ୍ଷ୍ମୀ କ୍ଲବ ସଭାପତି ପ୍ରମୋଦ ଦାସ, ଖବରଦାତା ଶରତ ପରିଡ଼ା, ସରୋଜ ପ୍ରଧାନ, ଶ୍ରୀମାନ ଛାଟୋଇ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବର ସଭାପତି ମନୋଜ ବିଶ୍ୱାଳ, କ୍ରୀଡ଼ା ସମ୍ପାଦକ ସମୀର କର, ଉପଦେଷ୍ଟା ନିରଞ୍ଜନ ଦାସ, ଦିଲ୍ଲୀପ ଦାସ, ଉପସଭାପତି ସଞ୍ଜୟ ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ୧୧ ତାରିଖରେ ଏସିସି ଜଗତ୍‌ସିଂହପୁର ଏବଂ ଏମ୍‌ସିସି ଜଗତ୍‌ସିଂହପୁର ମଧ୍ୟରେ ଫାଇନାଲ ମ୍ୟାଚ ହେବ।

# ଛାତ୍ରୀଙ୍କୁ ନେଇ ଆନିମିଆମୁକ୍ତ ଭାରତ ଅଭିଯାନ

ପୁରୀ ଅଫିସ, ୬।୩

ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ମହିଳା ଓ ବାଲ ସଂସ୍କାର ପ୍ରକଳ୍ପ ତରଫରୁ ଆନିମିଆମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ରକ୍ତହୀନତା ନିରୂପଣ ଓ ସଚେତନତା ଶିବିର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ଅଧକ୍ଷ ଶତ୍ରୁଘ୍ନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ସଚେତନତା ଶିବିର ହୋଇଥିଲା। ଏଥିରେ ଭାରତ ବିକାଶ ପରିଷଦର ଅଖିଳ ଭାରତୀୟ ସଙ୍ଗଠନ ସମ୍ପାଦକ ସୁରେଶ ଜୈନ ଯୋଗଦେଇ କହିଥିଲେ, ଛାତ୍ରୀମାନେ ସୁସ୍ଥ ରହିବା ସହିତ ଆତ୍ମବିଶ୍ୱାସର ସହ ଲକ୍ଷ୍ୟ ସ୍ଥିର କରି ଆତ୍ମନିର୍ଭରଶୀଳ ହୋଇପାରିଲେ ସଶକ୍ତ ଭାରତକୁ ଆହୁରି ସମୃଦ୍ଧ କରାଯାଇପାରିବ। କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ କହିଥିଲେ, ଝିଅମାନେ ସୁସ୍ଥ, ସୁରକ୍ଷିତ ଓ ସଚେତନ ରହିଲେ ଦେଶର ଭବିଷ୍ୟତ ସନ୍ତାନମାନଙ୍କୁ କୁପୋଷଣରୁ ମୁକ୍ତ ରଖିପାରିବେ। ସମ୍ପାଦକ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ଓ ବାଲ୍ ସଂସ୍କାରର ରାଷ୍ଟ୍ରୀୟ ସମ୍ପାଦିକା ସୁପ୍ରୀତି ରଥ, ପ୍ରାନ୍ତ ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ମହାରଣା, ଶାଖା ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ମୁଖ୍ୟ ଅଧାପିକା ସସ୍ମିତା ବନ୍ଦର ନାୟକ ଧନ୍ୟବାଦ ଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ସମିତି ସହଯୋଗରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କ ହେମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା। ଜୟନ୍ତୀ ମହାପାତ୍ର, ରାମଚନ୍ଦ୍ର ଦଳାଇ, ସୁରେଖା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଆନିମିଆମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ରକ୍ତହୀନତା ନିରୂପଣ ଓ ସଚେତନତା ଶିବିରରେ ଉପସ୍ଥିତ ଅତିଥିଙ୍କ ସହ ବିଦ୍ୟାର୍ଥୀମାନେ।



# 'ବଡେ ମିୟାଁ ଛୋଟେ ମିୟାଁ'ରେ ସୋନାକ୍ଷୀଙ୍କ ଏଣ୍ଟ୍ରି

**ମୁମ୍ବାଇ**

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ୍ ଏକାଠି ଏକ ପରଦାରେ ନଜରକୁ ଆସିବେ। ଆଗାମୀ ଫିଲ୍ମ 'ବଡେ ମିୟାଁ ଛୋଟେ ମିୟାଁ' ପାଇଁ ଉଭୟ ଶୁଟିଂରେ ବ୍ୟସ୍ତ ଅଛନ୍ତି। ନିକଟରେ ଫିଲ୍ମର କିଛି ଭାଗ ଶୁଟିଂ ମୁମ୍ବାଇରେ ଶେଷ ହୋଇଥିବାବେଳେ ବର୍ତ୍ତମାନ ସ୍କଟ୍‌ଲାଣ୍ଡରେ ଚାଲୁ ରହିଛି। ଏନେଇ ପ୍ରଯୋଜକ ଜ୍ୟାକି ଭାଗ୍ନାନି ଏହାର ଏକ ଫଟୋ ସୋସିଆଲ ମିଡିଆରେ ଛାଡ଼ିଛନ୍ତି। ତେବେ ଏହା ମଧ୍ୟରେ ଚଳଚ୍ଚିତ୍ରରେ ବି-ଟାଉନ୍ କୁଇନ୍ ସୋନାକ୍ଷୀ ସିହ୍ନାଙ୍କ ଏଣ୍ଟ୍ରି ହୋଇଛି। ଏନେଇ ସୋନାକ୍ଷୀ କହିଛନ୍ତି, ଏହି ଫିଲ୍ମକୁ ନେଇ ସେ ବହୁତ ଉତ୍ସାହିତ ଅଛନ୍ତି। ସେ ଆଗରୁ ଅକ୍ଷୟ କୁମାରଙ୍କ ସହ ସିନେମା 'ରାଉଡି ରାଠୋର'ରେ ଅଭିନୟ କରିସାରିଛନ୍ତି। ତାହା ସର୍ବଦା ଆନନ୍ଦ ଦାୟକ ବୋଲି କହିଛନ୍ତି। ଟାଇଗର ଶ୍ରଫ୍‌ଙ୍କ ସହ ପ୍ରଥମଥର ପାଇଁ କାମ କରିବାକୁ ଅପେକ୍ଷା କରିଥିବା ସେ କହିଛନ୍ତି। ଏହି ଫିଲ୍ମରେ ଅଲି ଅବାସ ନିର୍ଦ୍ଦେଶନା ଦେଇଛନ୍ତି। ଏହା ବ୍ୟତୀତ ସୋନାକ୍ଷୀ ସଞ୍ଜୟ ଲୀଳା ଭଂସାଲିଙ୍କ ୱେବ୍‌ସିରିଜ୍ 'ହୀରାମଣ୍ଡି'ରେ ନଜରକୁ ଆସିବେ। ଏଥିସହ ସେ ଏକ୍ସେଲ୍ ଏଣ୍ଟରଟେନ୍‌ମେଣ୍ଟ ଓ ଟାଇଗର ବେବି ଫିଲ୍ମସର 'ଦହାଡ୍'ରେ ମଧ୍ୟ ସେ ନଜର ଆସିବେ। ଡିଜିଟାଲ ଦୁନିଆରେ ଏହା ତାଙ୍କର ପ୍ରଥମ ଏଣ୍ଟ୍ରି ହେବ।

# ଘରଭଡ଼ାରୁ ବିରକ୍ତ ହୋଇ ଗୁମ୍ଫାରେ ୧୬ ବର୍ଷ



**ୱାଶିଂଟନ**

ଲୋକେ ଅନେକ ସମୟରେ ଘରେ ରହି ରହି ବିରକ୍ତ ହୋଇଯା'ନ୍ତି। ଫଳରେ ସେମାନେ ବାହାରକୁ ବୁଲିବାକୁ ଯାଇଥା'ନ୍ତି। ହେଲେ ଏଠାରେ ଜଣେ ବ୍ୟକ୍ତି ୧୬ ବର୍ଷ ଗୁମ୍ଫାରେ ବିତାଇଥିବା ତାଙ୍କ କାହାଣୀ କହିଛନ୍ତି। ସେ ହେଲେ ଆମେରିକାର ଉଟାହ ସହରରେ ରହୁଥିବା ଡାନିଏଲ୍ ସେଲାବର୍ଗର। ସେ କହିଛନ୍ତି, ଘର ଭଡ଼ା ଦେଇ ଦେଇ ଅତ୍ୟନ୍ତ ବିରକ୍ତ ହୋଇସାରିଥିଲେ। ସେଥିପାଇଁ ସେ ସବୁକିଛି ତ୍ୟାଗକରି ଜଙ୍ଗଲରେ ଜୀବନ ବିତାଇବାକୁ ନିଷ୍ପତ୍ତି ନେଇଥିଲେ। ସେ କହିଛନ୍ତି କି ଜଙ୍ଗଲସ୍ଥିତ ଗୁମ୍ଫାରେ ରହିବା ଫଳରେ ତାଙ୍କର ଟଙ୍କାର ଆବଶ୍ୟକତା ପଡ଼ି ନ ଥିଲା। ସେ ଆଦିମଣିଷଙ୍କ ଭଳି ରହିବାକୁ ଲାଗିଲେ। ସେ ଏହି ୧୬ ବର୍ଷ ମଧ୍ୟରେ ଜଙ୍ଗଲର ପ୍ରାକୃତିକ ଗଛ, ମୂଳ ଖାଇ ବଞ୍ଚିରହିଥିଲେ। ହେଲେ ତାଙ୍କୁ ତାଙ୍କ ବୁଢ଼ା ମା'ବାପାଙ୍କ କଥା ବୁଝିବାକୁ ୨୦୧୬ରେ ସେଠାରୁ ଫେରିବାକୁ ପଡ଼ିଥିଲା। ରିପୋର୍ଟ ମୁତାବକ, ତାଙ୍କ ପାଖରେ ଭଲ ଚାକିରି ଥିବା ସତ୍ତ୍ୱେ ସେ ତାକୁ ତ୍ୟାଗ କରିଦେଇଥିଲେ। ସେ ୨୦୦୦ ମସିହାରୁ ଘରୁ ବାହାରି ଆସି ୯୦ ଦଶକର ଗୁମ୍ଫାରେ ରହିଥିଲେ। ସେ ତାଙ୍କ ସମସ୍ତ ସମ୍ପତ୍ତିକୁ ତ୍ୟାଗ କରିଦେଇଥିଲେ। ଏପରି ଜୀବନଶୈଳୀ ପାଇଁ ସେ ବେଶ୍ ଚର୍ଚ୍ଚାରେ ଥିଲେ।

# ନିଖୋଜର ୩୦ ବର୍ଷ ପରେ ମିଳିଲେ





**ୱାଶିଂଟନ:** ଜଣେ ମହିଳା ୩୦ ବର୍ଷ ହେବ ନିଖୋଜ ଥିଲେ। ଏବେ ତାଙ୍କ ପରିବାର ତାଙ୍କୁ ପାଇ ବେଶ୍ ଖୁସି ହୋଇଛନ୍ତି। ରିପୋର୍ଟ ମୁତାବକ, ଆମେରିକାର ପାଟ୍ରିସିଆ କୋପ୍ତା ନାମ୍ନୀ ଜଣେ ମହିଳା ୫୨ ବର୍ଷ ବୟସରେ ପେନ୍‌ସିଲଭାନିଆର ପିଟର୍ସବର୍ଗରୁ ୧୯୯୨ ମସିହାରେ ଅଚାନକ ନିଖୋଜ ହୋଇଯାଇଥିଲେ। ରିପୋର୍ଟ ମୁତାବକ, କୋପ୍ତାଙ୍କ ନିଖୋଜ ପରେ ତାଙ୍କ ପରିବାର ଅନେକ ଖୋଜାଖୋଜି କରି ପାଇ ନ ଥିଲେ। ଏ ନେଇ ବିଭିନ୍ନ ସମୟରେ ଖବରକାଗଜରେ ବିଜ୍ଞାପନ ବାହାର କରିଥିଲେ ମଧ୍ୟ କିଛି ଲାଭ ମିଳି ନ ଥିଲା। ପୋଲିସ ମଧ୍ୟ ଉକ୍ତ ମହିଳାଙ୍କୁ ବହୁ ଖୋଜିବା ପରେ ନ ପାଇବାରୁ ତାଙ୍କୁ ମୃତା ଘୋଷିତ କରାଯାଇଥିଲା। ହେଲେ ଏବେ ତାଙ୍କୁ କାରବିଆନ ଦ୍ୱୀପର ପୁଇର୍ଟୋ ରିକୋରେ ଦେଖିବାକୁ ମିଳିଛି। ତାଙ୍କୁ ଏବେ ୮୩ ବର୍ଷ ହୋଇଥିବାବେଳେ ତାଙ୍କ ପରିବାର ତାଙ୍କୁ ପାଇ ବେଶ୍ ଖୁସି ଥିବା ଜଣାପଡ଼ିଛି।

# ଦିନକୁ ଶୁଅନ୍ତି ୨୨ ଘଣ୍ଟା



**ଲଣ୍ଡନ:** ମଣିଷ ତା' ଥକାପଣ ମେଣ୍ଟାଇବାକୁ କିଛି ସମୟ ଶୋଇଥାଏ। ଏଥିସହ ଡାକ୍ତରଙ୍କ ପରାମର୍ଶ ମୁତାବକ, ଦିନକୁ ମୁଖ୍ୟତଃ ୮ ଘଣ୍ଟା ଶୋଇବା ଉଚିତ୍। ହେଲେ ବ୍ରିଟେନ୍‌ର ଜଣେ ମହିଳା ଦିନର ୨୪ ଘଣ୍ଟାରୁ ୨୨ ଘଣ୍ଟା ଶୋଉଥିବା ଜଣାପଡ଼ିଛି। ନ୍ୟୁୟର୍କ ପୋଷ୍ଟ ରିପୋର୍ଟ ମୁତାବକ, ୩୮ ବର୍ଷୀୟା ଜୋଆନା କକ୍ସ ରିୟଲ ଜୀବନର ସ୍ଲିପିଂ ବ୍ୟୁଟି କୁହାଯାଉଛି। କାରଣ ସେ ଦିନର ୨୨ ଘଣ୍ଟା କେବଳ ଶୋଇବାରେ ହିଁ ବିତାଇ ଦେଉଛନ୍ତି। ଆମେ ଶୋଇବା ସମୟରେ ବାରମ୍ବାର ଉଠି ପାଣି ପିଇଥାଉ। ହେଲେ ତାଙ୍କୁ ଶୋଇବା ସମୟରେ କୌଣସି ଖାଦ୍ୟପେୟର ଆବଶ୍ୟକତା ପଡ଼େନାହିଁ। ଏକ ଆଶ୍ଚର୍ଯ୍ୟର କଥା କି ସେ ଥରେ ଲଗାତର ଭାବେ ୪ ଦିନ ଶୋଇଥିଲେ। ତାଙ୍କୁ ତା' ବାବଦରେ ଜଣାପଡ଼ି ନ ଥିଲା। ସେ ନିଜକୁ ଅନେକ ସମୟରେ ଶୋଇବା ଅବସ୍ଥାରେ ହିଁ ପାଇଥାନ୍ତି। ସେ ଯେତେବେଳେ ବାହାରକୁ ଯାଆନ୍ତି, ସେଠାରେ ମଧ୍ୟ ଶୋଇପଡ଼ନ୍ତି। ରିପୋର୍ଟ ମୁତାବକ, ଏହା ଏକ ଅଜବ ରୋଗ। ଯାହାଫଳରେ ବ୍ୟକ୍ତି ଜାଣିକି ମଧ୍ୟ ବହୁତ ସମୟ ପର୍ଯ୍ୟନ୍ତ ଚେଇଁପାରନ୍ତିନି। ଆଇଡିଓପାଥିକ ହାଇପରସୋମ୍‌ନିଆ ଏକ ଜଟିଳ ରୋଗ, ଯେଉଁଥିରେ ଦୁନିଆର ବହୁତ କମ୍ ଲୋକ ଶିକାର ହୋଇଥା'ନ୍ତି। ଏହା ଦ୍ୱାରା ଜଣେ ବ୍ୟକ୍ତି ନିଜ ନିଦ ଉପରେ ନିୟନ୍ତ୍ରଣ ରଖିପାରି ନ ଥା'ନ୍ତି।


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No.RDM-LAA-BLS-0007-2022-43132 / R&DM, Dated 19.12.2022

No. XXI-94:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ କୁରା ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ଜହତାବଡ, ଥାନା- ବସ୍ତା ନଂ. ୧୪୨, ତହସିଲ- ବସ୍ତା, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨.୩୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ କୁରା ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ବାରିପଦା, ବାଲେଶ୍ୱର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ବସ୍ତା | ଜହତାବଡ଼ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୭.୪୬ | ଏ.୨.୩୭ | ଏଥିସହିତ ସଂଲଗ୍ନ |

ଉକ୍ତ ଜମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

### ଭୂମି ଅନୁସୂଚୀ

**ଭୂଅର୍ଜନ ମାମଲା ସଂଖ୍ୟା- ୧୫/ ୨୦୨୨, ଏ୨.୩୭ ଡି.**
**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ କୁରା ମାଇନର ନିମନ୍ତେ ମୌଜା- ଜହତାବଡ଼, ଥାନା-ବସ୍ତା, ନଂ.-୧୪୨, ତହସିଲ- ବସ୍ତା, ଜିଲ୍ଲା- ବାଲେଶ୍ୱର**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୭୭ | ୫୪୯ | ୦.୩୯ | ୦.୦୬ | ଶାରଦ ଦୁଇ | ଚିତ୍ତ ରଞ୍ଜନ ଦାଶ, ମନୋରଞ୍ଜନ ଦାଶ, ପି. କୃତ୍ତିବାସ ଦାଶ, ଜା. ବ୍ରାହ୍ମଣ, ବା, ନିଜଗାଁ |
| | ୫୧୭ | ୦.୫୩ | ୦.୦୮ | ଶାରଦ ଦୁଇ | |
| ୧୧୪ | ୫୪୫ | ୦.୩୩ | ୦.୧୫ | ଶାରଦ ଦୁଇ | ଦାଶ ସିଂ, ସୁରେନ୍ ସିଂ, ପି. ନୁଟୁ ସିଂ, ଜା. ଭୂମିଜ, ବା. ଲଛମନଖୁଣ୍ଟା |
| | ୬୩୩ | ୦.୩୭ | ୦.୧୦ | ଶାରଦ ଦୁଇ | |
| ୨୧୭ | ୫୯୭ | ୦.୩୭ | ୦.୨୪ | ଶାରଦ ଏକ | ବିଦ୍ୟାଧର କୋଇ, ପି. ହରେକୃଷ୍ଣ କୋଇ, ଜା. ଗୋଲା, ବା. ନିଜଗାଁ |
| ୨୪୯ | ୬୦୧/ ୧୦୮୬ | ୦.୫୦ | ୦.୦୮ | ଶାରଦ ଦୁଇ | ମକୁରୁ ଦାସ, ପି. ଫକିର ଦାସ, ଜା. ଗୋଲା, ବା. ନିଜଗାଁ |
| | ୬୦୦ | ୦.୨୫ | ୦.୧୪ | ଶାରଦ ଦୁଇ | |
| ୨୭୫ | ୫୪୬ | ୦.୧୦ | ୦.୦୩ | ଶାରଦ ଦୁଇ | ରମାକାନ୍ତ ବାରିକ, ରବୀନ୍ଦ୍ର ବାରିକ , ପି. ଅଚ୍ୟୁତାନନ୍ଦ ବାରିକ, ଜା. ଖଣ୍ଡାୟତ, ବା. ନିଜଗାଁ |
| | ୫୪୮ | ୦.୧୦ | ୦.୦୧ | ଶାରଦ ଦୁଇ | |
| ୨୯୨ | ୫୯୮ | ୦.୦୫ | ୦.୦୫ | ଶାରଦ ଦୁଇ | ରାମଚନ୍ଦ୍ର ପଲେଇ, ଲକ୍ଷ୍ମଣ ପଲେଇ, ପି. ପଦ୍ମ ଲୋଚନ ପଲେଇ, ଜା. ଗୋପାଳ, ବା. ନିଜଗାଁ |
| ୨୯୬ | ୬୧୬ | ୦.୩୬ | ୦.୨୧ | ଶାରଦ ଦୁଇ | ଲକ୍ଷ୍ମଣ କୁମାର କୋଇ, ପି. ଗଙ୍ଗାଧର କୋଇ, ଜା. ଲକ୍ଷ୍ମୀନାରାୟଣ ଗୋଲା, ବା. ନିଜଗଁ |
| ୨୯୭ | ୬୧୭ | ୦.୩୭ | ୦.୦୩ | ଶାରଦ ଏକ | ଲକ୍ଷ୍ମଣ ପଲେଇ, ପି. ପଦ୍ମ ଲୋଚନ ପଲେଇ, ଜା. ଗୋପାଳ, ବା. ନିଗାଁ |
| ୩୧୩ | ୬୧୧ | ୦.୬୧ | ୦.୨୩ | ଶାରଦ ଦୁଇ | ଶମ୍ଭୁନାଥ କୋଇ, ପି. ବୁଦ୍ଧିରାମ କୋଇ, ଜା. ଗୋଲା, ବା. ନିଜଗାଁ |
| | ୬୧୪ | ୦.୧୦ | ୦.୦୭ | ବାଜେ ଫସଲ ଦୁଇ | |
| ୩୨୧ | ୬୧୫ | ୦.୧୪ | ୦.୦୪ | ବାଜେ ଫସଲ ଦୁଇ | ଶ୍ୟାମ ସୁନ୍ଦର ପଲେଇ, ପଦ୍ମ ଲୋଚନ ପଲେଇ, ପି. ମାଗୁଣି ପଲେଇ, ଜା. ଗୋପାଳ, ବା. ନିଜଗାଁ |
| ୩୭୨/୨ | ୫୫୦ | ୦.୨୫ | ୦.୦୮ | ଶାରଦ ଦୁଇ | ଭାସ୍କର ଚନ୍ଦ୍ର ନାୟକ, ସୃଷ୍ଟିଧର ନାୟକ, ପି. ଭୀମ ଚରଣ ନାୟକ, ଜା. ଖଣ୍ଡାୟତ, ବା. ନିଜଗାଁ |
| | ୫୫୨ | ୦.୩୨ | ୦.୨୪ | ଶାରଦ ଦୁଇ | |
| ୩୭୨/୧୨୦ | ୫୫୪/୧୧୨୭ | ୦.୩୧ | ୦.୧୩ | ଶାରଦ ଦୁଇ | ତୀର୍ଥ ନାୟକ, ପି.- ଭାଗିରଥି ନାୟକ, ଜା. ଖଣ୍ଡାୟତ, ବା. ନିଜଗାଁ |
| | ୫୯୬ | ୦.୨୮ | ୦.୦୪ | ଘରବାରି | |
| ୩୭୨/ ୧୪୦ | ୫୫୪ | ୦.୪୮ | ୦.୦୮ | ଶାରଦ ଦୁଇ | ପ୍ରତିମା ନାୟକ, ସ୍ୱା. ଭାସ୍କର ନାୟକ, ଜା. ଖଣ୍ଡାୟତ, ବା. ଜହତାବଡ଼ |
| ୩୭୨/୨୧୬ | ୬୧୧/୧୧୭୯ | ୦.୩୯ | ୦.୧୬ | ଶାରଦ ଦୁଇ | ଅଭିରାମ ସେନାପତି, ପି. ଲକ୍ଷ୍ମୀଧର ସେନାପତି, ଜା. ଗୋଲା, ବା. ରୁସ୍ପା ସାମିଲ ହସନପୁର |
| | ୬୧୪/୧୧୮୦ | ୦.୧୦ | ୦.୦୭ | ବାଜେ ଫସଲ ଦୁଇ | |
| ୩୭୨/୨୯୨ | ୬୧୨ | ୦.୨୬ | ୦.୦୪ | ବାଜେ ଫସଲ ଦୁଇ | ସନ୍ତୋଷ କୁମାର ବାରିକ, ପି. ବିନୋଦ ବାରିକ, ଜା. ଗୋପାଳ, ବା. ଜହତାବଡ଼ |
| | ୬୧୩ | ୦.୫୦ | ୦.୦୧ | ବାଜେ ଫସଲ ଦୁଇ | |
| ମୋଟ | ୨୪ ପ୍ଲଟ୍‌କୁ | ଏ.୭.୪୬ ଡେ.ମି. | ଏ.୨.୩୭ ଡେ.ମି. | | |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**(ଅଭୟ କୁମାର ନାୟକ)**
**ସ୍ୱତନ୍ତ୍ର ଶାସନ ସଚିବ**
OIPR-24001/14/0238/2223



## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No.RDM-LAA-MBJ-0027-2022-43042 / R&DM, Dated 17.12.2022

No. XXI-88:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କାପୋଇ ମାଇନର ଏବଂ ମୂଷାଗାଡ଼ିଆ ସବ୍-ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ଚକୁଳିଆ (ଅତିରିକ୍ତ), ଥାନା- ମୋରଡ଼ା ନଂ.୧୧୭, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୭.୩୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କାପୋଇ ମାଇନର ଏବଂ ମୂଷାଗାଡ଼ିଆ ସବ୍-ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ବେତନଟୀ କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ଚକୁଳିଆ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୪୨.୯୯ | ଏ. ୭.୩୩ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୭ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳିସ୍ଥିତ ମୟୂରଭଞ୍ଜ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜଙ୍କ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

### ଭୂମି ଅନୁସୂଚୀ

**ଭୂଅର୍ଜନ ମାମଲା ସଂଖ୍ୟା- ୧୪/ ୨୦୧୯, ଏ.୭.୩୩ ଡି.**
**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କାପୋଇ ମାଇନର ଏବଂ ମୂଷାଗାଡ଼ିଆ ସବ୍‌ମାଇନର ନିମନ୍ତେ ମୌଜା- ଚକୁଳିଆ (ଅତିରିକ୍ତ), ଥାନା- ମୋରଡ଼ା, ନଂ.୧୧୭, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିମସ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୦ | ୫୭୬ | ୧.୯୬ | ୦.୬୩ | ଡାହି ଦୁଇ | କନ୍ଦା ମାଝୀ, ପି. ଚରେ ମାଝୀ, ଜା. ସାନ୍ତାଳ, ବା. ନିଜଗାଁ |
| ୫୪ | ୫୭୭ | ୧.୬୮ | ୦.୭୦ | ଡାହି ଦୁଇ | ଖେଚଡା ମାଝୀ, ସାନ ବାର୍ଷା ମାଝୀ, ବାଢା ମାଝୀ, ପି. ଦୁଃଖିଆ ମାଝୀ, ଜା. ସାନ୍ତାଳ, ବା. ନିଜଗାଁ, ସାମିଲ ସୁଖିଲା ଖାଡ଼ି |
| ୫୯ | ୪୮୮ | ୨.୭୬ | ୦.୫୬ | ଡାହି ଦୁଇ | ଗଦାଧର ଦାସ, ପି. ଜଗନ୍ନାଥ ଦାସ, ଜା. ଗୋଲା, ବା. ଝିଙ୍କିରିଆ, ଜବର ଦଖଲ ବନମାଳୀ ଯେନା, ପି. ଶିବ ଯେନା, ଜା. ଗୋଲା, ବା. ଝିଙ୍କିରିଆ |
| ୭୭ | ୭୪୩ | ୦.୮୪ | ୦.୦୭ | ଡାହି ଦୁଇ | ବଡ଼ ଘାଷିଆ ମାଝି, ପି. କନ୍ଦା ମାଝୀ, ଜା. ସାନ୍ତାଳ, ବା. ଅଁଳାସୁଳ |
| ୮୨ | ୫୪୭ | ୨.୦୧ | ୦.୩୯ | ଡାହି ଦୁଇ | ଚଣ୍ଡ ଓରଫ ସୁନ୍ଦର ମାଝୀ, କୁଅଁର ମାଝୀ, ସୁନାରାମ ମାଝୀ, ବାଲୁକା ମାଝୀ, ପି. ସାନ ବୁଧରାୟ ମାଝୀ, ଜା. ସାନ୍ତାଳ, ବା. ଠକରାପାଳ |
| ୯୧ | ୭୪୭ | ୧.୭୨ | ୦.୦୪ | ଡାହି ଦୁଇ | ଚୈତନ ମାଝୀ, ପି. ରିଗାଇ ମାଝୀ, ଜା. ସାନ୍ତାଳ, ବା. ବିରିପାଳ |
| ୧୦୬ | ୫୭୨ | ୦.୭୨ | ୦.୧୪ | ଡାହି ଦୁଇ | କୁଝାର ମାଝୀ, ଛକୁ ମାଝୀ, ପି. ସାଗର ମାଝୀ, ଦାକ୍ଷିଣ ମାଝୀ, ପି. ସାଲଖୁ ମାଝୀ, ଜା. ସାନ୍ତାଳ, ବା. ବୈଦାସାହି ସାମିଲ ନିଜଗାଁ |
| ୧୧୮ | ୭୩୩ | ୦.୯୦ | ୦.୨୮ | ଡାହି ଦୁଇ | ଠୁମ୍ପୁ ମାଝୀ, ପି. ବଜନାଥ ମାଝୀ, ଜା. ସାନ୍ତାଳ, ବା. ପଳାସବଣି |
| ୧୧୯ | ୫୪୨ | ୧.୮୮ | ୦.୩୧ | ଡାହି ଦୁଇ | ଡମାନ ମାଝୀ, କରଣ ମାଝୀ, ପି. ନାରଣ ମାଝୀ, ଜା. ସାନ୍ତାଳ, ବା. ଠକରାପାଳ |
| ୧୨୬ | ୫୬୮ | ୧.୩୦ | ୦.୧୩ | ଡାହି ଦୁଇ | ଦଶରଥ ମାଝୀ, ପି. କାନ୍ ଦାନ୍ ମାଝୀ, ଜା. ସାନ୍ତାଳ, ବା. ଜହିରି |
| ୧୯୨ | ୫୧୪ | ୧.୮୬ | ୦.୩୦ | ଡାହି ଦୁଇ | ଫୁଲ ମାଝୀ, ସ୍ୱା. ଚାନ୍ଦା ମାଝୀ, ଚାନ୍ଦାରାଏ ମାଝୀ, ପି. ଦୁଃଖିଆ ମାଝୀ, ସନା ମାଝୀ, ସ୍ୱା. ସୁନ୍ଦରା ମାଝୀ, ପାଉଁରା ମାଝୀ, ପି. ସୁନ୍ଦରା ମାଜୀ, ଜା. ସାନ୍ତାଳ, ବା. ଝିଙ୍କିରିଆ |
| ୨୦୫ | ୫୫୯ | ୧.୦୪ | ୦.୦୨ | ଡାହି ଦୁଇ | ବାଣ୍ଡିଆ ମାଝୀ, ପି. ପିଥ ମାଝୀ, ଜା. ସାନ୍ତାଳ, ବା. ଜହରୀ |
| ୨୪୩ | ୪୮୯ | ୧.୧୨ | ୦.୨୧ | ଡାହି ଦୁଇ | ଭୁତନାଥ ବେହେରା, ମୁରଲି ବେହେରା, ପି. ବିନୋଦ ବେହେରା, ଜା. ଗୋପାଳ, ବା. ଝିଙ୍କିରିଆ |
| ୨୭୨ | ୫୧୭ | ୧.୪୮ | ୦.୦୬ | ଡାହି ଦୁଇ | ମଲ୍ଲିକା ରାଉତ, ପି. କିଶା ରାଉତ, କୃଷ୍ଣ ରାଉତ, ଗୌର ରାଉତ, ପି. କାଶି ରାଉତ, କଟି ରାଉତ, ପି. ସୁରେନ୍ଦ୍ର ରାଉତ, ଶୁମା ରାଉତ, ସ୍ୱା. ସୁରେନ୍ଦ୍ର ରାଉତ, ଜା. ଗୋପାଳ, ବା. ଝିଙ୍କିରିଆ |
| ୨୭୭ | ୫୧୨ | ୧.୬୬ | ୦.୦୯ | ଡାହି ଦୁଇ | ମାଇନା ମାଝୀ, ପି. କନ୍ଦା ମାଝୀ, କର୍ମ ମାଝୀ, ସ୍ୱା. କନ୍ଦା ମାଝୀ, ଜା. ସାନ୍ତାଳ, ବା. ଠକରାପାଳ |
| ୨୯୭ | ୫୪୫ | ୨.୫୦ | ୦.୩୮ | ଡାହି ଦୁଇ | ମୁଷ୍ଟୁ ମାଝୀ, ବାଢା ମାଝୀ, ପି. ଜାନୁ ମାଝୀ, ଜା. ସାନ୍ତାଳ, ବା. ସୁନ୍ଦରଯୋଡ଼ା |
| ୩୦୨ | ୫୪୬ | ୦.୯୦ | ୦.୦୨ | ଡାହି ଦୁଇ | ସାନରାଗୁଆ ମାଝୀ, କୁବୁ ମାଝୀ, ପି. ମଠ ମାଝୀ, ବଡ଼ରାଗୁଆ ମାଜୀ, ପି. ଭାଗବତ ମାଝୀ, ଜା. ସାନ୍ତାଳ, ବା. ଠକରାପାଳ |
| | ୫୪୮ | ୩.୦୨ | ୦.୫୯ | ଡାହି ଦୁଇ | |
| ୩୨୨ | ୫୬୭ | ୧.୦୮ | ୦.୨୨ | ଡାହି ଦୁଇ | ଲସ ମାଝୀ, ପି. ବାରିଆଳ ମାଝୀ, ଜା. ସାନ୍ତାଳ, ବା. ଜହରୀ |
| ୩୨୩ | ୫୨୮ | ୦.୭୨ | ୦.୨୨ | ଡାହି ଦୁଇ | ଲସ ମାଝୀ, ପି. ଭିଲୁ ମାଝୀ, ଜା. ସାନ୍ତାଳ, ବା. ଠକରାପାଳ |
| | ୫୩୬ | ୧.୩୪ | ୦.୧୨ | ଡାହି ଦୁଇ | |
| ୩୫୫ | ୫୨୭ | ୧.୨୦ | ୦.୨୧ | ଡାହି ଦୁଇ | ଜଗତ କିସ୍କୁ, ବାସନ୍ତୀ କିସ୍କୁ, ଲକ୍ଷ୍ମୀ କିସ୍କୁ, ପି. ଶିବ କିସ୍କୁ, ମାଳତୀ କିସ୍କୁ, ସ୍ୱା. ଶିବ କିସ୍କୁ, ଜା. ସାନ୍ତାଳ, ବା. ନିଜଗାଁ |
| ୩୯୦ | ୪୯୨ | ୪.୦୭ | ୦.୪୨ | ଡାହି ଦୁଇ | ସୁରେଶ ଚନ୍ଦ୍ର ଗିରି, ପି. ଅକ୍ଷୁତା ନନ୍ଦ ଗିରି, ଜା. ଗୋପାଳ, ବା. ଝିଙ୍କିରିଆ |
| ୪୧୧ | ୭୩୨ | ୦.୫୫ | ୦.୧୩ | ଡାହି ଦୁଇ | ହେମଦର ମାଝୀ, ପି. ସାଗରାମ ମାଝୀ, ଜା. ସାନ୍ତାଳ, ବା. ପଳାଶବଧା |
| ୪୧୧/୫୪ | ୫୧୪/୨୧୦୮ | ୧.୩୮ | ୦.୨୯ | ଡାହି ଦୁଇ | ସୁଖ ମୁର୍ମୁ, ପି. ସୁନ୍ଦର ମୁର୍ମୁ, ଜା. ସାନ୍ତାଳ, ବା. ପଳାସବଧା |
| ୪୧୧/୫୯ | ୭୩୮/୨୧୧୩ | ୦.୦୫ | ୦.୦୫ | ଘରବାରି | ମାନ୍ଦ ବେଶ୍ରା, ସ୍ୱା. ବିରୁ ବେଶ୍ରା, ବିରୁ ବେଶ୍ରା, ପି. ଭକ୍ସୁ ବେଶ୍ରା, ଜା. ସାନ୍ତାଳ, ବା. ନିଜଗାଁ |
| ୪୧୧/୬୦ | ୭୩୮/୨୧୧୪ | ୦.୦୫ | ୦.୦୫ | ଘରବାରି | ମାନକ ମୁର୍ମୁ, ସ୍ୱା. ଚାନ୍ଦା ମୁର୍ମୁ, ଚାନ୍ଦା ମୁର୍ମୁ, ପି. ଢୁହୁ ମୁର୍ମୁ, ଜା. ସାନ୍ତାଳ, ବା. ନିଜଗାଁ |
| ୪୧୧/୬୧ | ୭୩୮/୨୧୧୫ | ୦.୦୫ | ୦.୦୫ | ଘରବାରି | ମାନକ ହାଁସଦା, ସ୍ୱା. ଆମ୍ବାଇ ହାଁସଦା, ଆମ୍ବାଇ ହାଁସଦା, ପି. ସାଗ୍ରାମ ହାଁସଦା, ଜା. ସାନ୍ତାଳ, ବା. ନିଜଗାଁ |
| ୪୧୧/୬୨ | ୭୩୮/୨୧୧୬ | ୦.୦୫ | ୦.୦୫ | ଘରବାରି | ଲୁସକୁ ହେମ୍ବ୍ରମ, ପି. ମଙ୍ଗଲ ହେମ୍ବ୍ରମ, ଜା. ସାନ୍ତାଳ, ବା. ନିଜଗାଁ |
| ୪୧୧/୬୩ | ୭୩୮/୨୧୧୭ | ୦.୦୫ | ୦.୦୩ | ଘରବାରି | ଲାଖିଅାଁ ଟୁଡୁ, ସ୍ୱା. ଚାନ୍ଦୁ ଟୁଡୁ, ଜା. ସାନ୍ତାଳ, ବା. ନିଜଗାଁ |
| ୪୧୧/୬୪ | ୭୩୮/୨୧୧୮ | ୦.୦୫ | ୦.୦୧ | ଘରବାରି | ମଙ୍ଗୁଳି ହେମ୍ବ୍ରମ, ସ୍ୱା. ଧାନ ହେମ୍ବ୍ରମ, ଧାନ ହେମ୍ବ୍ରମ, ପି. ବୁଧରାୟ ହେମ୍ବ୍ରମ, ଜା. ସାନ୍ତାଳ, ବା. ନିଜଗାଁ |
| ୪୧୫/୨ | ୫୬୧/୨୦୯୩ | ୧.୦୦ | ୦.୨୪ | ପତିତ | ଧରା ମାର୍ଣ୍ଡି, ପି. ଲସ ମାର୍ଣ୍ଡି, ଜା. ସାନ୍ତାଳ, ବା. ଉଦାଳିପାଳ |
| ୪୧୫/୩ | ୫୬୧/୨୦୯୪ | ୧.୦୦ | ୦.୦୮ | ପତିତ | ବାରିଆଳ ମାରାଣ୍ଡି, ପି. ଲସ ମାରାଣ୍ଡି, ଜା. ସାନ୍ତାଳ, ବା. ଉଦାଳିପାଳ |
| ୪୧୫/୪ | ୫୬୧/୨୦୯୫ | ୧.୦୦ | ୦.୧୭ | ପତିତ | ବାର୍ଷା ମାରାଣ୍ଡି, ପି. ଲସ ମାରାଣ୍ଡି, ଜା. ସାନ୍ତାଳ, ବା. ଉଦାଳିପାଳ |
| ସମପରିମାଣ ଶ୍ମଶାନ ପ୍ରତିବଦଳ | | | | | |
| ୭୭ | ୭୪୩ | ୦.୮୪ | ୦.୦୭ | ଡାହି ଦୁଇ | ବଡ଼ ଘାଷିଆ ମାଝୀ , ପି. କନ୍ଦା ମାଝୀ, ଜା. ସାନ୍ତାଳ, ବା. ଅଁଳାସୁଳ |
| ମୋଟ | ୨୬ ପ୍ଲଟ୍‌କୁ | ଏ୪୨.୯୯ ଡେ.ମି. | ଏ. ୭.୩୩ ଡେ.ମି. | | |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**(ଅଭୟ କୁମାର ନାୟକ)**
**ସ୍ୱତନ୍ତ୍ର ଶାସନ ସଚିବ**
OIPR-24001/14/0245/2223



ତୋଷଖାନା ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ନାଁରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଥିବାବେଳେ ଏହାକୁ ରଦ୍ଦ କରିବା ପାଇଁ ସେ କରିଥିବା ଆବେଦନକୁ ଇସ୍‌ଲାମାବାଦର ଏକ ଅଦାଲତ ଖାରଜ କରିଦେଇଛନ୍ତି। ଅତିରିକ୍ତ ସେସନ୍ସ ଜଜ୍ ଜାଫର ଇକ୍‌ବାଲ ମାମଲାର ସବିଶେଷ ଶୁଣାଣି କରିବା ପରେ ଉପରୋକ୍ତ ନିଷ୍ପତ୍ତି ଘୋଷଣା କରିଛନ୍ତି।

## ସଂକ୍ଷେପରେ

### ହୁକା ବାର୍‌ରେ ନାବାଳିକାଙ୍କୁ ଗଣବଳାତ୍କାର

**କାନପୁର, ୬। ୩:** ଉତ୍ତର ପ୍ରଦେଶ କାନପୁରର ଏକ ହୁକା ବାର୍‌ରେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ସୋମବାର ଗିରଫ କରିଛି। ଇନ୍‌ଷ୍ଟାଗ୍ରାମ ଜରିଆରେ ପୀଡ଼ିତା ଅଭିଯୁକ୍ତଙ୍କ ସହ ପରିଚିତ ହୋଇଥିଲେ। ଅଭିଯୁକ୍ତ ବିନୟ ଠାକୁରଙ୍କ ନାଁରେ ପୀଡିତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ଘଟଣାରେ ମୋଟ ୭ ଜଣଙ୍କ ସମ୍ପୃକ୍ତି ରହିଛି। ଗତ ୪ ତାରିଖରେ ବିନୟ ପୀଡ଼ିତାଙ୍କୁ କରାହିସ୍ଥିତ ଏମ୍.ଜି. କେଫ୍ ଡାକିଥିଲେ। ସେଠାରେ ସେମାନେ ମିଶି ହୁକା ଟାଣିଥିଲେ। ପରେ ବିନୟ ନିଶାଦ୍ରବ୍ୟ ମିଶ୍ରିତ ପାନୀୟ ପୀଡ଼ିତାଙ୍କୁ ଦେଇ ତାଙ୍କୁ ବାର୍‌ରେ ଗଣବଳାତ୍କାର କରାଯାଇଥିବା ପୋଲିସ କହିଛି। ଏଥିସହ ବିନୟ ପୀଡ଼ିତାଙ୍କୁ ମାଡ଼ ମାରିଥିବା ଜଣାପଡ଼ିଛି। ଅଭିଯୁକ୍ତ ପୀଡ଼ିତାଙ୍କ ଏକ ଭିଡିଓ ତିଆରି କରି କିଛିଦିନ ହେବ ତାଙ୍କୁ ବ୍ଲାକ୍‌ମେଲ୍ କରିବା ପରେ ପୀଡ଼ିତା ସବୁକଥା ଘରେ ଜଣାଇଥିଲେ। ଥାନାରେ ଅଭିଯୋଗ ହେବା ପରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଘଟଣାର ତଦନ୍ତ ଚଳାଇଛି।

### ସରକାରଙ୍କୁ ଦେଢ଼ କୋଟିର ସମ୍ପତ୍ତି ଦାନକଲେ ବୃଦ୍ଧ



ନାଥୁ ସିଂ

**ଲକ୍ଷ୍ନୌ, ୬।୩:** ସନ୍ତାନମାନଙ୍କ ଦ୍ୱାରା ନିର୍ଯାତିତ ହେବା ପରେ ଉତ୍ତର ପ୍ରଦେଶର ୮୫ ବର୍ଷୀୟ ନାଥୁ ସିଂ ଦେଢ଼ କୋଟିର ସମ୍ପତ୍ତିକୁ ରାଜ୍ୟ ସରକାରଙ୍କ ନାଁରେ କରିଦେଇଛନ୍ତି। ଏହାଛଡ଼ା ସେ ତାଙ୍କ ଶରୀରକୁ ମେଡିକାଲ କଲେଜକୁ ଦାନ କରିବା ସହ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ ତାଙ୍କ ୪ ଝିଅ ଓ ପୁଅଙ୍କୁ ଅନୁମତି ନ ଦେବାକୁ କହିଛନ୍ତି। ମୁଜାଫରନଗରର ନାଥୁ ସିଂଙ୍କ ପୁଅ ସାହରନପୁରରେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବାବେଳେ ୪ ଝିଅ ବାହା ହୋଇସାରିଛନ୍ତି। ସ୍ତ୍ରୀଙ୍କ ବିୟୋଗ ପରେ ନାଥୁ ଘରେ ଏକୁଟିଆ ରହୁଥିଲେ। ଗତ ୭ ମାସ ହେବ ଗାଁର ଏକ ବୃଦ୍ଧାଶ୍ରମରେ ସେ ରହୁଛନ୍ତି। ନାଥୁଙ୍କୁ ଭେଟିବା ପାଇଁ କିମ୍ବା ତାଙ୍କ କଥା ବଝିବା ଲାଗି ପୁଅ କି ଝିଅ ଆସୁ ନ ଥିବାବେଳେ ନାଥୁ ତାଙ୍କ ସମ୍ପତ୍ତିର ୱିଲ୍ ସରକାରଙ୍କ ନାଁରେ କରିଛନ୍ତି। ନାଥୁଙ୍କ ମୃତ୍ୟୁ ପରେ ତାଙ୍କ ଜମିରେ ଡାକ୍ତରଖାନା କିମ୍ବା ସ୍କୁଲ ନିର୍ମାଣ ପାଇଁ ସେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି।

### ନିଜସ୍ୱ କମ୍ପାନୀ କରିଛନ୍ତି ୬୩% ବୈଷୟିକ ପେସାଦାର

**ନୂଆଦିଲ୍ଲୀ, ୬।୩:** ଆଇଟି ସମେତ ବିଭିନ୍ନ କମ୍ପାନୀରୁ ଛଟେଇ ହୋଇଥିବା ୬୩% ବୈଷୟିକ ପେସାଦାର ନିଜସ୍ୱ କମ୍ପାନୀ ଆରମ୍ଭ କରିଛନ୍ତି। କ୍ଲାରିଫାଏ କ୍ୟାପିଟାଲ ନାମକ ସଂସ୍ଥାର ରିପୋର୍ଟ ଅନୁଯାୟୀ ଛଟେଇ ପରେ ପ୍ରତି ୪ ଜଣ ଟେକ୍‌ନୋଲୋଜି କର୍ମଚାରୀଙ୍କ ମଧ୍ୟରୁ ଜଣେ ଅନ୍ୟ କମ୍ପାନୀ ଦ୍ୱାରା ନିଯୁକ୍ତି ସୁଯୋଗ ପାଉନାହାନ୍ତି। କୋଭିଡ୍ ମହାମାରୀ ସମୟରେ ଛଟେଇ ହୋଇଥିବା ବୈଷୟିକ କର୍ମଚାରୀଙ୍କ ମଧ୍ୟରୁ ୧,୦୦୦ ଜଣଙ୍କୁ ନେଇ ସର୍ଭେ କରାଯାଇଥିଲା। ସେମାନେ ନିଜସ୍ୱ କମ୍ପାନୀ ଆରମ୍ଭ କରିଥିବା କହିଛନ୍ତି। ଏବେ ସେମାନଙ୍କ କମ୍ପାନୀ ଛଟେଇ କରିଥିବା ସଂସ୍ଥା ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୯୩% କର୍ମଚାରୀ କହିଛନ୍ତି।



ଜମ୍ମୁ-କଶ୍ମୀରର ସାମ୍ବା ଜିଲା ଅନ୍ତର୍ଗତ ଭାରତ-ପାକିସ୍ତାନ ସୀମାରେ ବିଏସ୍‌ଏଫ୍ ଯବାନମାନେ ସୋମବାର ହୋଲି ମନାଉଛନ୍ତି।

# ଶୁଟିଂ ବେଳେ ଅମିତାଭ ଆହତ

**ହାଇଦ୍ରାବାଦରେ 'ପ୍ରୋଜେକ୍ଟ କେ'ର ଶୁଟିଂ ଚାଲିଥିଲା**



ମୁମ୍ବାଇ, ୬।୩ (ପି.ଟି.)

ହାଇଦ୍ରାବାଦ ସେଟ୍‌ରେ ଆଗାମୀ ଫିଲ୍ମ 'ପ୍ରୋଜେକ୍ଟ କେ'ର ଶୁଟିଂ ଚାଲିଥିବାବେଳେ ମେଗାଷ୍ଟାର ଅମିତାଭ ବଚ୍ଚନ ଆହତ ହୋଇଛନ୍ତି। ଏକ ଆକ୍ସନ ଦୃଶ୍ୟର ଶୁଟିଂ ବେଳେ ପଞ୍ଜରା ହାଡ଼ରେ ଆଘାତ ଲାଗିଥିବା ୮୦ ବର୍ଷୀୟ ଅମିତାଭ ତାଙ୍କ ବ୍ୟକ୍ତିଗତ ବ୍ଲଗ୍‌ରେ ଲେଖିଛନ୍ତି। ରିବ୍ ଉପାସ୍ଥି ଭାଙ୍ଗିବାରୁ ଡାହାଣ ପଞ୍ଜରାର ମାଂସପେଶୀ ଚିରିହୋଇଯାଇଛି। ହାଇଦ୍ରାବାଦ ହସ୍ପିଟାଲରେ ସିଟି ସ୍କାନ୍ ପରେ ତାଙ୍କୁ ବିଶ୍ରାମ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଏହା ପରେ ସେ ମୁମ୍ବାଇ ଫେରିଛନ୍ତି। ଫିଲ୍ମ ଶୁଟିଂକୁ ବାତିଲ କରିଦିଆଯାଇଛି। ତାଙ୍କୁ ଯନ୍ତ୍ରଣା ହେଉଥିବାବେଳେ ଅତି ଜରୁରୀ କାର୍ଯ୍ୟ ପାଇଁ ସାମାନ୍ୟ ଚଳପ୍ରଚଳ ହେବାକୁ ପଡୁଛି। ସେ ଔଷଧ ଖାଉଛନ୍ତି ଓ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ କିଛି ସପ୍ତାହ ଲାଗିବ ବୋଲି ଅମିତାଭ ଲେଖିଛନ୍ତି।

# ଜାପାନରେ ହ୍ରାସ ପାଉଛି ଜନ୍ମହାର

ଟୋକିଓ, ୬।୩

ଜାପାନରେ ଜନ୍ମହାର ଦ୍ରୁତ ବେଗରେ ହ୍ରାସ ପାଇଚାଲିଛି। ଏହାକୁ ରୋକିବା ଦିଗରେ ସରକାର ପଦକ୍ଷେପ ଗ୍ରହଣ ନ କଲେ ଜାପାନ ସମ୍ପୂର୍ଣ୍ଣ ବିଲୋପ ହୋଇଯିବ ବୋଲି ପ୍ରଧାନମନ୍ତ୍ରୀ ଫୁମିଓ କିଶିଡାଙ୍କ ପରାମର୍ଶଦାତା ମାସାକୋ ମୋରି କହିଛନ୍ତି। ଜନ୍ମହାର କମୁଥିବାରୁ ସାମାଜିକ ନିରାପତ୍ତା ଓ ଅର୍ଥନୀତି ପ୍ରତି ବିପଦ ସୃଷ୍ଟି ହୋଇଛି। ଜନ୍ମହାର ଏହି ଅନୁପାତରେ ଖସିଚାଲିଲେ, ଦିନେ ଦେଶ ଲୋପ ପାଇଯିବ। ଗତବର୍ଷ ଜାପାନରେ ସବୁଠୁ କମ୍ ଶିଶୁ ଜନ୍ମ ହୋଇଥିବା ଗତ ମାସ ୨୮ରେ ସରକାର ଘୋଷଣା କରିଥିଲେ। ଅନ୍ତର୍ଦ୍ଧାନ ପ୍ରକ୍ରିୟା ମଧ୍ୟରେ ଯେଉଁମାନେ ରହିବେ ସେମାନଙ୍କୁ ଅନେକ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିବ। ଭୟଙ୍କର ରୋଗ ପିଲାମାନଙ୍କୁ କଲବଲ କରିବ ବୋଲି ମୋରି କହିଛନ୍ତି।



ଗତବର୍ଷ ଜାପାନରେ ଯେତିକି ଶିଶୁ ଜନ୍ମ ହୋଇଥିଲେ, ତା'ର ଦୁଇଗୁଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୨୨ରେ ୮ ଲକ୍ଷରୁ ଅଧିକ ଶିଶୁ ଜନ୍ମଗ୍ରହଣ କରିଥିବାବେଳେ ମୃତ୍ୟୁସଂଖ୍ୟା ଥିଲା ୧୫.୮ ଲକ୍ଷ। ଜନ୍ମହାର ବଢ଼ାଇବା ପାଇଁ ଶିଶୁ ଓ ପରିବାର ବିଭାଗରେ ବ୍ୟୟ ଦୁଇଗୁଣା କରିବାକୁ ପ୍ରଧାନମନ୍ତ୍ରୀ କିଶିଡ଼ା ନିଷ୍ପତ୍ତି ନେଇଛନ୍ତି।

- ପଦକ୍ଷେପ ନ ନେଲେ ବିଲୋପ ହୋଇଯିବ ଦେଶ: ମାସାକୋ ମୋରି
- ୨୦୨୨ରେ ମୃତ୍ୟୁସଂଖ୍ୟା ଜନ୍ମର ଦୁଇଗୁଣ ଥିଲା



ମାସାକୋ ମୋରି

ଶିଶୁ ଜନ୍ମହାର କମୁଥିବାରୁ ଜାପାନ ଜନସଂଖ୍ୟା ମଧ୍ୟ ଦ୍ରୁତ ହ୍ରାସ ପାଉଛି। ୨୦୦୮ରେ ସେଠାର ଲୋକସଂଖ୍ୟା ୧୨କୋଟି ୮୦ ଲକ୍ଷରୁ ଅଧିକ ଥିବାବେଳେ ଏବେ ତାହା ୧୨ କୋଟି ୪୬ ଲକ୍ଷକୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ୬୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସ୍କଙ୍କ ଅନୁପାତ ଗତବର୍ଷ ୨୯ ପ୍ରତିଶତକୁ ବୃଦ୍ଧି ପାଇଛି। ଜାପାନରେ ଶିଶୁ ଜନ୍ମ ଧୀରେ ଧୀରେ କମୁନାହିଁ, ହଠାତ୍ ହ୍ରାସ ପାଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଉଚ୍ଚ ସଦନର ସଦସ୍ୟା ମୋରି କହିଛନ୍ତି। ଏ ଦିଗରେ କିଛି କରା ନ ଗଲେ ଦେଶର ସାମାଜିକ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ, ଶିଳ୍ପ ଓ ଆର୍ଥିକ ସମାର୍ଥ୍ୟ ହ୍ରାସ ପାଇବ। ଦେଶକୁ ସୁରକ୍ଷା ଦେବା ଲାଗି ପ୍ରତିରକ୍ଷା ବାହିନୀରେ ନିଯୁକ୍ତି ପାଇଁ ଯଥେଷ୍ଟ ଲୋକ ମିଳିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା କହିଛନ୍ତି। ତେବେ ସନ୍ତାନ ଜନ୍ମ ବୟସ ବର୍ଗର ମହିଳାଙ୍କ ସଂଖ୍ୟା କମିଥିବାରୁ ଜନ୍ମହାର ହ୍ରାସ ରୋକିବା ସହଜ କଥା ନୁହେଁ। ଏଥିପାଇଁ ସରକାରଙ୍କୁ ଅନେକ କିଛି କରିବାକୁ ପଡ଼ିବ ବୋଲି ମୋରି ମତ ଦେଇଛନ୍ତି।

### ୧୪ ଦିନ ପାଇଁ ଜେଲ ଗଲେ ସିସୋଡିଆ

ନୂଆଦିଲ୍ଲୀ, ୬।୩

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ସୋମବାର ଏକ ସ୍ୱତନ୍ତ୍ର ଅଦାଲତ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସେ ତିହାରର ଜେଲ୍ ନମ୍ବର ୧ରେ ରହିବେ। ବରିଷ୍ଠ ଏଏପି ନେତା ସିସୋଡିଆଙ୍କୁ ସାଙ୍ଗରେ ଭଗବଦ୍‌ଗୀତା, ଔଷଧ, ଚଷମା, ଡାଏରି ଓ କଲମ ନେବା ଲାଗି ରାଉସ୍ ଆଭିନ୍ୟୁ କୋର୍ଟ ଅନୁମତି ଦେଇଛନ୍ତି। ସେ ଜେଲର ଏକ ଧ୍ୟାନ କକ୍ଷରେ ରହିବାକୁ ଚାହୁଁଥିବାରୁ ଏହାକୁ ବିଚାରକୁ ନେବା ଲାଗି ଅଦାଲତ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇ ସିସୋଡିଆଙ୍କୁ ସ୍ୱତନ୍ତ୍ର ବିଚାରପତି ଏମ୍.କେ. ନାଗପାଲଙ୍କ କୋର୍ଟରେ ହାଜର କରିବା ପରେ ରିମାଣ୍ଡରେ ନେବା ଲାଗି ଦାବି ନ କରିବାରୁ ତାଙ୍କୁ ୧୪ ଦିନ ପାଇଁ ଜେଲ ପଠାଇ ଦିଆଯାଇଛି। ପରେ ଆବଶ୍ୟକ ପଡ଼ିଲେ ସିବିଆଇ ରିମାଣ୍ଡ ଆବେଦନ କରିପାରେ। ସିସୋଡିଆ ତଦନ୍ତରେ ସହଯୋଗ କରୁ ନ ଥିବାବେଳେ ତାଙ୍କ ଦଳ ଓ ନେତାମାନେ ଏହାକୁ ରାଜନୀତୀକରଣ କରୁଛନ୍ତି ବୋଲି ସିବିଆଇ ଅଦାଲତଙ୍କୁ ଜଣାଇଥିଲା। ସିସୋଡିଆ ଜାମିନ ପାଇଁ ଆବେଦନ କରିଥିବାବେଳେ ଶୁକ୍ରବାର ଏହାର ଶୁଣାଣି ହେବ।

# ଇଣ୍ଡୋନେସିଆରେ ଭୂସ୍ଖଳନ: ୧୧ ମୃତ



ଜାକର୍ତ୍ତା, ୬। ୩

ଇଣ୍ଡୋନେସିଆ ନିକଟରେ ଥିବା ରିଉ ଦ୍ୱୀପରେ ଭୂସ୍ଖଳନରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱ ଲୋକ ନିଖୋଜ ଥିବା ସୋମବାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ଏଜେନ୍ସିର ମୁଖପାତ୍ର ଅବଦୁଲ ମୁହାରି ସୂଚନା ଦେଇଛନ୍ତି। ଭୂସ୍ଖଳନ ଜନିତ ଭଗ୍ନାବଶେଷ ଏବଂ କାଦୁଅରେ ଘରଗୁଡ଼ିକ ଧ୍ୱସ୍ତ ହୋଇଯାଇଛି। ତେବେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଗମନାଗମନ ବାଧାପ୍ରାପ୍ତ ହୋଇଥିବା ଯୋଗୁ କ୍ଷତିଗ୍ରସ୍ତ ଅଞ୍ଚଳ ସମ୍ପର୍କରେ ବିଶେଷ ସୂଚନା ମିଳିପାରୁ ନ ଥିବା ରିଉ ଦ୍ୱୀପର ବିପର୍ଯ୍ୟୟ ପ୍ରଶମନ ଏଜେନ୍ସି ମୁଖପାତ୍ର ଜନେନାହ କହିଛନ୍ତି। ସ୍ଥାନୀୟ ଅଞ୍ଚଳର ପାଗ ଖରାପ ଥିବାବେଳେ ଦ୍ରୁତ ପବନ ବହିବାର ଲାଗିଛି। ପ୍ରଭାବିତ ଲୋକଙ୍କୁ ରିଲିଫ୍ ସହାୟତା ଯୋଗାଇଦେବା ପାଇଁ ମଙ୍ଗଳବାର ସରକାରଙ୍କ ପକ୍ଷରୁ ହେଲିକପ୍ଟର ବ୍ୟବସ୍ଥା କରାଯିବା ସୂଚନା ଦିଆଯାଇଛି।

# ୟୁପି ପୋଲିସ ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ

ପ୍ରୟାଗରାଜ/ଲକ୍ଷ୍ନୌ, ୬।୩ (ପି.ଟି.)

**ଉମେଶ ପାଲ୍ ହତ୍ୟା ମାମଲା**

**ଉସ୍‌ମାନଙ୍କୁ ପୋଲିସ ହତ୍ୟା କରିଥିବା ପରିବାରର ଅଭିଯୋଗ**

ପୂର୍ବତନ ବିଏସ୍‌ପି ବିଧାୟକ ରାଜୁ ପାଲ୍ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଉମେଶ ପାଲ୍‌ଙ୍କୁ ପ୍ରଥମ ଗୁଳି ଚଳାଇଥିବା ଅଭିଯୁକ୍ତ ସୋମବାର ସକାଳେ ପ୍ରୟାଗରାଜ ପୋଲିସ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ବିଜୟ ଚୌଧାରୀ ଓରଫ ଉସ୍‌ମାନଙ୍କ ବେକ, ଛାତି ଓ ଜଙ୍ଘରେ ଗୁଳି ବାଜିଥିଲା ବୋଲି ପୋଲିସ କହିଛି। ଭୋର ୫ଟା ୩୦ରେ କୌନ୍ଧିୟାରା ଥାନା ଅନ୍ତର୍ଗତ ଗୋଠି ଓ ବେଲୱା ମଧ୍ୟବର୍ତ୍ତୀ ସ୍ଥାନରେ ଏନ୍‌କାଉଣ୍ଟର ହୋଇଥିଲା। ପୋଲିସ ଉସ୍‌ମାନଙ୍କୁ ଉଠାଇନେଇ ଜାଲ୍ ଏନ୍‌କାଉଣ୍ଟରରେ ହତ୍ୟା କରିଥିବା ତାଙ୍କ ସ୍ତ୍ରୀ ସୁହାନି ଅଭିଯୋଗ କରିଛନ୍ତି। ଗୁଳି ବିନିମୟ ବେଳେ ଜଣେ କନ୍‌ଷ୍ଟେବଲ ଆହତ ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଏଡିଜି ପ୍ରଶାନ୍ତ କୁମାର କହିଛନ୍ତି।

୨୦୦୫ରେ ବିଏସ୍‌ପି ନେତା ରାଜୁ ପାଲ୍ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗ୍ୟାଙ୍ଗଷ୍ଟରରୁ ରାଜନେତା ହୋଇଥିବା ଆତିକ୍ ଅହମଦ ଏବେ ଗୁଜରାଟ ଜେଲ୍‌ରେ ଅଛନ୍ତି। ସେ ବିଜୟ ଚୌଧାରୀଙ୍କୁ ଉସ୍‌ମାନ ନାଁ ଦେଇଥିଲେ। ଗତ ମାସ ୨୪ରେ ଉମେଶ ପାଲ୍‌ଙ୍କୁ ତାଙ୍କ ଧୁମାନଗଞ୍ଜ ଘର ବାହାରେ ଗୁଳିକରି ହତ୍ୟା କରାଯାଇଥିଲା। ତାଙ୍କ ଉପରେ ପ୍ରଥମ ଗୁଳି ଉସ୍‌ମାନ ଚଳାଇଥିଲେ ବୋଲି ପୋଲିସ କହିଛି। ଦ୍ୱିନ ଦ୍ୱିପ୍ରହରେ ଉମେଶ ପାଲ୍‌ଙ୍କୁ ହତ୍ୟା ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଉତ୍ତରପ୍ରଦେଶର ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ପ୍ରଶ୍ନ ଉଠିଥିଲା। ରାଜ୍ୟରୁ ମାଫିଆ ରାଜକୁ ଧ୍ୱଂସ କରିଦେବେ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିଧାନସଭାରେ ପ୍ରତିଶ୍ରୁତି ଦେଇଥିଲେ। ଉମେଶ ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ଅର୍ବାଜ ଗତ ମାସ ୨୭ରେ ପୋଲିସ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ। ଉମେଶ ହତ୍ୟା ପାଇଁ ବ୍ୟବହୃତ ଏସ୍‌ୟୁଭିକୁ ସେ ଚଳାଉଥିଲେ ବୋଲି ଅଭିଯୋଗ ହୋଇଥିଲା।

### ବେଲୁଚିସ୍ତାନରେ ଆତ୍ମଘାତୀ ଆକ୍ରମଣ: ୯ ପୋଲିସ ନିହତ

କରାଚୀ, ୬।୩(ପି.ଟି.)

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ସୋମବାର ଜଣେ ଆତ୍ମଘାତୀ ତାଙ୍କ ମୋଟରସାଇକେଲକୁ ଏକ ପୋଲିସ ଭ୍ୟାନ୍‌ରେ ଧକ୍କା କରାଇବାରୁ ୯ ପୋଲିସ ନିହତ ହେବା ସହ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି। ମୋଟରସାଇକେଲ୍‌ରେ ବିସ୍ଫୋରକ ଖଞ୍ଜାଯାଇଥିଲା। ବେଲୁଚିସ୍ତାନ କନଷ୍ଟାବୁଲାରୀର ଯବାନମାନେ ଉକ୍ତ ଭ୍ୟାନ୍‌ରେ ଥିଲେ। ସେମାନେ ସିବିରୁ ଡ୍ୟୁଟି ସାରି କ୍ୱେଟାକୁ ଫେରୁଥିବାବେଳେ ବୋଲନ ଅନ୍ତର୍ଗତ କୁନ୍‌ବ୍ରିଠାରେ ବିସ୍ଫୋରଣ ଘଟିଥିଲା। ଆତ୍ମଘାତୀ ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ପୂର୍ବରୁ ବାଲୋଚ ଉଗ୍ରପନ୍ଥୀ ଏବଂ ଇସ୍‌ଲାମିକ ଆତଙ୍କବାଦୀମାନେ ଏଭଳି ଆକ୍ରମଣ କରିଛନ୍ତି।

# ମାନିକ୍ ଶାହା ହେବେ ତ୍ରିପୁରା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୬।୩

ମାନିକ୍ ଶାହା କ୍ରମାଗତ ଦ୍ୱିତୀୟ ଥର ପାଇଁ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ତ୍ରିପୁରାର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ସୋମବାର ଭାଜପା ବିଧାୟକ ଦଳ ବୈଠକରେ ଉକ୍ତ ନିଷ୍ପତ୍ତି ନିଆଯାଇଛି। ଦଳର ସମସ୍ତ ବିଧାୟକ ତାଙ୍କୁ ସର୍ବସମ୍ମତକ୍ରମେ ନେତା ନିର୍ବାଚନ କରିଥିବା ଭାଜପା ମୁଖପାତ୍ର ସୂଚନା ଦେଇଛନ୍ତି।

ଗତବର୍ଷ ବିପ୍ଲବ କୁମାର ଦେବଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଯାଇ ତାଙ୍କ ସ୍ଥାନରେ ମାନିକ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ତ୍ରିପୁରା ବିଧାନସଭା ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ମଧ୍ୟ ପୂର୍ବାପେକ୍ଷା ଭୋଟ ହାର କମିଥିବାରୁ ମାନିକ୍ ଶାହାଙ୍କୁ ବଦଳାଯିବା ନେଇ ଚର୍ଚ୍ଚା ହେଉଥିଲା।



ତାଙ୍କ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ପ୍ରତିମା ଭୌମିକ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଶେଷରେ ମାନିକଙ୍କୁ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଛି। ସେ ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ତାଙ୍କ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.

**୮ରେ ଶପଥ ନେବେ**

ନଡ୍ଡା ଏବଂ ବିଭିନ୍ନ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ରହିପାରନ୍ତି। ୬୦ ଆସନ ବିଶିଷ୍ଟ ତ୍ରିପୁରା ବିଧାନସଭା ନିର୍ବାଚନରେ ଭାଜପା ୩୨ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା ବେଳେ ଏହାର ସହଯୋଗୀ ଇଣ୍ଡିଜେନିଅସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରାକୁ ଗୋଟିଏ ଆସନ ମିଳିଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରବିବାର ତ୍ରିପୁରା ଯାଇ ସେଠାର ରାଜନୈତିକ ପାଣିପାଗ ଅନୁଧ୍ୟାନ କରିବା ସହ ପରବର୍ତ୍ତୀ ମନ୍ତ୍ରିମଣ୍ଡଳ ଗଠନ ନେଇ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିଥିଲେ। କ୍ୟାବିନେଟ ଗଠନ ନେଇ ଶର୍ମା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ବୈଠକ କରିଥିଲେ।

# ରୁଷିଆର ଜୋର୍‌ଦାର ସେଲ୍ ମାଡ଼

କିଭ୍, ୬।୩

ୟୁକ୍ରେନ୍‌ର ପୂର୍ବଭାଗରେ ଥିବା ବାଖମୁଟ୍ ସହରକୁ ରୁଷିଆ ଚାରିପଟୁ ଘେରିଲାଣି। ସହରକୁ କାବୁ କରିବା ଲାଗି ରୁଷିଆ ସୈନ୍ୟ ଜୋର୍‌ଦାର ଉଦ୍ୟମ ଚଳାଇଥିବାବେଳେ ଏହାକୁ ହାତଛଡ଼ା ନ କରିବାକୁ କିଭ୍ ସୈନ୍ୟ ପ୍ରତିବଦ୍ଧ। ସେମାନେ ମୁକାବିଲା ପାଇଁ ପୂର୍ଣ୍ଣ ପ୍ରସ୍ତୁତିରେ ରହିଛନ୍ତି। ବାଖମୁଟ୍‌କୁ ଦଖଲକୁ ନେବା ଲାଗି ରୁଷିଆ ୬ ମାସ ହେଲା ଉଦ୍ୟମ ଚଳାଇଛି। ରୁଷିଆ ସୈନ୍ୟଙ୍କ ଘନ ଘନ ଆକ୍ରମଣରେ ହଜାର ହଜାର ଜୀବନ ଗଲାଣି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଉଚ୍ଚ ସାମରିକ ଅଧିକାରୀମାନଙ୍କ ସହ ବୈଠକ କରିଛନ୍ତି। ୟୁକ୍ରେନ୍ ସ୍ଥିତି ମଜଭୁତ କରିବା ଲାଗି ବୈଠକରେ ସେନା ଅଧିକାରୀମାନେ ମତ ଦେଇଥିଲେ। ଅନ୍ୟ ପକ୍ଷରେ ରୁଷିଆ ସୈନ୍ୟ ଡୋନେସ୍କ ସହରାଞ୍ଚଳ ଓ ଆଖପାଖ ଗ୍ରାମ ଉପରେ ଜୋର୍‌ଦାର ସେଲ୍ ମାଡ଼ କରିଚାଲିଛି। ବାଖମୁଟ୍ ବାସିନ୍ଦାଙ୍କୁ ଶେଷ କରିଦେବା ଲାଗି ମସ୍କୋ ଅଧିକ ସୈନ୍ୟ ସମ୍ବଳ ନିୟୋଜିତ କରିଛି। ସେଲ୍ ମାଡ଼ରୁ ରକ୍ଷା ପାଇବା ପାଇଁ ନାଗରିକମାନେ ସହର ଛାଡ଼ି ପଳାଇଯାଉଛନ୍ତି।



ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ବର୍ଷେ ବିତିଥିବାବେଳେ ମସ୍କୋକୁ କ୍ରମାଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ବାଖମୁଟ୍‌ର କୌଣସି ବଡ଼ ରଣନୀତିକ ମୂଲ୍ୟ ନାହିଁ। ତେବେ ଏହାକୁ ହାତେଇବା

**ବାଖମୁଟ୍ ହାତଛଡ଼ା ନ କରିବାକୁ ୟୁକ୍ରେନ୍‌ର ଲଢ଼େଇ ଜାରି**

ଦ୍ୱାରା ଯୁଦ୍ଧ ଏକ ନୂଆ ମୋଡ଼ ନେବ ବୋଲି କୁହାଯାଉଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଯୁଦ୍ଧକ୍ଷେତ୍ରରୁ କିଛି ଭଲ ଖବର ପାଇବା ପାଇଁ ବ୍ୟସ୍ତ ହୋଇପଡ଼ିଲେଣି। ଅନ୍ୟପକ୍ଷରେ ବର୍ଷେ ହେଲା ପାଶ୍ଚାତ୍ୟ ସହଯୋଗୀଙ୍କ ସହାୟତାରେ ୟୁକ୍ରେନ୍ ଲଢ଼େଇ ଜାରି ରଖିବା ସହ ନିଜ ଅଞ୍ଚଳକୁ ହାତଛଡ଼ା ନ କରିବା ଜିଦ୍‌ରେ ଅଟଳ ରହିଛି। ନିକଟରେ ଆମେରିକା ପ୍ରତିରକ୍ଷା ସଚିବ ଲିଓଡ ଅଷ୍ଟିନ୍ ଜୋର୍ଡାନ ଗସ୍ତରେ ଥିବାବେଳେ ବାଖ୍‌ମୁଟର ରଣନୀତିକ ଏବଂ ପରିଚାଳନା ମୂଲ୍ୟଠାରୁ ପ୍ରତୀକାତ୍ମକ ମୂଲ୍ୟ ଅଧିକ ବୋଲି କହିଥିଲେ।

ଫ୍ୟାଶନ୍

# ହୋଲିରେ କ'ଣ ପିନ୍ଧିବେ

**ସାଙ୍ଗସାଥୀ ଓ ପରିବାର ସହ ମିଶି ରଙ୍ଗର ପର୍ବ ହୋଲିକୁ ବେଶ୍ ଆନନ୍ଦର ସହ ପାଳନ କରାଯାଇଥାଏ। ପରସ୍ପର ଭିତରେ ସ୍ନେହ ଶ୍ରଦ୍ଧାକୁ ଆହୁରି ମଜଭୁତ କରିଥାଏ ଏହି ପର୍ବ। ରଙ୍ଗ ଖେଳିବା ସମୟରେ କ'ଣ ପିନ୍ଧିବେ ସେ ସମ୍ପର୍କରେ କେତୋଟି ଟିପ୍ସ.....**

**ଧଳା ଡ୍ରେସ୍ :** ବିଶେଷ ଭାବରେ ଧଳା ରଙ୍ଗର ଡ୍ରେସ ପିନ୍ଧି ହୋଲି ଖେଳିବାର ମଜା ନିଆରା। ଏହା ମଧ୍ୟ ଏକ ଟ୍ରେଣ୍ଡରେ ପରିଣତି ହୋଇଗଲାଣି। ତେଣୁ ଆପଣ ଧଳା ରଙ୍ଗର ଡ୍ରେସ ପିନ୍ଧି ଏହି ପର୍ବର ମଜା ନେଇ ପାରିବେ। ଆପଣ ଚାହିଁଲେ ଧଳା ରଙ୍ଗର ଭାରତୀୟ ଏବଂ ୱେଷ୍ଟର୍ଣ୍ଣ ଡ୍ରେସ୍ ମଧ୍ୟ ପିନ୍ଧିପାରିବେ।



**ଲଙ୍ଗ୍ କୁର୍ତ୍ତି :** ଯଦି ଆପଣ ଟ୍ରାଡିସ୍‌ନାଲ ଓ ୱେଷ୍ଟର୍ନ ଦୁଇଟିକୁ ଟ୍ରାଏ କରିବାକୁ ଚାହାଁନ୍ତି ତେବେ ଜିନ୍ସ ସହିତ ଲଙ୍ଗ ହ୍ୱାଇଟ୍ କୁର୍ତ୍ତି ପିନ୍ଧିପାରିବେ। ଏହା ସହିତ କଲରଫୁଲ୍ ସନ୍‌ଗ୍ଲାସ ମଧ୍ୟ ପିନ୍ଧିପାରିବେ। ଏହାଦ୍ୱାରା ଆପଣଙ୍କ ଲୁକ୍ ଷ୍ଟାଇଲିଶ ହେବା ସହ ଅନ୍ୟଠୁ ଅଲଗା ଦେଖାଯିବେ।

**ପଞ୍ଜାବୀ କୁର୍ତ୍ତି ଓ ସଲଓ୍ୱାର :** ଆପଣ ଯଦି ଟ୍ରାଡିସନାଲ ଗେଟଅପ୍‌ରେ ନିଜକୁ ଦେଖିବାକୁ ଚାହାଁନ୍ତି ତେବେ ପଞ୍ଜାବୀ ଷ୍ଟାଇଲ୍ ଛୋଟ କୁର୍ତ୍ତି ସହିତ ପଟିଆଲା ପ୍ୟାଣ୍ଟ ବେଷ୍ଟ ଅପସନ୍ ହୋଇପାରିବ। ଏହି ଡ୍ରେସରେ ଆପଣ କମ୍ଫଟେବଲ୍ ରହିବା ସହ କୁଲ୍ ମଧ୍ୟ ଦେଖାଯିବେ।

**ରଙ୍ଗିନ୍ ଦୁପଟ୍ଟା :** ଯଦି ଆପଣ ହ୍ୱାଇଟ୍ କୁର୍ତ୍ତି ପିନ୍ଧୁଛନ୍ତି ତେବେ ଏଥିରେ ପଞ୍ଜାବୀ କିମ୍ବା ଫୁଲକାରୀ ଦୁପଟ୍ଟା ପିନ୍ଧି ପାରନ୍ତି। ଏହା ଆପଣଙ୍କ ହୋଲି ଥିମ୍‌କୁ ସୁନ୍ଦର କରିବ।

**ଭାଇବ୍ରାଣ୍ଟ କଲର ସନ୍‌ଗ୍ଲାସ :** ଯଦି ଆପଣ ଦିନସାରା ସାଙ୍ଗମାନଙ୍କ ସହିତ ହୋଲି ଖେଳରେ ବୁଲାବୁଲିର ପ୍ଲାନ କରୁଥାନ୍ତି ତେବେ ନିଜର କ୍ଲାସି ସନ୍‌ଗ୍ଲାସ ଚୟନ କରନ୍ତୁ। ସମ୍ଭବ ହେଲେ ଭାଇବ୍ରାଣ୍ଟ କଲରର ସନ୍‌ଗ୍ଲାସ କିଣନ୍ତୁ। ଏହି ସନ୍‌ଗ୍ଲାସ ଖରାଠୁ ରକ୍ଷା କରିବା ସହ ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ମଧ୍ୟ ଦେଇଥାଏ।

# ସୁନା କିଣିବା ସମୟରେ...

**ସୁନା କିଣିବା ସମୟରେ କେତୋଟି ବିଷୟ ପ୍ରତି ବେଶ୍ ସତର୍କତାର ସହ ନଜର ଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**

**ହଲ୍‌ମାର୍କ:** ସୁନା କିଣିବା ସମୟରେ ହଲ୍‌ମାର୍କ ଚେକ୍ କରିବାକୁ ଭୁଲନ୍ତୁ ନାହିଁ। ଗୋଲ୍ଡ ଜୁଏଲାରି ଉପରେ ଲାଗିଥିବା ହଲ୍‌ମାର୍କ ସାର୍ଟିଫିକେସନ୍ ବ୍ୟୁରୋ ଅଫ୍ ଇଣ୍ଡିଅନ୍ ଷ୍ଟାଣ୍ଡାର୍ଡ ସ୍କୁଲ ଦ୍ୱାରା ଅନୁମୋଦିତ ହୋଇଥାଏ, ଯଦ୍ଦ୍ୱାରା ସୁନାକୁ ବିଶୁଦ୍ଧ ବୋଲି ଧରି ନିଆଯାଏ।

**ନାଇଟ୍ରିକ୍ ଏସିଡ୍‌ର ବ୍ୟବହାର:** ସୁନା ଅସଲି କି ନକଲି ଜାଣିବା ପାଇଁ ନାଇଟ୍ରିକ୍ ଏସିଡ୍ ବ୍ୟବହାର କରନ୍ତୁ। ଏମିତିରେ ସୁନାଗହଣା ଉପରେ ନାଇଟ୍ରିକ୍ ଏସିଡ୍ ବ୍ୟବହାର କରିପାରିବେ। ଏଥିପାଇଁ ସୁନାଗହଣାକୁ ହାଲୁକା ସ୍କ୍ରାଚ୍ କରନ୍ତୁ। ଏହା ଉପରେ ନାଇଟ୍ରିକ୍ ଏସିଡ୍ କେଇ ବୁନ୍ଦା ପକାଇ ଦିଅନ୍ତୁ। ଯଦି ଗହଣାର କଲର ଚେଞ୍ଜ ହେଉନି, ତେବେ ଗହଣା ଠିକ୍ ଅଛି।

**ଧଳା ସିର୍‌କା:** ଧଳା ସିର୍‌କା ବ୍ୟବହାର କରି ଆପଣ ଗୋଟିଏ ମିନିଟ୍‌ରେ ଅସଲି ନକଲି ସୁନା ଖୁବ୍ ସହଜରେ ଜାଣିପାରିବେ। ଏପରି କରିବା ଦ୍ୱାରା ନକଲି ସୁନାର ରଙ୍ଗ ବଦଳିବାକୁ ଲାଗିବ। ଯଦି ଆମେ ଅସଲି ସୁନା ଉପରେ ସିର୍‌କା ପକାଇବା, ତେବେ ତାହାର କୌଣସି ରଙ୍ଗ ବଦଳିବ ନାହିଁ।

# ସଫଳତା ଅନ୍ତରାଳେ...



**ଦି**ନ ଥିଲା, ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀଟିଏ କେବଳ ଘର ଭିତରେ ସୀମାବଦ୍ଧ ହୋଇ ରହୁଥିଲା। କିନ୍ତୁ ଏବେ ସମୟ ବଦଳିଛି। ନାରୀ ନିଜକୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ବୋଲି ପ୍ରମାଣ କରିସାରିଛି। ସେ ନିଜକୁ ଉଚ୍ଚ ଶିକ୍ଷିତା ଭାବରେ ପରିଚିତ କରିବା ସହ କୌଣସି କ୍ଷେତ୍ରରେ କମ୍ ନୁହନ୍ତି। ଚଳିତ ମାସ ୮ ତାରିଖରେ ପାଳନ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଏବଂ ତାହା ପଛରେ ଥିବା କାରଣ ବିଷୟରେ ଉପସ୍ଥାପନା...

**କର୍ମ ଉପରେ ବିଶ୍ୱାସ ରଖେ :**
**ମୈତ୍ରୀ ଗୁଡ୍ଡୁ,** ଆଇନଜୀବୀ

ଆଇନ କ୍ଷେତ୍ରକୁ ମୁଁ ପସନ୍ଦ କରିଛି। କାରଣ ଆଜିକାଲି ଏ କ୍ଷେତ୍ରରେ ବହୁ ଗରିବ ମହିଳା ନ୍ୟାୟ ପାଇ ପାରୁନାହାନ୍ତି। ଅବହେଳିତା, ନିଷ୍ପେଷିତା ମହିଳାମାନଙ୍କୁ ମାଗଣାରେ ଆଇନ ସେବା ଯୋଗାଇ ଦେବା ପାଇଁ ମୁଁ ଏହି କ୍ଷେତ୍ର ଚୟନ କରିଛି। ଏହାବ୍ୟତୀତ ବହୁତ ଲୋକ ଆଇନ ବିଷୟରେ ଅନଭିଜ୍ଞ ଅଛନ୍ତି। ପୁଣି ଛୋଟ ଛୋଟ ଅପରାଧ ପାଇଁ ଜେଲଦଣ୍ଡ ବର୍ଷ ବର୍ଷ ଧରି ଭୋଗୁଛନ୍ତି। ନିଜ ସଫଳତା କଥା ତ ମୁଁ କହିବିନି। ତଥାପି ସମସ୍ତଙ୍କୁ ନ୍ୟାୟ ଦେବାକୁ ଯଥାସମ୍ଭବ ଚେଷ୍ଟା କରିବି। କର୍ମ କଲେ ସଫଳତା



ଆପେ ଆପେ ଆସିଯିବ-ଏଭଳି ବିଶ୍ୱାସ ମନରେ ସୃଷ୍ଟି ହେଲେ ଜଣେ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୋଇପାରିବ। ସଫଳତା ପାଇଁ ଆହୁରି ବହୁତ ଆଗକୁ ଯିବାର ଅଛି। ଭଗବାନ୍ ସଫଳତା ନିଶ୍ଚୟ ଦେବେ ବୋଲି ଦୃଢ଼ ବିଶ୍ୱାସ ରହିଛି। କାରଣ ମୁଁ ସବୁବେଳେ ନିଜ କର୍ମ ଉପରେ ବିଶ୍ୱାସ ରଖେ। ପ୍ରତିଭା ଥିଲେ ନିଶ୍ଚିତ ଭାବରେ ବାହାରକୁ ଫୁଟି ବାହାରିବ। ଯାହାର ଯେଉଁ ଜିନିଷ ଉପରେ ଆଗ୍ରହ ଅଛି, ତା' ଉପରେ ଧ୍ୟାନ କେନ୍ଦ୍ରିଭୂତ କରିବା ଦରକାର। ପ୍ରତ୍ୟେକ ମହିଳା ସ୍ୱାର୍ଥକେନ୍ଦ୍ରିକ ନ ହୋଇ ସମସ୍ତଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ହେବା ଜରୁରୀ। ସମୟ ଲାଗିବ, କିନ୍ତୁ ସଫଳତା ନିଶ୍ଚୟ ଆସିବ।

**ଜନସେବା ଆଶା ପୂରଣ ହୋଇଛି:**
**ରଶ୍ମିତା ନାୟକ,** ମହିଳା ସ୍ୱାସ୍ଥ୍ୟକର୍ମୀ



ଜନସେବା କରିବା ପାଇଁ ଇଚ୍ଛା ଥିଲା। ତେଣୁ ଏଭଳି କ୍ଷେତ୍ରକୁ ବାଛିନେଲି। ଅକ୍ଲାନ୍ତ ପରିଶ୍ରମ ଏବଂ ଲୋକମାନଙ୍କର ଭଲପାଇବା ହିଁ ମୋତେ ଆଜି ଏଥିରେ ସଫଳତା ଆଣି ଦେଇଛି। ଜଣେ ନିଜ ପ୍ରତିଭାକୁ ପ୍ରଦର୍ଶନ କରିବା ପାଇଁ ଉଚ୍ଚଶିକ୍ଷା, ଦୃଢ଼ ବିଶ୍ୱାସ ଏବଂ ସ୍ୱାଧୀନ ଜୀବନଯାପନର ଆବଶ୍ୟକତା ରହିଛି। ସବୁ କ୍ଷେତ୍ରରେ ମହିଳାମାନେ ସଫଳତା ହାସଲ କଲେ ଦେଶ, ରାଜ୍ୟ ଏବଂ ପରିବାରର ଉନ୍ନତି ହେବ। ମହିଳାମାନଙ୍କ ସଫଳତାର ଚାବିକାଠି ସେମାନଙ୍କ ପରିବାର ହାତରେ ଥାଏ। ବିଶ୍ୱାସ, ପ୍ରୋତ୍ସାହନ ଏବଂ ସ୍ୱାଧୀନତା ପ୍ରଦାନ ଦ୍ୱାରା ହିଁ ମହିଳାମାନେ ଯେକୌଣସି କାମରେ ସଫଳତା ହାସଲ କରିପାରିବେ। ନାରୀର ନିଜ ମନର ବିଶ୍ୱାସ ହିଁ ତା'ର ସବୁ କାର୍ଯ୍ୟରେ ସଫଳତା ଆଣିପାରିବ।

## ଲିଙ୍ଗଗତ ସମାନତାର ଆବଶ୍ୟକତା ରହିଛି

**ପ୍ର**ତିବର୍ଷ ମାର୍ଚ୍ଚ ୮ ତାରିଖରେ ସମଗ୍ର ବିଶ୍ୱରେ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ମହିଳା ଦିବସ'। ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା, ସେମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ବିକଶିତ କରାଇବା ଏବଂ ସେମାନଙ୍କୁ ସମାଜରେ ସମସ୍ତଙ୍କ ସହ ପାଦ ମିଳାଇ ଚାଲିବାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷ ଅବସରରେ ମିଳିତ ଜାତିସଂଘ ପକ୍ଷରୁ ଘୋଷିତ ଥିମ୍ ହେଲା, 'ଡିଜିଟାଲ: ଇନୋଭେଶନ ଆଣ୍ଡ ଟେକ୍ନୋଲୋଜି ଫର ଜେଣ୍ଡର ଇକ୍ୟୁଆଲିଟି'। ଲିଙ୍ଗଗତ କ୍ଷେତ୍ରରେ ମହିଳାମାନଙ୍କୁ ଅବହେଳିତ କରାଯିବା ଆଦୌ ଠିକ୍ ନୁହେଁ। ଏହା ଉପରେ ଗୁରୁତ୍ୱ ଦିଆଗଲେ ଅନେକ ମହିଳା ଅନେକ କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇବା ସହ ସଫଳତା ହାସଲ କରିପାରିବେ। ଏ ନେଇ ଜନସଚେତନତା ଯେତେ ଅଧିକ ସୃଷ୍ଟି ହେବ, ତାହା ମହିଳାମାନଙ୍କ ପାଇଁ ସେତେ ମଙ୍ଗଳମୟ ହେବ।

**ଆତ୍ମପ୍ରଚେଷ୍ଟା ମୂଳକଥା:**
**ପ୍ରତିଭା ସାହୁ,** ସାହିତ୍ୟିକା



ସତରେ ମୁଁ ନିଜେ ବି ଜାଣିନି ସାହିତ୍ୟ ପ୍ରତି ମୋର ଏତେ ରୁଚି, ଦୁର୍ବଳତା ଓ ମମତା କାହିଁକି। କହିବାକୁ ଗଲେ ସାହିତ୍ୟ ହେଉଛି ଏକ ସ୍ୱତଃସ୍ଫୂର୍ତ୍ତ ଆବେଗର ଧାରା। ପିଲାଦିନୁ ଏପର୍ଯ୍ୟନ୍ତ ଶୁଣିଆସିଛି ବାପାଙ୍କ ମୁହଁରୁ ଅନେକ କାବ୍ୟ କବିତା, ଦେଖିଆସିଛି ବୋଉ ବାପାଙ୍କର ପୁସ୍ତକ ପ୍ରତି ଥିବା ଶ୍ରଦ୍ଧା। ଏବେବି ୭୯ ବର୍ଷ ବୟସରେ ବାପା ଦିନକୁ ୬-୮ ଘଣ୍ଟା ପଢ଼ନ୍ତି। ଯଦି ଆଜି ମୁଁ ଦୁଇ ଧାଡ଼ି ଲେଖିପାରୁଛି କି କହିପାରୁଛି ତାହା କେବଳ ମୋ ମା'ବାପାଙ୍କ ପାଇଁ ସମ୍ଭବ ହୋଇପାରିଛି। ପ୍ରାୟ ପ୍ରତ୍ୟେକ ମହିଳାଙ୍କ ପାଖରେ ନିଶ୍ଚୟ କିଛି ନା କିଛି ପ୍ରତିଭା ଲୁକ୍କାୟିତ ଅବସ୍ଥାରେ ରହିଛି। ଯଦି ଏଭଳି ପ୍ରତିଭା ଲୋକଲୋଚନକୁ ଆସିପାରିଲା, ତେବେ ତାହା କେବଳ ନିଜର ଆତ୍ମପ୍ରଚେଷ୍ଟା ଓ ଆତ୍ମବିଶ୍ୱାସ ପାଇଁ ସମ୍ଭବ ହୋଇପାରିଛି ବୋଲି କହିବି। ମହିଳାମାନେ ହିଁ ବର୍ତ୍ତମାନ ସମାଜର ମେରୁଦଣ୍ଡ। ଅନେକ ସଫଳ ମହିଳାଙ୍କ ଉଦାହରଣ ଆମ ଆଖି ସାମ୍ନାରେ। ଯଦି ପାରିବାରିକ ଓ ସାମାଜିକ ଶାନ୍ତି ଅକ୍ଷୁଣ୍ଣ ରଖି ମହିଳାଟିଏ ଆଗକୁ ବଢ଼ିଲା, ତେବେ ତାହା ପରିବାର ତଥା ସମାଜ ପାଇଁ ନିଶ୍ଚୟ ଗର୍ବ ଓ ଗୌରବର ବିଷୟ।

**ଆତ୍ମନିର୍ଭରଶୀଳ ହୋଇପାରିଛି:**
**ଚୌଧୁରୀ ଜ୍ୟୋତ୍ସ୍ନା ଦାସ,** ଫ୍ୟାଶନ ଡିଜାଇନର

ପାଠପଢ଼ା ଶେଷ ହେବା ପରେ ମୁଁ ଚାକିରି ପାଇଁ ଚେଷ୍ଟା ନ କରି ନିଜେ ଗୋଟିଏ ସଂସ୍ଥାଟିଏ ଖୋଲିଥିଲି। ଏଥିଲାଗି ପ୍ରଥମେ ମୋତେ ବହୁତ ଷ୍ଟ୍ରଗଲ୍ କରିବାକୁ ପଡ଼ିଥିଲା। ଆଜି ମୁଁ ମୋ କର୍ମପଥ ବାଛି ନେଇଛି ଏବଂ ସେଥିରେ ସଫଳ ମଧ୍ୟ ହୋଇଛି, ଆଉ ଏହା ସମ୍ଭବ ହୋଇଛି କେବଳ ମୋ ମା'ଙ୍କ ପାଇଁ। ପିଲାବେଳୁ ମା' ହାତରେ କ୍ରୁଶ ସାହାଯ୍ୟରେ ବିଭିନ୍ନ ପ୍ରକାର ଡ୍ରେସ, ଉଲେନ୍ ସ୍ୱେଟର ବୁଣିବା, ବିଭିନ୍ନ ହାତ ଏମ୍ବ୍ରୋଡରୀ କାମ କରିବା, ବାଲିରେ ପେଣ୍ଟିଂ କରିବା, ପା'ପୋଛ ବୁଣିବା ଆଦି କାମ କରୁଥିଲେ। ପ୍ରଥମେ ମୋ ମା'ଙ୍କର ପୁରୁଣା ଶାଢ଼ି କାଟି ମୋର ଏକ୍ସପେରିମେଣ୍ଟ ଆରମ୍ଭ କରିଥିଲି। ଯୁକ୍ତ ୨ ପଢ଼ିବା ବେଳଠୁ ମୁଁ



ନିଜେ ମୋର ଡ୍ରେସ ତିଆରି କରିବା ଆରମ୍ଭ କରିଥିଲି। ଏହା ହିଁ ମୋତେ ଫ୍ୟାଶନ ଡିଜାଇନିଂ ପଢ଼ିବା ପାଇଁ ବହୁତ ସାହାଯ୍ୟ କରିଥିଲା। ଆଜିକାଲି ଜଣେ ନାରୀ ନିଜ ପ୍ରତିଭାକୁ ପ୍ରଦର୍ଶନ କରିବାକୁ ହେଲେ ଘରେ ବସି ନ ରହି କାହା ଉପରେ ନିର୍ଭର ନ କରି ନିଜ ଦ୍ୱାରା ଚେଷ୍ଟା ଜାରି ରଖିବା ଦରକାର। ଆମେ ନିଜ ଭିତରେ ଯେଉଁ କଳାଟି ଅଛି, ତାକୁ ବାଛି ତା' ଉପରେ ହିଁ କାମ କରିବାକୁ ପଡ଼ିବ। ମହିଳାମାନଙ୍କ ସଫଳତାକୁ ନେଇ ଏଇଆ କହିବି ଯେ, ଏବେ ବହୁତ ସଂଖ୍ୟାରେ ମହିଳା ଉଦ୍ୟୋଗୀଙ୍କ ସଂଖ୍ୟା ବଢ଼ିଛି। ହେଲେ ପରିବାରର କୌଣସି ଚାପରେ ନ ଆସି ନିଜେ ଯେଉଁ ଜିନିଷ ଭଲରେ କରିପାରିବେ ତାହା ଉପରେ ଗୁରୁତ୍ୱ ଦିଅନ୍ତୁ। ନିଜର ଟ୍ୟାଲେଣ୍ଟ ଉପରେ ବିଶ୍ୱାସ ରଖନ୍ତୁ। ଆଉ ସେହି ଅନୁସାରେ ପରିଶ୍ରମ କରି ଆଗକୁ ମଧ୍ୟ ବଢ଼ିବା ଦରକାର। ନିହାତି ରୂପରେ ଯିଏ ପରିଶ୍ରମ କରୁଛି, ତା' ପାଇଁ ସକ୍‌ସେସ୍ ନିଶ୍ଚିତ ଥୁଆ ହୋଇଛି।

**ସମସ୍ତଙ୍କ ଆଶୀର୍ବାଦ ମୋ ପାଇଁ ପ୍ରେରଣାଦାୟକ ହୋଇଛି : ଭୂମିକା ଦାଶ, ଅଭିନେତ୍ରୀ**

ମୁଁ ଏଇ ଲାଇନ୍‌କୁ ଆସିବି ବୋଲି କିଛି ଯୋଜନା ନ ଥିଲା। ସେଇଟା ଏମିତି ବାସ୍ ହୋଇଗଲା। କାରଣ ଏଥିପାଇଁ ମୁଁ ଆଗରୁ କିଛି ସ୍ପେଶାଲ ପ୍ଲାନ କରିନଥିଲି। ମୁଁ ଅଡିସନ୍ ଦେଇଥିଲି, ସେଥିରେ ସିଲେକ୍ଟ ହେଲି। ତା'ପରେ ମୋର ଆକ୍ଟିଂ ଜର୍ନି ଷ୍ଟାର୍ଟ ହେଲା।



ଭଗବାନ୍‌ବୋଧେ ଚାହୁଁଥିଲେ ମୁଁ ଏ ଲାଇନ୍‌କୁ ଆସେ। ସଫଳତା ମୋତେ ମିଳିଛି କି ନାହିଁ ମୁଁ ତ ତାହା କହିପାରିବିନି। ସତ କହିବାକୁ ଗଲେ ଯାହା ବି ଆଚିଭ୍ କରିପାରିଛି- ଏହା ପଛରେ ମୋ ପ୍ୟାରେଣ୍ଟଙ୍କ ସେତିକି ସପୋର୍ଟ, ଟିଚର୍ସଙ୍କର ସେତିକି ଶିକ୍ଷା ଓ ଗୁରୁଙ୍କ ଆଶୀର୍ବାଦ ପାଇଁ ସବୁ ସମ୍ଭବ ହୋଇପାରିଛି। ଟାଇମ୍ ମ୍ୟାନେଜ୍‌ମେଣ୍ଟ, ଡେଡିକେସନ୍‌କୁ ଦେଖିକି ହିଁ ସବୁ କିଛି ଆଚିଭ୍ କରିହେବ। ଦର୍ଶକମାନଙ୍କ ଭଲପାଇବା ମୋ ପ୍ରତି ନିଶ୍ଚୟ ରହିଛି। ଓଡ଼ିଶୀ ଡ୍ୟାନ୍ସ ମୋତେ ଏହି ଆକ୍ଟିଂ ଲାଇନ୍‌ରେ ବହୁତ କିଛି ସାହାଯ୍ୟ କରିଛି। ମହିଳାମାନେ ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଆଗରୁ ସେମିତି କିଛି ପ୍ଲାଟ୍‌ଫର୍ମ ନ ଥିଲା। ଏବେ କିନ୍ତୁ ସମୟ ବଦଳିଛି। ଯଦି ତାଙ୍କର ଟ୍ୟାଲେଣ୍ଟ ଥିବ, ସେମାନେ ନିଶ୍ଚିତ ରୂପେ ସଫଳତା ପାଇବେ। ମୁଁ ଭାବୁଛି, ମହିଳାମାନେ ଆଜିକା ଟାଇମ୍‌ରେ ବିଭିନ୍ନ କ୍ଷେତ୍ରରେ ନିଜ ଦକ୍ଷତା ଦେଖାଉଛନ୍ତି। ମହିଳାମାନଙ୍କୁ ଯଦି ସ୍ୱାଧୀନତା ଦିଆଯିବ, ଭଲପାଇବା ସହିତ ଫ୍ୟାମିଲିର ସପୋର୍ଟ ମିଳିବ, ତେବେ ସେମାନେ ନିଶ୍ଚିତ ଭାବରେ ଆତ୍ମନିର୍ଭରଶୀଳ ହୋଇପାରିବେ।

**-ମହାଶ୍ୱେତା**



ସୌନ୍ଦର୍ଯ୍ୟ

# ହୋଲିରେ ରଙ୍ଗ ଛଡ଼ାଉଥିଲେ..

**ରଙ୍ଗର ପର୍ବ ହୋଲି। ଏହି ଖେଳର ମଜା ନିଆରା। ବେଶ୍ ମଉଜ ମସ୍ତିରେ ସାଙ୍ଗମାନଙ୍କ ସହ ହୋଲି ଖେଳିବା ପରେ ଶରୀରରେ ଲାଗିଥିବା ରଙ୍ଗକୁ ଛଡ଼ାଇବା କଥା ଆସିଥାଏ। ଏଭଳି କେତେକ ରଙ୍ଗ ଅଛି, ଯାହା ସହଜରେ ଛାଡ଼ି ନ ଥାଏ। ତେଣୁ ସେହି ସମୟରେ ନିମ୍ନଲିଖିତ ଟିପ୍ସ ଆପଣେଇପାରନ୍ତି....**

- ❖ନିଜ କେଶକୁ କେମିକାଲଠାରୁ ଦୂରେଇ ରଖିବାକୁ ହେଲେ ହୋଲି ଖେଳିବା ପୂର୍ବରୁ ଆପଣ ପ୍ରଥମେ କେଶରେ ତେଲ ଭଲ ଭାବେ ଲଗାଇ ଦିଅନ୍ତୁ।
- ❖ ସ୍କିନ୍ ଉପରେ ଭଲ ଭାବେ ନଡ଼ିଆ ତେଲ ଲଗାଇ ମାଲିସ୍ କରିଦିଅନ୍ତୁ।
- ❖ନଖ ଉପରେ କୌଣସି ବି ନେଲ ପେଣ୍ଟ ଲଗାଇ ଦିଅନ୍ତୁ।
- ❖ଏପରି କରିବା ଦ୍ୱାରା କେଶ, ନେଲ, ସ୍କିନ୍ ଉପରେ ରଙ୍ଗ ଲାଗିବନି। ଫଳରେ ଏହା ସହଜରେ ଛାଡିଯିବ।



- ❖ଆପଣ ହୋଲି ଖେଳିବା ସମୟରେ ମୁଣ୍ଡରେ ହ୍ୟାଟ କିମ୍ବା କ୍ୟାପ୍ ଲଗାଇ ଖେଳିପାରିବେ।
- ❖ଯଦି ଆପଣଙ୍କ ସ୍କିନ୍ ସାବୁନ୍ ଲଗାଇବା ଦ୍ୱାରା ଡ୍ରାଏ ହୋଇଯାଉଥାଏ, ତେବେ ଆପଣ ଏକ ପାତ୍ରରେ ଅଟା ନିଅନ୍ତୁ। ଏହାପରେ ସେଥିରେ ଅଳ୍ପ ତେଲ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ପରେ ଏହାକୁ ଭଲଭାବେ ଶରୀରରେ ଲଗାଇ ଦିଅନ୍ତୁ। ପରେ ଏହାକୁ ରଗଡ଼ି ରଗଡ଼ି ସଫା କରନ୍ତୁ।



- ❖ରଙ୍ଗ ଛଡ଼ାଇବାକୁ ହେଲେ ଫେସ୍‌ପ୍ୟାକ୍ ଏକ ଭଲ ଅପସନ୍। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ଏକ ପାତ୍ରରେ ବେସନ, ହଳଦୀ, ଅଟା ଓ ସୋରିଷ ତେଲକୁ ଭଲ ଭାବେ ମିଶାନ୍ତୁ। ଏବେ ଏହାକୁ ଶରୀର ଏବଂ ମୁହଁରେ ଲଗାନ୍ତୁ। ପୁଣି ଧୀରେ ଧୀରେ ଏହାକୁ ସ୍କ୍ରବ୍ କରନ୍ତୁ। ଦେଖିବେ ଲାଗିଥିବା ରଙ୍ଗ ଛାଡ଼ିଯିବ।
- ❖ଏକ ପାତ୍ର ନେଇ ସେଥିରେ ମୁଲ୍‌ତାନୀ ମାଟି ପାଉଡର ନିଅନ୍ତୁ। ସେଥିରେ କ୍ଷୀର କିମ୍ବା ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଏହି ପେଷ୍ଟକୁ ମୁହଁ ଓ ଶରୀରରେ ଲଗାନ୍ତୁ। ତା'ପରେ ଏହାକୁ ଧୀରେ ଧୀରେ ରଗଡ଼ି ଭଲଭାବେ ଧୋଇ ଦିଅନ୍ତୁ।
- – ନଖକୁ ସାବୁନ୍‌ରେ ଭଲ ଭାବେ ସଫା କରନ୍ତୁ ଓ ଏକ ମଗରେ ପାଣି ନିଅନ୍ତୁ। ସେଥିରେ ଏକ ଚାମଚ ବେକିଂ ସୋଡା, ଲେମ୍ବୁରସ ମିଶ୍ରଣ ପାଣିରେ ହାତକୁ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ। ପୁଣି ହାତକୁ ବ୍ରଶ ସାହାଯ୍ୟରେ ଧୀରେ ଧୀରେ ସଫା କରି କ୍ରିମ୍ ଲଗାନ୍ତୁ। ଏହା ଦ୍ୱାରା ରଙ୍ଗ ସଫା ହୋଇଯିବ।

ଖାଦ୍ୟରୁଚି

# ବାନାନା ଚିପ୍ସ

**ଆବଶ୍ୟକ ସାମଗ୍ରୀ:** କଞ୍ଚା କଦଳୀ ୧୦ଟି, ହଳଦୀ ଦେଢ଼ ଚାମଚ, ଛାଣିବା ପାଇଁ ରିଫାଇନ୍ ତେଲ, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଞ୍ଚା କଦଳୀରୁ ଚୋପା ଭଲଭାବେ ଛଡ଼ାଇ ଦିଅନ୍ତୁ। ଏହାପରେ କଦଳୀକୁ ତେଲ ସାହାଯ୍ୟରେ ଭଲଭାବେ ହାତରେ ଘସି ଦିଅନ୍ତୁ। ତା'ପରେ କଦଳୀକୁ ଲମ୍ବା କିମ୍ବା ଗୋଲାକାର କାଟିବା ପରେ ସେଥିରେ ହଳଦୀ, ଲୁଣ ଭଲଭାବେ ମିଶାଇ ନିଅନ୍ତୁ। ଏହାପରେ ଗୋଟିଏ ବଡ଼ପାତ୍ରରେ ୧୦-୧୨ କପ୍ ପାଣିରେ କଟା ହୋଇଥିବା କଦଳୀ ଖଣ୍ଡକୁ ଭଲଭାବେ ମିଶାଇ ଦିଅନ୍ତୁ। ଏପରି କରିବା ଦ୍ୱାରା କଦଳୀ ରଙ୍ଗ ଭଲଭାବେ ହଳଦିଆ ରଙ୍ଗ ହୋଇଯିବ। ଏହାକୁ କିଛି ସମୟ ପର୍ଯ୍ୟନ୍ତ ରଖିବା ପରେ ତାକୁ ପାଣିରୁ ଭଲଭାବେ ଛାଣି ଦିଅନ୍ତୁ। ଏବେ ଗୋଟିଏ କଡ଼ାଇରେ ତେଲ ନେଇ ମିଡିୟମ ଆଞ୍ଚରେ ବସାନ୍ତୁ। ଏବେ ତେଲ ଗରମ ହେଲାପରେ ସ୍ଲାଇସ୍ କରାହୋଇଥିବା କଦଳୀକୁ ଭଲଭାବେ ଛାଣିଦିଅନ୍ତୁ। ଏବେ ଆପଣଙ୍କ ବାନାନା ଚିପ୍ସ ପ୍ରସ୍ତୁତ ହୋଇଗଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ପ୍ରଦୀପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାରେ ପହଞ୍ଚିଲା ଜର୍ମାନୀ ଦଳ



ରାଉରକେଲାରେ ପହଞ୍ଚିଥିବା ଜର୍ମାନୀ ହକି ଦଳ।

### ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକି

**ରାଉରକେଲା ଅଫିସ୍ /ଭୁବନେଶ୍ୱର (ସ୍ପୋର୍ଟ୍ସ ବ୍ୟୁରୋ) ୬।୩:** ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକି ୨୦୨୩ ପାଇଁ ଓଡ଼ିଶାରେ ପହଞ୍ଚିଛି ବିଶ୍ୱ ଚାମ୍ପିୟନ ଜର୍ମାନୀ ଦଳ। ମାର୍ଚ୍ଚ ୧୦ ତାରିଖରୁ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ପ୍ରୋ ଲିଗ୍ ଆରମ୍ଭ ହେବାକୁ ଯାଉଛି। ମ୍ୟାଟ୍ସ ଗ୍ରାମ୍ବୁଶଙ୍କ ଦଳ ସୋମବାର ଅପରାହ୍ଣରେ ଝାରସୁଗୁଡା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ଓହ୍ଲାଇଥିଲା। ଏହାପରେ କଡା ସୁରକ୍ଷା ବଳୟ ମଧ୍ୟରେ ରାଉରକେଲା ଯାଇଥିଲା ରାଉରକେଲା ଦଳ। ଭାରତ, ଅଷ୍ଟ୍ରେଲିଆ ଓ ଜର୍ମାନୀ ମଧ୍ୟରେ ୬ ମ୍ୟାଚ ଖେଳାଯିବାକୁ ଥିବା ବେଳେ ସମସ୍ତ ମ୍ୟାଚ୍ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭୁବନେଶ୍ୱର-ରାଉରକେଲାରେ ଅନୁଷ୍ଠିତ ବିଶ୍ୱକପରେ ଜର୍ମାନୀ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଭଲ ଫର୍ମରେ ଥିବା ଜର୍ମାନୀ ବର୍ତ୍ତମାନ ୪ ମ୍ୟାଚରୁ ୮ ପଏଣ୍ଟ ସହିତ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ୫ ନମ୍ବର ସ୍ଥାନରେ ରହିଛି। ୩ ଦଳ ପରସ୍ପର ସହିତ ଦୁଇ ଥର ଲେଖାଏ ମ୍ୟାଚ୍ ଖେଳିବେ। ମାର୍ଚ୍ଚ ୧୦ରେ ଭାରତ ବିପକ୍ଷରେ ଜର୍ମାନୀ ଏହାର ଅଭିଯାନ ଆରମ୍ଭ କରିବେ। ୧୧ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରେ ଦଳ ଏହାର ଦ୍ୱିତୀୟ ମ୍ୟାଚ୍ ଖେଳିବ। ମାର୍ଚ୍ଚ ୧୨ରେ ଭାରତ ସହିତ ଦ୍ୱିତୀୟ ମ୍ୟାଚ ଖେଳିବା ପରେ ୧୪ ତାରିଖରେ ଅଷ୍ଟ୍ରେଲିଆ ସହିତ ଅନ୍ତିମ ମ୍ୟାଚ୍ ଖେଳିବ। ମାର୍ଚ୍ଚ ୧୫ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଶେଷ ମ୍ୟାଚ୍ ଖେଳାଯିବ।

# ଗ୍ରୁପ୍-୩ରେ ଓଡ଼ିଶା

### ଜାତୀୟ ସିନିୟର ମହିଳା ଫୁଟ୍‌ବଲ ୨୫ରୁ

**ନୂଆଦିଲ୍ଲୀ, ୬।୩ (ପି.ଟି.)**

ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର କ୍ୱାଲିଫାଇଂ ରାଉଣ୍ଡ ମାର୍ଚ୍ଚ ୨୫ରୁ ଦେଶର ୬ଟି ଭେନ୍ୟୁରେ ଖେଳାଯିବ। ଏଥିରେ ୩୧ଟି ଦଳ ଭାଗନେବେ। ଦଳଗୁଡ଼ିକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଓଡ଼ିଶା ଗ୍ରୁପ୍-୩ରେ ଗୋଆ, ରାଜସ୍ଥାନ, ହିମାଚଳ ପ୍ରଦେଶ, ତ୍ରିପୁରା, ଆନ୍ଧ୍ର ପ୍ରଦେଶ ସହ ସ୍ଥାନ ପାଇଛି। ପ୍ରତିଯୋଗିତାର ଫାଇନାଲ ରାଉଣ୍ଡରେ ୧୨ଟି ଦଳ ଭାଗନେବେ। ଏହି ପର୍ଯ୍ୟାୟକୁ ରେଲ୍‌ୱେ ସିଧାସଳଖ ପ୍ରବେଶ କରିଥିବା ବେଳେ ୬ଟି ଗ୍ରୁପ୍‌ର ବିଜେତା ଓ ଶ୍ରେଷ୍ଠ ୫ ରନର ଅପ୍ ଏଥିରେ ଖେଳିବେ। ୧୨ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ରେ ୬ଟି ଲେଖାଏଁ ଦଳ ରହିବେ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ମଣିପୁର ରେକର୍ଡ ୨୧ଥର ଏହି ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ସେମାନେ ଗତ ତିନୋଟି ସଂସ୍କରଣର ବିଜେତା ମଧ୍ୟ। କେରଳରେ ଅନୁଷ୍ଠିତ ୨୦୨୧-୨୨ ଫାଇନାଲରେ ଏହି ଦଳ ରେଲ୍‌ୱେକୁ ପେନାଲ୍ଟିରେ ପରାସ୍ତ କରିଥିଲା।

# କଟକ ପୁରୁଷ, କିଟ୍ ମହିଳା ବିଭାଗ ଚାମ୍ପିୟନ

### ରାଜ୍ୟସ୍ତରୀୟ କବାଡ଼ି

**ଭୁବନେଶ୍ୱର, ୬।୩ (କ୍ରୀଡ଼ା ପ୍ରତିନିଧି)**

ବାରବାଟୀ କ୍ଲବ ଆନୁକୂଲ୍ୟରେ କଟକ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ଭୀମସେନ ସ୍ମାରକୀ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହାର ପୁରୁଷ ବିଭାଗରେ କଟକ ଚାମ୍ପିୟନ, ନୂଆପଡ଼ା ରନରଅପ୍ ଏବଂ ମହିଳାରେ ଭୁବନେଶ୍ୱରର କିଟ୍ ଚାମ୍ପିୟନ ଏବଂ ଢେଙ୍କାନାଳ ରନରଅପ୍ ହୋଇଛି। ପୁରୁଷ ବିଭାଗ ଫାଇନାଲରେ କଟକ ୩୦-୧୬ ଏବଂ ମହିଳାରେ କିଟ୍ ୪୦-୧୨ ପଏଣ୍ଟରେ ବିଜୟୀ ହୋଇଥିଲା। କ୍ଲବ ସଭାପତି ସରୋଜ ମଲିକ ଓ ସମ୍ପାଦକ ରାମଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅନ୍ତର୍ଜାତୀୟ କବାଡ଼ି ଫେଡେରେଶନର ବୈଷୟିକ ନିର୍ଦ୍ଦେଶକ ଇ. ପ୍ରସାଦ ରାଓ, ରାଜ୍ୟ କବାଡ଼ି ସଂଘ ସମ୍ପାଦକ ଅଜୟ ବେହେରା, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ରୁଚି ଫୁଡ୍‌ଲାଇନ୍ ପରିଚାଳନା ନିର୍ଦ୍ଦେଶକ ଶରତ କୁମାର ସାହୁ, ଓଡ଼ିଶା ଚଳଚ୍ଚିତ୍ର ସଂଘ ସମ୍ପାଦକ ତଥା ସିନେ ତାରକା ଶ୍ରୀତମ ଦାସ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସତ୍ୟବ୍ରତ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।



ମହିଳା ବିଭାଗରେ ଚାମ୍ପିୟନ କିଟ୍ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଓଡ଼ିଶାରୁ ୧୪ ଭାଗନେବେ

### ଜାତୀୟ ସିନିୟର ତୀରନ୍ଦାଜୀ

**ଭୁବନେଶ୍ୱର, ୬।୩ (କ୍ରୀଡ଼ା ପ୍ରତିନିଧି)**

ଚଳିତ ମାସ ୯ରୁ ୧୮ ପର୍ଯ୍ୟନ୍ତ ଗୁଜରାଟରେ ଏନ୍‌ଟିପିସି ଜାତୀୟ ସିନିୟର ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶାର ୧୪ ଜଣିଆ ଦଳ ସୋମବାର ଗୁଜରାଟ ଯାତ୍ରା କରିଛି। ଇଣ୍ଡିଆନ ରାଉଣ୍ଡ, ରିକର୍ଭ ରାଉଣ୍ଡ ଓ କମ୍ପାଉଣ୍ଡ ରାଉଣ୍ଡରେ ଓଡ଼ିଶାର ୫ ଜଣିଆ ମହିଳା ଓ ୯ ଜଣିଆ ପୁରୁଷ ଦଳ ଅଂଶଗ୍ରହଣ କରିବେ। ଇଣ୍ଡିଆନ ରାଉଣ୍ଡର ପୁରୁଷ ବର୍ଗରେ ସୂର୍ଯ୍ୟ ପାଲେୟା, ମାନସ ରଞ୍ଜନ ମୁଣ୍ଡା, ନେଥନିଆଲ ମଲିକ, ମିଥୁନ ନାୟକ ଏବଂ ମହିଳା ବିଭାଗରେ ଜୟଲକ୍ଷ୍ମୀ ମଲିକ ଓ ଲଳିତ ଖଣ୍ଡପାତ୍ର ଭାଗନେବେ। ସେହିପରି ରିକର୍ଭ ରାଉଣ୍ଡରେ ଅର୍ଜୁନ ଖରା, ବୁଲି ମଲିକ, ସୁରେଶ ଉଇକା, ପ୍ରଭାତ ମିଞ୍ଜ ଏବଂ ମହିଳାରେ ମମିତା ଓରାମ ପ୍ରତିନିଧିତ୍ୱ କରିବେ। କମ୍ପାଉଣ୍ଡ ରାଉଣ୍ଡରେ ପୁରୁଷ ବର୍ଗରେ ଦିବ୍ୟରଞ୍ଜନ ମୁଣ୍ଡା ଏବଂ ପ୍ରୀତି ଓରାମ ଓ ନାମ୍‌ସି ମୁଣ୍ଡା ମହିଳା ବିଭାଗରେ ଭାଗନେବେ। ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ୧୪ ପ୍ରତିଯୋଗୀ ପୂର୍ବତନ ଭାରତୀୟ ପ୍ରଶିକ୍ଷକ ପ୍ରକାଶ ରାମ୍‌ଙ୍କଠାରୁ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଶିକ୍ଷଣ ନେଇଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହାୟତାରେ ଓଡ଼ିଶା ତୀରନ୍ଦାଜୀ ସଂଘ ଏହି ପ୍ରଶିକ୍ଷଣ ଶିବିରର ଆୟୋଜନ କରିଥିଲା। ଓଡ଼ିଶା ଆର୍ଚେରୀ ଆସୋସିଏଶନ ସଭାପତି ଗୋକୁଳ ଚନ୍ଦ୍ର ପତି, ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଓ କୋଷାଧ୍ୟକ୍ଷ ସୌରଜିତ ସିଂ ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତା କାମନା କରିଛନ୍ତି।



କୋଚ୍‌ଙ୍କ ସହ ତୀରନ୍ଦାଜ ଦଳ।

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ୩ ମହିଳା ବକ୍ସର

**ନୂଆଦିଲ୍ଲୀ,୬।୩(ପି.ଟି.):** ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ନ ମିଳିବା ପରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ୩ ମହିଳା ବକ୍ସର। ଜାତୀୟ ଚାମ୍ପିୟନ ହୋଇଥିଲେ ମଧ୍ୟ କେଉଁ ଆଧାରରେ ସେମାନଙ୍କୁ ସ୍ଥାନ ମିଳିନାହିଁ ତାହାକୁ ବିରୋଧ କରି ଏହି ପିଟିଶନ ଦାଖଲ କରାଯାଇଛି। ମଞ୍ଜୁରାଣୀ(୪୮ କିଗ୍ରା), ଶିକ୍ଷା ନରୱାଲ(୫୪ କିଗ୍ରା) ଓ ପୁନମ୍ ପୁନିଆ(୬୦ କିଗ୍ରା)ଙ୍କ ପକ୍ଷରୁ ଆଗତ ରିଟ୍ ପିଟିଶନକୁ କୋର୍ଟ ଗ୍ରହଣ କରିଥିବା ବେଳେ ମଙ୍ଗଳବାର ମାମଲାର ଶୁଣାଣି ହେବ। ପିଟିଶନ ଅନୁଯାୟୀ ଭୋପାଳରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପ୍‌ରେ ଏହି ୩ ଖେଳାଳି ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ତେବେ ଏହି ୩ ଖେଳାଳିଙ୍କୁ ବାଦ୍ ଦେଇ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ୧୨ ଜଣିଆ ଦଳ ଘୋଷଣା କରାଯାଇଛି। ବକ୍ସିଂ ଫେଡେରେଶନକୁ ପୁନର୍ବିଚାର ପାଇଁ ଚିଠି ଲେଖିବା ପରେ କୌଣସି ଉତ୍ତର ନ ମିଳିବାରୁ ସେମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରେଲୱେଜ୍‌ର ପ୍ରତିନିଧିତ୍ୱ କରୁଥିବା ଏହି ୩ ଖେଳାଳିଙ୍କୁ ଦଳରେ ସ୍ଥାନ ମିଳି ନ ଥିବା ବେଳେ ଅନ୍ୟ ସମସ୍ତ ପଦକ ବିଜେତାଙ୍କୁ କେଉଁ ଆଧାରରେ ସାମିଲ କରାଯାଇଛି ତାହାର ଉତ୍ତର ମାଗିଛନ୍ତି ଖେଳାଳି। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ମଞ୍ଜୁରାଣୀ ଏକ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ତେବେ ସ୍ୱର୍ଣ୍ଣ ପଦକ ଜିତିବା ଯୋଗ୍ୟତା ଅର୍ଜନର ମାନଦଣ୍ଡ ନୁହେଁ ବୋଲି ସ୍ପଷ୍ଟ କରିଛି ବକ୍ସିଂ ଫେଡେରେଶନ। ଫେଡେରେଶନ ପକ୍ଷରୁ ଏକ ୩ ସପ୍ତାହର ପ୍ରଶିକ୍ଷଣ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି କ୍ୟାମ୍ପ ଆଧାରରେ ଦଳ ଚୟନ କରାଯାଇଛି ବୋଲି ହାଇପରଫର୍ମାନ୍ସ ଡିରେକ୍ଟର ବର୍ନାର୍ଡ ଡୁନ୍ନେ ପ୍ରକାଶ କରିଛନ୍ତି।

# ଅନ୍ତିମ ଦିନିକିଆ ଜିତିଲା ବାଂଲାଦେଶ

**ଚଟ୍ଟୋଗ୍ରାମ, ୬।୩:** ସାକିବ ଅଲ୍ ହସନଙ୍କ ଅଲ୍‌ରାଉଣ୍ଡ ସଫଳତା ବଳରେ ଅନ୍ତିମ ଦିନିକିଆରେ ଇଂଲଣ୍ଡକୁ ୫୦ ରନ୍‌ରେ ପରାସ୍ତ କରିଛି ବାଂଲାଦେଶ। ଅନ୍ତିମ ମ୍ୟାଚ୍ ହାରିଥିଲେ ମଧ୍ୟ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ୨-୧ରେ ଜିତିନେଇଛି ଇଂଲଣ୍ଡ। ବାଂଲାଦେଶ ୪୮.୫ ଓଭରରେ ୨୪୬ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଇଂଲଣ୍ଡ ୪୩.୧ ଓଭର ଖେଳି ୧୯୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

# ୯୨ ବର୍ଷରେ ୟୁନାଇଟେଡ୍‌ର ବୃହତ୍ ପରାଜୟ

**ଲିଭରପୁଲ୍,୬।୩:** ଦୀର୍ଘ ୯୨ ବର୍ଷ ପରେ ସର୍ବବୃହତ୍ ପରାଜୟ ହାସଲ କରିଛି ଇଂଲିଶ ପ୍ରିମିୟର ଲିଗ୍ ଦଳ ମାଞ୍ଚେଷ୍ଟର ୟୁନାଇଟେଡ୍। ରବିବାର ଲିଭରପୁଲ୍ ୭-୦ ଗୋଲ ବ୍ୟବଧାନରେ ମାଞ୍ଚେଷ୍ଟର ୟୁନାଇଟେଡକୁ ପରାସ୍ତ କରିଛି। ଏହାଫଳରେ ଗତ ସପ୍ତାହରେ ଲିଗ୍ କପ୍ ବିଜୟୀ ହୋଇଥିବା ୟୁନାଇଟେଡ୍‌କୁ ସବୁଠୁ ବଡ଼ ଧକ୍କା ଲାଗିଛି। କୋଡି ଗାକ୍‌ପୋ, ଡାରୱିନ୍ ନୁନେଜ୍ ଓ ମହମ୍ମଦ ସଲାହ ପ୍ରତ୍ୟେକେ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିବା ବେଳେ ରବର୍ଟୋ ଫିରମିନୋ ଗୋଟିଏ ଗୋଲ ସ୍କୋର କରିଥିଲେ। ୭ ଗୋଲ ମଧ୍ୟରୁ ୬ଟି ଗୋଲ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ସ୍କୋର ହୋଇଥିଲା। ଏହାସହିତ ପଦାର୍ପଣରେ ୪ ଟ୍ରଫି ହାସଲ ପାଇଁ ରହିଥିବା ଏରିକ୍ ଟାନ୍ ହାଗ୍‌ଙ୍କ ସ୍ୱପ୍ନ ମଧ୍ୟ ଅଧୁରା ରହିଛି। ଗୋଲ ବ୍ୟବଧାନରେ ଏହା ମାଞ୍ଚେଷ୍ଟର ୟୁନାଇଟେଡ୍‌ର ବୃହତ୍ ପରାଜୟ। ୧୯୨୬ରେ ବ୍ଲାକ୍‌ବର୍ନ ରୋଭର୍ସ, ୧୯୩୦ରେ ଆଷ୍ଟନ୍ ଭିଲ୍ଲା ଓ ୯୨ ବର୍ଷ ତଳେ ଓଲ୍ଭର ହାମ୍ପଟନ୍ ୱାଣ୍ଡରର୍ସ ନିକଟରୁ ସମାନ ୭-୦ ବ୍ୟବଧାନରେ ଦଳ ହାରିଥିଲା। ଲିଭରପୁଲ ବିପକ୍ଷରେ ଦଳ ୧୨୮ ବର୍ଷ ତଳେ ଅର୍ଥାତ୍ ୧୮୯୫ ମସିହାରେ ୭-୧ରେ ହାରିଥିଲା। ତେବେ ସେ ସମୟରେ ଦଳର ନାମ ନ୍ୟୁଟନ୍ ହିଥ୍ ରହିଥିଲା।








CLASSIFIED DISPLAY — ALL EDITION - B/W (Everyday)
MORE SPACE • SAME PRICE
TARIFF
For Booking Contact 0674-2580385

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday
0674-2580101, 2549949



REAL ESTATE

SALE

Gharabari boundary wall plot sale for Ragabazar (Tankapani road). 7008492511. D-2900

ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434. D-74824

Bhubaneswar-Khurda ମଧ୍ୟରେ Pitapali Chhakaରେ stithiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

Residential with commercial corner plot sale measuring (35'×40') 1400sqft. In Front of 60' Govt black top road near Panchayat Office, BANKUAL, Bhubaneswar, cost@30,80,000/-. Contact- 9938867397. D-2947

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74523

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

New Cancer Hospital ନାଇଜର, କଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73691

ପିପିଲି ଟୋଲ୍‌ଗେଟ୍ ପୂର୍ବରୁ NH ନିକଟରୁ ୫୦୦ମି. ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ 30ft. road, boundary ସହିତ sqft.-1250/- ରେ ଉପଲବ୍ଧ। 7749800648. D-2943

Duplex sale at Bhubaneswar @ 50 lakhs only. Contact: 9777433701. D-74828

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



CONSTRUCTION

Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74826


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Relax, Refresh your Body, Mind at Saikrupa Spa with best therapies. 8984068077. D-2932

Newly open SPA positively health benefits with expert therapist. 7849011931. D-73684

Newly open health benefits SPA special offer@999 Nayapalli. 7846814019. D-73693

All type of body massage by expert lady therapist. 7008773793. D-73690

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74652




ଘରେ ବାସ୍ତୁଦୋଷ ଥିବାପରି ମନେ ହେଉଛି କି? ବିଳମ୍ବ ନ କରି ତୁରନ୍ତ ଯୋଗାଯୋଗ "ବାସ୍ତୁ ସମାଧାନ" Odisha. 7978736177. D-74305

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## AFFIDAVIT

I, Prafulla Bhadra S/o Late Sunakar Bhadra, MIG-3, Kananvihar, PS-Infocity, Bhubaneswar, Odisha-751024, Sworn before an affidavit, I declare that both names Prafulla Kumar Bhadra and Prafulla Bhadra refer to the same person. This is vide the affidavit dated 20/02/2023 Notarized in Bhubaneswar, Odisha. D-74524


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


## ମନେ ପଡ଼ନ୍ତି

ନବମ ଦିବସ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂବିଧୁଭୂଷଣ ରାଉତରାୟ
କିଆଯୋରୀ, ବିଶ୍ୱନାଥପୁର, ବାଲିପାଟଣା

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଆବିର୍ଭାବ: ୦୧।୧୨।୧୯୭୪
ତିରୋଧାନ: ୨୭।୦୨।୨୦୨୩

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୭୩୭୫୧


Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଏପ୍ରିଲ ୧ରୁ ବଢିବ ଟୋଲ ଟ୍ୟାକ୍ସ**

ନୂଆଦିଲ୍ଲୀ: ଚଳିତ ବର୍ଷ ଅପ୍ରେଲ ପହିଲାରୁ ଦେଶର ସମସ୍ତ ଜାତୀୟ ରାଜମାର୍ଗ (ଏନଏଚ୍) ଓ ଏକ୍ସପ୍ରେସ-ୱେରେ ଗାଡ଼ି ଚଳାଇବା ମହଙ୍ଗା ହେବ। କାରଣ ଭାରତୀୟ ରାଜମାର୍ଗ ପ୍ରାଧିକରଣ (ଏନଏଚଏଆଇ) ଅପ୍ରେଲ ୧ରୁ ଟୋଲ ଟ୍ୟାକ୍ସ ବଢାଇବାକୁ ଯୋଜନା ପ୍ରସ୍ତୁତି କରୁଛନ୍ତି। ଏପରିକି ଟୋଲ ଟ୍ୟାକ୍ସରେ ୫ରୁ ୧୦% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ହୋଇପାରେ ବୋଲି ଆକଳନ କରାଯାଉଛି। ଏହି ପରିବର୍ତ୍ତନ ନ୍ୟାସନାଲ ହାଇୱେ ଫି-୨୦୦୮ ନିତୀ ଅନୁସାରେ ସବୁ ବର୍ଷ ହୋଇଥାଏ ବୋଲି ଏନଏଚଏଆଇ ପକ୍ଷରୁ କୁହାଯାଇଛି।

# ନିବେଶକଙ୍କ ସମ୍ପତ୍ତି ଦିନକରେ ୨.୧୨ ଲକ୍ଷ କୋଟି ବୃଦ୍ଧି

ନୂଆଦିଲ୍ଲୀ,୬।୩



ଗତ କିଛିଦିନ ହେବ ବିଭିନ୍ନ କାରଣ ପାଇଁ ଦଲାଲ ଷ୍ଟ୍ରିଟ୍‌ରେ କାରବାର ମାନ୍ଦା ରହୁଥିଲା। ଏପରିକି ଗତ ସପ୍ତାହର କାରବାରରେ ମଧ୍ୟ ପରିବର୍ତ୍ତନ ହେଉଥିଲା। ବିଶେଷକରି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ବୃଦ୍ଧି କରାଇପାରିଛନ୍ତି। ସେହିଭଳି ସୋମବାର ସେନ୍‌ସେକ୍ସ ପ୍ରାୟ ୪୧୬ ପଏଣ୍ଟ ବଢ଼ିଥିବା ବେଳେ ନିଫ୍ଟି ମଧ୍ୟ ପ୍ରାୟ ୧୧୭ ବୃଦ୍ଧି ସହ କାରବାର ବନ୍ଦ କରିଥିଲା। ଏପରିକି ଶେୟାର ବଜାରର ସୂଚନା ଅନୁଯାୟୀ ଦିନକ ମଧ୍ୟରେ ନିବେଶକମାନେ ପ୍ରାୟ ୨.୧୨ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ବଢ଼ିଛି। ସେହିପରି ସୋମବାର ଷ୍ଟକ୍ ବଜାରର କାରବାରରେ ପାୱାର ଏବଂ ୟୁଟିଲିଟି କ୍ଷେତ୍ରର ଶେୟାରଗୁଡିକରେ ବ୍ୟାପକ ଅଭିବୃଦ୍ଧି ଦେଖିବାକୁ ମିଳିଛି। ଏହାଛଡ଼ା ବିଏସ୍‌ଇ ସେନ୍‌ସେକ୍ସରେ ଅଏଲ ଆଣ୍ଡ ଗ୍ୟାସ୍, ଆଇଟି ଏବଂ ଟେକ୍ କମ୍ପାନୀର ଶେୟାର ସୂଚକାଙ୍କ ମଧ୍ୟ ୧% ବଢ଼ିଛି। ବିଶେଷକରି ବିଏସ୍‌ଇର ମିଡ୍‌କ୍ୟାପ୍ ଏବଂ ସ୍ମଲକ୍ୟାପ୍ ଇଣ୍ଡେକ୍ସ ମଧ୍ୟ ଯଥାକ୍ରମେ ୦.୭୪% ଏବଂ ୦.୯୦% ବୃଦ୍ଧି ସହ ବଜାର କାରବାର ବନ୍ଦ ହୋଇଛି। ଉଲ୍ଲେଖଯୋଗ୍ୟ, ବିଏସ୍‌ଇର ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ସୋମବାର ୨.୧୨ ଲକ୍ଷ କୋଟି ବଢ଼ି ୨୬୫.୫୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏପରିକି ଏହାର ପୂର୍ବ କାରବାର (ଶୁକ୍ରବାର) ଫଳାଫଳରେ ୨୬୩.୪୨ ଲକ୍ଷ କୋଟି ଟଙ୍କା ରହିଥିଲା। ଏହିପରି ବିଏସଇରେ ଲିଷ୍ଟେଡ୍ କମ୍ପାନୀଗୁଡିକର ମାର୍କେଟ୍ କ୍ୟାପ୍ ସୋମବାର ପ୍ରାୟ ୨.୦୭ ଲକ୍ଷ କୋଟି ଟଙ୍କା ବଢିଛି। ଗତ ୨ଦିନରେ ବିଏସ୍‌ଇର ସମସ୍ତ କମ୍ପାନୀର ମାର୍କେଟ୍ କ୍ୟାପ୍ ପ୍ରାୟ ୫.୫ଲକ୍ଷ କୋଟି ଟଙ୍କା ବଢ଼ିଛି। ବିଶେଷକରି ଗତ ୨ ଦିନ ମଧ୍ୟରେ ବିଏସ୍‌ଇର ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ ସେନ୍‌ସେକ୍ସ ପ୍ରାୟ ୧,୩୦୦ ଅଙ୍କ ବଢ଼ିଛି। ଫଳରେ ଶେୟାର ବଜାର ନିବେଶକଙ୍କ ସମ୍ପତ୍ତି ଗତ ୨ଦିନରେ ପ୍ରାୟ ୫.୫ ଲକ୍ଷ କୋଟି ଟଙ୍କା ବଢ଼ିଛି। ଅପରପକ୍ଷରେ ନିଫ୍ଟି-୫୦ରେ ମଧ୍ୟ ୧୧୭ ପଏଣ୍ଟ ବଢ଼ି ୧୭,୭୧୧ ଅଙ୍କରେ ବନ୍ଦ ହୋଇଛି।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୬।୩

ଦିନକ ପରେ ପୁଣିଥରେ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଫଳରେ ସୋମବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୧୬ (୪୧୫.୪୯) ପଏଣ୍ଟ ବୃଦ୍ଧି ଘଟି ୬୦,୨୨୫(୬୦,୨୨୪.୪୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୭(୧୧୭.୧୦) ପଏଣ୍ଟ ବଢ଼ି ୧୭,୭୧୧ (୧୭,୭୧୧.୪୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

## ସନ୍‌ସାଇନରେ ବିରଳ ଅସ୍ତ୍ରୋପଚାର



ଭୁବନେଶ୍ୱର,୬।୩

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ସନ୍‌ସାଇନ ହସ୍ପିଟାଲ ଲକ୍ଷ୍ମୀସାଗର, ଭୁବନେଶ୍ୱରକୁ ଆଉ ଏକ ବିରଳ ଅସ୍ତ୍ରୋପଚାରର ସଫଳତା ମିଳିଥିବା ଜଣାପଡ଼ିଛି। ଏପରିକି ଇଣ୍ଡୋ-ତୁର୍କୀ-କୋରିଆନର ମିଳିତ ଭାଗୀଦାରିରେ ବିଏସ୍‌ଇସିଓଏନ୍-୧ ଅତ୍ୟାଧୁନିକ ମେରୁଦଣ୍ଡ ବାଇପୋର୍ଟାଲ, ଏଣ୍ଡୋସ୍ପାଇନ ଲେଜର ଅସ୍ତ୍ରୋପଚାର ସଫଳତାର ସହ କରାଯାଇଛି। ଏହି ପରିପ୍ରେକ୍ଷୀରେ ସନ୍‌ସାଇନ ହସ୍ପିଟାଲ ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ହସ୍ପିଟାଲର ଡିଏମ୍‌ଏସ୍ ପି.ଆର୍.ସ୍ୱାଇଁ, ଡା ରୋଶନ ସାହୁ, ବ୍ରିଗେଡିୟର ପ୍ରଫେସର ଡା. ପି.କେ.ସାହୁ, ଡା. ଆତ୍ମାରଞ୍ଜନ ଦାଶ, ଡା ପି.କେ. ଜେନାଙ୍କ ସମେତ ଅୟସକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବାଇପୋର୍ଟାଲ ଏଣ୍ଡୋସ୍ପାଇନ ବିଭାଗୀୟ ମୁଖ୍ୟ ଡା. ଆତ୍ମାରଞ୍ଜନ ଦାଶ କହିଥିଲେ, ଏହି ଅତ୍ୟାଧୁନିକ ଅସ୍ତ୍ରୋପଚାର ସନ୍‌ସାଇନରେ ଉପଲବ୍ଧ ହେଉଛି। ଲେଜର ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ଆଧୁନିକ ଏବଂ ଅତି ଉତ୍ତମ ବୋଲି ଜଣାପଡିଛି। ସମସ୍ତ ମେରୁଦଣ୍ଡଜନିତ ସମସ୍ୟା ସହ ଅଣ୍ଟା, ସ୍ପାଇନାଲ କର୍ଡ, ସ୍ପଣ୍ଡିଲାଇଟିସ ଭଳି ରୋଗର ଚିକିତ୍ସା ଲେଜର ବାଇପୋର୍ଟାଲ ଅପରେଶନ ପଦ୍ଧତିରେ କରାଯାଉଛି ବୋଲି ସେ ମତପ୍ରକାଶ କରିଛନ୍ତି।

## ସେଣ୍ଟ୍ରାଲ ବ୍ୟାଙ୍କ ସେବା ନିବୃତ୍ତ ସଂଘ ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର, ୬।୩

ସେଣ୍ଟ୍ରାଲ ବ୍ୟାଙ୍କ ସେବାନିବୃତ୍ତ କର୍ମଚାରୀଙ୍କ ରାଜ୍ୟ ସମ୍ମିଳନୀ ସୋମବାର ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ନିରଞ୍ଜନ ମିଶ୍ର ଏହାର ଉଦ୍‌ଘାଟନ କରିଥିଲେ। ବିଶ୍ୱ ରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରଜନୀ ରଞ୍ଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ରାଉତ ସମ୍ପାଦକୀୟ ବିବରଣୀ ପାଠ ସହ ପେନ୍‌ସନ୍ ଅପ୍‌ଡେଶନ ଓ ସ୍ୱାସ୍ଥ୍ୟ ବୀମା ଦେୟ ହ୍ରାସ କରି ସମସ୍ତଙ୍କ ପାଇଁ ଲାଗୁ କରିବା, ସ୍ୱାସ୍ଥ୍ୟ ବୀମା ପାଇଁ ବ୍ୟାଙ୍କ ଦେଉଥିବା ଆର୍ଥିକ ସହାୟତା ପ୍ରଦାନ ଏବଂ ବରିଷ୍ଠ ନାଗରିକମାନଙ୍କୁ ପୂର୍ବପରି ରେଳରେ ଦିଆଯାଉଥିବା ରିହାତି ଲାଗୁ ଆଦି ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଆଲୋଚନାରେ କିଶୋର ଜେନା, ରବୀନ୍ଦ୍ର ନାଥ ସୂତାର, ବିରଜା ପ୍ରସାଦ ଦାସ, ଅଭିରାମ ଦାସ, ପ୍ରମୋଦ କୁମାର ମହାନ୍ତି, ସୁବାସ ପାଲ, ବନମାଳୀ ମାଟି, ଗୋଲକ ବିହାରୀ ନାୟକ, ଅଶୋକ କୁମାର ତା, ସୁବାସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆସନ୍ତା ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ହେମନ୍ତ କୁମାର କର ଚେୟାରମ୍ୟାନ, ବିଶ୍ୱରଞ୍ଜନ ଶତପଥୀ ସଭାପତି, ଶରତ ଚନ୍ଦ୍ର ରାଉତ ସାଧାରଣ ସମ୍ପାଦକ, ତ୍ରୈଲୋକ୍ୟନାଥ ପ୍ରଧାନ ଉପ ସାଧାରଣ ସମ୍ପାଦକ, ସୁବାସ ଚନ୍ଦ୍ର ପଟ୍ଟନାୟକ ସଙ୍ଗଠନ ସମ୍ପାଦକ, ଅଶୋକ କୁମାର ତା ଏବଂ ଅଶୋକ କୁମାର ସାହୁ ଯୁଗ୍ମ ସମ୍ପାଦକ ଓ ଅଭିରାମ ଦାସ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

କିଶୋର ଜେନା ମୁଖ୍ୟ ଉପଦେଷ୍ଟା, ଏହାଛଡା କାର୍ଯ୍ୟକାରୀ କମିଟିକୁ ୧୫ ଜଣ ସଭ୍ୟ ନିର୍ବାଚିତ ହୋଇଥିଲେ। ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ସଂଘ ଓ ଅଫିସର୍ସ ସଂଘ ସାଧାରଣ ସମ୍ପାଦକ ଓଁକାର ମହାନ୍ତି ଓ ରବୀନ୍ଦ୍ର ନାଥ ଦାସ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ସରିଲା ୧୦ଦିନିଆ ଦ୍ୱୈତ ମେଳା

ଭୁବନେଶ୍ୱର,୬।୩




ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ସ୍ଥାନୀୟ ଜନତା ମଇଦାନଠାରେ ୧୮ତମ ହୋମ୍ ଆଣ୍ଡ ଡେକୋର ସାଙ୍ଗକୁ ୧୮ତମ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର-୨୦୨୩ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏପରିକି ଚଳିତ ବର୍ଷ ଫେବୃୟାରୀ ୨୫ରୁ ଆରମ୍ଭ ହୋଇଥିବା ଏହି ଦ୍ୱୈତ ମେଳା ଆନୁଷ୍ଠାନିକ ଭାବେ ଶେଷ ହୋଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଉକ୍ତ ମେଳାର ଉଦ୍‌ଯାପନୀ ଉତ୍ସବରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ଲିଃ ତଥା ଜାତୀୟ ଏସ୍‌ସି-ଏସ୍‌ଟି ହବ୍ ଭୁବନେଶ୍ୱରର ଶାଖା ପରିଚାଳକ ଶୁଭାଶିଷ୍ ଦାସ, କ୍ରେଡାଇ ଭୁବନେଶ୍ୱରର ସଭାପତି ପ୍ରଦୀପ୍ତ କୁମାର ବିଶ୍ୱାସରାଏ, ଉପସଭାପତି ସୂର୍ଯ୍ୟକାନ୍ତ ନନ୍ଦ ଏବଂ ଜିଏସ୍ ମାର୍କେଟିଂର ନିର୍ଦ୍ଦେଶକ ବିଦ୍ୟୁତ୍ ସାହା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଦେବ କହିଥିଲେ, ପ୍ରତିଟି ମେଳା ସବୁ ବର୍ଗର ଲୋକଙ୍କୁ ଉତ୍ସାହିତ କରିଥାଏ। ଏପରିକି ମେଳାର ବିଶେଷ ଗ୍ରାହକ ଥାଆନ୍ତି। ସେହିଭଳି ଦେଶର ସମସ୍ତ ପୁଞ୍ଜିନିବେଶକାରୀଙ୍କୁ ଓଡ଼ିଶାରେ ଥିବା ଖଣିଜ ସମ୍ପଦ ବ୍ୟବହାରକରି ଶିଳ୍ପ ନିର୍ମାଣ ନିମନ୍ତେ ନିମନ୍ତ୍ରଣ କରାଯାଉଛି। ଏପରିକି ସରକାରଙ୍କ ସହଯୋଗରେ ପୁଞ୍ଜିନିବେଶ କରିବାକୁ ମନ୍ତ୍ରୀ ଦେବ ଆହ୍ୱାନ କରିଛନ୍ତି। ଅପରପକ୍ଷରେ ଉପରୋକ୍ତ ୨ଟି ମେଳାରେ ୯ଟି ଦେଶ ଏବଂ ୧୬ଟି ରାଜ୍ୟର ବ୍ୟବସାୟୀ ସେମାନଙ୍କର ଭିନ୍ନ ଭିନ୍ନ ବ୍ୟବସାୟର ପସରା ଖୋଲିଥିଲା ବେଳେ ଏହି ୧୦ଦିନ ମଧ୍ୟରେ ପ୍ରାୟ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ମେଳା ବୁଲିବାକୁ ଆସିଥିଲେ। ସେହିଭଳି ଗ୍ରାହକଙ୍କ ପସନ୍ଦର ଅନୁଯାୟୀ ସାମଗ୍ରୀ ସାଙ୍ଗକୁ ଖାଦ୍ୟପେୟ ଓ ଆସବାବପତ୍ର ସମେତ ଅନ୍ୟାନ୍ୟ ଘରକରଣା ଦ୍ରବ୍ୟମାନ ଗୋଟିଏ ସ୍ଥାନରେ ପାଇପାରିଥିବାରୁ ସବୁ ବର୍ଗର ଗ୍ରାହକ ସେ ସବୁକୁ କିଣିବା ସହ ଖୁସି ବ୍ୟକ୍ତ କରିଛନ୍ତି। ଏହା ସହିତ କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ସ୍ୱତନ୍ତ୍ର ଭାବେ ଏକ ଜୋନ୍‌ରେ ରିୟଲ ଇଷ୍ଟେଟ ସମ୍ବନ୍ଧିତ ସମସ୍ତ ସୂଚନା ଓ ପ୍ରକଳ୍ପକୁ ଏକ ବୃହତ୍ ଷ୍ଟଲ୍ ଜରିଆରେ ପ୍ରଦର୍ଶନ କରିଥିଲେ।

## ୧୨୦ କୋଟି ବିନିଯୋଗ କରିବ ଜେଏସ୍‌ଏଲ୍

ଭୁବନେଶ୍ୱର,୬।୩



ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ପ୍ରକଳ୍ପ ଅଞ୍ଚଳରେ ଅଙ୍ଗାରକାମ୍ଳ ପଦଚିହ୍ନକୁ ହ୍ରାସ କରିବା ପାଇଁ ପ୍ରାୟ କମ୍ପାନୀ ବ୍ୟାପକ ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍ ଯାଜପୁରଠାରେ ୨୧ ମେଗାୱାଟ୍ ଏବଂ ହରିୟାଣା ୟୁନିଟ୍ ହିସାରଠାରେ ୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଛାତ ସୋଲାର ପ୍ଲାଣ୍ଟ ସ୍ଥାପନ କରିବାକୁ ଯୋଜନା କରାଯାଇଛି। ବିଶେଷକରି ଉଭୟ ୟୁନିଟ୍‌ରେ କମ୍ପାନୀ ୧୨୦ କୋଟିରୁ ଅଧିକ ପୁଞ୍ଜିନିବେଶ ସହ ୨୭ ମେଗାୱାଟର ସୋଲାର ପ୍ଲାଣ୍ଟ ସ୍ଥାପନ ପାଇଁ ଆବଶ୍ୟକ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଉଭୟ ୟୁନିଟ୍‌ରେ ଥିବା ବିଭିନ୍ନ ଉତ୍ପାଦନ ୟୁନିଟ୍‌ର ଛାତଗୁଡିକ୍ ଚିହ୍ନଟ କରାଯାଇଛି। ଏପରିକି ୨୦୨୪ ମାର୍ଚ୍ଚ ସୁଦ୍ଧା ଉଭୟ ପ୍ରକଳ୍ପ ଶେଷ ହେବାର ଆକଳନ କରାଯାଉଛି। ସେହିଭଳି ଉପରୋକ୍ତ ୨ ୟୁନିଟ୍‌ର ଛାତ ସୋଲାର ପ୍ଲାଣ୍ଟ ପ୍ରାୟ ୭୯୫ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ସହ ଅଙ୍ଗାରକାମ୍ଳ ଅବରୋଧ ସମ୍ଭାବନା ୨୫ ବର୍ଷ ମଧ୍ୟରେ ୫,୬୪,୪୫୦ ଟନ୍ ହେବ। ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମର ନେଟ୍ ଜିରୋ ଲକ୍ଷ୍ୟ ହାସଲ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆମ ଭଳି ଏକ ଟ୍ରପିକାଲ୍ ଦେଶରେ ସୋଲାର ଛାତ ପ୍ଲାଣ୍ଟ ବିଦ୍ୟୁତ୍ ଉତ୍ସର ଏକ ଉତ୍ତମ ବିକଳ୍ପ। ଗୁଣାତ୍ମକ ଉତ୍ପାଦନ ପାଇଁ ସମଗ୍ର ବିଶ୍ୱରେ ଜେଏସ୍‌ଏଲ୍‌ର ପରିଚିତି। ଆମର ଲକ୍ଷ୍ୟ ହେଉଛି ଏହା ସୁନିଶ୍ଚିତ କରିବା ଯେ ଆମର ଅଭିବୃଦ୍ଧି ସର୍ବୋତ୍ତମ ସ୍ଥାୟୀ ଅଭ୍ୟାସରୁ ଆସୁ, ଯାହାକି ସାମାଜିକ ଉନ୍ନତି, ଉତ୍ତମ ଶାସନ, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଡିଜିଟାଲକରଣକୁ କେନ୍ଦ୍ର ରହିଥାଉ।



# ମୁମ୍ବାଇର ଦ୍ୱିତୀୟ ବିଜୟ


ପ୍ଲେୟର ଅଫ୍ ଦି ମ୍ୟାଚ୍ ହିଲି ମାଥ୍ୟୁସ।

## ମହିଳା ପ୍ରିମିୟର ଲିଗ୍

**ମୁମ୍ବାଇ, ୬।୩:** ହିଲି ମାଥ୍ୟୁସଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ବ୍ରାବୋର୍ନ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ୯ ଉଇକେଟରେ ପରାସ୍ତ କରିଛି। ଅନ୍ୟପକ୍ଷରେ କ୍ରମାଗତ ବୋଲିଂ ଓ ବ୍ୟାଟିଂ ବିଫଳତା ଯୋଗୁ ଆରସିବି କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ବ୍ୟାଟରଙ୍କ ତ୍ରୁଟିପୂର୍ଣ୍ଣ ଶଟ୍ ଚୟନ ଯୋଗୁ ସ୍ମୃତି ମନ୍ଧାନାଙ୍କ ଦଳ ପୂରା ୨୦ ଓଭର ଖେଳି ନ ପାରି ୧୮.୪ ଓଭରରେ ୧୫୫ ରନରେ ଅଲ୍‌ଆଉଟ ହୋଇଥିଲା। ପରେ ପ୍ରଭାବହୀନ ବୋଲିଂର ସୁଯୋଗ ନେଇ ମୁମ୍ବାଇ ୧୪.୨ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରି ନେଇଥିଲା। ମୁମ୍ବାଇ ନିଜର ପ୍ରଥମ ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସକୁ ୧୪୩ ରନରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଆରସିବି ନିଜର ପ୍ରଥମ ମ୍ୟାଚକୁ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ୬୦ ରନରେ ହାରିଥିଲା। ୨ ମ୍ୟାଚରୁ ୨ ବିଜୟ ସହ ମୁମ୍ବାଇ ଇଣ୍ଡିଆନ୍ସ ୪ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଆରସିବି ପଏଣ୍ଟ ଖାତା ଖୋଲି ପାରିନାହିଁ। ଟସ୍‌ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଆରସିବି ଦଳର ଅତି କମ୍‌ରେ ୫ ଜଣ ଖେଳାଳି ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲେ ହେଁ ଏହି ଦଳ ଉନ୍ନତ ରନ୍‌ହାର ବଜାୟ ରଖିଥିଲା। ମାତ୍ର କେହି ଜଣେ ହେଲେ ଖେଳାଳି କ୍ରିଜରେ ଶେଷ ପର୍ଯ୍ୟନ୍ତ ତିଷ୍ଠି ନ ପାରିବାରୁ ଦଳ ବଡ଼ ସ୍କୋର କରିପାରି ନ ଥିଲା। ରିଚା ଘୋଷ ସର୍ବାଧିକ ୨୮ ରନ କରିଥିବାବେଳେ ଅଧିନାୟିକା ସ୍ମୃତି ମନ୍ଧାନା ୨୩, ଶ୍ରୀୟଙ୍କା ପାଟିଲ ୨୩, କନିକା ଆହୁଜା ୨୨ ଓ ମେଗାନ ସ୍କୁଟ ୨୦ ରନକରି ଆଉଟ ହୋଇଥିଲେ। ମୁମ୍ବାଇ ପକ୍ଷରୁ ହିଲି ମାଥ୍ୟୁସ ୩ଟି, ସାଇକା ଇସାକ ଓ ଆମେଲିଆ କେର୍ ୨ଟି ଲେଖାଏ ଏବଂ ନାତାଲି ସ୍କିଭର ବ୍ରଣ୍ଟ ଓ ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୫୬ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ମୁମ୍ବାଇ ଓପନିଂ ଯୋଡ଼ିରେ ୪୫ ରନ ଯୋଗ କରିଥିଲା। ଓପନର ୟାସ୍ତିକା ଭାଟିଆ ୧୯ ବଲ୍‌ରୁ ୨୩ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ତେବେ ପ୍ରଭାବୀ ବୋଲିଂ କରି ୩ ଉଇକେଟ ହାସଲ କରିଥିବା ହିଲି ମାଥ୍ୟୁସ ବ୍ୟାଟିଂରେ ମଧ୍ୟ ଚମତ୍କାରିତା ଦେଖାଇ ୭୭ (୩୮ ବଲ, ୧୩ ଚୌକା, ୧ ଛକା) ଓ ନାତାଲି ସ୍କିଭର ବ୍ରଣ୍ଟ ୫୫ (୨୯ ବଲ, ୯ ଚୌକା, ୧ ଛକା) ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ଅସମାପ୍ତ ଦ୍ୱିତୀୟ ଉଇକେଟରେ ଦୁହେଁ ମାତ୍ର ୫୬ ବଲ୍‌ରୁ ୧୧୪ ରନ ସଂଗ୍ରହ କରିଥିଲେ। ଆରସିବି ପକ୍ଷରୁ କେବଳ ପ୍ରୀତି ବୋଷ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୮.୪ ଓଭରରେ ୧୫୫/ଅଲ୍‌ଆଉଟ (ରିଚା ଘୋଷ–୨୮, ସ୍ମୃତି ମନ୍ଧାନା–୨୩, ଶ୍ରୀୟଙ୍କା ପାଟିଲ–୨୩, କନିକା ଆହୁଜା–୨୨, ମେଗାନ ସ୍କୁଟ–୨୦, ହିଲି ମାଥ୍ୟୁସ–୩/୨୮, ସାଇକା ଇସାକ–୨/୨୬, ଆମେଲିଆ କେର–୨/୩୦, ନାତାଲି ସ୍କିଭର ବ୍ରଣ୍ଟ–୧/୩୪, ପୂଜା ବସ୍ତ୍ରକାର–୧/୮)। ମୁମ୍ବାଇ ଇଣ୍ଡିଆନ୍ସ ୧୪.୨ ଓଭରରେ ୧୫୯/୧ (ହିଲି ମାଥ୍ୟୁସ–୭୭*, ନାତାଲି ସ୍କିଭର ବ୍ରଣ୍ଟ–୫୫*, ୟାସ୍ତିକା ଭାଟିଆ–୨୩, ପ୍ରୀତି ବୋଷ–୧/୩୪)।




# ଅଭିନାଶ–ଅଂଶିକାଙ୍କୁ ସ୍ୱର୍ଣ୍ଣ ପଦକ

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ


ପଦକ ଗ୍ରହଣ ଅବସରରେ ଅଭିନାଶ କୌର ଓ ଆଂଶିକା ଭାରତୀ (ମଝି)।

**ଭୁବନେଶ୍ୱର, ୬।୩ (କ୍ରୀଡ଼ା ପ୍ରତିନିଧି):** ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ ଚାମ୍ପିୟନଶିପ୍‌ରେ କିଟ୍‌ର ଅଭିନାଶ କୌର ଓ ଅଂଶିକା ଭାରତୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଭିନାଶ ଓ ଅଂଶିକାଙ୍କୁ ନେଇ ଗଠିତ କିଟ୍ ବିଶ୍ୱବିଦ୍ୟାଳୟ ଦଳ ସୋମବାର ଅନୁଷ୍ଠିତ ମହିଳା ୨୦୦୦ ମିଟର ଡବ୍ଲ୍ୟୁ୨ଏକ୍ସ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଅଭିନାଶ (ପ୍ରଥମ ବର୍ଷ ସ୍ନାତକ ସମାଜବିଜ୍ଞାନ) ଓ ଅଂଶିକା (ଦ୍ୱିତୀୟ ବର୍ଷ ସ୍ନାତକ ସମାଜବିଜ୍ଞାନ) ସମ୍ପ୍ରତି ସ୍ପୋର୍ଟ୍ସ କୋଟାରେ କିଟ୍‌ରେ ଅଧ୍ୟୟନରତ। ଦୁହେଁ ଜଗତପୁରସ୍ଥିତ ସାଇ ଏନ୍‌ସିଓଇ (ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ)ରେ ଅର୍ଜ୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୋଚ୍ ଇନ୍ଦରପାଲ ସିଂଙ୍କଠାରୁ ଟ୍ରେନିଂ ନେଉଛନ୍ତି। ସ୍ୱର୍ଣ୍ଣିମ ସଫଳତା ପାଇଥିବାରୁ ଅଭିନାଶ, ଅଂଶିକା ଓ ତାଙ୍କ କୋଚ୍ ଇନ୍ଦରପାଲଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।




# ଚତୁର୍ଥ ଟେଷ୍ଟରେ ସ୍ମିଥ୍ ଅଧିନାୟକ

## ବର୍ଡର-ଗାଭାସ୍କର ଟ୍ରଫି

**ଅହମଦାବାଦ, ୬।୩ (ପି.ଟି.)**

ବର୍ଡର–ଗାଭାସ୍କର ଟ୍ରଫିର ଅନ୍ତିମ ଟେଷ୍ଟ ମାର୍ଚ୍ଚ ୯ରେ ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମ୍ୟାଚରେ ଷ୍ଟିଭ୍ ସ୍ମିଥ୍ ଅଧିନାୟକ ରହିବା ନେଇ କ୍ରିକେଟ ଅଷ୍ଟ୍ରେଲିଆ ସୋମବାର ସ୍ପଷ୍ଟ କରିଛି। ମା'ଙ୍କ ଶାରୀରିକ ଅସୁସ୍ଥତା କାରଣରୁ ନିୟମିତ ଅଧିନାୟକ ପ୍ୟାଟ୍ କୁମିନ୍ସ ଦ୍ୱିତୀୟ ଟେଷ୍ଟ ପରେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରିଥିଲେ। ତୃତୀୟ ଟେଷ୍ଟରେ କୁମିନ୍ସ ଫେରିବା ନେଇ ଆଶା କରାଯାଉଥିଲେ ମଧ୍ୟ ସେ ଫେରି ନ ଥିଲେ। ଫଳରେ ଇନ୍ଦୋରରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ସ୍ମିଥ୍ ଷ୍ଟାଣ୍ଡ ଇନ୍ କ୍ୟାପଟେନ୍ ଦାୟିତ୍ୱ ନିଭାଇଥିଲେ। ସୋମବାର କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ କୁମିନ୍ସ ଅହମଦାବାଦ ଟେଷ୍ଟରେ ଖେଳିବେ ନାହିଁ। ଫଳରେ ସ୍ମିଥ ୪ର୍ଥ ଟେଷ୍ଟରେ ଅଧିନାୟକ ଦାୟିତ୍ୱ ନିର୍ବାହ କରିବେ। ଟେଷ୍ଟ ସିରିଜରୁ ଓହରି ଯାଇଥିଲେ ମଧ୍ୟ ଦିନିକିଆ ସିରିଜ ନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ପରବର୍ତ୍ତୀ ସମୟରେ କୁମିନ୍ସ ଦିନିକିଆ ସିରିଜରେ ଅଂଶଗ୍ରହଣ କରିବେ କି ନାହିଁ ତାହା ସ୍ପଷ୍ଟ ହେବ। କୁମିନ୍ସଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜିତ ହୋଇଥିବା ବେଳେ ଇନ୍ଦୋର ଟେଷ୍ଟକୁ ୯ ଉଇକେଟରେ ଜିତିବା ସହିତ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଥିଲା ଅଷ୍ଟ୍ରେଲିଆ। ଏହାସହିତ ପ୍ରଥମ ଦଳ ଭାବରେ ଅଷ୍ଟ୍ରେଲିଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ସ୍ଥାନ ସୁରକ୍ଷିତ କରି ନେଇଛି। ୨–୧ରେ ଆଗୁଆ ରହିଥିଲେ ମଧ୍ୟ ଡବ୍ଲ୍ୟୁଟିସି ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଅହମଦାବାଦରେ ନିଶ୍ଚୟ ବିଜୟ ଆବଶ୍ୟକ। ସ୍ମିଥ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୬ ବର୍ଷ ପରେ ଭାରତ ମାଟିରେ ବିଜୟ ହାସଲ କରିବାରେ ସମର୍ଥ ହୋଇଥିଲା। ମୋ ଅଧିନାୟକତ୍ୱ ସମୟ ଶେଷ ହୋଇସାରିଛି। ବର୍ତ୍ତମାନ ଏହା କୁମିନ୍ସଙ୍କ ଦଳ। ଷ୍ଟାଣ୍ଡ ଇନ୍ ଅଧିନାୟକ ଭାବେ ମିଳିଥିବା ଦାୟିତ୍ୱ ଠିକ୍‌ଭାବେ ନିର୍ବାହ କରିବାରେ ସଫଳ ହୋଇଛି ବୋଲି କହିଛନ୍ତି ସ୍ମିଥ୍।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ମୁମ୍ବାଇର ଦ୍ୱିତୀୟ ବିଜୟ

## ମହିଳା ପ୍ରିମିୟର ଲିଗ୍



ପ୍ଲେୟର ଅଫ୍ ଦି ମ୍ୟାଚ୍ ହିଲି ମାଥ୍ୟୁସ।

**ମୁମ୍ବାଇ, ୬।୩:** ହିଲି ମାଥ୍ୟୁସଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ବ୍ରାବୋର୍ନ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ୯ ଉଇକେଟରେ ପରାସ୍ତ କରିଛି। ଅନ୍ୟପକ୍ଷରେ କ୍ରମାଗତ ବୋଲିଂ ଓ ବ୍ୟାଟିଂ ବିଫଳତା ଯୋଗୁ ଆରସିବି କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ବ୍ୟାଟରଙ୍କ ତ୍ରୁଟିପୂର୍ଣ୍ଣ ଶଟ୍ ଚୟନ ଯୋଗୁ ସ୍ମୃତି ମନ୍ଧାନାଙ୍କ ଦଳ ପୂରା ୨୦ ଓଭର ଖେଳି ନ ପାରି ୧୮.୪ ଓଭରରେ ୧୫୫ ରନରେ ଅଲ୍‌ଆଉଟ ହୋଇଥିଲା। ପରେ ପ୍ରଭାବହୀନ ବୋଲିଂର ସୁଯୋଗ ନେଇ ମୁମ୍ବାଇ ୧୪.୨ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରି ନେଇଥିଲା। ମୁମ୍ବାଇ ନିଜର ପ୍ରଥମ ମ୍ୟାଚରେ ଗୁଜରାଟ ଜାଏଣ୍ଟସ୍‌କୁ ୧୪୩ ରନରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଆରସିବି ନିଜର ପ୍ରଥମ ମ୍ୟାଚକୁ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ୬୦ ରନରେ ହାରିଥିଲା। ୨ ମ୍ୟାଚରୁ ୨ ବିଜୟ ସହ ମୁମ୍ବାଇ ଇଣ୍ଡିଆନ୍ସ ୪ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଆରସିବି ପଏଣ୍ଟ ଖାତା ଖୋଲି ପାରିନାହିଁ। ଟସ୍‌ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଆରସିବି ଦଳର ଅତି କମ୍‌ରେ ୫ ଜଣ ଖେଳାଳି ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲେ ହେଁ ଏହି ଦଳ ଉନ୍ନତ ରନ୍‌ହାର ବଜାୟ ରଖିଥିଲା। ମାତ୍ର କେହି ଜଣେ ହେଲେ ଖେଳାଳି କ୍ରିଜରେ ଶେଷ ପର୍ଯ୍ୟନ୍ତ ତିଷ୍ଠି ନ ପାରିବାରୁ ଦଳ ବଡ଼ ସ୍କୋର କରିପାରି ନ ଥିଲା। ରିଚା ଘୋଷ ସର୍ବାଧିକ ୨୮ ରନ କରିଥିବାବେଳେ ଅଧିନାୟିକା ସ୍ମୃତି ମନ୍ଧାନା ୨୩, ଶ୍ରୀୟଙ୍କା ପାଟିଲ ୨୩, କନିକା ଆହୁଜା ୨୨ ଓ ମେଗାନ ସ୍କୁଟ ୨୦ ରନକରି ଆଉଟ ହୋଇଥିଲେ। ମୁମ୍ବାଇ ପକ୍ଷରୁ ହିଲି ମାଥ୍ୟୁସ ୩ଟି, ସାଇକା ଇସାକ ଓ ଆମେଲିଆ କେର୍ ୨ଟି ଲେଖାଏ ଏବଂ ନାତାଲି ସ୍କିଭର ବ୍ରଣ୍ଟ ଓ ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୫୬ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ମୁମ୍ବାଇ ଓପନିଂ ଯୋଡ଼ିରେ ୪୫ ରନ ଯୋଗ କରିଥିଲା। ଓପନର ୟାସ୍ତିକା ଭାଟିଆ ୧୯ ବଲ୍‌ରୁ ୨୩ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ତେବେ ପ୍ରଭାବୀ ବୋଲିଂ କରି ୩ ଉଇକେଟ ହାସଲ କରିଥିବା ହିଲି ମାଥ୍ୟୁସ ବ୍ୟାଟିଂରେ ମଧ୍ୟ ଚମତ୍କାରିତା ଦେଖାଇ ୭୭ (୩୮ ବଲ, ୧୩ ଚୌକା, ୧ ଛକା) ଓ ନାତାଲି ସ୍କିଭର ବ୍ରଣ୍ଟ ୫୫ (୨୯ ବଲ, ୯ ଚୌକା, ୧ ଛକା) ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ଅସମାପ୍ତ ଦ୍ୱିତୀୟ ଉଇକେଟରେ ଦୁହେଁ ମାତ୍ର ୫୬ ବଲ୍‌ରୁ ୧୧୪ ରନ ସଂଗ୍ରହ କରିଥିଲେ। ଆରସିବି ପକ୍ଷରୁ କେବଳ ପ୍ରୀତି ବୋଷ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୮.୪ ଓଭରରେ ୧୫୫/ଅଲ୍‌ଆଉଟ (ରିଚା ଘୋଷ–୨୮, ସ୍ମୃତି ମନ୍ଧାନା–୨୩, ଶ୍ରୀୟଙ୍କା ପାଟିଲ–୨୩, କନିକା ଆହୁଜା–୨୨, ମେଗାନ ସ୍କୁଟ–୨୦, ହିଲି ମାଥ୍ୟୁସ–୩/୨୮, ସାଇକା ଇସାକ–୨/୨୬, ଆମେଲିଆ କେର–୨/୩୦, ନାତାଲି ସ୍କିଭର ବ୍ରଣ୍ଟ–୧/୩୪, ପୂଜା ବସ୍ତ୍ରକାର–୧/୮)। ମୁମ୍ବାଇ ଇଣ୍ଡିଆନ୍ସ ୧୪.୨ ଓଭରରେ ୧୫୯/୧ (ହିଲି ମାଥ୍ୟୁସ–୭୭*, ନାତାଲି ସ୍କିଭର ବ୍ରଣ୍ଟ–୫୫*, ୟାସ୍ତିକା ଭାଟିଆ–୨୩, ପ୍ରୀତି ବୋଷ–୧/୩୪)।




# ଅଭିନାଶ–ଅଂଶିକାଙ୍କୁ ସ୍ୱର୍ଣ୍ଣ ପଦକ

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ



ପଦକ ଗ୍ରହଣ ଅବସରରେ ଅଭିନାଶ କୌର ଓ ଆଂଶିକା ଭାରତୀ (ମଝି)।

**ଭୁବନେଶ୍ୱର, ୬।୩ (କ୍ରୀଡ଼ା ପ୍ରତିନିଧି):** ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ ଚାମ୍ପିୟନଶିପ୍‌ରେ କିଟ୍‌ର ଅଭିନାଶ କୌର ଓ ଅଂଶିକା ଭାରତୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଭିନାଶ ଓ ଅଂଶିକାଙ୍କୁ ନେଇ ଗଠିତ କିଟ୍ ବିଶ୍ୱବିଦ୍ୟାଳୟ ଦଳ ସୋମବାର ଅନୁଷ୍ଠିତ ମହିଳା ୨୦୦୦ ମିଟର ଡବ୍ଲ୍ୟୁ୨ଏକ୍ସ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଅଭିନାଶ (ପ୍ରଥମ ବର୍ଷ ସ୍ନାତକ ସମାଜବିଜ୍ଞାନ) ଓ ଅଂଶିକା (ଦ୍ୱିତୀୟ ବର୍ଷ ସ୍ନାତକ ସମାଜବିଜ୍ଞାନ) ସମ୍ପ୍ରତି ସ୍ପୋର୍ଟ୍ସ କୋଟାରେ କିଟ୍‌ରେ ଅଧ୍ୟୟନରତ। ଦୁହେଁ ଜଗତପୁରସ୍ଥିତ ସାଇ ଏନ୍‌ସିଓଇ (ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସି)ରେ ଅର୍ଜ୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୋଚ୍ ଇନ୍ଦରପାଲ ସିଂଙ୍କଠାରୁ ଟ୍ରେନିଂ ନେଉଛନ୍ତି। ସ୍ୱର୍ଣ୍ଣିମ ସଫଳତା ପାଇଥିବାରୁ ଅଭିନାଶ, ଅଂଶିକା ଓ ତାଙ୍କ କୋଚ୍ ଇନ୍ଦରପାଲଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।




# ଚତୁର୍ଥ ଟେଷ୍ଟରେ ସ୍ମିଥ୍ ଅଧିନାୟକ

## ବର୍ଡର-ଗାଭାସ୍କର ଟ୍ରଫି

**ଅହମଦାବାଦ, ୬।୩ (ପି.ଟି.)**

ବର୍ଡର-ଗାଭାସ୍କର ଟ୍ରଫିର ଅନ୍ତିମ ଟେଷ୍ଟ ମାର୍ଚ୍ଚ ୯ରେ ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମ୍ୟାଚରେ ଷ୍ଟିଭ୍ ସ୍ମିଥ୍ ଅଧିନାୟକ ରହିବା ନେଇ କ୍ରିକେଟ ଅଷ୍ଟ୍ରେଲିଆ ସୋମବାର ସ୍ପଷ୍ଟ କରିଛି। ମା'ଙ୍କ ଶାରୀରିକ ଅସୁସ୍ଥତା କାରଣରୁ ନିୟମିତ ଅଧିନାୟକ ପ୍ୟାଟ୍ କୁମିନ୍ସ ଦ୍ୱିତୀୟ ଟେଷ୍ଟ ପରେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରିଥିଲେ। ତୃତୀୟ ଟେଷ୍ଟରେ କୁମିନ୍ସ ଫେରିବା ନେଇ ଆଶା କରାଯାଉଥିଲେ ମଧ୍ୟ ସେ ଫେରି ନ ଥିଲେ। ଫଳରେ ଇନ୍ଦୋରରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ସ୍ମିଥ୍ ଷ୍ଟାଣ୍ଡ ଇନ୍ କ୍ୟାପଟେନ୍ ଦାୟିତ୍ୱ ନିଭାଇଥିଲେ। ସୋମବାର କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ କୁମିନ୍ସ ଅହମଦାବାଦ ଟେଷ୍ଟରେ ଖେଳିବେ ନାହିଁ। ଫଳରେ ସ୍ମିଥ ୪ର୍ଥ ଟେଷ୍ଟରେ ଅଧିନାୟକ ଦାୟିତ୍ୱ ନିର୍ବାହ କରିବେ। ଟେଷ୍ଟ ସିରିଜରୁ ଓହରି ଯାଇଥିଲେ ମଧ୍ୟ ଦିନିକିଆ ସିରିଜ ନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ପରବର୍ତ୍ତୀ ସମୟରେ କୁମିନ୍ସ ଦିନିକିଆ ସିରିଜରେ ଅଂଶଗ୍ରହଣ କରିବେ କି ନାହିଁ ତାହା ସ୍ପଷ୍ଟ ହେବ। କୁମିନ୍ସଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜିତ ହୋଇଥିବା ବେଳେ ଇନ୍ଦୋର ଟେଷ୍ଟକୁ ୯ ଉଇକେଟରେ ଜିତିବା ସହିତ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଥିଲା ଅଷ୍ଟ୍ରେଲିଆ। ଏହାସହିତ ପ୍ରଥମ ଦଳ ଭାବରେ ଅଷ୍ଟ୍ରେଲିଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ସ୍ଥାନ ସୁରକ୍ଷିତ କରି ନେଇଛି। ୨–୧ରେ ଆଗୁଆ ରହିଥିଲେ ମଧ୍ୟ ଡବ୍ଲ୍ୟୁଟିସି ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଅହମଦାବାଦରେ ନିଶ୍ଚୟ ବିଜୟ ଆବଶ୍ୟକ। ସ୍ମିଥ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୬ ବର୍ଷ ପରେ ଭାରତ ମାଟିରେ ବିଜୟ ହାସଲ କରିବାରେ ସମର୍ଥ ହୋଇଥିଲା। ମୋ ଅଧିନାୟକତ୍ୱ ସମୟ ଶେଷ ହୋଇସାରିଛି। ବର୍ତ୍ତମାନ ଏହା କୁମିନ୍ସଙ୍କ ଦଳ। ଷ୍ଟାଣ୍ଡ ଇନ୍ ଅଧିନାୟକ ଭାବେ ମିଳିଥିବା ଦାୟିତ୍ୱ ଠିକ୍‌ଭାବେ ନିର୍ବାହ କରିବାରେ ସଫଳ ହୋଇଛି ବୋଲି କହିଛନ୍ତି ସ୍ମିଥ୍।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ